

# ଶ୍ରୀ ଶ୍ରୀ ଗୁରୁ ଗୀତା

ପ୍ରକାଶକ:

## ନୀଳାଚଳ ସାରସ୍ୱତ ସଂଘ, ପୁରୀ

# ଶ୍ରୀଶ୍ରୀଗୁରୁଗୀତା

- ଭାଷ୍ୟକାର -

ନୀଳାଚଳ ସାରସ୍ୱତ ସଂଘ, ପୁରୀର ପୂର୍ବତନ ସଂପାଦକ

୰ ଦୁର୍ଗାଚରଣ ମହାନ୍ତି

- ପ୍ରକାଶକ -

ନୀଳାଚଳ ସାରସ୍ୱତ ସଂଘ, ପୁରୀ

ଶ୍ରୀଶ୍ରୀଗୁରୁଗୀତା

☛ *ଭାଷ୍ୟକାର :*

ନୀଳାଚଳ ସାରସ୍ୱତ ସଙ୍ଘ, ପୁରୀର ପୂର୍ବତନ ସଂପାଦକ

**৺ ଦୁର୍ଗାଚରଣ ମହାନ୍ତି**

☛ *ପ୍ରକାଶକ ଓ © ସର୍ବସ୍ୱତ୍ୱ ସଂରକ୍ଷକ :*

**ନୀଳାଚଳ ସାରସ୍ୱତ ସଂଘ, ପୁରୀ**

(ରେଜିଷ୍ଟ୍ରେସନ୍ ନମ୍ବର ୭୩୯୧/୩୯୦ ଅଫ୍ ୧୯୭୩-୭୪)

☛ *ପ୍ରାପ୍ତିସ୍ଥାନ :*

**୧. ଶ୍ରୀଶ୍ରୀନିଗମାନନ୍ଦ ଆସନମନ୍ଦିର**

(କେନ୍ଦ୍ର ଆସନ ମନ୍ଦିର)

ପୋ:ଅ: ସ୍ୱର୍ଗଦ୍ୱାର, ଜି: ପୁରୀ

ଫୋନ୍ - ୦୬୭୫୨ - ୨୩୦୦୩୧

**୨. ସତ୍‌ଶିକ୍ଷା ମନ୍ଦିର**

ଏ /୪, ୟୁନିଟ୍-୯, ଭୁବନେଶ୍ୱର - ୨୨

ଫୋନ୍ - ୦୬୭୪ - ୨୩୯୦୦୫୫

୨୩୯୫୫୧୯

☛ *ସଂସ୍କରଣ :*

ପ୍ରଥମ ୧୯୮୬

ଚତୁର୍ଥ ୨୦୦୮

☛ *ଡି.ଟି.ପି.:*

**ସାବିତ୍ରୀ ଆର୍ଟ ଗ୍ରାଫିକ୍ସ**

ରାଜାବଗିଚା ଲେବର କଲୋନୀ, କଟକ - ୯

☛ *ମୁଦ୍ରଣ :*

**ମାଷ୍ଟର ଏଫେକ୍ଟସ୍**

ଭୁବନେଶ୍ୱର -୧

☛ *ଦକ୍ଷିଣା :*

ଶୋଭନ ସଂସ୍କରଣ :

**ତିରିଶ ଟଙ୍କା ମାତ୍ର**

**SHREE SHREE GURU GEETA**

*Commentor :*

Nilachala Saraswata Sangha, Puri's Ex-Secretary

**Late Durga Charan Mohanty**

*Published & © Reserved by :*

**Nilachala Saraṣwata Sangha, Puri**

(Regn. No. 7391 / 390 of 1973-74)

*Available at :*

**Satsikshya Mandir**

A/4, Unit-IX, Bhubaneswar-22

Phone - 0674-2390055

2395519

*Editions :*

First - 1986

Fourth - 2008

*D.T.P.*

**Sabitri Art Graphics**

Rajabagicha Labour Colony, Cuttack-9

*Printed at :*

**Master Effects**

Bhubaneswar - 1

*Dakhina:*

**Rupees Thirty Only**

# ବନ୍ଦନା

ଶ୍ରୀଗୁରୁ ପରମ ତତ୍ତ୍ୱ ତନୁ-ଶୁଚି-ଶୁଦ୍ଧ ସତ୍ତ୍ୱ

ମରତେ ବିକାଶ ମଧୁମାଧୁରୀ ଧରି

ବରଣ ଅତି ସୁଷମ ଶୋଭା ଶଶୀ ଶିରୀ ସମ

ନୟନେ କରୁଣାଧାରା ରହିଛି ଭରି

ଗୁରୁଦେବ ! ଜୟ ହେ ଜୟ

ନାମ ସୁମରଣେ ହୁଏ କଲୁଷ କ୍ଷୟ ॥୧॥

ଜଗତକୁ ଜଗାଇଲ ପ୍ରେମ ଗୀତି ଶୁଣାଇଲ

ବ୍ରତ ତବ ଗୁରୁଦେବ ଜୀବ ଉଦ୍ଧାରେ

ପରାମୁକ୍ତି ଲାଭ ହେତୁ ରଚିଲ ସାଧନ-ସେତୁ

ଶଙ୍କର-ଗୌରାଙ୍ଗ ପ୍ରେମ-ସମନ୍ୱୟରେ

ଗୁରୁଦେବ ! ଜୟ ହେ ଜୟ

ଭକତ ଆରତ ଜନେ ଦିଅ ଅଭୟ ॥୨॥

ତବ ପଦ ସୁଧାଝର ପାନ କରି ଭକତର

ଭବର ଦୁଃଖ ଜଞ୍ଜାଳ ହୁଅଇ ଦୂର

ସକଳ ସନ୍ତାନ ମିଳି କରେ ଘେନି ପୁଷ୍ପାଞ୍ଜଳି

ପ୍ରଣତି ଜଣାଇ ପୂଜୁ ତବ ପୟର

ଜୟଗୁରୁ ଜୟ ହେ ଜୟ

ପଦ-ସେବା-ଅଧିକାର ଦିଅ ହେ ଦିଅ ॥୩॥

## ଜୟଗୁରୁ

## ଶ୍ରୀଶ୍ରୀଗୁରୁଗୀତା

### ତୃତୀୟ ସଂସ୍କରଣର ମୁଖବନ୍ଧ

*"ଆନନ୍ଦମାନନ୍ଦକରଂ ପ୍ରସନ୍ନଂ ଜ୍ଞାନସ୍ୱରୂପଂ ନିଜବୋଧଯୁକ୍ତମ୍*
*ଯୋଗୀନ୍ଦ୍ରମୀଡ୍ୟଂ ଭବରୋଗବୈଦ୍ୟଂ ଶ୍ରୀମଦ୍‌ଗୁରୁଂ ନିତ୍ୟମହଂ ଭଜାମି ॥"*

ଶ୍ରୀଶ୍ରୀଠାକୁରଙ୍କ ଅହେତୁକ କୃପା ବଳରୁ **"ଶ୍ରୀଶ୍ରୀଗୁରୁଗୀତା"**ର **ତୃତୀୟ ସଂସ୍କରଣ** ପ୍ରକାଶ କରାଯାଇ ପାଠକମାନଙ୍କ କରକମଳରେ ଅର୍ପଣ କରାଗଲା ।

ଗୁରୁତତ୍ତ୍ୱ ହେଉଛି ଜଗତର ମୂଳତତ୍ତ୍ୱ । ଏହି ହେତୁରୁ ଏହା ଶ୍ରେଷ୍ଠତତ୍ତ୍ୱ ବୋଲି ବୁଝିବାକୁ ହେବ । ଶ୍ରୀମଦ୍ ଭଗବଦ୍ ଗୀତାରେ ଯେପରି ଭଗବାନ୍‌ଙ୍କ ମହିମା ବର୍ଣ୍ଣନା କରାଯାଇଛି, 'ଦେବୀଗୀତା'ରେ ଯେପରି ଦେବୀଙ୍କର ମହିମା ବର୍ଣ୍ଣିତ, ସେହିପରି 'ଗୁରୁଗୀତା'ରେ ଗୁରୁଙ୍କର ମହିମା ସମ୍ପର୍କରେ ବର୍ଣ୍ଣନା କରାଯାଇଛି । 'ଗୁରୁଗୀତା'ର ସମସ୍ତ ଶ୍ଳୋକ **'ବିଶ୍ୱସାର ତନ୍ତ୍ର'**ରୁ ଉଦ୍ଧୃତ । ପାର୍ବତୀଙ୍କ ପ୍ରଶ୍ନରେ ଜଗଦ୍‌ଗୁରୁ ଶଙ୍କର ଗୁରୁଙ୍କର ମହିମା ସମ୍ବନ୍ଧରେ ବ୍ୟକ୍ତ କରିଛନ୍ତି । ଶଙ୍କର କହୁଛନ୍ତି:

***"ଗୁରୁରାଦିରନାଦିଶ୍ଚ ଗୁରୁଃ ପରମଦୈବତମ୍ ।***
***ଗୁରୋଃ ପରତରଂ ନାସ୍ତି ତସ୍ମୈ ଶ୍ରୀଗୁରବେ ନମଃ ॥"***

ଅର୍ଥାତ୍ ଗୁରୁ ହେଉଛନ୍ତି ସମସ୍ତଙ୍କର ଆଦି, କିନ୍ତୁ ତାଙ୍କର ଆଦି ନାହିଁ । ଗୁରୁ ସର୍ବଦେବତା, ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଏପରିକି ଭଗବାନଙ୍କଠାରୁ ମଧ୍ୟ ଶ୍ରେଷ୍ଠ । ଗୁରୁଙ୍କ ବ୍ୟତୀତ ଏ ବିଶ୍ୱବ୍ରହ୍ମାଣ୍ଡରେ ଅନ୍ୟ ଦ୍ୱିତୀୟ ସତ୍ତା ନାହିଁ । ଏହିଭଳି ଗୁରୁଙ୍କୁ ମୁଁ ପ୍ରଣାମ କରୁଅଛି ।

ଆମ ସାରସ୍ୱତ ସଂଘର ଏକମାତ୍ର ଲକ୍ଷ୍ୟ ହେଉଛନ୍ତି **ଶ୍ରୀଗୁରୁ** । ସମସ୍ତ ଦେବ ଦେବୀ ଗୁରୁଙ୍କ ମଧ୍ୟରେ ଅବସ୍ଥାନ କରୁଥିବାରୁ ଗୁରୁ ଉପାସନା ଫଳରେ ଭୁକ୍ତି ଓ ମୁକ୍ତି ଉଭୟ ଲାଭ ହୋଇଥାଏ । **'ଗୁରୁ ସନ୍ତୋଷ ମାତ୍ରେଣ'** ଅର୍ଥାତ୍ ଗୁରୁ ପ୍ରସନ୍ନ ହେଲାକ୍ଷଣି ସମସ୍ତ ସାଧନାର ଫଳ ଆଖି ପଲକରେ ଲାଭ ହୋଇଥାଏ । ସୁରାସୁର, ନାଗ, ନର, ସମସ୍ତେ ଗୁରୁଙ୍କ କୃପା ପାଇବା ପାଇଁ ତପସ୍ୟାନିରତ ।

ଅଧୁନା କାଗଜର ଅତ୍ୟଧିକ ମୂଲ୍ୟବୃଦ୍ଧି ଓ ମୁଦ୍ରଣ ବ୍ୟୟବହୁଳ ହୋଇଥିବାରୁ ***'ଶ୍ରୀଶ୍ରୀଗୁରୁଗୀତା'***ର ତୃତୀୟ ସଂସ୍କରଣର ଦକ୍ଷିଣା ପଚିଶ ଟଙ୍କା ରଖିବାକୁ ବାଧ୍ୟ ହେଲୁ । ସହୃଦୟ ପାଠକପାଠିକାବୃନ୍ଦ ପୂର୍ବବତ୍ "ଶ୍ରୀଶ୍ରୀଗୁରୁଗୀତା" ଗ୍ରହଣ କରି ଶ୍ରୀଶ୍ରୀଠାକୁରଙ୍କ କୃପାଭାଜନ ହେବେ । ଯେଉଁ ଭକ୍ତ-ସେବକ ଓ ସାବିତ୍ରୀ ଆର୍ଟ ଗ୍ରାଫିକ୍ସ ର କର୍ମଚାରୀବୃନ୍ଦ ଏହାକୁ ପ୍ରକାଶ କରିବାରେ ଆପ୍ରାଣ ଚେଷ୍ଟା କରିଛନ୍ତି, ସେମାନଙ୍କର ସର୍ବାଙ୍ଗୀନ ମଙ୍ଗଳ ପାଇଁ ଆମେ ଶ୍ରୀଶ୍ରୀଠାକୁର ମହାରାଜଙ୍କ ନିକଟରେ ପ୍ରାର୍ଥନା କରୁଅଛୁ ।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ
***ଶ୍ରୀ ସତ୍ୟପ୍ରିୟ ମହାନ୍ତି***
ଉପ-ସଭାପତି
ନୀଳାଚଳ ସାରସ୍ୱତ ସଂଘ, ପୁରୀ

ତା ୦୩।୨।୧୯୯୬
୪୫ଶ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ
ପଟାମୁଣ୍ଡାଇ, କେନ୍ଦ୍ରାପଡ଼ା

## ଜୟଗୁରୁ

# ଶ୍ରୀଶ୍ରୀଗୁରୁଗୀତା

## ସୂଚନା (ପ୍ରଥମ ସଂସ୍କରଣର)

*ଜ୍ଞାନଶକ୍ତିସମାରୂଢ଼ଂ ତତ୍ତ୍ୱମାଳାବିଭୂଷିତମ୍ ।*
*ଭୁକ୍ତି-ମୁକ୍ତିପ୍ରଦାତାରଂ ତସ୍ମୈ ଶ୍ରୀଗୁରବେ ନମଃ ॥*

.ପରମାରାଧ୍ୟ ଶ୍ରୀଶ୍ରୀଗୁରୁଦେବଙ୍କ ଅପାର କରୁଣା ବଳରୁ **"ଶ୍ରୀଶ୍ରୀଗୁରୁଗୀତା"** ବହୁ ବାଧାବିଘ୍ନ ସତ୍ତ୍ୱେ ପ୍ରକାଶିତ ହେଲା ।

ଏ ଜଗତରେ ଗୁରୁଦେବଙ୍କ ବ୍ୟତୀତ ଅନ୍ୟ କେହି ବା କିଛି ସତ୍ୟ ନୁହନ୍ତି । ଶ୍ରୀଗୁରୁଦେବ ଅଜ୍ଞାନ-ଅନ୍ଧକାର ନାଶ କରିଥାନ୍ତି । ଯଦି ବ୍ରତ, ଦାନ, ଜପ ବା ତପସ୍ୟାଦ୍ୱାରା ଶ୍ରୀଗୁରୁଦେବଙ୍କ ପ୍ରତି ଯଥାର୍ଥ ଭକ୍ତି ଜାତ ନ ହୁଏ, ତେବେ ସେସବୁ ଅନୁଷ୍ଠାନ ବିଫଳ ବୋଲି ଜାଣିବ । ସଂସାରର ଅନିତ୍ୟତା ଉପଲବ୍ଧି କରିବା ପାଇଁ ଏବଂ ଆତ୍ମଜ୍ଞାନ ଲାଭ ନିମିତ୍ତ ଶ୍ରୀଗୁରୁଦେବଙ୍କ ଚରଣାଶ୍ରୟ ଏକାନ୍ତ କର୍ତ୍ତବ୍ୟ । ସର୍ବଦା ଶ୍ରୀଗୁରୁଦେବଙ୍କ ମୂର୍ତ୍ତି ଧ୍ୟାନ କରିବା ଆବଶ୍ୟକ । ତାଙ୍କ ସ୍ତବ-ସ୍ତୋତ୍ର ପାଠକରିବା ଦରକାର । ତାଙ୍କ ଶ୍ରୀମୁଖ-ଆଜ୍ଞା ସର୍ବଦା ପ୍ରତିପାଳନ କରିବା କର୍ତ୍ତବ୍ୟ । ଗୁରୁନାମ ବ୍ୟତୀତ ଚରଣାଶ୍ରିତ ଭକ୍ତର ଅନ୍ୟ ନାମ ଗ୍ରହଣ କରିବା ଉଚିତ ନୁହେଁ । ଏକାନ୍ତ ଅନୁରାଗ ଓ ଏକାଗ୍ରତା ସହକାରେ ଶ୍ରୀଗୁରୁଦେବଙ୍କ ମୂର୍ତ୍ତି ଧ୍ୟାନକରିବା ବିଧେୟ ଏବଂ ସବୁପ୍ରକାର କଷ୍ଟ ସ୍ୱୀକାର କରି ଶ୍ରୀଗୁରୁଦେବଙ୍କ ସେବା ଓ ଆରାଧନା କରିବା କର୍ତ୍ତବ୍ୟ ।

ଯେ କୌଣସି ବିଦ୍ୟା ଶିକ୍ଷା କରିବାକୁ ହେଲେ ଜଣେ ଅଭିଜ୍ଞ ଶିକ୍ଷକ ବା ଉପଦେଷ୍ଟା ଆବଶ୍ୟକ । ଯେପରି ଲୌକିକ ବିଦ୍ୟା ଶିକ୍ଷା ନିମିତ୍ତ ଜଣେ ଅଧ୍ୟାପକ ଆବଶ୍ୟକ, ସେହିପରି ଆଧ୍ୟାତ୍ମିକ ଶିକ୍ଷାଲାଭ ନିମିତ୍ତ ଜଣେ ଉପଯୁକ୍ତ ଶିକ୍ଷାଦାତା ଆବଶ୍ୟକ । **ଏହି ଶିକ୍ଷାଦାତାଙ୍କୁ 'ଗୁରୁ' କୁହାଯାଏ** । ଭାରତୀୟ ସମାଜରେ ଅଧ୍ୟାତ୍ମପଥ ପ୍ରଦର୍ଶନ ନିମିତ୍ତ ପ୍ରଥମେ ପ୍ରତ୍ୟେକଙ୍କୁ ନିଜ ନିଜ କୁଳଗୁରୁଙ୍କ ନିକଟରୁ ଦୀକ୍ଷା ଗ୍ରହଣ କରିବାକୁ ପଡ଼େ । ଏହା ହିଁ ଭାରତୀୟ ସମାଜରେ ଚିରାଚରିତ ପ୍ରଥା । ଯେଉଁମାନେ କୁଳଗୁରୁଙ୍କଠାରୁ ଦୀକ୍ଷା ନେଇଥାନ୍ତି, ସେମାନେ ଯଦି ସଦ୍‌ଗୁରୁଙ୍କ ସନ୍ଧାନ ପାଆନ୍ତି, ତେବେ ତାଙ୍କରିଠାରୁ ଉପଦେଶ ନେଇ ସାଧନକରିବା କର୍ତ୍ତବ୍ୟ । ଏହା ମଧ୍ୟ ଶାସ୍ତ୍ରରେ ସ୍ପଷ୍ଟ ଭାବରେ ଉଲ୍ଲେଖ ଅଛି । ଏଥିରେ ଶିଷ୍ୟମାନଙ୍କର କୌଣସି ହାନିର ସମ୍ଭାବନା ନାହିଁ ।

ଅତଏବ ଶାସ୍ତ୍ର-ନିର୍ଦ୍ଦିଷ୍ଟ ସଦ୍‌ଗୁରୁଙ୍କଠାରୁ ଦୀକ୍ଷାଗ୍ରହଣ କରିବାରେ କାହାର କୌଣସି ଆପତ୍ତି ବା ବିଚାର ରହିବା ଉଚିତ ନୁହେଁ । ସଦ୍‌ଗୁରୁଙ୍କ ଶକ୍ତି ସର୍ବଦା ସମସ୍ତଙ୍କ ଭିତରେ କାର୍ଯ୍ୟ କରୁଅଛି । ଯେ କୌଣସି ପ୍ରକାରରେ ଗୁରୁଦେବଙ୍କ ଶରଣାପନ୍ନ ହୋଇ ତାଙ୍କ ଧ୍ୟାନ, ତାଙ୍କ ନାମ ଜପ ଓ ତାଙ୍କଠାରେ ଏକନିଷ୍ଠ ଭାବରେ ଆତ୍ମନିବେଦନ କରିପାରିଲେ, ତାଙ୍କ ଶକ୍ତି ଅଲକ୍ଷିତ ଭାବରେ ଶିଷ୍ୟଭକ୍ତମାନଙ୍କ ମଧ୍ୟରେ ସଞ୍ଚାରିତ ହୋଇଥାଏ । ଜଗତରେ କେବେ ସଦ୍‌ଗୁରୁଙ୍କର ଅଭାବ ହୁଏ ନାହିଁ । ସେହି ସଦ୍‌ଗୁରୁଙ୍କ ପୂଜାର୍ଚ୍ଚନା, ଧ୍ୟାନ, ନାମଜପ ହିଁ ତାଙ୍କୁ ଲାଭ କରିବା ନିମିତ୍ତ **ଯଥାର୍ଥ ସାଧନା** । ସଦ୍‌ଗୁରୁଙ୍କ କୃପା ହିଁ ସାଧକଙ୍କର ପରମ ସମ୍ବଳ । ବିଶେଷ ସୁକୃତି ନଥିଲେ ସଦ୍‌ଗୁରୁଙ୍କ କୃପାଲାଭ ହୁଏ ନାହିଁ । ଏକମାତ୍ର ଗୁରୁଦେବଙ୍କ କୃପାରେ ମାନବ ଆତ୍ମଜ୍ଞାନ ଲାଭ କରିବାକୁ ସକ୍ଷମ ହୋଇଥାଏ । ଶ୍ରୀଶ୍ରୀଗୁରୁଗୀତାରେ ଉଲ୍ଲେଖ ଅଛି -

*"ଧ୍ୟାନମୂଳଂ ଗୁରୋର୍ମୂର୍ତ୍ତିଃ, ପୂଜାମୂଳଂ ଗୁରୋଃ ପଦମ୍ ।*
*ମନ୍ତ୍ରମୂଳଂ ଗୁରୋର୍ବାକ୍ୟଂ, ମୋକ୍ଷମୂଳଂ ଗୁରୋଃ କୃପା ॥"*

ଶ୍ରୀଗୁରୁଦେବଙ୍କ ମୂର୍ତ୍ତି ଧ୍ୟାନ କରିବା କର୍ତ୍ତବ୍ୟ, ତାଙ୍କରି ପାଦପୂଜା କରିବା ବିଧେୟ, ଶ୍ରୀଗୁରୁଦେବଙ୍କ ବାକ୍ୟକୁ ମନ୍ତ୍ର ବୋଲି ଜ୍ଞାନ କରିବା ଆବଶ୍ୟକ । ସୁତରାଂ ଶ୍ରୀଗୁରୁଦେବ ହିଁ ଆଧ୍ୟାତ୍ମିକ ରାଜ୍ୟର ସମ୍ରାଟ୍ । ସେ ହିଁ ମୁକ୍ତିଦାତା ଓ ପରାଶାନ୍ତିଦାତା । **ଏକମାତ୍ର ସଦ୍‌ଗୁରୁଙ୍କ କୃପାରୁ ଶିଷ୍ୟମାନଙ୍କର ସର୍ବାର୍ଥ ସିଦ୍ଧ ହୋଇଥାଏ** । ସର୍ବଦା ସଦ୍‌ଗୁରୁଦେବଙ୍କ ଧ୍ୟାନ, ତାଙ୍କ 'ଜୟଗୁରୁ' ନାମର ସ୍ମରଣ-ମନନ, ତାଙ୍କରି ସ୍ୱରୂପ ଚିନ୍ତନ, ତାଙ୍କର ସେବା-ଶୁଶ୍ରୂଷା କରିବା ବିଧେୟ ଏବଂ ତାଙ୍କ ଆଦେଶ ପ୍ରତିପାଳନ କରିବା ହିଁ ଶିଷ୍ୟମାନଙ୍କର ପ୍ରଧାନ କର୍ତ୍ତବ୍ୟ ।

ପାଠକମାନେ ସ୍ମରଣ ରଖିବେ ଯେ **ଶ୍ରୀଗୁରୁଦେବ ସର୍ବଦା ବିଦ୍ୟମାନ । ତାଙ୍କ ନାମ ଗ୍ରହଣ ହିଁ ତାଙ୍କ ପଦରେ ଆଶ୍ରୟ ଗ୍ରହଣ** । ସଦ୍‌ଗୁରୁଙ୍କ କୃପା ସମଭାବରେ ଶିଷ୍ୟମାନଙ୍କ ଉପରେ ବର୍ଷିତ ହେଉଅଛି; କିନ୍ତୁ **ଶିଷ୍ୟମାନଙ୍କର ଚିତ୍ତ ଶୁଦ୍ଧ ନ ଥିଲେ, ସେମାନେ ତାହା ଉପଲବ୍ଧି କରିପାରନ୍ତି ନାହିଁ । ତେଣୁ ଚିତ୍ତଶୁଦ୍ଧି ନିମିତ୍ତ ଶ୍ରୀଗୁରୁ ଦେବଙ୍କ ଧ୍ୟାନ ଧାରଣା କରିବା ଓ ତାଙ୍କ ନାମଜପର ଅଭ୍ୟାସ କରିବା ଶିଷ୍ୟମାନଙ୍କ ପକ୍ଷରେ ଏକାନ୍ତ କର୍ତ୍ତବ୍ୟ** । ଶିଷ୍ୟମାନଙ୍କ ଅନ୍ତରରେ ଶ୍ରୀଗୁରୁଦେବଙ୍କ ପ୍ରତି ପ୍ରଗାଢ଼ ଭକ୍ତି, ବିଶ୍ୱାସ ଓ ବ୍ୟାକୁଳତା ଜାତ ହେଲେ ସେମାନେ ସଦ୍‌ଗୁରୁଙ୍କ କୃପା ଉପଲବ୍ଧି କରିଥାନ୍ତି । ଶିଷ୍ୟମାନଙ୍କର ଅନ୍ତର ଶୁଦ୍ଧ ହେଲେ ଶ୍ରୀଗୁରୁଦେବଙ୍କ ସହିତ ସେମାନଙ୍କର ପ୍ରକୃତ ଅନ୍ତରର ସମ୍ବନ୍ଧ ସ୍ଥାପିତ ହୋଇଥାଏ । ସଦ୍‌ଗୁରୁଙ୍କ ନିର୍ଦ୍ଦେଶରେ କର୍ମ କରିବା ହିଁ **କର୍ମଯୋଗ** । ସଦ୍‌ଗୁରୁଙ୍କ ଧ୍ୟାନଧାରଣା, ପୂଜାର୍ଚ୍ଚନା ଓ ସେବାଶୁଶ୍ରୂଷାକୁ **ଭକ୍ତିଯୋଗର ସାଧନା** କୁହାଯାଏ । ସଦ୍‌ଗୁରୁଙ୍କ ଭାବନାରେ ସର୍ବଦା ସମାହିତ ଚିତ୍ତ ହେବା ହିଁ **ଜ୍ଞାନଯୋଗର ସାଧନା । ସଦ୍‌ଗୁରୁଙ୍କ ସେବାରେ**

**ନବଧାଭକ୍ତିର ଅନୁଶୀଳନ ହୋଇଥାଏ** । ସଦ୍‌ଗୁରୁଙ୍କ ବିଷୟ ପାଠ କଲେ, ତାଙ୍କ ପ୍ରତି ଶ୍ରଦ୍ଧାଭକ୍ତି ଜାତ ହୁଏ । ତାହା ଫଳରେ ସଦ୍‌ଗୁରୁଙ୍କ କୃପାରୁ କ୍ରମଶଃ ତାଙ୍କ ମହିମା ଉପଲବ୍ଧ ହୋଇଥାଏ । ତାଙ୍କ ସେବାଦ୍ୱାରା ଶିଷ୍ୟମାନେ କ୍ରମେ ତାଙ୍କ ପ୍ରତି ଅନୁରକ୍ତ ହୋଇଥାନ୍ତି । **ଶ୍ରୀଗୁରୁଦେବଙ୍କ ସେବା ଓ ଧ୍ୟାନ ଫଳରେ ଶିଷ୍ୟମାନଙ୍କ ଅହଂତ୍ୱ ବିନାଶପ୍ରାପ୍ତ ହୁଏ** । ତାଙ୍କ ଆଦେଶ ପାଳନରେ ନିଷ୍ଠା ଥିଲେ, ତାଙ୍କ ପ୍ରତି ଭକ୍ତିଭାବ ଦୃଢ଼ ହୁଏ । ଯେଉଁ ଶିଷ୍ୟଭକ୍ତମାନେ ଶ୍ରୀଗୁରୁଦେବଙ୍କୁ ସର୍ବଦା ଭଗବନ୍ତ୍ ଜ୍ଞାନରେ ସୁଖ ପାଆନ୍ତି, ଯେଉଁମାନେ ସଦ୍‌ଗୁରୁଙ୍କ ଚରଣାଶ୍ରିତ ଭାବରେ ତାଙ୍କ ସେବାରେ ତତ୍ପର ହୁଅନ୍ତି ଓ ଯେଉଁମାନେ ବିନାବିଚାରରେ ଶ୍ରୀଗୁରୁଦେବଙ୍କ ବାକ୍ୟ ପ୍ରତିପାଳନ କରନ୍ତି, ସେହିମାନେ ହିଁ **ଯଥାର୍ଥ ଶିଷ୍ୟ-ଭକ୍ତ** । ମନ୍ତ୍ରଗ୍ରହଣ ଶିଷ୍ୟର ଅବଶ୍ୟ କର୍ତ୍ତବ୍ୟ ହେଲେ ମଧ୍ୟ ମନ୍ତ୍ରଗ୍ରହଣ ବ୍ୟତୀତ ଅନ୍ୟ ବହୁବିଧ ଉପାୟରେ ସଦ୍‌ଗୁରୁଙ୍କ ଶକ୍ତି ଶିଷ୍ୟଭକ୍ତମାନଙ୍କ ମଧ୍ୟରେ ପ୍ରବେଶ କରି ସେମାନଙ୍କୁ ଅନୁଗତ କରାଇନିଏ । ଯେତେବେଳେ ସଦ୍‌ଗୁରୁଙ୍କ ଆବିର୍ଭାବ ଘଟେ, ସେତେବେଳେ ଶିଷ୍ୟମାନେ ତାଙ୍କର ଦର୍ଶନ, ସ୍ପର୍ଶନ, ପୂଜାର୍ଚ୍ଚନା, ଧ୍ୟାନଧାରଣା, ସ୍ମରଣ ମନନ କଲେ, ତାଙ୍କ ଆଶୀର୍ବାଦରେ ଯଦି ଶିଷ୍ୟମାନଙ୍କ ଅନ୍ତରରେ ମୁକ୍ତିପିପାସା ଜାତ ହୁଏ, ତାହାହେଲେ ତାହା ମଧ୍ୟ ଏକପ୍ରକାର ଦୀକ୍ଷାରୂପେ ଗଣ୍ୟ ହୁଏ । କୌଣସି ସ୍ୱାର୍ଥସାଧନ ଇଚ୍ଛା ଥିଲେ, ଗୁରୁଶିଷ୍ୟଙ୍କ ମଧ୍ୟରେ ଯଥାର୍ଥ ସମ୍ବନ୍ଧ ସ୍ଥାପିତ ହୋଇପାରେ ନାହିଁ । ଆତ୍ମଜ୍ଞାନ ଲାଭ ଓ ଆତ୍ମଶକ୍ତି ଉଦ୍‌ବୋଧନ ନିମିତ୍ତ ଶିଷ୍ୟଭକ୍ତମାନେ ଶ୍ରୀଗୁରୁଦେବଙ୍କ ଆଶ୍ରୟ ଗ୍ରହଣ କରିବା ହିଁ ଶ୍ରୀଗୁରୁଦେବଙ୍କ ସହିତ ଶିଷ୍ୟଭକ୍ତମାନଙ୍କର ପ୍ରକୃତ ପ୍ରେମସମ୍ବନ୍ଧ ସ୍ଥାପନ । ସେହି ପ୍ରେମପ୍ରୀତି ସମ୍ବନ୍ଧ ଯେଉଁ ପରିମାଣରେ ଗାଢ଼ ହେବ, ସାଧକମାନେ ସେହି ପରିମାଣରେ ସାଧନାରେ ଅଗ୍ରସର ହେଉଛନ୍ତି ବୋଲି ବୁଝିବାକୁ ହେବ । ଗୁରୁଭକ୍ତମାନଙ୍କୁ ପ୍ରକୃତ ସିଦ୍ଧବ୍ୟକ୍ତି ବୋଲି ଜାଣିବ । ସଦ୍‌ଗୁରୁ ନରଦେହଧାରୀ ଭଗବାନ୍ । ଯେଉଁମାନେ ସଦ୍‌ଗୁରୁ ଲାଭ କରିପାରି ନାହାନ୍ତି, ସେମାନେ ଯଦି ଗୁରୁଦେବଙ୍କ ନାମ ନେଇ ତାଙ୍କୁ ଆଶ୍ରୟ କରନ୍ତି, ତେବେ ଗୁରୁଦେବ ସେହି ପ୍ରପନ୍ନଶିଷ୍ୟମାନଙ୍କୁ ଦିନେ ସ୍ୱରୂପଜ୍ଞାନ ଦାନ କରି ଉଦ୍ଧାର କରିବେ । ଗୁରୁଶକ୍ତି ଅନୁଭବ ନିମିତ୍ତ ଶିଷ୍ୟଭକ୍ତମାନେ ସର୍ବଦା ଶ୍ରୀଗୁରୁଦେବଙ୍କ ଚରଣାମୃତପାନ ଓ ପ୍ରସାଦ ସେବନ କରିବା କର୍ତ୍ତବ୍ୟ । ଶ୍ରୀଗୁରୁଦେବଙ୍କ ମୂର୍ତ୍ତିଧ୍ୟାନ ଏବଂ ଶ୍ରୀଗୁରୁଦେବଙ୍କ ସ୍ତବସ୍ତୋତ୍ରାଦି ପାଠକରିବା ବିଧେୟ । **ସଦ୍‌ଗୁରୁଙ୍କ ଉପଦିଷ୍ଟ ମାର୍ଗରେ ଚଳିବା ହିଁ ସାଧନା** ।

ଶ୍ରୀଗୁରୁଦେବଙ୍କ ଅଭୟଚରଣରେ ଆଶ୍ରୟ ଗ୍ରହଣ କଲେ ଶିଷ୍ୟଭକ୍ତମାନଙ୍କର କୌଣସି ଭୟ ଭାବନା ରହେ ନାହିଁ । ସଦ୍‌ଗୁରୁଙ୍କ ଚରଣାଶ୍ରୟ ଲାଭ ହେଲେ ଜୀବନ ମଧୁମୟ ହୋଇଯାଏ, ପ୍ରାଣମନରେ ପବିତ୍ରତା ଭରିଯାଏ । ଶ୍ରୀଗୁରୁଦେବଙ୍କୁ ଅତି ଆପଣାର ଭାବି ତାଙ୍କ ସେବା କରିବା କର୍ତ୍ତବ୍ୟ । ସଦ୍‌ଗୁରୁଙ୍କ ସହିତ ପ୍ରକୃତ ସମ୍ବନ୍ଧ ସ୍ଥାପିତ ହେବା ପରେ ଶିଷ୍ୟଭକ୍ତମାନେ ଶ୍ରୀଗୁରୁଦେବଙ୍କ ଆଦେଶରେ ଯେଉଁ କର୍ମ କରିବେ, ତାହା ହିଁ ସେମାନଙ୍କର ସାଧନ ଭଜନ ରୂପେ ଗଣ୍ୟ ହେବ ।

ଶ୍ରୀଗୁରୁଦେବଙ୍କ ରୂପଦର୍ଶନ କରି ଭକ୍ତକବି ଗାଇଛନ୍ତି -

## ଭବ ସଙ୍କଟ ନାଶନ

ଏ ନୟନ, କର କର ଗୁରୁରୂପ ଦରଶନ,
ଭୁବନ-ନନ୍ଦନ ମନ-ବିମୋହନ, ଭବ-ସଙ୍କଟ-ନାଶନ ॥୦॥
ଚରଣରୁ ଝରେ ଅମିୟ-ନିର୍ଝର
ଲିଭାଇ ଦିଏ ଯେ ଭବ-ଦାବାନଳ
ତୃଷିତ ଚାତକ ସମାନ ଭକତ ଲୋଡ଼େ ଯେଉଁ ସୁଧାପାନ ॥୧॥
ଅଧରେ ବିକଶେ ହାସ ମନୋହର
ଉଲ୍ଲସାଇ ଦିଏ ବିଶ୍ୱ ଚରାଚର
ଶିରେ ବିରାଜଇ କେଶ ମନୋହର ତିନି ଜଗତ-ପାବନ ॥୨॥
ଅକଳଙ୍କ ଶଶୀ ପୁଣି ଝଲମଲ
ଜ୍ଞାନ ପ୍ରେମ ଭରା ନେତ୍ର ସୁମଞ୍ଜୁଳ
ଅମାନାଶୀ ତେଜ ଫୁଟି ତହିଁ କରେ ଜଗତ-ଦୁଃଖ ନାଶନ ॥୩॥

ସଦ୍‌ଗୁରୁଙ୍କ ଶକ୍ତିର ପ୍ରଭାବ ଶିଷ୍ୟଭକ୍ତମାନଙ୍କର ଅନନ୍ତ ଜନ୍ମର କର୍ମଫଳ ଧ୍ୱଂସ କରି ସେମାନଙ୍କୁ ମୁକ୍ତିପଥରେ ନେଇଯାଏ । ଶ୍ରୀଗୁରୁଦେବଙ୍କ ଉପଦେଶାନୁସାରେ ଶିଷ୍ୟଭକ୍ତମାନେ ସାଧନ ପଥରେ ଚଳିବା ଫଳରେ ସେମାନଙ୍କର ଯାବତୀୟ ଅଶୁଭ ସଂସ୍କାର ଦୂର ହୋଇଯାଏ ।

ଶ୍ରୀଗୁରୁଦେବଙ୍କ ଉପାସନା ନିମିତ୍ତ ଶିଷ୍ୟଭକ୍ତମାନେ ଗୋଟିଏ ନିର୍ଦ୍ଦିଷ୍ଟ ନିର୍ଜନ ପ୍ରକୋଷ୍ଠ ରଖି ସେହି ଗୃହରେ ଶ୍ରୀଗୁରୁଦେବଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରି ନିୟମିତ ସକାଳ ସନ୍ଧ୍ୟାରେ ବନ୍ଦନା ଓ ଉପାସନା କରିବା ଆବଶ୍ୟକ । ଉପାସନା ଗୃହରେ ସାଧନ ଭଜନ ସମୟରେ ସାଂସାରିକ ଚିନ୍ତା ମନ ମଧ୍ୟରେ ଆଣିବା ଉଚିତ ନୁହେଁ । ଶ୍ରୀଗୁରୁଦେବଙ୍କ ଧ୍ୟାନ ଓ ମାନସପୂଜା ଶେଷରେ ଆସନରେ ବାହ୍ୟ ସ୍ଥୁଳପୂଜା ସମ୍ପନ୍ନ କରିବା କର୍ତ୍ତବ୍ୟ । ତତ୍ପରେ **'ଜୟଗୁରୁ'** ସିଦ୍ଧମନ୍ତ୍ର ଯଥାସାଧ୍ୟ ଜପ କରିବା ପରେ ପ୍ରଣାମ ଓ ପ୍ରାର୍ଥନା କରି ପୂଜା ଶେଷ କରିବା ବିଧେୟ । ତତ୍ପରେ ସ୍ତୋତ୍ରବନ୍ଦନା ଶେଷ କରି "ଶ୍ରୀଶ୍ରୀଗୁରୁଗୀତା" ପାଠ କରିବା କର୍ତ୍ତବ୍ୟ ।

ଗୁରୁକରଣର ଆବଶ୍ୟକତା ପ୍ରତ୍ୟେକେ ଅନୁଭବ କରିବା ଦରକାର । କାରଣ, ମାନବ ଭିତରେ ତାହାର ଆତ୍ମଶକ୍ତି ସୁପ୍ତ । ସେହି ସୁପ୍ତଶକ୍ତିର ଜାଗରଣ ନିମିତ୍ତ ଅନ୍ୟ **ଆତ୍ମଶକ୍ତିର ସଞ୍ଚାର** ଆବଶ୍ୟକ । **ଯେ ସେହି ଶକ୍ତି ସଞ୍ଚାର କରିପାରନ୍ତି, ତାଙ୍କୁ 'ଗୁରୁ'** କୁହାଯାଏ । **ଯାହାଙ୍କଠାରେ ସେହି ଶକ୍ତି ସଞ୍ଚାରିତ ହୁଏ, ତାଙ୍କର ନାମ ଶିଷ୍ୟ ।**

ଧର୍ମଜଗତରେ ଗୁରୁଶିଷ୍ୟ ସମ୍ବନ୍ଧ ନିତ୍ୟ ବିଦ୍ୟମାନ । ସେହି ଗୁରୁଶିଷ୍ୟଙ୍କ ଲକ୍ଷଣ ଓ ଶିଷ୍ୟମାନଙ୍କର ଗୁରୁସେବା ମଧ୍ୟ ଏହି 'ଗୁରୁଗୀତା'ରେ ବର୍ଣ୍ଣିତ ହୋଇଅଛି । ଆଧ୍ୟାତ୍ମିକ ସାଧନ ପଥରେ ଶ୍ରୀଗୁରୁଦେବଙ୍କ ଭିନ୍ନ ପଦେ ହେଲେ ଅଗ୍ରସର ହେବାର

ଉପାୟ ନାହିଁ । ସଦ୍‌ଗୁରୁ ପ୍ରାପ୍ତ ହେଲେ, ବିନା ବିଚାରରେ ତାଙ୍କର ଶରଣ ଗ୍ରହଣ କରି ତାଙ୍କ ସେବାରେ ବ୍ରତୀ ହେବା ବିଧେୟ । ସଦ୍‌ଗୁରୁଙ୍କ ସଙ୍ଗ ସହଜରେ ମିଳେ ନାହିଁ । ସଦ୍‌ଗୁରୁ ପ୍ରାପ୍ତ ହେଲେ ତାଙ୍କ ଆଦେଶରେ ଯେ କୌଣସି କର୍ମ କଲେ, ତାହା ସାଧନା ମଧ୍ୟରେ ଗଣ୍ୟ ହୁଏ । ଶିଷ୍ୟଭକ୍ତମାନେ ଶ୍ରୀଗୁରୁଦେବଙ୍କ ଅସନ୍ତୋଷଜନକ ବାକ୍ୟ ଉଚ୍ଚାରଣ କରିବା ଉଚିତ ନୁହେଁ, କିମ୍ବା ସେପରି କୌଣସି କାର୍ଯ୍ୟ କରିବା ମଧ୍ୟ ଉଚିତ ନୁହେଁ । ଯେଉଁ ଶିଷ୍ୟମାନଙ୍କ ଅନ୍ତରରେ ଗୁରୁଭକ୍ତି ନାହିଁ, ସେମାନେ ଗନ୍ଧହୀନ ପୁଷ୍ପ ତୁଲ୍ୟ । କେବଳ ଦୀକ୍ଷା ନେବା ନିମିତ୍ତ ସେବା କରିବା ଉଚିତ ନୁହେଁ । ଦୀକ୍ଷା ନେବା ପରେ ମଧ୍ୟ ବିବିଧ ବାଧାବିଘ୍ନ ସହ୍ୟ କରି ଗୁରୁସେବା କରିବା କର୍ତ୍ତବ୍ୟ । କୌଣସି ସ୍ୱାର୍ଥସିଦ୍ଧି ଉଦ୍ଦେଶ୍ୟ ରଖି ସେବାରେ ବ୍ରତୀ ହେବା ଉଚିତ ନୁହେଁ । ଶ୍ରୀଗୁରୁଦେବଙ୍କ ଆଦେଶ ପ୍ରତିପାଳନ କରିବା ନିମିତ୍ତ ସର୍ବଦା ତତ୍ପର ରହିବା ଉଚିତ ।

ଶିଷ୍ୟତ୍ୱ ଗ୍ରହଣ ପରେ ନିଜର ଦେହ ମନ-ପ୍ରାଣ ଶ୍ରୀଗୁରୁଦେବଙ୍କ ଶ୍ରୀଚରଣରେ ସମର୍ପଣ କରି ତାଙ୍କର ମନୋମତ ସେବାରେ ବ୍ରତୀ ହେବା କର୍ତ୍ତବ୍ୟ । ସଦ୍‌ଗୁରୁଙ୍କ ସେବକ ଭାବରେ ନିଜକୁ ଗଠନ କରିବା ନିମିତ୍ତ ଚେଷ୍ଟା କରିବା ବିଧେୟ । ଦୀକ୍ଷା ଗ୍ରହଣ ବା ଗୁରୁଦେବଙ୍କ ଆଶ୍ରୟ ଗ୍ରହଣ ପରେ ଶିଷ୍ୟଭକ୍ତମାନେ ମନେ କରିବେ ଯେ ସେମାନେ ଶ୍ରୀଗୁରୁଦେବଙ୍କ ଇଚ୍ଛା ପୂରଣର ଯନ୍ତ୍ରବିଶେଷ । ସେବକମାନେ ସେମାନଙ୍କ ଉପାର୍ଜିତ ଅର୍ଥ ଶ୍ରୀଗୁରୁଦେବଙ୍କର ବୋଲି ଜ୍ଞାନ କରି ତାଙ୍କ ନିର୍ଦ୍ଦେଶରେ ବ୍ୟୟ କରିବା ବିଧେୟ । ବିଳାସିତା ଓ ଅଳସତା ତ୍ୟାଗ କରି ସର୍ବଦା ସେବାନିରତ ହେବା କର୍ତ୍ତବ୍ୟ । ପ୍ରକୃତ ଶିଷ୍ୟମାନେ ଶ୍ରୀଗୁରୁଦେବଙ୍କ ଆଦେଶକୁ ଅପେକ୍ଷା ନ ରଖି ତାଙ୍କର ସୁରକ୍ଷା ନିମିତ୍ତ ଯତ୍ନବାନ୍ ହେବା ବିଧେୟ । ମଧ୍ୟମ ପନ୍ଥୀ ଶିଷ୍ୟମାନେ ଶ୍ରୀଗୁରୁଦେବଙ୍କ ଆଦେଶ ପାଇଲେ କର୍ମ କରନ୍ତି । ଅଧମ ଶିଷ୍ୟମାନେ ପୁନଃ ପୁନଃ ଆଦେଶପ୍ରାପ୍ତ ହେଲେ ମଧ୍ୟ ତାହା ପାଳନ କରିପାରନ୍ତି ନାହିଁ । ସୁତରାଂ ଏହି ଶେଷୋକ୍ତ ଅଧମ ଶିଷ୍ୟମାନେ ପ୍ରକୃତ ଶିଷ୍ୟ ନାମର ଯୋଗ୍ୟ ନୁହନ୍ତି । ସେବା ସମୟରେ କୌଣସି ତ୍ରୁଟି ଲକ୍ଷ୍ୟ କରି ଶ୍ରୀଗୁରୁଦେବ ଶାସ୍ତିବିଧାନ କଲେ, ଶିଷ୍ୟ ନିଜକୁ ପରମ ଭାଗ୍ୟବାନ୍ ବୋଲି ମନେ କରନ୍ତି । **ଯଦି କୌଣସି ସେବକ-ଶିଷ୍ୟ ଶକ୍ତି ଲାଭ ଉଦ୍ଦେଶ୍ୟରେ ସେବାନିରତ ହୁଅନ୍ତି, ତେବେ ଶକ୍ତି ଲାଭ ହେଲେ କିମ୍ବା ଶକ୍ତି ଲାଭ ନ ହେଲେ, ତାଙ୍କ ଭକ୍ତି ଅଭକ୍ତିରେ ପରିଣତ ହୋଇଥାଏ** । ତେଣୁ ସେବକମାନେ ଅନ୍ୟାଭିଳାଷ ତ୍ୟାଗ କରି ଆତ୍ମଜ୍ଞାନ ଲାଭ ନିମିତ୍ତ ଶ୍ରୀଗୁରୁଦେବଙ୍କ ସେବାରେ ନିଯୁକ୍ତ ରହିବା ଆବଶ୍ୟକ ।

ସେବକମାନେ ଧୈର୍ଯ୍ୟ ଓ ସହିଷ୍ଣୁତା ଅବଲମ୍ବନପୂର୍ବକ ସେବାନିରତ ହେବା ବିଧେୟ । ଏହି ଭାବରେ ସେବା କଲେ ମନର ଶକ୍ତି ବୃଦ୍ଧି ପାଏ । ସେବା କରିବା ବେଳେ ଜାଗତିକ ବସ୍ତୁ କାମନା କରିବା ଉଚିତ ନୁହେଁ । ସେଥିରେ ମନର ଶକ୍ତି ହାନି ହୁଏ । ନାମକୁ ପରମଧନ ମନେକରି ସେବା ସମୟରେ ନାମ ଜପ କରିବାରେ ଅଭ୍ୟସ୍ତ ହେବା ବିଧେୟ । ଅନ୍ତରର କାମଶକ୍ତିକୁ ପ୍ରେମରେ ପରିଣତ କରିବା ନିମିତ୍ତ ଜପ, ଧ୍ୟାନ, କୀର୍ତ୍ତନ ଓ ସ୍ୱାଧ୍ୟାୟ ଅଭ୍ୟାସ କରିବା ଆବଶ୍ୟକ । ଏଥିରେ ଆତ୍ମଜ୍ଞାନର ଉନ୍ମେଷ ସାଧିତ ହୁଏ । ଶ୍ରୀଗୁରୁଦେବଙ୍କ ବ୍ୟତୀତ କେବେ ହେଲେ ଆତ୍ମଜ୍ଞାନ ବା ଭଗବତ୍ ଜ୍ଞାନ

ଲାଭ ହୋଇପାରେ ନାହିଁ । ତେଣୁ ଅନ୍ତରକୁ ଭଗବତ୍ ଭାବରେ ପୂର୍ଣ୍ଣ ରଖି ଗୁରୁସେବା କରିବା ବିଧେୟ ।

'ଶ୍ରୀଶ୍ରୀଗୁରୁଗୀତା'ରେ ଗୁରୁଧ୍ୟାନର ଶ୍ରେଷ୍ଠତା ସମ୍ବନ୍ଧରେ ବିଶେଷ ଭାବରେ ବର୍ଣ୍ଣିତ ହୋଇଅଛି । **ଗୁରୁଧ୍ୟାନ ଫଳରେ ଦେହୀ ଅତି ସହଜରେ ସ୍ୱରୂପଜ୍ଞାନରେ ପ୍ରତିଷ୍ଠିତ ହୋଇଥାନ୍ତି** । ଯେଉଁମାନେ ସଂସାରରେ ରହି ଭଗବତ୍ ସାଧନ କରନ୍ତି, ସେମାନେ କର୍ମ ଭିତରେ ଥାଇ ଭଗବତ୍ସ୍ମରଣ ମନନ ଓ ଧ୍ୟାନ-ଧାରଣାଦି ଅଭ୍ୟାସ କରିବା ଆବଶ୍ୟକ । ଅନ୍ତରରେ ଶ୍ରୀଗୁରୁଦେବଙ୍କୁ ସ୍ମରଣ କରି ତାଙ୍କ ଚିନ୍ତାରେ ମନକୁ ନିବିଷ୍ଟ ରଖିବା କର୍ତ୍ତବ୍ୟ । 'ଶ୍ରୀଶ୍ରୀଗୁରୁଗୀତା'ରେ ପ୍ରଦର୍ଶିତ ପ୍ରଣାଳୀରେ ଗୁରୁଧ୍ୟାନ ହିଁ ସମସ୍ତଙ୍କର କର୍ତ୍ତବ୍ୟ । ଧ୍ୟାନ ସାହାଯ୍ୟରେ ମନର ଆବେଗ ଶାନ୍ତ ହୁଏ । ନିୟମିତ ଧ୍ୟାନଯୋଗ ଅଭ୍ୟାସ ଫଳରେ ମନର ଭାବ ନୂତନ ଭାବରେ ଗଠିତ ହୁଏ । ଗୁରୁଧ୍ୟାନର ଅଭ୍ୟାସ ଫଳରେ ଅନ୍ତରର ଶକ୍ତି ବଶୀଭୂତ ହୋଇଥାଏ । ଯେଉଁମାନେ ସଂସାର କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି; ସେମାନେ ଚିତ୍ତଶୁଦ୍ଧି ନିମିତ୍ତ ଧ୍ୟାନଯୋଗ ଅଭ୍ୟାସ କରିବା କର୍ତ୍ତବ୍ୟ । ସାଧାରଣ ଗୃହସ୍ଥମାନଙ୍କ ପକ୍ଷରେ ନିର୍ଜନ ସ୍ଥାନରେ ଧ୍ୟାନାଭ୍ୟାସ ଶ୍ରେୟସ୍କର ଏବଂ ଧ୍ୟାନ ସମୟରେ ଜାଗତିକ କାମନାବାସନା ତ୍ୟାଗ କରିବା ବିଧେୟ । ଶ୍ରୀ ଭଗବାନ ସାଧକଙ୍କର ସମସ୍ତ ଅଭାବ ପୂରଣ କରିଦେଇଥାନ୍ତି । ସାଧକ ଶିଷ୍ୟଭକ୍ତମାନେ ଶ୍ରୀ ଗୁରୁଦେବଙ୍କ ପାଦପଦ୍ମରେ ଅନନ୍ୟମନା ହୋଇ ଏକନିଷ୍ଠ ଭାବରେ ଚିତ୍ତ ସମର୍ପଣ କଲେ, ଶ୍ରୀଭଗବାନ୍ ସେମାନଙ୍କର ଯୋଗକ୍ଷେମ ବହନ କରିଥାନ୍ତି ।

ଧ୍ୟାନଧାରଣାର ଅଭ୍ୟାସ ନିମିତ୍ତ **ବ୍ରହ୍ମଚର୍ଯ୍ୟ ସାଧନ** ଏକାନ୍ତ ଆବଶ୍ୟକ । ଗୁରୁଧ୍ୟାନ ଫଳରେ ମଧ୍ୟ ଏହି ଶକ୍ତି ଲାଭ ହୋଇଥାଏ । ଧ୍ୟାନ ଅଭ୍ୟାସ କରିବାକୁ ହେଲେ ବ୍ରହ୍ମଚର୍ଯ୍ୟ ହିଁ ତାହାର ମୂଳଭିତ୍ତି । ଧ୍ୟାନ ଅଭ୍ୟାସ ନିମିତ୍ତ ଆସନ ଅଭ୍ୟାସ ଏକାନ୍ତ ଆବଶ୍ୟକ । ଯମ, ନିୟମ, ଆସନ, ମୁଦ୍ରା, ପ୍ରାଣାୟାମ ପ୍ରଭୃତି ଧ୍ୟାନ ଅଭ୍ୟାସରେ ବିଶେଷ ସହାୟକ । ଶରୀର ସ୍ଥିର ଥିଲେ, ମନ ମଧ୍ୟ ସ୍ଥିର ରହେ । ଧ୍ୟାନାଗ୍ନିରେ ମନର ସମସ୍ତ ବାହ୍ୟଚିନ୍ତାକୁ ଭସ୍ମୀଭୂତ କରିଦେବା ବିଧେୟ । ଜାଗତିକ ସମସ୍ତ ଚିନ୍ତାର ଏକମାତ୍ର ପ୍ରତିଷେଧକ ହେଉଛି ଧ୍ୟାନ । ଧ୍ୟାନ ଫଳରେ ମନର ଶକ୍ତି ନିୟନ୍ତ୍ରିତ ଓ ସଂଯତ ହୁଏ । **ଜ୍ଞାନପୂର୍ବକ ମନଦ୍ୱାରା କୌଣସି ଗୋଟିଏ ବିଷୟର ପୁନଃ ପୁନଃ ନିରବଚ୍ଛିନ୍ନ ଚିନ୍ତାଧାରାର ନାମ ଧ୍ୟାନ** । ଯୋଗବାଶିଷ୍ଠରେ **ଗୁରୁଧ୍ୟାନ** ସମ୍ବନ୍ଧରେ ଉଲ୍ଲେଖ ଅଛି-

ଗୁରୁ ଧ୍ୟାନ ଏକମନେ କର ନିରନ୍ତର । ଧ୍ୟାନ ବଳେ ତାଙ୍କ ଜ୍ଞାନ ହୋଇବ ସଞ୍ଚାର ॥
ତାଙ୍କ ଚିନ୍ତାଫଳେ ସଦା ତାଙ୍କ ରୂପ ଧ୍ୟାନେ । ସିଦ୍ଧି ବୀର୍ଯ୍ୟ-ଅଇଶ୍ୱର୍ଯ୍ୟ ପ୍ରକାଶିବ ଜ୍ଞାନେ ॥
ଧ୍ୟାନ ମୂଳେ ଗୁରୁମୂର୍ତ୍ତି ରଖଟି ନିରତ । ଶ୍ରୀଗୁରୁଚରଣ ପୂଜା କର ଅବିରତ ॥
ଶ୍ରୀଗୁରୁଙ୍କ ଦିବ୍ୟରୂପ ବିଶ୍ୱବିମୋହନ । ସର୍ବଦା ହୃଦ-କନ୍ଦରେ କରଇ ଯେ ଧ୍ୟାନ ॥
ସେ ଦିବ୍ୟ ମୂରତି ହେଲେ ଚିତ୍ତେ ଅଧିଷ୍ଠିତ । ଶିଷ୍ୟର ଅନ୍ତର ହୁଏ ପରମ-ପବିତ୍ର ॥
ଶ୍ରୀଗୁରୁଙ୍କ ରୂପ ଯଦି ସଦା କର ଧ୍ୟାନ । ତା' ଫଳରେ ସ୍ୱରୂପରେ ହେବ ଅଧିଷ୍ଠାନ ॥
କେତେ ବା କହିବି ରାମ ଶ୍ରୀଗୁରୁ-ମହିମା ? ପଞ୍ଚମୁଖ ଗାଇ ଯାର ନ ପାଇଲେ ସୀମା ॥
ଦ୍ୱୈତ ଜ୍ଞାନେ ଚିନ୍ତ ଗୁରୁ, ଯିବ ଦ୍ୱୈତବୋଧ । ଗୁରୁମୂର୍ତ୍ତି ଧ୍ୟାନେ ହେବ ନିରାକାର ବୋଧ ॥

ଶାସ୍ତ୍ରରେ ବର୍ଣ୍ଣିତ ଅଛି ଗୁରୁଦେବ ସଚ୍ଚିଦାନନ୍ଦ ମୂର୍ତ୍ତିରେ ନିତ୍ୟ ଅଧିଷ୍ଠିତ ଅଛନ୍ତି । ଗୁରୁନାମ ଗ୍ରହଣ କରି ଶିଷ୍ୟମାନଙ୍କର ତାଙ୍କ ଅସ୍ତିତ୍ୱବୋଧରେ ବିଶ୍ୱାସ ହେଲେ, ସେହି ଅବସ୍ଥାରେ ଶିଷ୍ୟମାନେ ତାଙ୍କ **ସତ୍‌ଭାବର** ଉପଲବ୍ଧି କରିଥାନ୍ତି । ଯେତେବେଳେ ଅନ୍ତର ମନ୍ଦିରରେ ଶ୍ରୀଗୁରୁଙ୍କର ସାକ୍ଷାତ୍ ଦର୍ଶନ ମିଳେ, ସେତେବେଳେ ସାଧକମାନେ ତାଙ୍କ **ଚିଦ୍‌ଭାବ** ଉପଲବ୍ଧି କରିଥାନ୍ତି । ତାଙ୍କ ସହିତ ଆଳାପ ଆଲୋଚନା ଦ୍ୱାରା ଯେଉଁ ଭାବର ଉଦୟ ହୁଏ, ତାହାକୁ କହନ୍ତି **ଆନନ୍ଦ ଭାବ** ।

ଏଥିପାଇଁ ସାଧକମାନେ ପ୍ରଥମେ ତାଙ୍କର ଅସ୍ତିତ୍ୱବୋଧରେ ବିଶ୍ୱାସ କରିବା ବିଧେୟ; ତାପରେ ଅନ୍ତରରେ ତାଙ୍କ ଚିଦ୍‌ଭାବର ଉପଲବ୍ଧି କରିବା ଉଚିତ । ଏହା ଫଳରେ ଅନ୍ତରରେ ଆନନ୍ଦ ଲାଭ ହେବ । ଏହା ହିଁ ସାଧକମାନଙ୍କର ପ୍ରଧାନ ଲକ୍ଷ୍ୟ । ସୁତରାଂ ଗୁରୁଧ୍ୟାନ ପରେ ଗୁରୁନାମର ମାହାତ୍ମ୍ୟ ଉପଲବ୍ଧି କରିବା ଦରକାର । ନାମ ସ୍ମରଣଦ୍ୱାରା ଶ୍ରୀଗୁରୁଦେବ ଅନ୍ତରରେ ଉପଲବ୍ଧ ହୋଇଥାନ୍ତି । ସଗୁଣ ବ୍ରହ୍ମଙ୍କୁ ନିତ୍ୟ ସ୍ୱରୂପରେ ସ୍ମରଣ ମନନ କରିବା ପାଇଁ ନାମ ହିଁ ପ୍ରଧାନ ଅବଲମ୍ବନ । **ଭକ୍ତମାନେ ଅନ୍ତରରେ ସେବ୍ୟ-ସେବକ ଭାବ ରଖି କର୍ମ କରିବା କର୍ତ୍ତବ୍ୟ** । ଭକ୍ତମାନେ ଶ୍ରୀଗୁରୁଦେବଙ୍କ ନାମ ଗୁଣ କୀର୍ତ୍ତନ କରିଥାନ୍ତି, ସର୍ବଦା ତାଙ୍କର ସ୍ମରଣ ମନନ କରନ୍ତି ଏବଂ ତାଙ୍କୁ ଭକ୍ତିପୂର୍ଣ୍ଣ ଚିତ୍ତରେ ପୂଜା କରନ୍ତି । ଧ୍ୟାନ ଓ ନାମ ସ୍ମରଣ ଫଳରେ ସାଧକ ଭକ୍ତମାନଙ୍କ ଅନ୍ତରରେ ଶାନ୍ତି, ସନ୍ତୋଷ, ମନର ଶକ୍ତି, ଧୈର୍ଯ୍ୟ, ପ୍ରଫୁଲ୍ଲତା ଓ ଆନନ୍ଦ ଲାଭ ହୋଇଥାଏ । ଅତଏବ ଧୀରସ୍ଥିର ଭାବରେ ଉପବେଶନ କରି ଧ୍ୟାନ ଓ ନାମଜପର ଅଭ୍ୟାସ କରିବା କର୍ତ୍ତବ୍ୟ । ଧ୍ୟାନ-ଜପ ଅଭ୍ୟାସ କାଳରେ ସାତ୍ତ୍ୱିକ ଆହାର ଗ୍ରହଣ ଅଭ୍ୟାସ ରକ୍ଷା କରିବା ପ୍ରଥମ କର୍ତ୍ତବ୍ୟ । **ଗୁରୁନାମ ମାହାତ୍ମ୍ୟ** ସମ୍ପର୍କରେ ଶାସ୍ତ୍ରକାର ପୁନରାୟ କହୁଛନ୍ତି –

ଗୁରୁମୂର୍ତ୍ତି-ଧ୍ୟାନେ ହୁଏ ସ୍ୱସ୍ୱରୂପ ଲାଭ । ଗୁରୁନାମର ମହିମା ଶୁଣ ହେ ରାଘବ ॥
'ଗୁରୁ' ନାମ ଆବିଷ୍କାର କେବା ଥିଲେ କରି । ତାଙ୍କ ପଦେ ଶତକୋଟି ପ୍ରଣାମ ମୋହରି ॥
ଗୁରୁ ଶବ୍ଦେ ନାମ ମାତ୍ର ନ ବୁଝିବ ରାମ ! 'ଗୁରୁ' ଏକ ମନ୍ତ୍ର ବୋଲି ଜାଣ ଅବିରାମ ॥
ସାଧାରଣ ମନ୍ତ୍ର ଏହା ନୁହେଁ ରଘୁପତି । ମନ୍ତ୍ରରାଜ ବୋଲି ସାର ବେଦଶାସ୍ତ୍ରେ ଖ୍ୟାତି ॥
ମନ୍ତ୍ରରାଜ 'ଗୁରୁ' ଯୋଗେ ଯଦି କର ଯୋଗ । ଦ୍ୱୈତ ଜ୍ଞାନ ଯାଇ ହେବ ଆନନ୍ଦ-ସମ୍ଭୋଗ ॥
କେତେ ବା କହିବି ରାମ ! ଶ୍ରୀଗୁରୁ ମହିମା ? ପଞ୍ଚମୁଖ ଗାଇ ଯା'ର ନ ପାଇଲେ ସୀମା ॥

ସାଧାରଣ ଲୋକେ ନାମଜପକୁ ଭଜନ ବୋଲି ଜାଣନ୍ତି । ନାମ-ସ୍ମରଣ ଭଜନ ମଧ୍ୟରେ ଗଣ୍ୟ ହେଲେ ମଧ୍ୟ **ଭଗବତ୍ ସେବା ହିଁ ଭଜନ** ମଧ୍ୟରେ ଗଣ୍ୟ । ଭଜ୍ ଧାତୁରୁ ଭଜନ ବା 'ଭଜିବା' ଶବ୍ଦ ନିଷ୍ପନ୍ନ ହୋଇଥିଲେ ମଧ୍ୟ 'ସେବା' ଏକ ପ୍ରକାର ଭଜନର ଅନ୍ତର୍ଗତ । **ଶ୍ରୀ ଗୁରୁଦେବଙ୍କ ଇଚ୍ଛାକୁ କାର୍ଯ୍ୟକାରୀ କରିବାକୁ ସେବା** ବୋଲି କୁହାଯାଏ । ଯେଉଁ କାର୍ଯ୍ୟ ଦ୍ୱାରା **ହୃଦୟସ୍ଥ ଭଗବାନ ପ୍ରସନ୍ନ** ହୁଅନ୍ତି, ତାହାକୁ **ଭଜନ** କୁହାଯାଏ । ସେହି ଭଜନ ହିଁ ଗୁରୁସେବାର ଅନ୍ତର୍ଗତ । ଭଜନ-ସ୍ମରଣ ସମୟରେ ଅହିଂସା, ବ୍ରହ୍ମଚର୍ଯ୍ୟ, ନିଷ୍କପଟତା, ଅକ୍ରୋଧ, ସେବାଭାବ, ସନ୍ତୋଷ ପ୍ରଭୃତି ସଦ୍‌ଗୁଣ ଦ୍ୱାରା ସାଧକମାନଙ୍କ ଅନ୍ତର ପୂର୍ଣ୍ଣ ଥିବା ଆବଶ୍ୟକ ।

ଭଜନର ଦୁଇଗୋଟି ଅଙ୍ଗ - ଗୋଟିଏ ବହିରଙ୍ଗ, ଅନ୍ୟଟି ଅନ୍ତରଙ୍ଗ । ନିର୍ଜନ ବାସ, ନାମ ଜପ, ଆହାର ବିହାରରେ ସଂଯମ ପ୍ରଭୃତିକୁ **ବହିରଙ୍ଗ ଭଜନ କୁହାଯାଏ** ଏବଂ ଭଗବତ୍ ଗୁଣ, ମହିମା, ସ୍ୱରୂପଚିନ୍ତନ ଓ ମନର ସ୍ଥିରତାକୁ **ଅନ୍ତରଙ୍ଗ ଭଜନ** ବୁଝାଇଥାଏ । ବହିରଙ୍ଗଠାରୁ ଅନ୍ତରଙ୍ଗ ସାଧନ ଶ୍ରେଷ୍ଠ । ଭଜନ ସାଧନ ନିମିତ୍ତ ମନୁଷ୍ୟଦେହ ଅତିଶୟ ଉପଯୋଗୀ । କିନ୍ତୁ ଏହି ମନୁଷ୍ୟ ଦେହ ଲାଭ କରିବା ଏକାନ୍ତ ଦୁର୍ଲ୍ଲଭ । ଏହି ଶରୀରକୁ ଭବସାଗରପାରର ତରଣୀ କୁହାଯାଏ । ସଦ୍‌ଗୁରୁ ଏହି ଦେହକୁ ପରିଚାଳନା କରନ୍ତି । ଭଗବତ୍‌କୃପା ଏହାର ଅନୁକୂଳ ବାୟୁ । ଜୀବ ସେହି ତରଣୀର ଆରୋହୀ । ଯେଉଁମାନେ ଏହି ଶରୀର ଲାଭ କରି ଶ୍ରୀଗୁରୁଦେବଙ୍କ ସେବା କରନ୍ତି ନାହିଁ; ସେମାନେ ମୁକ୍ତ ହୋଇପାରନ୍ତି ନାହିଁ । ତେଣୁ ସତର୍କ ଚେଷ୍ଟା ଦ୍ୱାରା ଶ୍ରୀଗୁରୁଦେବଙ୍କ ବାକ୍ୟ ଜୀବନରେ ପ୍ରତିପାଳନ କରିବାକୁ ହେବ ।

ମନୁଷ୍ୟ ଜୀବନର ଲକ୍ଷ୍ୟ ଆନନ୍ଦ ଲାଭ । ଭଗବତ୍ ପ୍ରାପ୍ତି ଘଟିଲେ ସେହି ଆନନ୍ଦ ଲାଭ ହୋଇଥାଏ । ପରମାତ୍ମା ସ୍ୱରୂପ ଜ୍ଞାନ ହିଁ ମାନବଜୀବନର ଉଦ୍ଦେଶ୍ୟ । ସଦ୍‌ଗୁରୁଙ୍କ ଶରଣ ଗ୍ରହଣ ଫଳରେ ଏହି ଆତ୍ମଜ୍ଞାନ ଲାଭ ହୋଇଥାଏ । ଗୀତାରେ ଅର୍ଜୁନ ନିଜକୁ ପ୍ରପନ୍ନ ଶିଷ୍ୟ ଭାବରେ ସମର୍ପଣ କରିବା ପରେ ଭଗବାନ ଗୁରୁଭାବରେ ଅଧିଷ୍ଠିତ ହୋଇ ଅର୍ଜୁନଙ୍କୁ ଉପଦେଶ ପ୍ରଦାନ କରିଥିଲେ । ସେହି ଉପଦେଶର ସାରମର୍ମ ହେଉଛି **'ଶରଣାଗତି'** । ଶ୍ରୀଗୁରୁ-ଭଗବାନଙ୍କ ଶରଣାଗତ ଭକ୍ତମାନଙ୍କୁ ଅନୁସରଣ କରି ଜଗଦ୍‌ବାସୀ ପବିତ୍ର ହୁଅନ୍ତି ।

ଶ୍ରୀଗୁରୁଦେବଙ୍କ ସେବା-ମାହାତ୍ମ୍ୟ ସଂପର୍କରେ ବଶିଷ୍ଠଦେବ ପୁଣି କହୁଛନ୍ତି-

ଏ ସଂସାରେ ଆନ ପୂଜା କରୁଥାନ୍ତି ଲୋକେ । ସେଥିପାଇଁ ପଡ଼ିଥାନ୍ତି ସଦା ଭବକୂପେ ॥
ପ୍ରାଣର ପ୍ରତିଷ୍ଠା ଲୋଡ଼ା ଅପର ମୂର୍ତ୍ତିରେ । **ଗୁରୁମୂର୍ତ୍ତି ପ୍ରାଣବନ୍ତ** ଜାଣ ନିରନ୍ତରେ ॥
ପ୍ରକୃତ ମୁକତି ଯଦି କାମ୍ୟ ହୁଏ ତବ । ଗୁରୁଙ୍କ ଆଶ୍ରୟେ ତାହା ହୋଇବ ସମ୍ଭବ ॥
ଗୁରୁଧ୍ୟାନ, ଗୁରୁଜ୍ଞାନ, ଗୁରୁଚିନ୍ତା ସାର । ଅନାୟାସେ ଲଙ୍ଘେ ଜୀବ ଭବପାରାବାର ॥
ବହୁ ଉପଦେଶ ରାମ କରିଛି ପ୍ରଦାନ । ସାଧନ ଉପାୟ ବହୁ କରିଛି ବ୍ୟାଖ୍ୟାନ ॥
ଅବଶେଷେ ଗୁରୁତତ୍ତ୍ୱ କରିବି ବର୍ଣ୍ଣନା । ଅପୂର୍ଣ୍ଣ ସାଧନ ତତ୍ତ୍ୱ ଗୁରୁତତ୍ତ୍ୱ ବିନା ॥
ନିର୍ବିଚାରେ ଗୁରୁ ଆଜ୍ଞା ପାଳ ଅବିରତେ । ଗୁରୁବାକ୍ୟେ ସତ୍ୟବୋଧ ହେବ ବିଧିମତେ ॥
ଆସକ୍ତି ଅବା ବିରକ୍ତି ନ ରଖିଣ ମନେ । ସେବା କରିଯିବ ସଦା ଆନନ୍ଦେ ଯତନେ ॥
ଏହାଟି ନିଷ୍କାମ କର୍ମ ଜାଣ ରଘୁପତି । ଏଥିରେ ବନ୍ଧନ ନାହିଁ, ଘଟେ ମୋକ୍ଷଗତି ॥
ଗୁରୁଧ୍ୟାନ ଏକମନେ କର ନିରନ୍ତର । ଧ୍ୟାନବଳେ ତାଙ୍କ ଜ୍ଞାନ ହୋଇବ ସଞ୍ଚାର ॥

ପାଠକମାନେ ସ୍ମରଣ ରଖିବେ ଯେ **ଭଗବାନଙ୍କ ପ୍ରତି ପ୍ରଗାଢ଼ ଅନୁରାଗ ହିଁ ଭକ୍ତି** । ଭକ୍ତି ଅନ୍ତରର ବସ୍ତୁ । ସ୍ୱାର୍ଥଗନ୍ଧ-ଶୂନ୍ୟ ଅନୁରକ୍ତିକୁ **ଭକ୍ତି** କୁହାଯାଏ । ଭକ୍ତି ସବୁ ଧର୍ମର ମୂଳ । ଭକ୍ତି ଦ୍ୱାରା ଅହଙ୍କାର ନଷ୍ଟ ହୁଏ । ଭକ୍ତିପଥରେ ଚାଲିଲେ ଶେଷରେ ଜ୍ଞାନଲାଭ ହୋଇଥାଏ । ଶ୍ରୀଭଗବାନ ପ୍ରେମସ୍ୱରୂପ । ଯାହାଙ୍କ ଅନ୍ତର ଭକ୍ତିରସରେ ପୂର୍ଣ୍ଣ ନୁହେଁ, ତାଙ୍କ ଜୀବନ ଅଶାନ୍ତିମୟ ହୋଇଥାଏ ।

ପ୍ରେମଭକ୍ତି ହିଁ ପୃଥିବୀର ଶ୍ରେଷ୍ଠଶକ୍ତି । ତେଣୁ ଶ୍ରୀଗୁରୁଦେବଙ୍କ ଚରଣ ଆଶ୍ରୟ କରି ଭଗବତ୍ ପ୍ରେମର ଆଲୋଚନା କରିବା ନିମିତ୍ତ ଶାସ୍ତ୍ର ନିର୍ଦ୍ଦେଶ ପ୍ରଦାନ କରୁଛନ୍ତି । ଶ୍ରୀଗୁରୁଦେବଙ୍କ ମୁଖରୁ ଭଗବତ୍ ଗୁଣମାନ ଶ୍ରବଣ କରି ନିଜେ ତାହା ଅଭ୍ୟାସ କରିବାକୁ **ଶ୍ରବଣ କୀର୍ତ୍ତନ** କୁହାଯାଏ । ଶ୍ରୀଗୁରୁଦେବଙ୍କ ଚରଣ ସେବା ହିଁ **ଭଗବତ୍ ପଦସେବନ** । ତାଙ୍କୁ ପୁଷ୍ପାଞ୍ଜଳି ପ୍ରଦାନ କରିବା ହିଁ ଭଗବତ୍ ଅର୍ଚ୍ଚନା, ଶ୍ରୀଗୁରୁଦେବଙ୍କୁ ପ୍ରଣିପାତ କରିବା ହିଁ ଭଗବତ୍‌ବନ୍ଦନ । ତାଙ୍କ ସେବାକୁ **ଦାସ୍ୟଭାବ** କୁହାଯାଏ । ତାଙ୍କ ଶ୍ରୀଚରଣରେ ନିଜକୁ ନିବେଦନ କରିବା ହିଁ **ଆତ୍ମନିବେଦନ** । ଏହି ଭାବରେ ଭକ୍ତିର ଅନୁଶୀଳନ ଫଳରେ ଅନ୍ତରରେ ପ୍ରେମଭକ୍ତି ଲାଭ ହୋଇଥାଏ ।

ଅଧିକାଂଶ ଭକ୍ତ ଗୁରୁନାମ ଜପ କରିଥାନ୍ତି । ଭଗବାନଙ୍କ ନାମରେ ଅନିର୍ବଚନୀୟ ଶକ୍ତି ନିହିତ ଅଛି । ନାମ ଜପ ଫଳରେ କ୍ରମେ ଭକ୍ତି ଲାଭ ହୋଇଥାଏ । ଶ୍ରଦ୍ଧା ଓ ଭକ୍ତି ସହିତ ଅଭ୍ୟାସ କଲେ ନାମରେ ଶକ୍ତି ସଞ୍ଚାର ହୋଇଥାଏ । ନାମ-ନାମୀ ଅଭିନ୍ନ । କଳିଯୁଗରେ ଏହି ନାମ ଜପ ହିଁ ଶ୍ରେଷ୍ଠ ପନ୍ଥା । ନାମ କୀର୍ତ୍ତନ ମଧ୍ୟ କଳିଯୁଗରେ ଶ୍ରେଷ୍ଠ ଧର୍ମସାଧନ ମଧ୍ୟରେ ଗଣ୍ୟ । ନାମ କୀର୍ତ୍ତନ ଫଳରେ ସମସ୍ତଙ୍କ ଅନ୍ତରରେ ଶାନ୍ତି ଓ ଆନନ୍ଦ ଲାଭ ହୋଇଥାଏ ।

ଉପନିଷଦ ପାଠରୁ ଜଣାଯାଏ ଯେ, ଯେ ଉପଦେଶ ପ୍ରଦାନ କରନ୍ତି **ସେ ଗୁରୁ ଏବଂ ଶ୍ରୋତାମାନେ ହିଁ ଶିଷ୍ୟ** । ବ୍ରହ୍ମବିଦ୍ ଗୁରୁଦେବଙ୍କ ବାକ୍ୟ ଶ୍ରବଣ ଓ ସେହି ବାକ୍ୟର ମନନ ଏବଂ ତଦନୁଯାୟୀ ଅଭ୍ୟାସ ଗଠନ କରିବାକୁ ହୁଏ । କଠୋପନିଷଦରେ ଯମ ଗୁରୁ ଏବଂ ନଚିକେତା ଶିଷ୍ୟ । ସଦ୍‌ଗୁରୁଙ୍କୁ ନରରୂପଧାରୀ ପରଂବ୍ରହ୍ମ କୁହାଯାଏ । **ଯେଉଁ ଦେହରେ ଜଗଦ୍‌ଗୁରୁଙ୍କ ଇଚ୍ଛା ପ୍ରକାଶିତ ହୁଏ, ସେହି ଦେହୀଙ୍କୁ ସଦ୍‌ଗୁରୁ କୁହାଯାଏ** । ସଦ୍‌ଗୁରୁ ଏକାନ୍ତ ଦୁର୍ଲ୍ଲଭ, ତାଙ୍କର ଅପାର ମହିମା ସାଧାରଣ ବୁଦ୍ଧିର ଅଗମ୍ୟ । ଶ୍ରୀଗୁରୁଦେବ ହିଁ ମୁକ୍ତିଦାତା ଏବଂ ଗୁରୁସେବା ହିଁ ଶିଷ୍ୟମାନଙ୍କର ଏକମାତ୍ର ପରମଧର୍ମ । ଗୁରୁତତ୍ତ୍ୱ ସବୁ ତତ୍ତ୍ୱର ସାର । ସନାତନ ଧର୍ମରେ ସଦ୍‌ଗୁରୁ ଓ ଇଷ୍ଟଦେବତା ଅଭିନ୍ନ । ଗୁଣାତୀତ ପରଂବ୍ରହ୍ମ ନରଦେହରେ ଶିଷ୍ୟମାନଙ୍କ ଉଦ୍ଧାର ନିମିତ୍ତ ଗୁରୁରୂପରେ ଆବିର୍ଭୂତ ହୋଇ ଶିଷ୍ୟମାନଙ୍କୁ ସତ୍ୟପଥରେ ଚାଳିତ କରନ୍ତି । ସଦ୍‌ଗୁରୁ ଅବତାର ନୁହଁନ୍ତି । ସେ ଯୁଗଧର୍ମ ପ୍ରବର୍ତ୍ତକ ଅବତାରମାନଙ୍କ ମତ ପଥରେ ଶିଷ୍ୟମାନଙ୍କୁ ପରିଚାଳିତ କରନ୍ତି । ଅବତାରଙ୍କ କାର୍ଯ୍ୟ ସମଷ୍ଟିଗତ । ଏଥିପାଇଁ **ଅବତାରମାନେ ବିଭିନ୍ନ ମତବାଦ ଖଣ୍ଡନ କରି ସମଷ୍ଟି ମଧ୍ୟରେ ନିଜ ମତ ପ୍ରତିଷ୍ଠା କରନ୍ତି । କିନ୍ତୁ ସଦ୍‌ଗୁରୁ ସେହି ମତବାଦକୁ ବ୍ୟଷ୍ଟିଜୀବନରେ କାର୍ଯ୍ୟକାରୀ କରିଥାନ୍ତି** । ଶ୍ରୀଗୁରୁଦେବଙ୍କ ସାକ୍ଷାତ୍ ସେବା ନ କରି ମଧ୍ୟ ତାଙ୍କ ମୂର୍ତ୍ତିସେବା ଓ ଧ୍ୟାନଦ୍ୱାରା କିଭଳି ବିଦ୍ୟାଲାଭ ହୁଏ, ମହାଭାରତ ବର୍ଣ୍ଣିତ ଏକଲବ୍ୟଙ୍କର ଗୁରୁଭକ୍ତି ହିଁ ତାହାର ପ୍ରକୃଷ୍ଟ ଉଦାହରଣ ।

ଭଗବାନ ଓ ଶ୍ରୀଗୁରୁଦେବଙ୍କଠାରେ ଯାହାଙ୍କର ଭକ୍ତି ଥାଏ ତାଙ୍କରି ନିକଟରେ ଗୁରୁ ବିଦ୍ୟା ଦାନ କରିଥାନ୍ତି । ଶ୍ରଦ୍ଧା-ଭକ୍ତିହୀନ ଶିଷ୍ୟଙ୍କ ନିକଟରେ ଗୁରୁଦେବ କେବେହେଲେ ବିଦ୍ୟା ପ୍ରକାଶ କରନ୍ତି ନାହିଁ । ଚିତ୍ତ ସହିତ ବିଦ୍ୟାର ଘନିଷ୍ଠ ସଂପର୍କ ବିଦ୍ୟମାନ । ଚିତ୍ତ ଶୁଦ୍ଧ ନ ଥିଲେ ଗୁରୁଦତ୍ତ ବିଦ୍ୟା ବିଶ୍ୱାସ ଜାତ

ଅନ୍ତରରେ କ୍ରିୟାଶୀଳ ହୁଏ ନାହିଁ । ସୁତରାଂ ଶିଷ୍ୟମାନେ ସେବା କରିବା ସମୟରେ ତପସ୍ୟା-ନିରତ ହୋଇ ଯମ ନିୟମର ଅଭ୍ୟାସ କରି ଚିତ୍ତକୁ ଶୁଦ୍ଧ କରିବା ଆବଶ୍ୟକ । ଶିଷ୍ୟଭକ୍ତମାନେ ଗୁରୁସେବା ଦ୍ୱାରା ଚିତ୍ତଶୁଦ୍ଧିମୂଳକ ସାଧନ ପଥରେ ଅଗ୍ରସର ହେବା ବିଧେୟ ।

ଜ୍ଞାନଲାଭ ନିମିତ୍ତ ଶ୍ରୀଗୁରୁଦେବଙ୍କ ପ୍ରୟୋଜନୀୟତା ଅପରିହାର୍ଯ୍ୟ । ଜ୍ଞାନଲାଭେଚ୍ଛୁ ସାଧକମାନେ ଗୁରୁଦେବଙ୍କ ଇଚ୍ଛା ନିକଟରେ ସେମାନଙ୍କର ବ୍ୟକ୍ତିଗତ ଇଚ୍ଛାକୁ ବଳି ଦେବାକୁ ହେବ ଏବଂ ତାଙ୍କ ଆଦେଶରେ ଶିଷ୍ୟମାନଙ୍କୁ ପରିଚାଳିତ ହେବାକୁ ପଡିବ । ଯେଉଁମାନେ ଶିଷ୍ୟତ୍ୱର କର୍ତ୍ତବ୍ୟ ସମ୍ପାଦନ ନ କରି କେବଳ ଗୁରୁ ସବୁ କରିଦେବେ ବୋଲି ବିଶ୍ୱାସ ରଖି ଚଳନ୍ତି, ସେମାନେ କେବେହେଲେ ଶିଷ୍ୟ ପଦବାଚ୍ୟ ନୁହନ୍ତି । ଗୁରୁବାକ୍ୟ ପ୍ରତି ଅବହେଳା ପ୍ରଦର୍ଶନ କଲେ, କେବେହେଲେ ଗୁରୁଶକ୍ତି ଶିଷ୍ୟମାନଙ୍କଠାରେ ସଞ୍ଚାରିତ ହୁଏ ନାହିଁ । ଶ୍ରୀଗୁରୁଦେବଙ୍କ ଆଦେଶ ପ୍ରତିପାଳନ ଓ ତାଙ୍କ ଇଚ୍ଛା ସହିତ ଶିଷ୍ୟମାନଙ୍କ ଇଚ୍ଛାର ସମ୍ମିଶ୍ରଣ ହିଁ **ଯଥାର୍ଥ ଆତ୍ମସମର୍ପଣ** । ଶ୍ରୀଗୁରୁଦେବଙ୍କ ଇଚ୍ଛା ଅନୁଯାୟୀ ନିଜକୁ ଗଠନ କରି ପାରିଲେ ଯଥାର୍ଥ ସମର୍ପଣର ସାଧନା ହୋଇଥାଏ । ସୁତରାଂ ଗୁରୁସେବାର ଉପଯୁକ୍ତ ହେବା ନିମିତ୍ତ ଶିଷ୍ୟତ୍ୱର ସାଧନା ନିତାନ୍ତ ଆବଶ୍ୟକ । ଶିଷ୍ୟମାନଙ୍କର କର୍ତ୍ତବ୍ୟ ସମାପ୍ତ ହେଲେ ଗୁରୁଙ୍କର କର୍ତ୍ତବ୍ୟ ଆରମ୍ଭ ହୁଏ । ଏବଂବିଧ ଶରଣାଗତ ଶିଷ୍ୟମାନଙ୍କର ସମସ୍ତ ଦାୟିତ୍ୱ ଶ୍ରୀଗୁରୁଦେବ ବହନ କରିଥାନ୍ତି ।

ଶିଷ୍ୟତ୍ୱର ଅଧିକାର ଅର୍ଜନ ନିମିତ୍ତ ଯେଉଁସବୁ ଗୁଣର ଅନୁଶୀଳନ ଆବଶ୍ୟକ ଶ୍ରୀଶ୍ରୀଗୁରୁଗୀତାରେ ତାହାର ଉଲ୍ଲେଖ ଅଛି । ଗୁରୁଗୀତାରେ ବର୍ଣ୍ଣିତ ହୋଇଅଛି ଯେ ଯେଉଁବ୍ୟକ୍ତି ସତ୍‌କୁଳଜାତ, ଶ୍ରୀମାନ୍, ବିନୟୀ, ସତ୍ୟବାଦୀ, ପୁଣ୍ୟଚରିତ୍ର, ନିଷ୍କାମ, କ୍ରୋଧଶୂନ୍ୟ, ଗୁରୁଭକ୍ତ, ଶ୍ରଦ୍ଧାବାନ, ଦେବଦ୍ୱିଜ-ଭକ୍ତି ପରାୟଣ, ପିତୃଦେବାଦିଙ୍କ ଅର୍ଚ୍ଚନାରତ ସେହି ବ୍ୟକ୍ତି ଶିଷ୍ୟତ୍ୱର ଅଧିକାରୀ । ଅତଏବ ସେବାଧିକାର ଅର୍ଜନ ନିମିତ୍ତ ଉପରୋକ୍ତ ଗୁଣାବଳୀର ଅନୁଶୀଳନ ଏକାନ୍ତ ଆବଶ୍ୟକ ।

ବର୍ତ୍ତମାନ ଯୁଗରେ ଗୁରୁକୃପାର କରୁଣାପ୍ରବାହ ଭାରତରେ ପ୍ରବାହିତ ହେଉଅଛି । ଭିନ୍ନ ଭିନ୍ନ ଅଧିକାରୀଙ୍କ ନିମିତ୍ତ ଭିନ୍ନ ଭିନ୍ନ ଦେହରେ ଗୁରୁଶକ୍ତିଙ୍କ ଆବିର୍ଭାବ ଘଟୁଛି । ବର୍ତ୍ତମାନ ଜଡତ୍ୱ-ଅନ୍ଧକାର ଯୁଗରେ ଗୁରୁଶକ୍ତି ସ୍ୱତଃ ଅବତରଣ ପୂର୍ବକ ଭାରତବାସୀଙ୍କ ମୁକ୍ତି ନିମିତ୍ତ ସର୍ବଦା ଆଶ୍ୱାସବାଣୀ ଶୁଣାଉଛନ୍ତି । ଏହି ଯୁଗରେ ଭଗବାନ ଅବତୀର୍ଣ୍ଣ ହୋଇ ଅଯାଚିତ ଭାବରେ ନାମ-ପ୍ରେମ ବିତରଣ କରିଯାଇଛନ୍ତି । ବର୍ତ୍ତମାନ ଶ୍ରୀଗୁରୁଦେବଙ୍କ ଆଦେଶ ପ୍ରତିପାଳନ କରିବା ନିମିତ୍ତ ଯଥାଯୋଗ୍ୟ ଶିଷ୍ୟଙ୍କର ଅଭାବ । ବର୍ତ୍ତମାନ ଯୁଗରେ ଆସୁରିକ ଭାବାପନ୍ନ ବ୍ୟକ୍ତିମାନଙ୍କ ସଂଖ୍ୟା ଅଧିକ ହୋଇଯାଇଛି । ଏହି କାରଣରୁ ସଦ୍‌ଗୁରୁଙ୍କ ଆଶ୍ରୟ ଗ୍ରହଣ ପୂର୍ବରୁ ସେହି ସବୁ ଆସୁରୀ ପ୍ରବୃତ୍ତିକୁ ଜୟ କରି ଦେବଭାବାପନ୍ନ ହୋଇ ଶିଷ୍ୟତ୍ୱର ସାଧନାରେ ବ୍ରତୀ ହେବାକୁ ପଡିବ । ଶିଷ୍ୟମାନେ ଶ୍ରୀଗୁରୁଦେବଙ୍କୁ ଗୃହର କର୍ତ୍ତା ମନେ କରି ତାଙ୍କର ପ୍ରତିନିଧି ଭାବରେ ସଂସାର-ଯାତ୍ରା ନିର୍ବାହ କରିବା ଆବଶ୍ୟକ । ସଂସାରରେ ଥାଇ ବିଶ୍ୱହିତ ନିମିତ୍ତ ଯତ୍ନବାନ୍ ହେବା ବିଧେୟ । ଗୁରୁକୃପା ଲାଭ ନିମିତ୍ତ ଶିଷ୍ୟମାନେ ଅନ୍ତରରେ ବ୍ୟାକୁଳତା ପୋଷଣ କରି

ସର୍ବଦା ଗୁରୁଦେବଙ୍କ ନିକଟରେ ଶିଷ୍ୟତ୍ୱର ଯୋଗ୍ୟତା ଲାଭ ଉଦ୍ଦେଶ୍ୟରେ ପ୍ରାର୍ଥନା ନିରତ ହେବା କର୍ତ୍ତବ୍ୟ । ଏହା ହେଲେ ଯାଇ ସାଧକମାନଙ୍କ ଅନ୍ତରରେ ପ୍ରକୃତ ଶିଷ୍ୟତ୍ୱର ଅଧିକାର ଲାଭ ହୋଇପାରିବ ।

ସ୍ମରଣ ରଖିବେ ଯେ ଚିତ୍ତ ସଂଯତ ବା ଶାନ୍ତ ହେଲେ ଯାଇ ଭଗବତ୍ ଦର୍ଶନ ସହଜସାଧ୍ୟ ହୋଇଥାଏ । ଶ୍ରୀଗୁରୁଭଗବାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କୁ ହିଁ ସଚ୍ଚିଦାନନ୍ଦସ୍ୱରୂପ ମନେ କରି ସାଧନ-ପଥରେ ଅଗ୍ରସର ହେବାକୁ ପଡେ । ଭଗବତ୍ ଦର୍ଶନ ବିଷୟକ ଆଲୋଚନା ଫଳରେ ବୃତ୍ତିଗୁଡିକ ସଂଯତ ହୋଇ ଊର୍ଦ୍ଧ୍ୱମୁଖୀ ହୁଅନ୍ତି । ଇନ୍ଦ୍ରିୟମାନଙ୍କୁ କର୍ମନିରତ ରଖି ଅନ୍ତରରେ ଭଗବତ୍ ସ୍ମରଣ ମନନ ବା ଧ୍ୟାନ-ଧାରଣା କରିବା କର୍ତ୍ତବ୍ୟ । ଏହି ଉପାୟରେ ମନ ବଶୀଭୂତ ଓ ଏକାଗ୍ର ହୋଇ ପରିଣାମରେ ନିରୁଦ୍ଧ ହୋଇଯାଏ ।

ଯେଉଁ ଗୁରୁମହାପୁରୁଷ ତ୍ରିଗୁଣମୟୀ ମାୟାକୁ ଅତିକ୍ରମ କରି ଆତ୍ମସ୍ୱରୂପରେ ପ୍ରତିଷ୍ଠିତ ଥାଇ ଜୀବଉଦ୍ଧାର କରନ୍ତି, ସେ ହିଁ **ସଦ୍‌ଗୁରୁ** । ସଦ୍‌ଗୁରୁ ନିତ୍ୟ ବର୍ତ୍ତମାନ ରହି ଶିଷ୍ୟଭକ୍ତମାନଙ୍କୁ ଉଦ୍ଧାର କରୁଛନ୍ତି । କିନ୍ତୁ ଉପଯୁକ୍ତ ଶିଷ୍ୟଭକ୍ତଙ୍କ ସଂଖ୍ୟା ଅତି ବିରଳ ।

କର୍ମ, ଜ୍ଞାନ ଓ ଭକ୍ତି ସାଧନାରେ ସିଦ୍ଧ ହେଲେ, ସାଧକମାନେ ଶିଷ୍ୟ ହେବାର ଉପଯୁକ୍ତ ହୁଅନ୍ତି । ଏଭଳି ଶିଷ୍ୟଙ୍କ ନିକଟରେ ଶ୍ରୀଗୁରୁଦେବ ସ୍ୱୟଂ ପ୍ରକାଶିତ ହୋଇଥାନ୍ତି । ଶିଷ୍ୟମାନେ ଉପଯୁକ୍ତ ନ ହେବା ପର୍ଯ୍ୟନ୍ତ ଗୁରୁଦେବ ଶିଷ୍ୟମାନଙ୍କ ଅଗୋଚରରେ ଥାଇ ସେମାନଙ୍କୁ ନାନା ଭାବରେ ଉଦ୍‌ବୁଦ୍ଧ କରିଥାନ୍ତି । ଶିଷ୍ୟମାନେ ସଦ୍‌ଗୁରୁଙ୍କ ଦର୍ଶନର ଯୋଗ୍ୟତା ଲାଭ କଲେ ସେ ଦର୍ଶନ ଦାନ କରନ୍ତି । କିଭଳି ସାଧନ-ଭଜନ ଦ୍ୱାରା ଶିଷ୍ୟତ୍ୱ ଲାଭ ହେବ 'ଶ୍ରୀଶ୍ରୀଗୁରୁଗୀତା'ରେ ତାହାର ବିବିଧ ସଙ୍କେତ ପ୍ରଦତ୍ତ ହୋଇଅଛି ।

ପ୍ରତ୍ୟେକଙ୍କର ଗୁରୁ ନିର୍ଦ୍ଦିଷ୍ଟ ଅଛନ୍ତି । କିନ୍ତୁ ସେହି ଗୁରୁ ସର୍ବଦା ପ୍ରଚ୍ଛନ୍ନଭାବରେ ଶିଷ୍ୟମାନଙ୍କ ଅନ୍ତରରେ ଅବସ୍ଥାନ କରୁଛନ୍ତି । ସାଧକମାନେ ପ୍ରଥମେ ଶିଷ୍ୟଭାବରେ ଉପଯୁକ୍ତ ହେଲାମାତ୍ରେ ସଦ୍‌ଗୁରୁ ସେମାନଙ୍କ ନିକଟରେ ଆତ୍ମପ୍ରକାଶ କରନ୍ତି । ଗୁରୁଲାଭ ନିମିତ୍ତ ଅନ୍ତର ବ୍ୟାକୁଳ ହେଲେ ଗୁରୁଦେବ ଦର୍ଶନ ଦାନ କରିଥାନ୍ତି । ଏହି ସଦ୍‌ଗୁରୁ-ଦର୍ଶନ ଶିଷ୍ୟମାନଙ୍କର ଅନ୍ତର ମନ୍ଦିରରେ ହିଁ ସଂଘଟିତ ହୋଇଥାଏ ।

ଶୁଦ୍ଧ ଅନ୍ତରରେ ହିଁ ସଦଗୁରୁଙ୍କ ଆବିର୍ଭାବ ଘଟିଥାଏ । ସୁତରାଂ ପ୍ରଥମେ ଅନ୍ତରଶୁଦ୍ଧି ଆବଶ୍ୟକ । ହୃଦୟରେ ଅହଂକାର, ଅଭିମାନ, ସ୍ୱାର୍ଥପରତା, ଆଳସ୍ୟ, ଜଡ଼ତା, କପଟତା, ହିଂସା, ନିଷ୍ଠୁରତା, ବିଷୟବାସନା ପ୍ରଭୃତି ମଳିନତା ପୂର୍ଣ୍ଣ ଥିଲେ, ସେହି ଆବିଳ ଅନ୍ତରରେ ଶ୍ରୀଗୁରୁଭଗବାନଙ୍କର ସ୍ଥାନ ରହିବ ବା କେଉଁଠି ? ତେଣୁ ଯେତେଦିନ ଯାଏ ପ୍ରକୃତ ସଦ୍‌ଗୁରୁଙ୍କ ଦର୍ଶନ ଲାଭ ନ ଘଟିଛି, ସେତେଦିନ ପର୍ଯ୍ୟନ୍ତ ଚିତ୍ତଶୁଦ୍ଧ ହୋଇ ନାହିଁ ବୋଲି ଜାଣି ସାଧକମାନେ ଶିଷ୍ୟତ୍ୱ ସାଧନାରେ ବ୍ରତୀ ହୋଇ ଭଗବାନଙ୍କ ନିକଟରେ ସଦ୍‌ଗୁରୁଙ୍କ ଦର୍ଶନ ନିମିତ୍ତ ବ୍ୟାକୁଳ ଚିତ୍ତରେ ପ୍ରାର୍ଥନା କରିବା ବିଧେୟ । ପ୍ରକୃତ ଶିଷ୍ୟମାନେ ସଦ୍‌ଗୁରୁ ଦର୍ଶନ ମାତ୍ରକେ ତାଙ୍କୁ ଚିହ୍ନି ପାରନ୍ତି । ସଦ୍‌ଗୁରୁଙ୍କ ଧ୍ୟାନରେ ଅନ୍ତରର ସୁପ୍ତଶକ୍ତି ଜାଗ୍ରତ ହୁଏ । ସଦ୍‌ଗୁରୁଙ୍କ ଶରଣଗ୍ରହଣ ହିଁ ଯଥାର୍ଥ ସ୍ୱାଧୀନତା । ଆମମାନଙ୍କ ଗୁରୁଦେବ ପରମହଂସ **ଶ୍ରୀମଦ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବ** କିଭଳି ଗୁରୁଶକ୍ତିର ପୂର୍ଣ୍ଣ ଅଧିକାରୀ ରହି ବର୍ତ୍ତମାନ ସୁଦ୍ଧା ଶିଷ୍ୟଭକ୍ତମାନଙ୍କୁ ଉଦ୍ଧାର କରୁଛନ୍ତି ସେ ସମ୍ବନ୍ଧରେ ସାମାନ୍ୟ ସୂଚନା ନିମ୍ନରେ ପ୍ରଦତ୍ତ ହେଲା ।

## ସଂକ୍ଷିପ୍ତ ପରିଚୟ

ଏହି ପବିତ୍ର ଭାରତ ଭୂମିରେ ନବଦ୍ୱୀପଧାମ ଶ୍ରୀଗୌରାଙ୍ଗଦେବଙ୍କ ପଦସ୍ପର୍ଶରେ ବର୍ତ୍ତମାନ ସୁଦ୍ଧା ପୁଣ୍ୟଭୂମି ଭାବରେ ଖ୍ୟାତି ଲାଭ କରିଛି । ଶ୍ରୀଶ୍ରୀଠାକୁର ନିଗମାନନ୍ଦ ସରସ୍ୱତୀ ଦେବ ସେହି ପୁଣ୍ୟଭୂମି ନଦୀୟାଜିଲ୍ଲାର **କୁତବପୁର** ଗ୍ରାମରେ **୧୨୮୭ ସାଲ ଝୁଲଣ ପୂର୍ଣ୍ଣିମା ତିଥିରେ ମାତା ମାଣିକସୁନ୍ଦରୀଙ୍କ** କୋଳମଣ୍ଡନ କରି ଆବିର୍ଭୂତ ହୋଇଥିଲେ । ତାଙ୍କ ପିତାଙ୍କ ନାମ **ଭୁବନମୋହନ** । ପିତାମାତା କୋଷ୍ଠୀ ବିଚାର କରାଇ ପୁତ୍ରଙ୍କ ନାମ ରଖିଥିଲେ **ନଳିନୀକାନ୍ତ** ।

ଏକାଦଶ ବର୍ଷ ବୟସରେ ନଳିନୀକାନ୍ତଙ୍କର ଉପନୟନ ହେଲା । ସେ ଏକାନ୍ତ ମାତୃଭକ୍ତ ସନ୍ତାନ ଥିଲେ । ବାଲ୍ୟାବସ୍ଥାରେ ଏକଦା ଦେବୀ ମନ୍ଦିରରେ ସନ୍ଧ୍ୟାଦୀପ ଦେବାକୁ ଯାଇ ସେ ମା' ଭଗବତୀଙ୍କ ଦର୍ଶନ ଲାଭ କରିଥିଲେ । ହଠାତ୍ ମାତୃଦେବୀ ମାଣିକସୁନ୍ଦରୀଙ୍କ ଦେହାବସାନ ହେବାରୁ ଅନ୍ତିମ ସମୟରେ ନଳିନୀକାନ୍ତ ତାଙ୍କୁ ଦର୍ଶନ କରିପାରିଲେ ନାହିଁ । କାରଣ ସେତେବେଳେ ନଳିନୀକାନ୍ତ ମାତୁଳାଳୟ ରାଧାକାନ୍ତପୁରରେ ମାଉସୀମାନଙ୍କ ତତ୍ତ୍ୱାବଧାନରେ ରହି ବିଦ୍ୟାଶିକ୍ଷା କରୁଥିଲେ । ଅନ୍ତିମ ଯାତ୍ରାକାଳରେ ମା' କହିଗଲେ, 'ନଳିନୀକୁ ମୁଁ ଜଗନ୍ମାତାଙ୍କ କୋଳରେ ସମର୍ପଣ କରିଦେଇ ଗଲି ।' ନଳିନୀକାନ୍ତ ମା'ଙ୍କ କଥାରେ ବିଶ୍ୱାସ ସ୍ଥାପନ କରି ଯେତେ ବ୍ୟାକୁଳ ହୋଇ ପ୍ରାର୍ଥନା କଲେ ମଧ୍ୟ ଦିନେ ହେଲେ ମା'ଙ୍କର ଦର୍ଶନ ପାଇଲେ ନାହିଁ । ସେ ଜଗନ୍ମାତାଙ୍କ ଅନୁଭୂତି ନ ପାଇବାରୁ କ୍ରମଶଃ ତାଙ୍କ ଭିତରେ ନାସ୍ତିକ ଭାବର ଉଦୟ ହେଲା । ସେ ଭାବିଲେ ପରକାଳ ନାହିଁ କିମ୍ବା ଭଗବାନଙ୍କ ସହିତ ମାନବର ଘନିଷ୍ଠ ସମ୍ପର୍କ ମଧ୍ୟ ନାହିଁ । ସତ୍‌ଭାବରେ ଜୀବନ ଯାପନ ଓ ସତ୍ୟପାଳନ ହିଁ ମାନବ ଜୀବନର କର୍ତ୍ତବ୍ୟ । ସେ ମନେ କଲେ, ଧର୍ମର ଅର୍ଥ ପରୋପକାର ଓ ଚରିତ୍ର ଗଠନ । ତେଣୁ ସେ ସତ୍‌ଭାବରେ ଜୀବନ ଯାପନ କରିବା ପାଇଁ ସ୍ଥିର କଲେ । କିନ୍ତୁ ଏହା ସତ୍ତ୍ୱେ ସେ ସାଧୁ-ସନ୍ନ୍ୟାସୀଙ୍କୁ ଆଦୌ ସୁଦୃଷ୍ଟିରେ ଦେଖୁନଥିଲେ । ନିଜ ଚରିତ୍ର ଓ ବ୍ୟବହାର ବଳରେ ସେ ଜଣେ ଚରିତ୍ରହୀନା ବିଧବା ବ୍ରାହ୍ମଣୀ ଯୁବତୀଙ୍କୁ ସତ୍‌ପଥକୁ ଫେରାଇ ଆଣିଥିଲେ । ଗ୍ରାମମଙ୍ଗଳ କାର୍ଯ୍ୟରେ ସେ ଆବାଲ୍ୟରୁ ଥିଲେ ଅଗ୍ରଣୀ ।

ସପ୍ତଦର୍ଶ ବର୍ଷ ବୟସରେ ହାଲିସହର ନିବାସୀ ସ୍ୱର୍ଗତ ବୈଦ୍ୟନାଥ ମୁଖୋପାଧ୍ୟାୟଙ୍କ ଜ୍ୟୋଷ୍ଠା କନ୍ୟା ଅପୂର୍ବ ଲାବଣ୍ୟମୟୀ ଦେବୀପ୍ରତିମା ଏକାଦଶ ବର୍ଷୀୟା **ସୁଧାଂଶୁବାଳାଙ୍କ** ସହିତ ନଳିନୀକାନ୍ତଙ୍କର ବିବାହ ସମ୍ପନ୍ନ ହେଲା । ଇତିମଧ୍ୟରେ ନଳିନୀକାନ୍ତ ସର୍ଭେ ପାଶ୍ କରି ଓଭରସିଅର୍ ଚାକିରୀ କଲେ । କିନ୍ତୁ ସେଥିରେ ଅସନ୍ତୁଷ୍ଟ ହୋଇ ଉକ୍ତ ଚାକିରୀ ତ୍ୟାଗ କଲେ । ତତ୍‌ପରେ ସେ ଦୀନାଜପୁର ଜମିଦାରୀରେ ଚାକିରୀ କରୁଥିବା ବେଳେ ନାରାୟଣପୁର କଚେରୀରେ ଦିନେ ସନ୍ଧ୍ୟାରେ କର୍ମରତ ଅବସ୍ଥାରେ ସୁଧାଦେବୀଙ୍କ ଛାୟାମୂର୍ତ୍ତି ଦର୍ଶନ କରି ଚମତ୍କୃତ ହେଲେ । କିଛିକ୍ଷଣ ପରେ ସେହି ମୂର୍ତ୍ତି ଅନ୍ତର୍ହିତା ହୋଇଗଲା । ପରେ ସେ ଗ୍ରାମକୁ ଯାଇ ଜାଣିଲେ ଯେ ସୁଧାଦେବୀ ଆଉ ଇହଜଗତରେ ନାହାନ୍ତି । ଏହି ଘଟଣାରେ ତାଙ୍କର ପରକାଳ ପ୍ରତି

ହେଲା । ମୃତ୍ୟୁ ସହିତ ପରଲୋକର ସମ୍ବନ୍ଧ ଘନିଷ୍ଠ ବୋଲି ଜାଣି ସେ ମୃତ୍ୟୁ ଓ ପରଲୋକତତ୍ତ୍ୱ ଜାଣିବା ନିମିତ୍ତ ଥିଓସଫି ସମ୍ପ୍ରଦାୟରେ ମିଶି ସେହି ବିଦ୍ୟା ଶିକ୍ଷାକରି ପୁନରାୟ କର୍ମସ୍ଥଳକୁ ଫେରି ଆସିଲେ । ସେ ପରଲୋକଗତା ସୁଧାଦେବୀଙ୍କୁ ସାକ୍ଷାତ୍ ଭାବରେ ଚାହୁଁଥିଲେ । ତେଣୁ ମିଡ଼ିୟମ୍ ଭିତର ଦେଇ ତାଙ୍କ ଆତ୍ମାକୁ ଆନୟନ କରି ସେଥିରେ ସେ ତୃପ୍ତ ହୋଇପାରିଲେ ନାହିଁ । କାରଣ ମିଡ଼ିୟମ୍ ଦ୍ୱାରା ଆତ୍ମାର ଚାକ୍ଷୁଷ ଦର୍ଶନ ମିଳେ ନାହିଁ । ଥିଓସଫି ଅଭ୍ୟାସ ସମୟରେ ସେ ଜାଣିଲେ ଯେ ହିନ୍ଦୁଯୋଗୀମାନଙ୍କ କୃପାରୁ ତାଙ୍କର ପ୍ରତ୍ୟକ୍ଷ ଜ୍ଞାନ ଲାଭ ହୋଇପାରିବ । ତେଣୁ ସେ ମାନ୍ଦ୍ରାଜରୁ ଫେରି ହିନ୍ଦୁଯୋଗୀଙ୍କ ଅନୁସନ୍ଧାନରେ ପ୍ରବୃତ୍ତ ହେଲେ ।

ଏହି ସମୟରେ ତାଙ୍କର **ପୂର୍ଣ୍ଣାନନ୍ଦ ସ୍ୱାମୀ** ନାମକ ଜଣେ ଉଚ୍ଚଶିକ୍ଷିତ ସିଦ୍ଧ ସନ୍ନ୍ୟାସୀଙ୍କ ସହିତ ସାକ୍ଷାତ ହେଲା । ନଳିନୀକାନ୍ତ ତାଙ୍କ ଉପଦେଶରୁ ଜାଣିଲେ ଯେ ସଦ୍‌ଗୁରୁ ଅନୁସନ୍ଧାନ କରି ତାଙ୍କ କୃପାରୁ ମହାଶକ୍ତିଙ୍କ ସାଧନାରେ ପ୍ରବୃତ୍ତ ହେଲେ ଅଭୀଷ୍ଟ ସିଦ୍ଧ ହେବ । ତତ୍ପରେ ନଳିନୀକାନ୍ତ ସଦ୍‌ଗୁରୁ ଅନୁସନ୍ଧାନରେ ବ୍ୟାପୃତ ରହି ମନ୍ତ୍ରଲାଭ ନିମିତ୍ତ ବ୍ୟାକୁଳ ହେଲେ ଏବଂ ଗୁରୁଲାଭ ନିମିତ୍ତ ଭଗବାନଙ୍କ ନିକଟରେ କାତର ଭାବରେ ପ୍ରାର୍ଥନା କରିବାକୁ ଲାଗିଲେ ।

ଦିନେ ରାତ୍ରିରେ ନଳିନୀକାନ୍ତ ଦେଖିଲେ, ତାଙ୍କ ଶଯ୍ୟା ନିକଟରେ ଜଣେ ଜ୍ୟୋତିର୍ମ୍ମୟ ମହାପୁରୁଷ ଦଣ୍ଡାୟମାନ ହୋଇ କହିଲେ, "ବତ୍ସ ! ଏହି ତୁମର ମନ୍ତ୍ର ଗ୍ରହଣ କର ।" ଏତିକି କହି ସେ ନଳିନୀକାନ୍ତଙ୍କୁ ବିଲ୍ୱପତ୍ରରେ ଲିଖିତ ଏକାକ୍ଷରୀ ମନ୍ତ୍ର ପ୍ରଦାନପୂର୍ବକ ନିମିଷକ ମଧ୍ୟରେ ଅନ୍ତର୍ହିତ ହୋଇଗଲେ । ତତ୍ପରେ ନଳିନୀକାନ୍ତ ସଂସାରତ୍ୟାଗ କରି ବହୁତ ଅନୁସନ୍ଧାନ କଲେ ମଧ୍ୟ କେହି ସେ ମନ୍ତ୍ରରହସ୍ୟ ତାଙ୍କୁ ବୁଝାଇ ଦେଇପାରିଲେ ନାହିଁ । ଯେତେବେଳେ ନିତାନ୍ତ ଭଗ୍ନୋତ୍ସାହ ହୋଇ ନଳିନୀକାନ୍ତ ଆତ୍ମହତ୍ୟାର ସଂକଳ୍ପ ନେଇ ନିଦ୍ରା ଯାଇଥିଲେ, ସେତେବେଳେ ସ୍ୱପ୍ନରେ ଜଣେ ବୃଦ୍ଧ ବ୍ରାହ୍ମଣ ତାଙ୍କୁ କହିଲେ – "ବାବା ! ତୁମର ଗୁରୁ ହେଉଛନ୍ତି **ତାରାପୀଠର ବାମାକ୍ଷେପା ।**"

ପ୍ରତ୍ୟାଦେଶ ଲାଭ କରି ନଳିନୀକାନ୍ତ ବୀରଭୂମ୍ ଜିଲାର ତାରାପୀଠରେ ବାମାକ୍ଷେପାଙ୍କ ନିକଟରେ ଉପନୀତ ହେଲେ । ସିଦ୍ଧ ମହାତ୍ମା ବାମାକ୍ଷେପା ତାଙ୍କୁ ଆନନ୍ଦରେ ସାଧନ ପ୍ରଣାଳୀ ଶିକ୍ଷା ଦେବାକୁ ପ୍ରତିଶ୍ରୁତି ଦେଲେ ଏବଂ ତାଙ୍କ କୃପାରୁ ନଳିନୀକାନ୍ତ ଅତି ଅଳ୍ପଦିନ ମଧ୍ୟରେ ତାରାଦେବୀଙ୍କୁ ସୁଧାଂଶୁବାଳା ମୂର୍ତ୍ତିରେ ଦର୍ଶନ କରି ତାଙ୍କ ସହିତ ବାକ୍ୟାଳାପ କଲେ । ଦେବୀଙ୍କର ବାରମ୍ବାର ଦର୍ଶନ ପାଇ ମଧ୍ୟ ତାଙ୍କୁ ସ୍ପର୍ଶ କରିବାକୁ ଅକ୍ଷମ ହେବା ଫଳରେ ତାଙ୍କ ମନରେ ପୁନରାୟ ଅଶାନ୍ତି ଜାତ ହେଲା । ଏହାର ତତ୍ତ୍ୱ ଜାଣିବା ନିମିତ୍ତ ତାନ୍ତ୍ରିକ୍‌ଗୁରୁ ବାମାକ୍ଷେପାଙ୍କ ଉପଦେଶରେ ସେ ସନ୍ନ୍ୟାସୀ ଗୁରୁ ଅନୁସନ୍ଧାନରେ ବ୍ରତୀ ହେଲେ । ଗୁରୁ ଅନ୍ୱେଷଣ ନିମିତ୍ତ ଭାରତର ବହୁସ୍ଥାନ ଭ୍ରମଣ କରି ଶେଷରେ ପୁଷ୍କରତୀର୍ଥର **ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀ ଦେବଙ୍କ** ଦର୍ଶନ ପାଇ ତାଙ୍କରି ଚରଣାଶ୍ରିତ ହେଲେ । ସ୍ୱାମୀ ସଚ୍ଚିଦାନନ୍ଦଙ୍କୁ ଦର୍ଶନ କରିବା ମାତ୍ରକେ ନଳିନୀକାନ୍ତ ଜାଣିଲେ ଯେ ଯେଉଁ ମହାତ୍ମା ସ୍ୱପ୍ନରେ ତାଙ୍କୁ ମନ୍ତ୍ରଦାନ କରିଥିଲେ

ସେ ଏହି ସଚ୍ଚିଦାନନ୍ଦ ସ୍ୱାମୀ । ନଳିନୀକାନ୍ତ ଗୁରୁଙ୍କ ନିକଟରେ ରହି ତାଙ୍କ ଆଦେଶରେ ବିବିଧ ଶ୍ରମଜନକ କାର୍ଯ୍ୟ କରି ଗୁରୁଦେବଙ୍କ ସନ୍ତୋଷ ବିଧାନ କରିବା ଫଳରେ ଗୁରୁଦେବ ତାଙ୍କୁ ସନ୍ନ୍ୟାସଦୀକ୍ଷା ପ୍ରଦାନ ପୂର୍ବକ ନାମ ଦେଲେ **ନିଗମାନନ୍ଦ** । ସନ୍ନ୍ୟାସ ଗ୍ରହଣ ପରେ ଗୁରୁଦେବଙ୍କ ଆଦେଶରେ ତତ୍ତ୍ୱ ଉପଲବ୍ଧି ନିମିତ୍ତ ସେ ଦେଶର ଚାରିଧାମ ଭ୍ରମଣ କଲେ । କିନ୍ତୁ ଯେଉଁ ତତ୍ତ୍ୱ ସେ ଅଧିଗତ କଲେ ସେହି ତତ୍ତ୍ୱ ଅନ୍ତରରେ ଉପଲବ୍ଧି କରିବା ନିମିତ୍ତ ପୁନରାୟ ଜ୍ଞାନୀଗୁରୁଙ୍କ ଆଦେଶରେ ତାଙ୍କଠାରୁ ବିଦାୟ ନେଇ ଯୋଗୀଗୁରୁ ଅନୁସନ୍ଧାନରେ ବହିର୍ଗତ ହେଲେ ।

ଅବଶେଷରେ ଯୋଗୀଗୁରୁଙ୍କ ସନ୍ଧାନକାଳରେ କେତେଜଣ ତୀର୍ଥଯାତ୍ରୀ ସନ୍ନ୍ୟାସୀଙ୍କ ସହିତ ଦୁର୍ଗମ ପରଶୁରାମ ତୀର୍ଥରେ ଉପନୀତ ହୋଇ ଆମାଶୟ ରୋଗରେ ପୀଡ଼ିତ ହୋଇପଡ଼ିଲେ । ଏହି ହେତୁରୁ ସହଯାତ୍ରୀ ସନ୍ନ୍ୟାସୀମାନେ ତାଙ୍କୁ ତ୍ୟାଗ କରି ଚାଲିଯିବାରୁ ନିଗମାନନ୍ଦ ଆଶ୍ରୟଶୂନ୍ୟ ଭାବରେ ନିକଟବର୍ତ୍ତୀ ପାହାଡ଼ୀ ବସ୍ତିରେ ଉପନୀତ ହୋଇ ଅବସ୍ଥାନ କଲେ ଏବଂ ଅଳ୍ପଦିନ ମଧ୍ୟରେ ରୋଗମୁକ୍ତ ହୋଇ ବନଶୋଭା ଦର୍ଶନ କରିବାକୁ ଲାଗିଲେ । ସେହି ଦୁର୍ଗମ ବନଭୂମିରୁ ଲୋକାଳୟକୁ ଫେରିଯିବା ସମ୍ଭବପର ନୁହେଁ । ତେଣୁ ସେ ଆଗାମୀ କାର୍ତ୍ତିକ ମାସ ପର୍ଯ୍ୟନ୍ତ ସେହି ପାହାଡ଼ୀ ବସ୍ତିରେ ଆଦିବାସୀମାନଙ୍କ ଆଶ୍ରୟରେ ରହିବାକୁ ବାଧ୍ୟ ହେଲେ । ଦିନେ ସେ ବନାନୀର ରମଣୀୟ ଦୃଶ୍ୟ ଦର୍ଶନରେ ଏପରି ମୋହିତ ହୋଇଗଲେ ଯେ ସନ୍ଧ୍ୟା ସମାଗତ ହେଲେ ମଧ୍ୟ ସେ ତାହା ଜାଣିପାରିଲେ ନାହିଁ । ଫଳରେ ସେ ବସ୍ତିକୁ ଫେରି ନ ପାରି ଗୋଟିଏ ବୃକ୍ଷକୋଟରରେ ରାତ୍ରିଯାପନ କଲେ । ନିଶାବସାନରେ ପରିବ୍ରାଜକ ସେହି ବୃକ୍ଷମୂଳରେ ଜଣେ ବିରାଟକାୟ ତେଜୀୟାନ୍ ସାଧୁଙ୍କ ଦର୍ଶନ ଲାଭ କରି ତାଙ୍କ ଇଙ୍ଗିତରେ ତାଙ୍କୁ ଅନୁସରଣ କଲେ । ପରେ ସେହି ସାଧୁ ପରିବ୍ରାଜକଙ୍କୁ ନିଜ ପରିଚୟ ପ୍ରଦାନ କରି ତାଙ୍କୁ ଯୋଗଶିକ୍ଷା ଦେବାର ପ୍ରତିଶ୍ରୁତି ଦେଇ ନିଜ କୁଟୀରରେ ଅବସ୍ଥାପିତ କଲେ । ସେହି ସାଧୁଙ୍କ ଆଶ୍ରୟରେ ରହି ସ୍ୱାମୀ ନିଗମାନନ୍ଦ ଯୋଗସାଧନର କୌଶଳ ଅବଗତ ହୋଇ ତାଙ୍କ ଆଦେଶରେ ଯୋଗସାଧନ ନିମିତ୍ତ ଲୋକାଳୟକୁ ପ୍ରତ୍ୟାଗମନ କଲେ । ତାଙ୍କର ସେହି **ଯୋଗ ଶିକ୍ଷାଦାତା ଗୁରୁଙ୍କ ନାମ ଉଦାସୀନାଚାର୍ଯ୍ୟ ସୁମେରୁ ଦାସ ମହାରାଜ** ।

ଲୋକାଳୟକୁ ଆସି ନିଗମାନନ୍ଦ ହଠଯୋଗ ସାଧନ ନିମିତ୍ତ ପାବନା ଜିଲାର ହରିପୁର ଗ୍ରାମରେ ରହି ସାଧନ କରୁଥିବା ଅବସ୍ଥାରେ ବିବିଧ ବାଧାବିଘ୍ନ ଦେଖା ଦେବାରୁ ସେ କାମାଖ୍ୟାରେ ଉପସ୍ଥିତ ହୋଇ ଯଜ୍ଞେଶ୍ୱର ବିଶ୍ୱାସ ନାମଧେୟ ଜଣେ ଉଚ୍ଚପଦସ୍ଥ ରାଜକର୍ମଚାରୀଙ୍କ ଗୃହରେ ରହି ସାଧନା ଦ୍ୱାରା ସବିକଳ୍ପ ସମାଧି ଲାଭ କରି ପରେ କାମାଖ୍ୟା ପାହାଡ଼ରେ **ନିର୍ବିକଳ୍ପ ସମାଧି** ମଗ୍ନ ହୋଇ **'ମୁଁ ଗୁରୁ'** ଏହି **ସ୍ୱରୂପ ଜ୍ଞାନ** ନେଇ ପୁନରାୟ ଲୋକାଳୟକୁ ଫେରି ଆସିଲେ । 'ମୁଁ କିଏ' ଜାଣିବା ପାଇଁ ସେ ସଂସାରତ୍ୟାଗ କରି ବୈରାଗୀ ହୋଇଥିଲେ ଏବଂ 'ମୁଁ ଗୁରୁ' ଏହି ଭାବ ନେଇ ସେ ସଂସାରକୁ ଫେରି ଆସିଲେ । ଏହାପରେ ତାଙ୍କର ଜ୍ଞାନ ହେଲା ଯେ ତାଙ୍କର ପୂର୍ଣ୍ଣତା ଲାଭ ହୋଇଛି ।

ଇତିମଧ୍ୟରେ ସେ ଗୁରୁଦେବଙ୍କୁ ଦର୍ଶନ କରିବା ନିମିତ୍ତ କୁମ୍ଭମେଳାରେ

ଉପସ୍ଥିତ ହୋଇ ପ୍ରଥମେ ନିଜ ଗୁରୁ ସ୍ୱାମୀ ସଚ୍ଚିଦାନନ୍ଦ ଦେବଙ୍କୁ ପ୍ରଣାମ କରି ପରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ପ୍ରଣାମ କରିବାରୁ ଅନ୍ୟ ସାଧୁମାନେ ଏଥିରେ ଆପତ୍ତି ଦର୍ଶାଇଲେ । ସ୍ୱାମୀ ନିଗମାନନ୍ଦ ତାହାର ଯଥୋପଯୁକ୍ତ ପ୍ରତ୍ୟୁତ୍ତର ଦେଇ ଜଗଦ୍‌ଗୁରୁଙ୍କୁ ସନ୍ତୁଷ୍ଟ କଲେ ଏବଂ ତାଙ୍କର କେତେକ ପ୍ରଶ୍ନର ସୁଚିନ୍ତିତ ଉତ୍ତର ପ୍ରଦାନ କରିବାରୁ ଜଗଦ୍‌ଗୁରୁ ତାଙ୍କ ଗୁରୁ ସଚ୍ଚିଦାନନ୍ଦଙ୍କୁ ଦଣ୍ଡପ୍ରତ୍ୟାହାର ପୂର୍ବକ ପରମହଂସ ଉପାଧିରେ ଭୂଷିତ କରିବାକୁ ନିର୍ଦ୍ଦେଶ ଦେଲେ । ସାଧୁମଣ୍ଡଳୀଙ୍କ ସଶ୍ରଦ୍ଧ ସମ୍ମତିରେ ଗୁରୁ ସଚ୍ଚିଦାନନ୍ଦ ଦେବ **ସ୍ୱାମୀ ନିଗମାନନ୍ଦ ଦେବଙ୍କୁ ପରମହଂସ ଉପାଧି** ପ୍ରଦାନ କଲେ ଏବଂ ଶ୍ରୀଶ୍ରୀଠାକୁର ନିଗମାନନ୍ଦ ପରମହଂସ ଭାବରେ ପ୍ରତିଷ୍ଠିତ ହୋଇ ଗୁରୁଦକ୍ଷିଣା ସ୍ୱରୂପ ଗୁରୁଦେବଙ୍କଠାରୁ ଗୁରୁଭାର ଗ୍ରହଣ କରି ତାଙ୍କ ଦ୍ୱାରା ଗୁରୁ ରୂପରେ ପ୍ରତିଷ୍ଠିତ ହେଲେ ।

ପୂର୍ଣ୍ଣତ୍ୱର ଅଭିମାନ ବହନ କରି ସ୍ୱାମୀ ନିଗମାନନ୍ଦ କାଶୀଧାମରେ ଉପନୀତ ହେଲେ । ସେଠାରେ ମା' ଅନ୍ନପୂର୍ଣ୍ଣା ତାଙ୍କ ଭିତରେ ଅପୂର୍ଣ୍ଣବୋଧର ଜାଗରଣ କରାଇଦେଇ କହିଲେ, "ତୁମର ଜ୍ଞାନ ଅପୂର୍ଣ୍ଣ । ଈଶ୍ୱରଙ୍କର ନାମ ରୂପ ନାହିଁ-ତାହା ଯେପରି ସତ୍ୟ, ପୁଣି ତାଙ୍କର ନାମ ରୂପ ଅଛି - ଏହା ମଧ୍ୟ ସେହିପରି ସତ୍ୟ । ଏହି ଉଭୟ ଭାବକୁ ଯେ ଜାଣନ୍ତି ସେ ପୂର୍ଣ୍ଣ ଜ୍ଞାନୀ । ତୁମେ ବ୍ରହ୍ମଜ୍ଞାନ ଲାଭ କରିଛ ସତ୍ୟ; କିନ୍ତୁ ଅବରବ୍ରହ୍ମଜ୍ଞାନ ବା ପ୍ରେମଭକ୍ତି ପଥରେ ଯେଉଁ ଭଗବତ୍ ଜ୍ଞାନ ତାହା ତୁମର ଲାଭ ହୋଇନାହିଁ, ତେଣୁ ତୁମେ ପୂର୍ଣ୍ଣ ନୁହଁ ।"

ତତ୍ପରେ ଶ୍ରୀ ନିଗମାନନ୍ଦ ଦେବ **ପ୍ରେମସିଦ୍ଧା ଗୌରୀ ଦେବୀଙ୍କ** କୃପାରୁ ଅବରବ୍ରହ୍ମଜ୍ଞାନ ଲାଭ କରି ଚରମ ସିଦ୍ଧିରେ ଉପନୀତ ହେଲେ । ଗୌରୀ ମା'ଙ୍କ ଉପଦେଶରେ ସାଧନା କରି ଜ୍ଞାନସିଦ୍ଧ ନିଗମାନନ୍ଦ ପ୍ରେମସମାଧି ମଗ୍ନ ହେଲେ ।

ସ୍ୱାମୀ ନିଗମାନନ୍ଦ ଦେବଙ୍କ ଇଷ୍ଟଦେବୀ ମହାବିଦ୍ୟା-ତାରା । ପ୍ରେମସିଦ୍ଧି ପରେ ଦେବୀ ତାଙ୍କୁ ପ୍ରତ୍ୟକ୍ଷ ଦର୍ଶନ ଦାନ କରି କହିଲେ, "ତୁମେ ତୁମ ସ୍ତ୍ରୀଙ୍କୁ ସୁଖ ପାଇ ସାଧନା କରିଥିଲ, ମୁଁ ତୁମକୁ ସେହି ଭାବରେ ସେହି ରୂପରେ ଦର୍ଶନ ଦାନ କରିବି । ଜଗଦ୍‌ଗୁରୁ ଶିବ ହିଁ ମହାଶକ୍ତିଙ୍କର ଭର୍ତ୍ତା । ତୁମେ ଶିବସ୍ୱରୂପ, **ତେଣୁ ତୁମେ ହିଁ ସାର୍ବଭୌମ ଗୁରୁ** । ଜଗଦ୍‌ବାସୀ ତୁମର ସନ୍ତାନ । ତୁମେ ଲୋକାଳୟକୁ ଗମନ କରି ଶିଷ୍ୟଭକ୍ତମାନଙ୍କୁ ସ୍ୱରୂପଜ୍ଞାନ ଦାନ କର ।" ତାରାଦେବୀଙ୍କ ବାକ୍ୟରେ ନିଗମାନନ୍ଦ ନିଜକୁ ପୂର୍ଣ୍ଣ ବୋଲି ଜ୍ଞାନ କଲେ ।

ଲୋକାଳୟକୁ ଆସି ଶ୍ରୀଶ୍ରୀଠାକୁର ଦେଖିଲେ ଯେ ତ୍ୟାଗବୈରାଗ୍ୟର ବାଣୀ ସାଧାରଣଙ୍କ ନିକଟରେ ଉପେକ୍ଷିତ ଏବଂ ଅନାଦୃତ । ହଠାତ୍ ଧନ ଓ କ୍ଷମତା ଲାଭ ନିମିତ୍ତ ସମସ୍ତେ ବ୍ୟାକୁଳ । ଦେଶର ଏହି ଦୁରବସ୍ଥା ବେଳେ ସେ ତ୍ୟାଗବୈରାଗ୍ୟର ବାଣୀ ପ୍ରଚାର କରିବା ସଙ୍ଗେ ସଙ୍ଗେ ଅଲୌକିକ ତପଃଶକ୍ତି ପ୍ରୟୋଗ କଲେ । ତାଙ୍କ ଅଲୌକିକ ତପଃଶକ୍ତି ପ୍ରଭାବରେ କେତେ ନିର୍ଦ୍ଧନ ଧନର ସନ୍ଧାନ ପାଇଲେ, କେତେ ନିଃସନ୍ତାନ ସନ୍ତାନ ଲାଭ କଲେ, କେତେ ଜଟିଳ ରୋଗଗ୍ରସ୍ତ ବ୍ୟକ୍ତି ରୋଗମୁକ୍ତ ହେଲେ । ଏହି ଭାବରେ ସେ ଦେଶରେ ଜଣେ ବିଖ୍ୟାତ ସାଧୁ ଭାବରେ ପରିଚିତ ହେଲେ । ଦିନେ ଯୋଗୀରାଜ ମହାତ୍ମା ସୁମେରୁ ଦାସ ମହାରାଜ ଆବିର୍ଭୂତ ହୋଇ

କହିଲେ, "ମୁଁ ତୋତେ ବ୍ରହ୍ମବିଦ୍ୟା ପ୍ରଚାର ନିମିତ୍ତ ଭାର ଅର୍ପଣ କରି ପଠାଇଲି । ତୁ ଅବିଦ୍ୟା ବିତରଣ କରି ସାଧାରଣଙ୍କୁ ବନ୍ଧନଦଶାରେ ଆବଦ୍ଧ କରି ରଖୁଛୁ । ତାହା ନ କରି ଏଣିକି ତୁ ଯୋଗଶକ୍ତି ପ୍ରଭାବରେ ସାଧାରଣଙ୍କ ଅଜ୍ଞାନ-ଅନ୍ଧକାର ଦୂର କର ।"

ଶ୍ରୀଗୁରୁଦେବଙ୍କ ଆଦେଶରେ ଶ୍ରୀଶ୍ରୀଠାକୁର ସର୍ବବିଧ ବିଭୂତି ସମ୍ବରଣ କରିନେଇ ବିଭୂତି ପ୍ରଦର୍ଶନ ବନ୍ଦ କରି ଦେଲେ ଏବଂ ବଙ୍ଗଦେଶ ତ୍ୟାଗ ପୂର୍ବକ **ଆସାମର କୋକିଳାମୁଖଠାରେ ଶାନ୍ତି ଆଶ୍ରମ ବା ସାରସ୍ୱତ ମଠ** ସ୍ଥାପନ କଲେ ।

ଦେଶବାସୀଙ୍କ ମନୋଭାବରେ ପରିବର୍ତ୍ତନ ଆଣି ସେମାନଙ୍କୁ ପ୍ରବୃତ୍ତି ପଥରୁ ନିବୃତ୍ତି ପଥକୁ ଆକର୍ଷଣ କରିବା ନିମିତ୍ତ ଶ୍ରୀଶ୍ରୀଠାକୁର **'ଯୋଗୀଗୁରୁ', 'ଜ୍ଞାନୀଗୁରୁ', 'ବ୍ରହ୍ମଚର୍ଯ୍ୟ ସାଧନ', 'ତାନ୍ତ୍ରିକ ଗୁରୁ'** ଓ **'ପ୍ରେମିକ ଗୁରୁ'** ପ୍ରଭୃତି ଗ୍ରନ୍ଥ ପ୍ରଣୟନ କଲେ ଏବଂ ସନାତନ ଧର୍ମର ମୁଖପତ୍ର **'ଆର୍ଯ୍ୟ ଦର୍ପଣ'** ନାମକ ମାସିକ ପତ୍ରିକା ପ୍ରକାଶ କଲେ । ଏହା ବ୍ୟତୀତ **'ସତ୍‌ଶିକ୍ଷା ବିସ୍ତାର ଓ ସନାତନ ଧର୍ମପ୍ରଚାର'** ଉଦ୍ଦେଶ୍ୟରେ **'ସଂଘ ସମ୍ମିଳନୀ'** ଅନୁଷ୍ଠାନ କଲେ । **ସଂଘ ଓ ଭକ୍ତ ସମ୍ମିଳନୀ** ମାଧ୍ୟମରେ **ଆଦର୍ଶ ଗୃହସ୍ଥ** ଜୀବନ ଗଠନ କରିବା ହିଁ ତାଙ୍କର ଉଦ୍ଦେଶ୍ୟ ଥିଲା । ନାରାୟଣ ଜ୍ଞାନରେ ଜୀବସେବା କରିବାକୁ ଉପଦେଶ ପ୍ରଦାନ କରି ଶ୍ରୀଶ୍ରୀଠାକୁର ଶିଷ୍ୟଭକ୍ତ ଓ ଜନସାଧାରଣଙ୍କୁ ଉଦ୍‌ବୁଦ୍ଧ କଲେ । ଏହି ଭାବରେ ଅତି ଅଳ୍ପ ସମୟ ମଧ୍ୟରେ ବଙ୍ଗ, ବିହାର, ଆସାମ ଓ ବ୍ରହ୍ମଦେଶର କେତେକ ଅଞ୍ଚଳରେ ତାଙ୍କ ଭାବଧାରାର ବହୁଳ ପ୍ରସାର କରି ଆସାମ ମଠ ତ୍ୟାଗପୂର୍ବକ ଜୀବନର ଶେଷାଂଶ ପୁରୀଧାମରେ ନିର୍ଜ୍ଜନ ବାସରେ ଅତିବାହିତ କରିବାକୁ ଲାଗିଲେ ।

ସେ ସମସ୍ତ ପ୍ରକାର ଐଶ୍ୱର୍ଯ୍ୟ ବର୍ଜ୍ଜନ କରି ନିର୍ଜନ ବାସ କରୁଥିଲେ ମଧ୍ୟ ତାଙ୍କ ପୁସ୍ତକ ପାଠ ଓ ତାଙ୍କ ଶ୍ରୀମୂର୍ତ୍ତି ଦର୍ଶନ କରି ବହୁ ଅଧ୍ୟାତ୍ମପିପାସୁ ଭକ୍ତ ତାଙ୍କ ଚରଣାଶ୍ରିତ ହେବାକୁ ଲାଗିଲେ ଏବଂ ସାଧାରଣ ବ୍ୟକ୍ତିମାନେ ତାଙ୍କ ଭିତରେ ମନୁଷ୍ୟତ୍ୱ ଓ ଦେବତ୍ୱର ସନ୍ଧାନ ପାଇ ତାଙ୍କ ପ୍ରତି ଆକୃଷ୍ଟ ହୋଇ ଶରଣାପନ୍ନ ହେଲେ । ସେହି ମହାପୁରୁଷଙ୍କ ଦର୍ଶନ, ସ୍ପର୍ଶନ ଓ ସଙ୍ଗସୁଖ ଲାଭ କରି ଆମେମାନେ ନିଜକୁ ଭାଗ୍ୟବାନ ବୋଲି ମନେ କରିଥିଲୁ । ସେ ଉତ୍କଳବାସୀ ଭକ୍ତମାନଙ୍କୁ ସଂଘବଦ୍ଧ କରିବା ଉଦ୍ଦେଶ୍ୟରେ ତାଙ୍କ **ଶୁଭଜନ୍ମଦିବସ ୧୯୩୪ ଖ୍ରୀଷ୍ଟାବ୍ଦର ଝୁଲଣ ପୂର୍ଣ୍ଣିମା ତିଥିରେ 'ନୀଳାଚଳ ସାରସ୍ୱତ ସଂଘ' ପ୍ରତିଷ୍ଠା** କରି ତାଙ୍କ ଆଧ୍ୟାତ୍ମିକ ଭାବଧାରାର ପ୍ରଚାର ନିମିତ୍ତ ନିର୍ଦ୍ଦେଶ ଦେଲେ । ଆଦର୍ଶ ଗୃହସ୍ଥ ଜୀବନ ଯାପନ ପୂର୍ବକ ସଂଘଶକ୍ତିର ପ୍ରତିଷ୍ଠା କରି ଭାବ ବିନିମୟ କରିବା ନିମିତ୍ତ ସେ ଶିଷ୍ୟଭକ୍ତମାନଙ୍କୁ ଉପଦେଶ ପ୍ରଦାନ କରିଛନ୍ତି ।

ଉପରୋକ୍ତ ଭାବରେ ସେ ପୁରୀଧାମରେ ଅବସ୍ଥାନ କରୁଥିବା ବେଳେ ସାମାନ୍ୟ ଅସୁସ୍ଥତା ନେଇ କଲିକତା ଯାତ୍ରା କଲେ ଏବଂ ୧୯୩୫ ଖ୍ରୀଷ୍ଟାବ୍ଦ ନଭେମ୍ବର ୨୯ ତାରିଖ ମାର୍ଗଶୀର ଶୁକ୍ଳ ଚତୁର୍ଥୀ ତିଥିରେ ସେହି ମହାନଗରୀରେ ଏକ ନିର୍ଜ୍ଜନ ପ୍ରକୋଷ୍ଠରେ ମହାସମାଧି ଗ୍ରହଣ କଲେ ।

ସେହି ମହାପୁରୁଷ ନିଜେ ସଦ୍‌ଗୁରୁ ଭାବରେ ଅଧିଷ୍ଠିତ ଥାଇ **'ଜୟଗୁରୁ'**

**ନାମକୁ ସିଦ୍ଧମନ୍ତ୍ର** ଭାବରେ ପ୍ରଚାର କରି ଅମର ହୋଇ ରହିଛନ୍ତି । ତାଙ୍କର ଭାବ ହେଉଛି ଗୁରୁ ହିଁ ଭଗବାନଙ୍କର ସ୍ୱରୂପ । 'ଜୟଗୁରୁ' ନାମ ଜପ ଦ୍ୱାରା ଗୁରୁଦେବ କିଭଳି ଅନ୍ତରରେ ଭଗବାନ ରୂପରେ ଦର୍ଶନ ଦାନ କରିବେ, ସେ ଏହି ଭାବର ବିବିଧ ଉପଦେଶ ପ୍ରଦାନ କରିଛନ୍ତି ।

ଭୂଲୋକରେ ସ୍ଥୁଳଦେହ ଦ୍ୱାରା ହିଁ ସାଧନ ଭଜନ ସମ୍ଭବପର ହୋଇଥାଏ । ଭୂଲୋକ ବ୍ୟତୀତ ଅନ୍ୟଲୋକରେ ସାଧନଶକ୍ତିଯୁକ୍ତ ଶରୀର ନାହିଁ । ଭୂଲୋକ ଅନ୍ୟଲୋକ ତୁଳନାରେ ଜ୍ଞାନବୁଦ୍ଧିରେ ହୀନ ହେଲେ ମଧ୍ୟ ଭୂଲୋକରେ ମାନବ ଦେହ ବ୍ୟତୀତ ସାଧନଯୋଗ୍ୟ ଶରୀର ଅନ୍ୟତ୍ର ନାହିଁ । ମୁକ୍ତି କାମନା କଲେ ଦେବତାମାନଙ୍କୁ ମଧ୍ୟ ଏହି କାରଣରୁ ମାନବଶରୀର ଧାରଣ କରିବାକୁ ପଡ଼ିଥାଏ । ଏଥିପାଇଁ ପ୍ରତ୍ୟେକ ମାନବର ସମୟ ସୁଯୋଗ ଥାଉ ଥାଉ ସାଧନ ପଥରେ ଅଗ୍ରସର ହେବା ନିମିତ୍ତ ଶ୍ରୀଗୁରୁଦେବଙ୍କ ଶରଣ ଗ୍ରହଣ କରିବା କର୍ତ୍ତବ୍ୟ । 'ଶ୍ରୀଶ୍ରୀଗୁରୁଗୀତା'ରେ ଶ୍ରୀଗୁରୁଦେବଙ୍କ ଶରଣ ଗ୍ରହଣପୂର୍ବକ ଶିଷ୍ୟମାନେ କିଭଳି ଗୁରୁଉପାସନା କରିବେ, ତାହାର ବିଧି ପ୍ରଦାନ କରାଯାଇଛି ।

ବର୍ତ୍ତମାନ ଦେଶରେ ଗୋଟିଏ ବିପରୀତ ଭାବ ଦେଖାଯାଉଛି । ଅଧିକାଂଶ ବ୍ୟକ୍ତି ଶିଷ୍ୟତ୍ୱ ସାଧନାରେ ବ୍ରତୀ ହେବାକୁ ଇଚ୍ଛା ପର୍ଯ୍ୟନ୍ତ କରୁନାହାନ୍ତି । ପ୍ରକୃତ ଶିଷ୍ୟତ୍ୱ ସାଧନାରେ ବ୍ରତୀ ହେଲେ ପ୍ରାଣର ପ୍ରବଳ ଆକର୍ଷଣରେ ଗୁରୁ ପାଷାଣ ମୂର୍ତ୍ତି ହୋଇଥିଲେ ମଧ୍ୟ ଶିଷ୍ୟଭକ୍ତଙ୍କୁ ସର୍ବସିଦ୍ଧି ପ୍ରଦାନ କରିଥାନ୍ତି । ଗୁରୁଲାଭ ହେଲେ ତନୁ, ମନ, ଧନ ଓ ବାଣୀ ସମସ୍ତ ଗୁରୁଦେବଙ୍କୁ ସମର୍ପଣ କରି ତାଙ୍କ ଆଦେଶରେ ନିଜକୁ ପରିଚାଳିତ କରିବା ବିଧେୟ । ଶ୍ରୀଗୁରୁଦେବଙ୍କ ଆଦେଶ ପାଳନରେ ତତ୍‌ପର ହେବାକୁ ତନୁ ସମର୍ପଣ, ଶ୍ରୀ ଗୁରୁଦେବଙ୍କୁ ଭଗବତ୍ ଭାବରେ ପୂଜା ଉପାସନା କରିବାକୁ ମନ ସମର୍ପଣ ଓ ତାଙ୍କୁ ଯଥାସର୍ବସ୍ୱ ସମର୍ପଣର ନାମ ଧନାର୍ପଣ ଏବଂ ସର୍ବଦା ଶ୍ରୀଗୁରୁଦେବଙ୍କ ଗୁଣ ଲୀଳାଗାନ ହିଁ ବାଣୀ ଅର୍ପଣ । ଏହା ହିଁ ଶିଷ୍ୟମାନଙ୍କର ପ୍ରଧାନ କର୍ତ୍ତବ୍ୟ । ସଦ୍‌ଗୁରୁ ନିଗମାନନ୍ଦ ଦେବ ଜନସମାଜରେ ସଦ୍‌ଗୁରୁ ରୂପରେ ପ୍ରତିଷ୍ଠିତ ରହି ସମସ୍ତଙ୍କ ଭିତରେ ଆତ୍ମବୋଧର ଜାଗରଣ କରାଇବା ସଙ୍ଗେ ସଙ୍ଗେ ଜ୍ଞାନ ବିତରଣ କରୁଛନ୍ତି ।

ସଦ୍‌ଗୁରୁ ଶ୍ରୀନିଗମାନନ୍ଦ ଦେବଙ୍କ ମଧ୍ୟରେ ଜଗଦ୍‌ଗୁରୁଙ୍କର ପୂର୍ଣ୍ଣ ପ୍ରତିଛବି ବିକଶିତ ହୋଇଥିଲା । ସେ ଥିଲେ ମୂଳଗୁରୁଙ୍କର ପୂର୍ଣ୍ଣ ପ୍ରତିରୂପ । ଲୀଳା ନିମିତ୍ତ ସେ ଆତ୍ମଗୋପନ କରି ଅବସ୍ଥାନ କରୁଥିଲେ । ସେ ଯେଉଁ ଗୁରୁବାଦମୂଳକ ଧର୍ମପ୍ରଚାର କରିଛନ୍ତି, ତଦ୍ୱାରା ସାମାଜିକ, ସାମ୍ପ୍ରଦାୟିକ, ଅର୍ଥନୈତିକ ସମସ୍ତ ପ୍ରକାର ଭେଦ ବିରୋଧର ନିଶ୍ଚିତ ସମାଧାନ ଅବଶ୍ୟମ୍ଭାବୀ । ଏହି ଗୁରୁବାଦର ଯଥାର୍ଥ ଅବଲମ୍ବନରେ ପ୍ରତ୍ୟେକ ମାନବ ଅନ୍ତରରେ ଦେବତାଙ୍କୁ ପ୍ରତ୍ୟକ୍ଷ କରି ବିଶ୍ୱସେବାରେ ବ୍ରତୀ ହୋଇପାରିବେ । ଯେପରି ସତୀନାରୀମାନେ ସ୍ୱ ସ୍ୱ ପତି ରୂପ ବିଗ୍ରହ ମାଧ୍ୟମରେ ପରମପତିଙ୍କର ସେବା କରନ୍ତି, ସେହିପରି ଜଗତର ସମସ୍ତ ଗୁରୁଙ୍କର ଶିଷ୍ୟମାନେ ନିଜକୁ ଏକ ଗୁରୁଙ୍କର ସନ୍ତାନ ଜ୍ଞାନ କରି ପରସ୍ପରକୁ ଗୁରୁଭ୍ରାତା ବୋଲି ଉପଲବ୍ଧି କରିବା ବିଧେୟ । ଏହି ଭାବରେ ସମଗ୍ର ଜଗଦ୍‌ବାସୀ ବିଶ୍ୱଭ୍ରାତୃତ୍ୱର ପ୍ରେମବନ୍ଧନରେ ଆବଦ୍ଧ ହୋଇ ସତ୍ୟପଥରେ ଅଗ୍ରସର ହେବା କର୍ତ୍ତବ୍ୟ । ସଦ୍‌ଗୁରୁ ଶ୍ରୀନିଗମାନନ୍ଦ ଦେବ

ଏହି ଗୁରୁପରାୟଣ ଧର୍ମପ୍ରଚାର କରି ଜଗତର ମହତ୍ ଉପକାର କରିବା ସଙ୍ଗେ ସଙ୍ଗେ ସମସ୍ତ ଜଟିଳ ସମସ୍ୟା ସମାଧାନର ପଥ ଉନ୍ମୁକ୍ତ କରି ଦେଇଛନ୍ତି । ସେ ଯେଉଁ ଧର୍ମପଥ ଦେଇ ଗତି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, 'ଶ୍ରୀଶ୍ରୀଗୁରୁଗୀତା'ରେ ସେହି ପଥ ସୁସ୍ପଷ୍ଟ ଭାବରେ ବର୍ଣ୍ଣିତ ହୋଇଅଛି ।

ଗୁରୁତତ୍ତ୍ୱ ସମ୍ବନ୍ଧରେ ଶ୍ରୀଶ୍ରୀଠାକୁର ବିଭିନ୍ନ ସ୍ଥାନରେ ଲିପିବଦ୍ଧ କରିଥିଲେ ମଧ୍ୟ ତାଙ୍କ ପ୍ରଣୀତ 'ସାରସ୍ୱତ ଗ୍ରନ୍ଥାବଳୀ'ରେ ସେ ସମ୍ବନ୍ଧରେ ଲେଖିଛନ୍ତି-

*"ମୁକ୍ତି ଲାଭ କରିବାକୁ ହେଲେ ଜଣେ ମୁକ୍ତବ୍ୟକ୍ତିଙ୍କର ସାହାଯ୍ୟ ବିଶେଷ ଆବଶ୍ୟକ । ହିନ୍ଦୁଶାସ୍ତ୍ରରେ ତାଙ୍କୁ ଗୁରୁ ବୋଲି କୁହାଯାଇଛି । ଗୁରୁକୃପା ବିନା ମୁକ୍ତି ଲାଭ ହୋଇପାରେ ନାହିଁ । ଯେ ଆତ୍ମସ୍ୱରୂପ ଲାଭ କରିଛନ୍ତି, ସେ ହିଁ ଗୁରୁ । ଅନ୍ୟଥା ଅନ୍ୟ ନିକଟରୁ ଦୀକ୍ଷା ନେଲେ, ଗୁରୁଙ୍କ ଅଭାବ ପୂରଣ ହେବ ନାହିଁ । ଉପଯୁକ୍ତ ଗୁରୁ ନ ପାଇଲେ ସେଥିପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିବା କର୍ତ୍ତବ୍ୟ । ସଦ୍‌ଗୁରୁ ପ୍ରାପ୍ତି ମାତ୍ରକେ ତାଙ୍କ ଚରଣରେ ସର୍ବସ୍ୱ ସମର୍ପଣ କରିପାରିଲେ ସାଧକଙ୍କର ସର୍ବାର୍ଥସିଦ୍ଧ ହେବ ।"*

"ଦୀକ୍ଷାଗୁରୁ ହିନ୍ଦୁମାନଙ୍କର ନିତ୍ୟ ଆରାଧ୍ୟ ଦେବତା । ଗୁରୁପୂଜା ବ୍ୟତୀତ ହିନ୍ଦୁମାନଙ୍କର ଇଷ୍ଟଦେବତାଙ୍କ ପୂଜା ସୁସିଦ୍ଧ ହୁଏ ନାହିଁ । ତେଣୁ ପ୍ରତ୍ୟେକ ହିନ୍ଦୁ ଗୁରୁଙ୍କ ପ୍ରତି ଶ୍ରଦ୍ଧାଭକ୍ତି ପ୍ରଦର୍ଶନ କରିଥାନ୍ତି । ଆଧ୍ୟାତ୍ମିକ ଶକ୍ତିସଞ୍ଚାରଣକ୍ଷମ ଗୁରୁଙ୍କ ନିକଟରୁ ମନ୍ତ୍ରଗ୍ରହଣ କରିବା ଶିଷ୍ୟମାନଙ୍କର କର୍ତ୍ତବ୍ୟ । ଯେଉଁବ୍ୟକ୍ତି ଆତ୍ମଶକ୍ତିସଞ୍ଚାରଣକ୍ଷମ, ସେ ହିଁ ଗୁରୁ ବୋଲି କଥିତ ଏବଂ ଯାହାଙ୍କ ଆତ୍ମାରେ ଶକ୍ତି ସଞ୍ଚାରିତ ହୁଏ ସେ ହିଁ **ଶିଷ୍ୟ** । ଦୀକ୍ଷା ଗ୍ରହଣର ନାନାବିଧ ପଦ୍ଧତି ଶାସ୍ତ୍ରରେ ଲିଖିତ ଅଛି, ସ୍ଥାନ, କାଳ, ପାତ୍ରର ମଧ୍ୟ ବିଚାର ଅଛି । କିନ୍ତୁ ଭାଗ୍ୟବଶରୁ ଯଦି କେହି ସିଦ୍ଧଗୁରୁ ବା ସିଦ୍ଧମନ୍ତ୍ର ପ୍ରାପ୍ତ ହୁଅନ୍ତି, ତେବେ କିଛି ବିଚାର ନ କରି ତତ୍‌କ୍ଷଣାତ୍ ସେହି ଗୁରୁ ଓ ମନ୍ତ୍ରଗ୍ରହଣ କରିବା ବିଧେୟ । ସମଗ୍ର ବେଦାନ୍ତ ଯାହା ପ୍ରତିପନ୍ନ କରିଛନ୍ତି, ଗୁରୁଦେବ ହିଁ ତାହାର ସାକ୍ଷାତ୍ ମୂର୍ତ୍ତି । ଆଚାର୍ଯ୍ୟଗୁରୁ, ଆଦର୍ଶଗୁରୁ, ସଦ୍‌ଗୁରୁ ଓ ଜଗଦ୍‌ଗୁରୁ ଭେଦରେ ଗୁରୁ ଚାରିପ୍ରକାର । ଆଦର୍ଶଗୁରୁଙ୍କ ସହିତ ଦୀକ୍ଷାର ସମ୍ପର୍କ ନାହିଁ । ତତ୍ପରେ **ଆଚାର୍ଯ୍ୟଗୁରୁ** - ଯାହାଙ୍କ ନିକଟରୁ ଶାସ୍ତ୍ରାଦି ଅଧ୍ୟୟନ କରାଯାଏ, ସେ ହିଁ ଆଚାର୍ଯ୍ୟଗୁରୁ । **ଦୀକ୍ଷାଦାତା ଗୁରୁଙ୍କୁ** ଆଚାର୍ଯ୍ୟଗୁରୁ ବୋଲି କୁହାଯାଏ । ସେହି ଦୀକ୍ଷାଦାତା ଗୁରୁ ଯେତେବେଳେ ଅନ୍ତର ମଧ୍ୟରେ ଫୁଟି ଉଠନ୍ତି, ସେତେବେଳେ ତାଙ୍କୁ କୁହାଯାଏ **ସଦ୍‌ଗୁରୁ** । ଆତ୍ମସାକ୍ଷାତ୍‌କାର ପରେ ସେହି ସଦ୍‌ଗୁରୁଙ୍କୁ **ଜଗଦ୍‌ଗୁରୁ** ବୋଲି ମନେ ହେବ । ଜଗଦ୍‌ଗୁରୁ ହେଉଛନ୍ତି ମନ୍ତ୍ରପୂତ ଜଳ । ମନୁଷ୍ୟ ଗୁରୁଙ୍କ ମଧ୍ୟରେ ତାଙ୍କରି ପ୍ରକାଶ । ସେ ସଦ୍‌ଗୁରୁ ଭାବରେ ପ୍ରକାଶିତ ହୋଇ ଜୀବକୁ ତାଙ୍କ ଆଡ଼କୁ ଆକର୍ଷଣ କରୁଛନ୍ତି । ସେହି ମନ୍ତ୍ରପୂତ ଜଳ ନେଇ ଯେ ଜଗତକୁ ଜୀବଉଦ୍ଧାର ନିମିତ୍ତ ଆସନ୍ତି, ତାଙ୍କୁ କୁହାଯାଏ **ସଦ୍‌ଗୁରୁ** । ତେଣୁ ମନୁଷ୍ୟ ଗୁରୁ ହିଁ ମାନବର ଶ୍ରେଷ୍ଠ ବନ୍ଧୁ ଓ ଉଦ୍ଧାରକର୍ତ୍ତା । ଅବତାରଙ୍କ ପ୍ରଚାରିତ ସତ୍ୟପଥକୁ ସାଧାରଣଙ୍କ ମଧ୍ୟରେ ସାଧନାଦ୍ୱାରା ପ୍ରତିଷ୍ଠିତ କରାଇବା ହିଁ ସଦ୍‌ଗୁରୁଙ୍କ କାର୍ଯ୍ୟ । ଅବତାର ସମଷ୍ଟି ନିମିତ୍ତ ଏବଂ ସଦ୍‌ଗୁରୁ ବ୍ୟଷ୍ଟି ନିମିତ୍ତ ପ୍ରୟୋଜନ । ଯାହାଙ୍କର ନିର୍ବିକଳ୍ପ ସମାଧି ଲାଭ ହୋଇଛି, ତାଙ୍କୁ

**ସଦ୍‌ଗୁରୁ** କୁହାଯାଏ । ସେ କେବଳ ଅପରଙ୍କୁ କୃପା କରିପାରନ୍ତି । **ଗୁରୁ କହିଲେ, କେବଳ ସଦ୍‌ଗୁରୁଙ୍କୁ** ବୁଝାଇଥାଏ । ଜ୍ଞାନପଥରେ ସିଦ୍ଧଗୁରୁଙ୍କୁ **ସଦ୍‌ଗୁରୁ** କୁହାଯାଏ । କାରଣ, ଜ୍ଞାନପଥରେ ନିର୍ବିକଳ୍ପ ସମାଧି ଲାଭ ହୋଇଥାଏ । ସଦ୍‌ଗୁରୁଙ୍କ ଶିଷ୍ୟମାନେ ଭଗବାନଙ୍କ ସଂସାରର ବାହାରେ । ସେମାନଙ୍କ ମୁକ୍ତିର ଭାର ଗୁରୁଙ୍କ ଉପରେ । ଗୁରୁଶିଷ୍ୟ ସମ୍ବନ୍ଧ ଅଭେଦ । ଇଷ୍ଟ, ଗୁରୁ, ଓ ମନ୍ତ୍ର ଅଭିନ୍ନ । ସଦ୍‌ଗୁରୁଙ୍କ ନିକଟରେ ପ୍ରାର୍ଥନା କଲେ ବ୍ରହ୍ମ, ଆତ୍ମା, ଭଗବାନ ସମସ୍ତ ଲାଭ ହୋଇଥାଏ । ଗୁରୁଧ୍ୟାନ ଫଳରେ, ଗୁରୁସେବା ବଳରେ ଗୁରୁଙ୍କର ସମସ୍ତ ଜ୍ଞାନ ଶିଷ୍ୟମାନଙ୍କ ଭିତରେ ସଞ୍ଚାରିତ ହୋଇଯାଏ । ଶିଷ୍ୟମାନଙ୍କ ଅନ୍ତରରେ ଶ୍ରୀଭଗବାନ୍‌ଙ୍କ ବିକାଶ ଦେଖିବା ନିମିତ୍ତ ଗୁରୁଦେବ ଶିଷ୍ୟମାନଙ୍କ ଭାର ଗ୍ରହଣ କରିଥାନ୍ତି । ଗୀତାରେ ଶ୍ରୀକୃଷ୍ଣ ଗୁରୁଭାବରେ ପ୍ରତିଷ୍ଠିତ ଥାଇ ଶିଷ୍ୟ ଅର୍ଜୁନଙ୍କୁ ଶିକ୍ଷା ଦାନ କରିଥିଲେ । ଅର୍ଜୁନ ଯେତେବେଳେ ନିଜକୁ ଶିଷ୍ୟ ବୋଲି ଜ୍ଞାନ କରି ତାଙ୍କରି ଶରଣାଗତ ହେଲେ, ସେତେବେଳେ ଭଗବାନ୍ ଶ୍ରୀକୃଷ୍ଣ ଓ ଅର୍ଜୁନଙ୍କ ମଧ୍ୟରେ ଗୁରୁଶିଷ୍ୟ ସମ୍ବନ୍ଧ ପ୍ରତିଷ୍ଠିତ ହେଲା ।"

ପ୍ରତ୍ୟେକଙ୍କର ଗୁରୁ ନିର୍ଦ୍ଦିଷ୍ଟ ଅଛନ୍ତି । ସେହି ଗୁରୁଦେବଙ୍କୁ ପ୍ରତ୍ୟକ୍ଷ କରିବା ନିମିତ୍ତ ଶିଷ୍ୟମାନେ ଯତ୍ନ କରିବା କର୍ତ୍ତବ୍ୟ । 'ଶ୍ରୀଶ୍ରୀଗୁରୁଗୀତା' ପାଠ ଦ୍ୱାରା ଶିଷ୍ୟମାନଙ୍କ ମନ ଗୁରୁଦେବଙ୍କ ପ୍ରତି ଆକୃଷ୍ଟ ହୋଇଥାଏ ।

ଯେଉଁ ମହାପୁରୁଷ ତ୍ରିଗୁଣାତ୍ମିକା ମାୟାର ଅତୀତ ହୋଇ ମଧ୍ୟ ମାୟାର ଅବସ୍ଥା ଅବଗତ ଅଛନ୍ତି ଏବଂ ଯେଉଁ ମହାତ୍ମା କେବଳ ଭଗବାନଙ୍କ ପ୍ରୀତି ଉଦ୍ଦେଶ୍ୟରେ ଦୈବୀ ପ୍ରକୃତି ସହିତ ଅଭିନ୍ନ ଭାବରେ ବିରାଜମାନ, ସେ ହିଁ ସଦ୍‌ଗୁରୁ । କେବେ କୌଣସି କାଳରେ ହେଲେ ସେହି ସଦ୍‌ଗୁରୁ ଅଭାବ ହୁଅନ୍ତି ନାହିଁ । କର୍ମ, ଜ୍ଞାନ, ଭକ୍ତିରେ ନିପୁଣତା ଲାଭ କରିବା ପରେ ଶିଷ୍ୟମାନଙ୍କର ସଦ୍‌ଗୁରୁ ଲାଭ ହୋଇଥାଏ । ବିଜ୍ଞାନମୟ କୋଷର ଓ ଆନନ୍ଦମୟ କୋଷର ଅଭିବ୍ୟକ୍ତି ହେଲେ ଗୁରୁଦର୍ଶନ ଘଟେ । ଶିଷ୍ୟମାନଙ୍କର ଶରୀର ନିଦ୍ରାଭିଭୂତ ଥିବାବେଳେ ଗୁରୁଦେବ ଦର୍ଶନ ଦାନ ପୂର୍ବକ ବିବିଧ ଉପଦେଶ ପ୍ରଦାନ କରିଥାନ୍ତି । କିନ୍ତୁ ସୂକ୍ଷ୍ମରୁ ସ୍ଥୂଳଦେହକୁ ଫେରିବା ସମୟରେ ସେହି ଉପଦେଶମାନ ସ୍ମରଣ ରହେ ନାହିଁ । ଶିଷ୍ୟମାନଙ୍କ ଚିତ୍ତ ଶୁଦ୍ଧଭାବ ଧାରଣ କଲେ, ଶିଷ୍ୟମାନେ ସଚେତନ ଭାବରେ ଗୁରୁଦର୍ଶନ ଲାଭ କରିଥାନ୍ତି । ସେତେବେଳେ ସୂକ୍ଷ୍ମ ଅବସ୍ଥାର ଜ୍ଞାନ ଜାଗ୍ରତ ଅବସ୍ଥାରେ ସ୍ମରଣ ରହେ ।

ସାଧାରଣତଃ ଅଧିକାଂଶଙ୍କର ଧାରଣା, ଥରେ ସଦ୍‌ଗୁରୁ ଦେବଙ୍କ ଦର୍ଶନ ଲାଭ କଲେ, ସମସ୍ତ ସିଦ୍ଧି ହୋଇଗଲା । ଏଥିପାଇଁ ଗୁରୁ ମହାପୁରୁଷମାନେ ଅପ୍ରକାଶ୍ୟ ଭାବରେ ରହି ଜଗତର ହିତ ସାଧନ କରୁଛନ୍ତି । ବର୍ତ୍ତମାନ ସମାଜର ଅବସ୍ଥା ଏପରି ଶୋଚନୀୟ ହୋଇପଡ଼ିଛି ଯେ ପୁଣ୍ୟାତ୍ମା ସାଧୁ ମହାପୁରୁଷମାନେ ଏହି ଅପବିତ୍ର ସମାଜରେ ପ୍ରକାଶ୍ୟ ଭାବରେ ବାସ କରିବା ସମ୍ଭବପର ହେଉନାହିଁ ।

ଏଥିରୁ ଗୁରୁତତ୍ତ୍ୱ ଅବଗତ ହୋଇ ଗୁରୁନାମର ମହାତ୍ମ୍ୟ ଜାଣି 'ଶ୍ରୀଶ୍ରୀଗୁରୁଗୀତା' ପାଠରେ ପ୍ରବୃତ୍ତ ହେବା ବିଧେୟ । ସ୍ମରଣ ରଖିବାକୁ ହେବ ଯେ, ଏ ଯୁଗର ଯୁଗଧର୍ମ **"ଗୁରୁସେବା"** । ଗୁରୁଦେବ ପରମତତ୍ତ୍ୱ ପୁରୁଷୋତ୍ତମ । ଶ୍ରୀଗୁରୁଦେବ ହିଁ ପରମ

ଉପାସ୍ୟ ଏବଂ ଏ ଯୁଗର ଯୁଗମନ୍ତ୍ର ହେଉଛି **"ଜୟଗୁରୁ"** । ଦେହସ୍ଥିତି କାଳରେ ଶିଷ୍ୟମାନେ ଚିନ୍ମୟ ଦେହରେ ଗୁରୁଲୋକରେ ଗୁରୁସେବାରେ ବ୍ରତୀ ହୋଇଥିଲେ, ଦେହାନ୍ତରେ ଅନାୟାସରେ ସେହି ସେବାର ସୁଯୋଗ ପ୍ରାପ୍ତ ହେବେ । ଶ୍ରୀଗୁରୁ ହେଉଛନ୍ତି 'ସମ୍ବନ୍ଧତତ୍ତ୍ୱ', ଅଭିଧେୟ ହେଉଛି "ଜୟଗୁରୁ" ନାମ ଏବଂ ନିତ୍ୟ ଗୁରୁଲୋକରେ ଶ୍ରୀଗୁରୁଦେବଙ୍କ ସେବା ହିଁ ପ୍ରୟୋଜନ । ଗୁରୁନାମ ହିଁ ଗୁରୁଦେବଙ୍କ ବିଗ୍ରହ ସ୍ୱରୂପ । ଏଥିପାଇଁ ଗୁରୁନାମ ଭଜନ, ସ୍ମରଣ, ମନନ ରୂପ ଗୁରୁସେବା ଫଳରେ ଚିତ୍ତ ସର୍ବସଂସ୍କାରମୁକ୍ତ ହୋଇ ଗୁରୁଭାବରେ ତନ୍ମୟ ହୋଇଯାଏ । ଚିତ୍ତ ସର୍ବସଂସ୍କାରମୁକ୍ତ ହେଲେ, ସେଥିରେ କେବଳ ଶ୍ରୀଗୁରୁଭଗବାନଙ୍କ ମୂର୍ତ୍ତି ପ୍ରତିଭାତ ହୋଇଥାଏ, ଅନ୍ୟ କିଛି ପ୍ରତିଫଳିତ ହୁଏ ନାହିଁ । ସେହି ସଂସ୍କାରମୁକ୍ତ ଚିତ୍ତ ଗୁରୁସେବା ଭିନ୍ନ ଅନ୍ୟ କିଛି ଆକାଂକ୍ଷା କରେ ନାହିଁ । ଶିଷ୍ୟମାନେ ଗୁରୁଦେବଙ୍କ କୃପାରୁ ସର୍ବସଂସ୍କାରମୁକ୍ତ ହୋଇ ଅଦ୍ୱୈତଭାବରେ ପ୍ରତିଷ୍ଠିତ ହେଲେ ମଧ୍ୟ ଗୁରୁଶିଷ୍ୟମାନଙ୍କ ନିତ୍ୟ ସମ୍ବନ୍ଧ ବିଦ୍ୟମାନ ଥାଏ । ସେବ୍ୟ-ସେବକ ଭାବ ନିର୍ବିକଳ୍ପ ଅବସ୍ଥାର ପରପାରର କଥା ।

ଶ୍ରୀଗୁରୁ ତତ୍ତ୍ୱ ପରମ ଓ ଚରମ ତତ୍ତ୍ୱ । ସେହି ଭୂମିରେ ମାୟା, ଅବିଦ୍ୟା ପ୍ରଭୃତି ପ୍ରତ୍ୟେକଙ୍କର ଅସ୍ତିତ୍ୱ ଅଛି । କିନ୍ତୁ ସେଠାରେ ମାୟା ପରାବିଦ୍ୟାର ବିରୋଧ କରେ ନାହିଁ । ଗୁରୁଲୀଳାର ପ୍ରୟୋଜନ ନିମିତ୍ତ ଗୁରୁ ଶିଷ୍ୟ ଭେଦ କଳ୍ପିତ ହୋଇଅଛି । ଶ୍ରୀଗୁରୁଦେବ ଶିଷ୍ୟଭକ୍ତମାନଙ୍କୁ ଆତ୍ମସ୍ୱରୂପରେ ପ୍ରତିଷ୍ଠିତ କରିବା ପରେ ସେବ୍ୟ-ସେବକ ସମ୍ବନ୍ଧ ସ୍ଥାପନ କରିଥାନ୍ତି । ଶ୍ରୀଗୁରୁ ପରମ ପୁରୁଷୋତ୍ତମ ଭାବରେ ପ୍ରତିଷ୍ଠିତ ଥାଇ ଅସୀମ ହୋଇ ମଧ୍ୟ ସେବା ନିମିତ୍ତ ସସୀମ ହୋଇଥାନ୍ତି । 'ଜୟଗୁରୁ' ନାମ ଜପ ଦ୍ୱାରା ଶ୍ରୀଗୁରୁଦେବ ସେବ୍ୟରୂପ ଧାରଣ କରି ଶିଷ୍ୟଭକ୍ତମାନଙ୍କ ସମ୍ମୁଖରେ ଆବିର୍ଭୂତ ହୁଅନ୍ତି । ନାମ-ନାମୀ ଅଭେଦ । ଏହି କାରଣରୁ 'ଜୟଗୁରୁ' ସିଦ୍ଧମନ୍ତ୍ର ସ୍ମରଣ ଦ୍ୱାରା ଶ୍ରୀଗୁରୁଦେବଙ୍କର ପ୍ରତ୍ୟକ୍ଷ ଅନୁଭୂତି ଲାଭ ହୁଏ । ଶ୍ରୀଗୁରୁଦେବ ଇଚ୍ଛାଶକ୍ତି ଦ୍ୱାରା ଶିଷ୍ୟ ଭକ୍ତମାନଙ୍କୁ ଦୀକ୍ଷା ପ୍ରଦାନ କରିଥାନ୍ତି । ଏହା ହିଁ ସବୁ ଦୀକ୍ଷାଠାରୁ ଶ୍ରେଷ୍ଠ ।

ଅତଏବ 'ଶ୍ରୀଶ୍ରୀଗୁରୁଗୀତା' ପାଠକମାନେ ଗୁରୁତତ୍ତ୍ୱ ଅବଗତ ହୋଇ ଶ୍ରୀ ଗୁରୁଦେବଙ୍କ ଆକାଂକ୍ଷିତ ଶିଷ୍ୟଭାବରେ ନିଜକୁ ଗଠନ କରିବା ନିମିତ୍ତ ଯତ୍ନବାନ ହେବା ବିଧେୟ ।

ଶ୍ରୀଗୁରୁ ମହିମାମୂଳକ ବିଷୟବସ୍ତୁ ସଂଗ୍ରହ ନିମିତ୍ତ ଯେଉଁସବୁ ପୁସ୍ତକର ସାହାଯ୍ୟ ଗ୍ରହଣ କରାଯାଇଛି ତନ୍ମଧ୍ୟରେ ଶ୍ରୀଶ୍ରୀଠାକୁରଙ୍କ ପ୍ରଣୀତ 'ଯୋଗୀଗୁରୁ', 'ଜ୍ଞାନୀଗୁରୁ', 'ତାନ୍ତ୍ରିକଗୁରୁ' ଓ 'ପ୍ରେମିକଗୁରୁ' ଗ୍ରନ୍ଥ, ପୁରାତନ 'ଆର୍ଯ୍ୟଦର୍ପଣ' ପତ୍ରିକାର ବିବିଧ ପ୍ରବନ୍ଧ, ଭାରତ ସେବାଶ୍ରମ ସଂଘ ପ୍ରକାଶିତ 'ସଦ୍‌ଗୁରୁ' ପୁସ୍ତକ ଓ ଅନ୍ୟାନ୍ୟ ପ୍ରବନ୍ଧ ପ୍ରଧାନ । ପାଠକମାନେ ଦୋଷାଂଶ ପରିହାର କରି ସ୍ୱଧର୍ମ ପ୍ରତିପାଳନରେ ବ୍ରତୀ ହେଲେ ଶ୍ରମ ସାର୍ଥକ ଜ୍ଞାନ କରିବୁ । ଜୟଗୁରୁ ।

ବୀରତୁଙ୍ଗ, ପୁରୀ
ମାଘପୂର୍ଣ୍ଣିମା,
ତା ୮ । ୨ । ୧୯୮୨

**ସଂପାଦକ**
***ଶ୍ରୀ ଦୁର୍ଗାଚରଣ ମହାନ୍ତି***



ଶ୍ରୀଶ୍ରୀଠାକୁର

# ଶ୍ରୀଗୁରୁ ବନ୍ଦନା

ବନ୍ଦେ ଶ୍ରୀଗୁରୁ ପ୍ରେମକଳ୍ପତରୁ ଚିଦାନନ୍ଦ ନିତ୍ୟ ବ୍ରହ୍ମ ସନାତନ
ପତିତପାବନ ଅନାଥଶରଣ ଅଜ୍ଞାନ-ତାମସ ନାଶନ ॥ ୦ ॥

ଗୁରୁ ବ୍ରହ୍ମା ବିଷ୍ଣୁ ଗୁରୁ ମହେଶ୍ୱର
ସର୍ବତତ୍ତ୍ୱମୟ ଗୁରୁ ପରାତ୍ପର
ଗୁରୁ ପରଂବ୍ରହ୍ମ ଜ୍ଞାନ-ଭାସ୍କର ଭବସାଗର ତାରଣ ॥ ୧ ॥

ସ୍ଥାବର ଜଙ୍ଗମ ବିଶ୍ୱଚରାଚର
ସର୍ବ ବ୍ୟାପ୍ତ ସେ ଯେ ଛନ୍ତି ନିରନ୍ତର
ଚିନ୍ମୟ ସ୍ୱରୂପ ନାହିଁ ନାମ ରୂପ ଧ୍ୟାନାତୀତ ନିତ୍ୟ ନିରଞ୍ଜନ ॥ ୨ ॥

ବେଦାନ୍ତ-ଭାସ୍କର ସର୍ବଶ୍ରୁତିସାର
ବିତରେ ଅମୃତ କରୁଣା ଅପାର
ଚୈତନ୍ୟ ଶାଶ୍ୱତ ଜଗତର ନାଥ ସ୍ମରରେ ହୃଦୟ-ରଞ୍ଜନ ॥ ୩ ॥

ହୃଦୟକନ୍ଦରେ ସେ ଯେ ଦିବାକର
ମଙ୍ଗଳ ଦାୟକ ସର୍ବମୂଳାଧାର
ଶୁଦ୍ଧ ଜ୍ଞାନମୟ ଆନନ୍ଦ ନିଳୟ ତତ୍ତ୍ୱମସି ସେ ଯେ ମୂର୍ତ୍ତିମାନ୍ ॥ ୪ ॥

ଭାବର ଅତୀତ ତ୍ରିଗୁଣ ରହିତ
ସଦା ସାକ୍ଷୀଭୂତ ଦ୍ୱନ୍ଦ୍ୱବିରହିତ
ମାୟାର ଅତୀତ ପରମ ସୁଖଦ ଶମନଭୟ ବାରଣ ॥ ୫ ॥

ଆତ୍ମବଳି ଦିଅ ଶ୍ରୀଗୁରୁ ଚରଣେ
ତେବେ ତୁ ପାଇବୁ ସେ ପରମଧନେ
ଅଜ୍ଞାନ ଘୁଞ୍ଚିବ ଜ୍ଞାନର ଆଲୋକେ ଭାତିବ ଏ ତୋର ପ୍ରାଣମନ ॥ ୬ ॥

ସେହି ଗୁରୁପଦେ ନେବାକୁ ଶରଣ
ଯଦିରେ ଯୋଗେନ୍ଦ୍ର ଅଛି ତୋର ମନ
ଅହଂତ୍ୱ ବିନାଶି ଗୁରୁପଦେ ମିଶି ବ୍ରହ୍ମାନନ୍ଦ ରସେ ହୁଅ ରେ ମଗନ ॥ ୭ ॥

# ନିବେଦନ

ଗୁରୁ ନାରାୟଣ କରେ ନିବେଦନ
　　　　ରହୁ ମୋର ମନ ତବ ଶ୍ରୀଚରଣେ ।
ମୁହିଁ ଅତି ଦୀନ ଭଜନ-ବିହୀନ
　　　　କୃପା କର ପ୍ରଭୁ ତବ ନିଜ ଗୁଣେ ॥ ୦ ॥

ରହେ, ଯେ ଭାବେ ଯେ ସ୍ଥାନେ, ଜୀବନେ ମରଣେ
　　　　ମଜ୍ଜି ରହେ ଯେହ୍ନେ ତବ ଗୁଣଗାନେ ।
ତବ ପ୍ରେମମୟ ମୂରତି ଯେହ୍ନେ ନିରବଧି
　　　　ଲାଗି ରହୁ ମୋର ଏ ବେନି ନୟନେ ॥ ୧ ॥

ଦେହ ମନ ପ୍ରାଣ କରି ସମର୍ପଣ
　　　　ଅବିଚାରେ କରେ ଆଦେଶ ପାଳନ
ମୋର, ଯାଉ ରହୁ ପ୍ରାଣ ଆହେ ଭଗବାନ !
　　　　ଯେହ୍ନେ ନ ଭୁଲୁ ପରାଣ ତୁମ ପରି ଧନେ ॥ ୨ ॥

ତବ ନାମ ଜପି ତବ ରୂପ ଦେଖି
　　　　ତୁମରି ଆନନ୍ଦେ ଆନନ୍ଦରେ ମାତି
ତୁମରି ସେବାରେ ଯେହ୍ନେ ଦିନ ଯାଏ
　　　　ଅନ୍ୟ ଆଶା ମୋର ନ ଥାଉ ଜୀବନେ ॥ ୩ ॥

# ଶ୍ରୀଶ୍ରୀଗୁରୁପ୍ରଣାମ

ଓଁ ବ୍ରହ୍ମାନନ୍ଦଂ ପରମସୁଖଦଂ କେବଳଂ ଜ୍ଞାନମୂର୍ତ୍ତିମ୍
ଦ୍ୱନ୍ଦ୍ୱାତୀତଂ ଗଗନସଦୃଶଂ ତତ୍ତ୍ୱମସ୍ୟାଦିଲକ୍ଷ୍ୟମ୍ ।
ଏକଂ ନିତ୍ୟଂ ବିମଳମଚଳଂ ସର୍ବଧୀସାକ୍ଷୀଭୂତମ୍
ଭାବାତୀତଂ ତ୍ରିଗୁଣରହିତଂ ସଦ୍‌ଗୁରୁଂ ତଂ ନମାମି ॥

## ଗୁର୍ବଷ୍ଟକମ୍

ଭବ ସାଗର ତାରଣ କାରଣ ହେ ! ରବିନନ୍ଦନ ବନ୍ଧନ ଖଣ୍ଡନ ହେ !
ଶରଣାଗତ କିଙ୍କର ଭୀତମନେ, ଗୁରୁଦେବ ! ଦୟାକର ଦୀନଜନେ ॥୧॥
ହୃଦ-କନ୍ଦର-ତାମସ-ଭାସ୍କର ହେ
ତୁମେ ବିଷ୍ଣୁ ପ୍ରଜାପତି ଶଙ୍କର ହେ
ପରଂବ୍ରହ୍ମ ପରାତ୍ପର ବେଦ ଭଣେ, ଗୁରୁଦେବ ! ଦୟା କର ଦୀନଜନେ ॥୨॥
ମନ-ବାରଣ-ଶାସନ-ଅଙ୍କୁଶ ହେ
ନର ତ୍ରାଣ ତରେ ହରି ଚାକ୍ଷୁଷ ହେ
ଗୁଣଗାନ ପରାୟଣ ଦେବଗଣେ, ଗୁରୁଦେବ ! ଦୟା କର ଦୀନଜନେ ॥୩॥
କୁଳକୁଣ୍ଡଳିନୀ-ଘୁମ-ଭଞ୍ଜକ ହେ
ହୃଦ-ଗ୍ରନ୍ଥି-ବିଦାରଣ-କାରକ ହେ
ମମ ମାନସ ଚଞ୍ଚଳ ରାତ୍ରଦିନେ, ଗୁରୁଦେବ ! ଦୟା କର ଦୀନଜନେ ॥୪॥
ରିପୁସୂଦନ ମଙ୍ଗଳ ନାୟକ ହେ
ସୁଖ ଶାନ୍ତି ବରାଭୟ ଦାୟକ ହେ
ତ୍ରୟ ତାପ ହରେ ତବ ନାମ ଗୁଣେ, ଗୁରୁଦେବ ! ଦୟା କର ଦୀନଜନେ ॥୫॥
ଅଭିମାନ-ପ୍ରଭାବ-ବିମର୍ଦ୍ଦକ ହେ
ଗତି-ହୀନ ଜନେ ତୁମେ ରକ୍ଷକ ହେ
ଚିତ୍ତ ଶଙ୍କିତ ବଞ୍ଚିତ-ଭକ୍ତି-ଧନେ, ଗୁରୁଦେବ ! ଦୟା କର ଦୀନଜନେ ॥୬॥
ତବ ନାମ ସଦା ଶୁଭ-ସାଧକ ହେ
ପତିତାଧମ-ମାନବ-ପାବକ ହେ
ମହିମା ତବ ଗୋଚର ଶୁଦ୍ଧମନେ, ଗୁରୁଦେବ ! ଦୟା କର ଦୀନଜନେ ॥୭॥
ଜୟ ସଦ୍‌ଗୁରୁ ଈଶ୍ୱର-ପ୍ରାପକ ହେ
ଭବରୋଗ-ବିକାର-ବିନାଶକ ହେ
ମନ ଯେହ୍ନେ ରହେ ତବ ଶ୍ରୀଚରଣେ, ଗୁରୁଦେବ ! ଦୟା କର ଦୀନଜନେ ॥୮॥

# ଶ୍ରୀଗୁରୁପ୍ରଣାମ

ଓଁ ଚୈତନ୍ୟଂ ଶାଶ୍ୱତଂ ଶାନ୍ତଂ ବ୍ୟୋମାତୀତଂ ନିରଞ୍ଜନମ୍ ।
ବିନ୍ଦୁନାଦକଳାତୀତଂ ତସ୍ମୈ ଶ୍ରୀଗୁରବେ ନମଃ ॥ ୧॥

ଗୁରୁର୍ବ୍ରହ୍ମା ଗୁରୁର୍ବିଷ୍ଣୁର୍ଗୁରୁର୍ଦ୍ଦେବୋ ମହେଶ୍ୱରଃ ।
ଗୁରୁରେବ ପରଂବ୍ରହ୍ମ ତସ୍ମୈ ଶ୍ରୀଗୁରବେ ନମଃ ॥ ୨ ॥

ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଳାକୟା ।
ଚକ୍ଷୁରୁନ୍ମୀଳିତଂ ଯେନ ତସ୍ମୈ ଶ୍ରୀଗୁରବେ ନମଃ ॥ ୩ ॥

ଜ୍ଞାନଶକ୍ତି-ସମାରୁଢ଼ଂ ତତ୍ତ୍ୱମାଳାବିଭୂଷିତମ୍ ।
ଭୁକ୍ତିମୁକ୍ତିପ୍ରଦାତାରଂ ତସ୍ମୈ ଶ୍ରୀଗୁରୁବେ ନମଃ ॥ ୪ ॥

ସର୍ବଶ୍ରୁତି-ଶିରୋରତ୍ନ-ବିରାଜିତ-ପଦାମ୍ବୁଜମ୍ ।
ବେଦାନ୍ତାମ୍ବୁଜସୂର୍ଯ୍ୟାୟ ତସ୍ମୈ ଶ୍ରୀଗୁରବେ ନମଃ ॥ ୫ ॥

ଅନେକଜନ୍ମସଂପ୍ରାପ୍ତ-କର୍ମବନ୍ଧ-ବିଦାହିନେ ।
ଆତ୍ମଜ୍ଞାନପ୍ରଦାନେନ ତସ୍ମୈ ଶ୍ରୀଗୁରବେ ନମଃ ॥ ୬ ॥

ସଂସାର-ବୃକ୍ଷମାରୂଢ଼ାଃ ପତନ୍ତି ନରକାର୍ଣ୍ଣବେ ।
ଯେନୋଦ୍ଧୃତମିଦଂ ବିଶ୍ୱଂ ତସ୍ମୈ ଶ୍ରୀଗୁରବେ ନମଃ ॥ ୭ ॥

ଆବ୍ରହ୍ମସ୍ତମ୍ବପର୍ଯ୍ୟନ୍ତଂ ପରମାତ୍ମସ୍ୱରୂପକମ୍ ।
ସ୍ଥାବରଂ ଜଙ୍ଗମଞ୍ଚୈବ ପ୍ରଣମାମି ଜଗନ୍ମୟମ୍ ॥ ୮ ॥

ବନ୍ଦେଽହଂ ସଚ୍ଚିଦାନନ୍ଦଂ ଭେଦାତୀତଂ ଜଗଦ୍‌ଗୁରୁମ୍ ।
ନିତ୍ୟଂ ପୂର୍ଣ୍ଣଂ ନିରାକାରଂ ନିର୍ଗୁଣଂ ସ୍ୱାତ୍ମସଂସ୍ଥିତମ୍ ॥ ୯ ॥

ନ ଗୁରୋରଧିକଂ ତତ୍ତ୍ୱଂ ନ ଗୁରୋରଧିକଂ ତପଃ ।
ତତ୍ତ୍ୱଜ୍ଞାନାତ୍ ପରଂ ନାସ୍ତି ତସ୍ମୈ ଶ୍ରୀଗୁରବେ ନମଃ ॥ ୧୦ ॥

ଗୁରୁରାଦିରନାଦିଶ୍ଚ ଗୁରୁଃ ପରମଦୈବତମ୍ ।
ଗୁରୋଃ ପରତରଂ ନାସ୍ତି ତସ୍ମୈ ଶ୍ରୀଗୁରବେ ନମଃ ॥ ୧୧ ॥

ମନ୍ନାଥଃ ଶ୍ରୀଜଗନ୍ନାଥୋ ମଦ୍‌ଗୁରୁଃ ଶ୍ରୀଜଗଦ୍‌ଗୁରୁଃ ।
ମଦାତ୍ମା ସର୍ବଭୂତାତ୍ମା ତସ୍ମୈ ଶ୍ରୀଗୁରବେ ନମଃ ॥ ୧୨ ॥

ନିତ୍ୟଂ ଶୁଦ୍ଧଂ ନିରାଭାସଂ ନିରାକାରଂ ନିରଞ୍ଜନମ୍
ନିତ୍ୟବୋଧଂ ଚିଦାନନ୍ଦଂ ଗୁରୁବ୍ରହ୍ମ ନମାମ୍ୟହମ୍ ॥ ୧୩ ॥

ଭବପାଶବିନାଶାୟ ଜ୍ଞାନଦୃଷ୍ଟି-ପ୍ରଦର୍ଶିନେ
ନମଃ ସଦ୍‌ଗୁରବେ ତୁଭ୍ୟଂ ଭୁକ୍ତି-ମୁକ୍ତି-ପ୍ରଦାୟିନେ ॥ ୧୪ ॥

ନରାକାର-ପରଂବ୍ରହ୍ମରୂପାୟାଽଜ୍ଞାନହାରିଣେ
ଆତ୍ମଜ୍ଞାନପ୍ରଦାନେନ ତସ୍ମୈ ଶ୍ରୀଗୁରବେ ନମଃ ॥ ୧୫ ॥

## ଶାନ୍ତିପାଠ

ଓଁ ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାତ୍ ପୂର୍ଣ୍ଣମୁଦଚ୍ୟତେ
ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବାବଶିଷ୍ୟତେ ॥ ୧ ॥

ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ହରି ଓଁ ତତ୍ ସତ୍ ।
ଯଦକ୍ଷରଂ ପରିଭ୍ରଷ୍ଟଂ ମାତ୍ରାହୀନଞ୍ଚ ଯଦ୍ ଭବେତ୍
ତତ୍‌ସର୍ବଂ କ୍ଷମ୍ୟତାଂ ଦେବ । ପ୍ରସୀଦ ପରମେଶ୍ୱର ॥ ୨ ॥

ଧ୍ୟାନମୂଳଂ ଗୁରୋର୍ମୂର୍ତ୍ତିଃ ପୂଜାମୂଳଂ ଗୁରୋଃ ପଦମ୍
ମନ୍ତ୍ରମୂଳଂ ଗୁରୋର୍ବାକ୍ୟଂ ମୋକ୍ଷମୂଳଂ ଗୁରୋଃ କୃପା ॥ ୩ ॥

ତ୍ୱମେବ ମାତା ଚ ପିତା ତ୍ୱମେବ
ତ୍ୱମେବ ବନ୍ଧୁଶ୍ଚ ସଖା ତ୍ୱମେବ
ତ୍ୱମେବ ବିଦ୍ୟା ଦ୍ରବିଣଂ ତ୍ୱମେବ
ତ୍ୱମେବ ସର୍ବଂ ମମ ଦେବ ଦେବ ॥ ୪ ॥

# ଶ୍ରୀଶ୍ରୀଗୁରୁଗୀତା

ଋଷୟ ଉଚୁଃ

***ଗୁହ୍ୟାଦ୍ ଗୁହ୍ୟତରା ବିଦ୍ୟା ଗୁରୁଗୀତା ବିଶେଷତଃ ।***
***ତ୍ୱତ୍ ପ୍ରସାଦାଦ୍ଧି ଶ୍ରୋତବ୍ୟା ତତ୍ ସର୍ବଂ ବ୍ରୂହି ମେ ସୂତ ॥୧॥***

***ଅନ୍ୱୟଃ :*** ଋଷୟଃ ଉଚୁଃ-ହେ ସୂତ ! ବିଦ୍ୟା, ବିଶେଷତଃ 'ଗୁରୁଗୀତା' ଗୁହ୍ୟାତ୍ ଗୁହ୍ୟତରା । (ସା) ତ୍ୱତ୍ ପ୍ରସାଦାତ୍ ହି ଶ୍ରୋତବ୍ୟା । ତତ୍ ସର୍ବମ୍ ମେ ବ୍ରୂହି ।

***ଅର୍ଥ :*** ଋଷିମାନେ ପ୍ରଶ୍ନ କଲେ – "ହେ ସୂତ ! ଯେଉଁ ବ୍ରହ୍ମବିଦ୍ୟା ଏକାନ୍ତ ଗୋପନୀୟ, ସେହି ବ୍ରହ୍ମବିଦ୍ୟା-ସ୍ୱରୂପିଣୀ ଗୁରୁଗୀତା ଆପଣଙ୍କ ପ୍ରସାଦରୁ ଯେପରି ଅବଗତ ହୋଇପାରିବୁ, ସେଥିପାଇଁ ତାହା ପ୍ରକାଶ କରନ୍ତୁ ।"

ଅନ୍ୟାନ୍ୟ ବିଦ୍ୟାର ଆଲୋଚନା ଦ୍ୱାରା ମନୁଷ୍ୟ ସଂସାରରେ ନଶ୍ୱର ସୁଖଶାନ୍ତି ଲାଭ କରିପାରେ । କିନ୍ତୁ ଏକମାତ୍ର ବ୍ରହ୍ମବିଦ୍ୟା ହିଁ ମନୁଷ୍ୟକୁ ପରମ ଆନନ୍ଦମୟ, ଶାଶ୍ୱତ ସୁଖ ଶାନ୍ତିପ୍ରଦ ପରମପଦ ପ୍ରଦାନ କରିଥାଏ । ତାହା ପ୍ରାପ୍ତ ହେଲେ ମାନବ ଜନ୍ମମରଣର ଘୂର୍ଣ୍ଣି ମଧ୍ୟରୁ ଉଦ୍ଧାର ଲାଭ କରି ଚିରନ୍ତନ ନିରବଚ୍ଛିନ୍ନ ଆନନ୍ଦର ଅଧିକାରୀ ହୋଇଥାଏ । ଗୁରୁଦେବ ହିଁ ସଚ୍ଚିଦାନନ୍ଦ-ଘନବିଗ୍ରହ, ପରମାତ୍ମ-ତତ୍ତ୍ୱର ପ୍ରତ୍ୟକ୍ଷମୂର୍ତ୍ତି । ସୁତରାଂ ଗୁରୁଗୀତା ପଠନ, ଶ୍ରବଣ ଓ ସ୍ମରଣ-ମନନ କଲେ, ଗୁରୁଭକ୍ତି ଲାଭ ହୋଇଥାଏ ଏବଂ ଗୁରୁନାମର ମହିମା ଓ ଗୁରୁଦେବଙ୍କ ସ୍ୱରୂପ ଯେଉଁ ପରଂବ୍ରହ୍ମ ତତ୍ତ୍ୱ, ତାହା ଲାଭ ହୋଇ ଭବବନ୍ଧନ ଛିନ୍ନ ହୋଇଯାଏ । ଏହି କାରଣରୁ ଋଷିମାନେ ଗୁରୁଗୀତା ପ୍ରକାଶ ନିମିତ୍ତ ମହର୍ଷି ସୂତଙ୍କୁ ନିବେଦନ କରୁଅଛନ୍ତି ।

ହେ ସୂତ ! ତାପସ ପ୍ରବର ଯୋଗୀ ଜନରେ ଅଗୋଚର ।୧।
ଏକାନ୍ତ ଗୋପନୀୟ ଯାହା ସେ ବ୍ରହ୍ମବିଦ୍ୟା ମହାମାୟା ।୨।
ସ୍ୱଭାବେ ତାହି ଗୁରୁଗୀତା ଶୁଣିଲେ ଯିବ ଭବଚିନ୍ତା ।୩।
କରୁଣା ବହି ଋଷି ଶ୍ରେଷ୍ଠ ସେ ଗୀତା କର ହେ ପ୍ରକଟ ।୪।
ସଂସାରେ ନୁହେଁ କିଛି ଚିର ମାନବ୍ର ଜୀବନ ନଶ୍ୱର ।୫।
ଯାହାକୁ ମଣି ସୁଖ ଶାନ୍ତି ନୁହେଁ ସେ ସତ୍ୟ, ଖାଲି ଭ୍ରାନ୍ତି ।୬।
ବ୍ରହ୍ମବିଦ୍ୟାଟି କଲେ ଲାଭ ଅନ୍ତରେ ଜାତ ଯେଉଁ ଭାବ ।୭।
ସେ ଭାବେ ମିଳିବ ଆନନ୍ଦ ଜୀବନେ ତାହା ସୁଖପ୍ରଦ ।୮।
ଜନ୍ମ-ମରଣ ଘୂର୍ଣ୍ଣି ବାୟୁ ସତତ ନାଶ କରେ ଆୟୁ ।୯।
ପାଇଲେ ବ୍ରହ୍ମବିଦ୍ୟା ଜ୍ଞାନ ଗୁରୁପଦରେ ଥିଲେ ଧ୍ୟାନ ।୧୦।
ମିଳିବ ଆନନ୍ଦ ସ୍ୱରୂପ ସଚ୍ଚିଦାନନ୍ଦ-ଘନ ରୂପ ।୧୧।
ଗୁରୁଟି ଆନନ୍ଦ-ଆକର ପରମତତ୍ତ୍ୱ ନିରାକାର ।୧୨।
ସେ ଗୀତା ପଠନେ ଶ୍ରବଣେ ବିଷାଦ ନ ରହିବ ମନେ ।୧୩।
ସ୍ମରଣ କରିଲେ ଅନ୍ତରେ ଧିଆନେ ମନେ ଏକାନ୍ତରେ ।୧୪।
କୁହନ୍ତୁ ସେ ଗୁରୁ-ମହିମା ଦେଖିବେ ନ ପା'ନ୍ତି ଯାର ସୀମା ।୧୫।
ସେ ଗୁରୁ-ଗୀତାମୃତ ପାନେ ସାର୍ଥକ ହେବୁ ଏ ଜୀବନେ ।୧୬।
ଭବ-ବନ୍ଧନ ହେବ ନାଶ ତୁଟିବ ମୋହ-ମାୟା-ପାଶ ।୧୭।
ସେହି ପରମ ବ୍ରହ୍ମ-ତତ୍ତ୍ୱ କହି ଶୀତଳ କର ଚିତ୍ତ ।୧୮।

## ସୂତ ଉବାଚ

**କୈଳାସଶିଖରେ ରମ୍ୟେ ଭକ୍ତି-ସାଧନତତ୍ପରା ।**
**ପ୍ରଣମ୍ୟ ପାର୍ବତୀ ଭକ୍ତ୍ୟା ଶଙ୍କରଂ ପରିପୃଚ୍ଛତି ॥୨॥**

***ଅନ୍ୱୟଃ :*** ସୂତ ଉବାଚ-ରମ୍ୟେ କୈଳାସ-ଶିଖରେ ଭକ୍ତି-ସାଧନ-ତତ୍ପରା ପାର୍ବତୀ ଶଙ୍କରଂ ଭକ୍ତ୍ୟା ପ୍ରଣମ୍ୟ ପରିପୃଚ୍ଛତି ।

***ଅର୍ଥ :*** ରମଣୀୟ କୈଳାସ ଶିଖରରେ ଗୁରୁଲୋକରେ ଭଗବତ୍ ଭକ୍ତିସାଧନ-ପରାୟଣା ଦେବୀ ପାର୍ବତୀ, ଭକ୍ତିପୂର୍ଣ୍ଣ ଚିତ୍ତରେ ସର୍ବମଙ୍ଗଳ ନିଧାନ ଦେବ ଦେବ ମହାଦେବଙ୍କୁ ପ୍ରଣାମ କରି ପରିପ୍ରଶ୍ନ କରୁଛନ୍ତି ।

- ସୂତ ଉବାଚ -

ପବିତ୍ର କୈଳାସ-ଶିଖର
ଦେବ ମାନବେ ଅଗୋଚର ॥ ୧ ॥

ସୁଗନ୍ଧ ମଳୟ ପବନ
ସତତ କରେ ବିଚରଣ ॥ ୨ ॥

ସେ ସ୍ଥାନେ ଶିବଙ୍କ ବସତି
ସଙ୍ଗେ ପାର୍ବତୀ ପୁଣ୍ୟବତୀ ॥ ୩ ॥

ଭକ୍ତି-ସାଧନ-ପରାୟଣା
ଅପାର ଯାହାର କରୁଣା ॥ ୪ ॥

ପୁଚ୍ଛିଲେ ନମି ଭକ୍ତିଭରେ
ଦେବ-ଦେବଙ୍କ ସମୀପରେ ॥ ୫ ॥

## ପାର୍ବତୀ ଉବାଚ

***ନମୋ ନମୋ ଦେବଦେବ ପରାତ୍‌ପର ଜଗଦ୍‌ଗୁରୋ ।***
***ସଦାଶିବ ମହାଦେବ ଗୁରୁଗୀତାଂ ପ୍ରଦେହି ମେ ॥୩॥***

***ଅନ୍ୱୟଃ :*** ପାର୍ବତୀ ଉବାଚ -(ହେ) ଦେବଦେବ, ପରାତ୍ପର, ଜଗଦ୍‌ଗୁରୋ, ସଦାଶିବ (ହେ) ମହାଦେବ ! ନମଃ ନମଃ (ତୁଭ୍ୟଂ) ଗୁରୁଗୀତା ମେ ପ୍ରଦେହି ।

***ଅର୍ଥ :*** ହେ ଦେବାଧିଦେବ ମହାଦେବ ! ହେ ପରାତ୍ପର ଅର୍ଥାତ୍ ଶ୍ରେଷ୍ଠାତି-ଶ୍ରେଷ୍ଠତମ ପୁରୁଷ ! ହେ ଜଗଦ୍‌ଗୁରୋ ! ହେ ସତତ ମଙ୍ଗଳନିଧାନ ! ହେ ସଚ୍ଚିଦାନନ୍ଦ-ଘନବିଗ୍ରହ ପରାମାତ୍ମାସ୍ୱରୂପୀ ! ତୁମକୁ ବାରମ୍ବାର ପ୍ରଣାମ । ତୁମେ ସୁଦୁର୍ଲ୍ଲଭ ଗୁରୁଦେବଙ୍କ ସମ୍ବନ୍ଧୀୟ ଜ୍ଞାନ ବା ଗୁରୁଗୀତା ଶ୍ରବଣ କରାଇ ମୋତେ କୃତାର୍ଥ କର ।

### - ପାର୍ବତୀ ଉବାଚ -

ଦେବାଧିଦେବ ମହାଦେବ
ମହିମା ତୁମ କେ ବର୍ଣ୍ଣିବ ॥ ୧ ॥
ପରମବ୍ରହ୍ମ ପରାତ୍‌ପର
ଜଗତଗୁରୁ ଶୁଭଙ୍କର ॥ ୨ ॥
ତୁମେଟି ରୁଦ୍ର ସଦାଶିବ
ମଙ୍ଗଳପ୍ରଦ ଦେବ ଦେବ ॥ ୩ ॥
ପ୍ରଣାମ କରେ ବାରବାର
ହେ ଦେବ ! ବାରେ ଦୟାକର ॥ ୪ ॥
ଅତି ଦୁର୍ଲ୍ଲଭ ଗୁରୁ-ତତ୍ତ୍ୱ
ଶୁଣିବା ପାଇଁ ବଳେ ଚିତ୍ତ ॥ ୫ ॥
ସୁଦୟା କର ଆଶୁତୋଷ
ଗୁରୁ-ଗୀତାରେ ମନ ତୋଷ ॥ ୬ ॥
ଶ୍ରୀମୁଖୁ ଶୁଣିଲେ ସେ ଜ୍ଞାନ
ଧନ୍ୟ ହୋଇବ ଏ ଜୀବନ ॥ ୭ ॥

**କେନ ମାର୍ଗେଣ ଭୋ ସ୍ୱାମିନ୍ ଦେହୀ ବ୍ରହ୍ମମୟୋ ଭବେତ୍ ।**
**ତ୍ୱଂ କୃପାଂ କୁରୁ ମେ ବ୍ରହ୍ମନ୍ ନମାମି ଚରଣଂ ତବ ॥୪॥**

***ଅନ୍ୱୟଃ :*** ଦେହୀ କେନ ମାର୍ଗେଣ ବ୍ରହ୍ମମୟଃ ଭବେତ୍, ଭୋ ସ୍ୱାମିନ୍ ! (ତତ୍ ମେ ବଦ); ବ୍ରହ୍ମନ୍, ତ୍ୱଂ ମେ କୃପାଂ କୁରୁ । ତବ ଚରଣଂ ନମାମି ।

***ଅର୍ଥ :*** ହେ ସ୍ୱାମି ! ତୁମେ ହିଁ ବ୍ରହ୍ମସ୍ୱରୂପ ପରମପୁରୁଷ । ଯେଉଁ ପଥରେ ଗମନ କରି ଯେଉଁ ଉପାୟରେ ଦେହୀ ଅର୍ଥାତ୍ ଜୀବ ମାତ୍ରକେ ବ୍ରହ୍ମମୟ ହୋଇପାରନ୍ତି, ସେହି ମାର୍ଗ କୃପାକରି ମୋତେ ପ୍ରଦର୍ଶନ କର, ଏହା ହିଁ ମୋର ପ୍ରାର୍ଥନା । ତେଣୁ ତୁମରି ଚରଣରେ ପ୍ରଣତି ଜ୍ଞାପନ କରୁଅଛି ।

ତୁମେ ହିଁ ପରମ ପୁରୁଷ
ସାଧକ ଶ୍ରେଷ୍ଠ ଜ୍ଞାନକୋଷ ॥୧॥

ଜଗତ ମଙ୍ଗଳ କାରଣ
ଦିଅ ହେ ଗୁରୁ-ଗୀତା-ଜ୍ଞାନ ॥୨॥

ଯେଉଁ ପଥରେ ଗଲେ ଜୀବ
ସଂସାରେ ଅମର ହୋଇବ ॥୩॥

ଭୋ ନାଥ କହ ସେ ଉପାୟ
ହୋଇବ ଜୀବ ବ୍ରହ୍ମମୟ ॥୪॥

ତୁଟିବ ମନୁ ଦୁଃଖ ଶୋକ
ପ୍ରାପତ ହେବ ଶିବଲୋକ ॥୫॥

ଚରଣେ କରେ ପ୍ରଣିପାତ
ସେ ଗୁରୁତତ୍ତ୍ୱ କହ ନାଥ ॥୬॥

ଜଗତ ମଙ୍ଗଳ କାରଣ
ପଶୁଛି ଚରଣେ ଶରଣ ॥୭॥

ଶ୍ରୀଗୁରୁ-ଗୀତା କର ଦାନ
ଚିତ୍ତେ ଜନ୍ମିବ ଦିବ୍ୟ ଜ୍ଞାନ ॥୮॥

ଶ୍ରୀଶଙ୍କର ଉବାଚ

***ଯସ୍ୟ ଦେବେ ପରା ଭକ୍ତିର୍ଯଥା ଦେବେ ତଥା ଗୁରୌ***
***ତସ୍ୟୈତେ କଥିତା ହ୍ୟର୍ଥାଃ ପ୍ରକାଶନ୍ତେ ମହାତ୍ମନଃ ।***
***ମମ ରୂପାସି ଦେବି ତ୍ୱଂ ତ୍ୱତ୍ ପ୍ରୀତ୍ୟର୍ଥଂ ବଦାମ୍ୟହମ୍ ॥୫॥***

***ଅନ୍ୱୟଃ :*** ଶ୍ରୀଶଙ୍କର ଉବାଚ-ହେ ଦେବି ! ଯଥା ଦେବେ ତଥା ଗୁରୌ ଯସ୍ୟ ପରା ଭକ୍ତିଃ (ବିଦ୍ୟତେ) ମହାତ୍ମନଃ ଏତେ ଅର୍ଥାଃ (ପରମାର୍ଥ-ବିଷୟାଃ) ତସ୍ୟ (ସମ୍ବନ୍ଧେ) ହି କଥିତାଃ (ସନ୍ତଃ) ପ୍ରକାଶନ୍ତେ (ପ୍ରକାଶଂ ପ୍ରଚାରଂ ଯାନ୍ତି) । ହେ ଦେବି ! ତ୍ୱଂ ମମରୂପାସି (ଭବେତ୍) ଅତଃ ତ୍ୱତ୍ ପ୍ରୀତ୍ୟର୍ଥଂ ଅହଂ ବଦାମି ।

***ଅର୍ଥ :*** ଶ୍ରୀଶଙ୍କର କହିଲେ, "ହେ ପାର୍ବତି ! ଯାହାଙ୍କର ଦେବତା ମାନଙ୍କଠାରେ ଓ ଇଷ୍ଟଦେବ ଶ୍ରୀଭଗବାନଙ୍କଠାରେ ଅଚଳା ଭକ୍ତି ଅଛି, ସେମାନଙ୍କର ଯଦି ଶ୍ରୀଗୁରୁଦେବଙ୍କ ପ୍ରତି ସେହିଭଳି ଏକନିଷ୍ଠ ଭକ୍ତି ଥାଏ, ତେବେ ମହାପୁରୁଷମାନେ ତୁମ ଭଳି ସେହିପରି ପ୍ରଶ୍ନକାରୀମାନଙ୍କୁ ହିଁ ଉପଦେଶ ପ୍ରଦାନ କରିଥାନ୍ତି । ହେ ଦେବି ! ତୁମେ ସ୍ୱଭାବତଃ ମୋର ଆତ୍ମସ୍ୱରୂପା; ତେଣୁ ତୁମର ଆନନ୍ଦ ବର୍ଦ୍ଧନ ନିମିତ୍ତ ମୁଁ ଯାହା କହୁଛି, ତାହା ଅନନ୍ୟ ଚିତ୍ତରେ ଶ୍ରବଣ କର ।"

- ଶ୍ରୀଶଙ୍କର ଉବାଚ -

କହିଲେ ଦେବ ଆଶୁତୋଷ ଯାହାଙ୍କ ମନୁ ମୋହ ନାଶ ।୧।
ଇଷ୍ଟ-ଦେବରେ ଥାଏ ଭକ୍ତି ଶ୍ରୀଗୁରୁ ଚରଣେ ଯା ମତି ।୨।
କପଟ ମାୟା ନାହିଁ ମନେ ଯେ ଧନ୍ୟ ବିଶ୍ୱାସର ଧନେ ।୩।
ତୁମରି ଭଳି ଗୁରୁତତ୍ତ୍ୱ ଜାଣିବା ପାଇଁ ତାର ଚିତ୍ତ ।୪।
ବଢ଼ିବା ତଟିନୀ ସମାନ ସତତ ହୋଇବ ଉଚ୍ଛନ୍ନ ।୫।
ତାହାଙ୍କୁ ଦେଲେ ଗୁରୁଜ୍ଞାନ ସାର୍ଥକ ହେବ ତାହା ଜାଣ ।୬।
ତୁମେ ଯେ ମୋ ଆତ୍ମାସ୍ୱରୂପୀ ଅନ୍ତରେ ଅଛ ମୋର ବ୍ୟାପୀ ।୭।
ଜାଣିବା ପାଇଁ ଗୁରୁ-ଜ୍ଞାନ ବଳିଛି ଯେଣୁ ତୁମ ମନ ।୮।
କହିବି ସକଳ ବୁଝାଇ ଜଗତ ଜନ ହିତ ପାଇଁ ।୯।

*ଲୋକୋପକାରକଃ ପ୍ରଶ୍ନୋ ନ କେନାପି କୃତଃ ପୁରା*
*ଦୁର୍ଲ୍ଲଭଂ ତ୍ରିଷୁ ଲୋକେଷୁ ତ୍ଵଂ ଶୃଣୁଷ୍ୱ ବଦାମ୍ୟହମ୍ ।*
*କିଞ୍ଚିଦ୍ ଗୁରୁଂ ବିନା ନାନ୍ୟତ୍ ସତ୍ୟଂ ସତ୍ୟଂ ବରାନନେ ॥ ୬ ॥*

***ଅନ୍ଵୟଃ :*** (ଇଦୃଶଃ) ଲୋକୋପକାରକଃ ପ୍ରଶ୍ନଃ କେନ ଅପି ନ କୃତଃ । ତ୍ରିଷୁ ଲୋକେଷୁ ଦୁର୍ଲ୍ଲଭଂ ତତ୍ (ଗୁରୁଗୀତା-ସ୍ତବନଂ) ଶୃଣୁଷ୍ୱ ଅହଂ ବଦାମି । ହେ ବରାନନେ ! ଗୁରୁଂ ବିନା ଅନ୍ୟତ୍ କିଞ୍ଚିତ ନ ସତ୍ୟମ୍ । (ଏତତ୍) ସତ୍ୟମ୍ (ଜାନୀହି) ।

***ଅର୍ଥ :*** ପୂର୍ବରୁ ତୁମଭଳି ଏହି ଜଗତ-ଉପକାରକ ଗୁରୁତତ୍ତ୍ୱ ବିଷୟ କେବେ କେହି ପ୍ରଶ୍ନ କରିନାହାନ୍ତି । କାରଣ ଗୁରୁଦେବ ହିଁ ସେହି ସଚ୍ଚିଦାନନ୍ଦ ଘନ, ନିରାକାର, ମନବୁଦ୍ଧିର ଅଗୋଚର । ପରମାତ୍ମା ହିଁ ନରାକାର ପରିଗ୍ରହ କରି ଲୋକ କଲ୍ୟାଣର କାରଣ ହୋଇଥା'ନ୍ତି । ଅତଏବ ଗୁରୁଦେବ ହିଁ ଏକାନ୍ତ ଦୁର୍ଲ୍ଲଭ । ତାଙ୍କୁ ଲାଭ କଲେ, ନିଶ୍ଚୟ ଅବିଚ୍ଛିନ୍ନ ସୁଖ-ଶାନ୍ତି ଲାଭ ହୋଇଥାଏ । ଗୁରୁଦେବଙ୍କ ବ୍ୟତୀତ ତ୍ରିଜଗତରେ ଅନ୍ୟ କିଛି ଦୁର୍ଲ୍ଲଭ ନୁହେଁ, ଏହା ମୁଁ ସତ୍ୟ କରି କହୁଛି, ଶ୍ରବଣ କର ।

| | | |
|---|---|---|
| ଶୁଣ ହେ ପର୍ବତ ଦୁଲଣୀ | ଏ ଗୁରୁ-ତତ୍ତ୍ୱ ମହାବାଣୀ | । ୧ । |
| ପୂର୍ବରୁ କେଉଁ ସାଧୁ ଜନ | ଜାଣିବା ପାଇଁ ଏ ଗହନ | । ୨ । |
| କରିନାହାନ୍ତି ପୁଚ୍ଛା କେବେ | ଜାଣିବା ପାଇଁ ତୁମେ ଯେବେ | । ୩ । |
| ମନ କରିଛ ଶୁଣ ଏବେ | କହୁଛି ମନର ସରାଗେ | । ୪ । |
| ସଚ୍ଚିଦାନନ୍ଦ ଗୁରୁଦେବ | ଅଛନ୍ତି ପୂରି ସର୍ବ ଠାବ | । ୫ । |
| ମନ-ବୁଦ୍ଧିର ଅଗୋଚର | ସେହି ଅନାଦି ନିରାକାର | । ୬ । |
| ନର ଆକାରେ ରୂପ ଧରି | ଆସନ୍ତି ଭବେ ଅବତରି | । ୭ । |
| ଜଗତ-କଲ୍ୟାଣ କାରଣ | କରନ୍ତି ଏଥି ବିଚରଣ | । ୮ । |
| କୋଟି ଜନମ ପୁଣ୍ୟ ଫଳେ | ଯେବେ କାହାର ଭାଗ୍ୟବଳେ | । ୯ । |
| ପାଏ କେ ଗୁରୁଙ୍କ ଦର୍ଶନ | ଲଭେ ସେ ଶାନ୍ତି ଅବିଚ୍ଛିନ୍ନ | । ୧୦ । |
| ଦେବଗଣରେ ଯା' ଦୁର୍ଲ୍ଲଭ | ତା' ପ୍ରତି ହୁଅନ୍ତି ସୁଲଭ | । ୧୧ । |
| ଜଗତେ ଯେତେ ଧନ ଜନ | ପାଣ୍ଡିତ୍ୟ ଗୁଣ ସନମାନ | । ୧୨ । |
| ରାଜପଦବୀ କ୍ଷମତାରେ | ଦୁର୍ଲ୍ଲଭ ନୁହେଁ ଏ ସଂସାରେ | । ୧୩ । |
| ଦୁର୍ଲ୍ଲଭ ଏକା ଗୁରୁଲାଭ | କହୁଛି ସତ୍ୟ ମନେ ଭାବ | । ୧୪ । |

**ବେଦଶାସ୍ତ୍ରପୁରାଣାନି ଇତିହାସାଦିକାନି ଚ ।**
**ଯନ୍ତ୍ରମନ୍ତ୍ରାଦି-ବିଦ୍ୟାନାଂ ମୃତ୍ୟୁରୁଚ୍ଚାଟନାଦିକମ୍ ॥ ୭ ॥**
**ଶୈବଶାକ୍ତାଗମାଦୀନି ଅନ୍ୟଦ୍ ବହୁମତାନି ଚ ।**
**ଅପଭ୍ରଂଶାନି ଶାସ୍ତ୍ରାଣି ଜୀବାନାଂ ଭ୍ରାନ୍ତଚେତସାମ୍ ॥ ୮ ॥**

***ଅନ୍ୱୟଃ :*** ବେଦଶାସ୍ତ୍ର-ପୁରାଣାନି, ଇତିହାସାଦିକାନି, ଯନ୍ତ୍ରମନ୍ତ୍ରାଦି ବିଦ୍ୟାନାମ୍ ମୃତ୍ୟୁଃ ଉଚ୍ଚାଟନାଦିକମ୍; ଶୈବଶାକ୍ତ ଆଗମାଦୀନି ଚ ଅନ୍ୟତ୍ (ଅନ୍ୟାନି) ବହୁମତାନି ଭ୍ରାନ୍ତଚେତସାମ୍ ଜୀବାନାମ୍ ଅପଭ୍ରଂଶାନି ଶାସ୍ତ୍ରାଣି (ଗୁରୁକୃପାଂ ବିନା ବୃଥୈବ ଜୀବାଃ ଏତାନି ଶାସ୍ତ୍ରାଣି ଆଶ୍ରୟନ୍ତି) ।

***ଅର୍ଥ :*** ବେଦ, ପୁରାଣ, ଇତିହାସ ପ୍ରଭୃତି ଶାସ୍ତ୍ର, ଯନ୍ତ୍ରମନ୍ତ୍ର-ବିଦ୍ୟା ଓ ମାରଣ ଉଚ୍ଚାଟନ ପ୍ରଭୃତି ଅଭିଚାର କର୍ମସମୂହ ଏବଂ ଶୈବ-ଶାକ୍ତମାନଙ୍କର ଆଗମଶାସ୍ତ୍ରନିଚୟ ଓ ଅନ୍ୟାନ୍ୟ ବିଭିନ୍ନ ମତାବଲମ୍ବୀମାନଙ୍କର ନିଖିଳ ଶାସ୍ତ୍ର ଅଧ୍ୟୟନ ଓ ଅନୁଶୀଳନ ଶ୍ରୀଗୁରୁଦେବଙ୍କ ଆଦେଶ ନିର୍ଦ୍ଦେଶରେ ହିଁ ଅନୁଷ୍ଠାନ କରିବା କର୍ତ୍ତବ୍ୟ । ଗୁରୁଲାଭ ନ କରି ଭ୍ରାନ୍ତ-ଚିତ୍ତ ଜୀବମାନେ ଏହା ଅନୁଷ୍ଠାନ କଲେ, ତଦ୍ଦ୍ୱାରା ସେମାନଙ୍କର ପତନ ଅବଶ୍ୟ ଘଟିଥାଏ । ସୁତରାଂ ସଦ୍‌ଗୁରୁଙ୍କ ବ୍ୟତୀତ ଅନ୍ୟ କେହି ଯଥାର୍ଥ ପଥପ୍ରଦର୍ଶକ ନୁହନ୍ତି ।

| | | |
|---|---|---|
| ବେଦ ପୁରାଣ ଇତିହାସ | ଯନ୍ତ୍ର ମନ୍ତ୍ର ବିଦ୍ୟା ଅଭ୍ୟାସ | । ୧ । |
| ମାରଣ ଉଚ୍ଚାଟନ କର୍ମ | ଅଭିଚାରର ଯେତେ ମର୍ମ | । ୨ । |
| ଶଇବ, ଶାକ୍ତ, ଗାଣପତ୍ୟ | ଆଗମ ଶାସ୍ତ୍ର ଯା ବିଦିତ | । ୩ । |
| ବିଭିନ୍ନ ମତବାଦୀ-ଗଣ | କରିଲେ ଶାସ୍ତ୍ର ଅଧ୍ୟୟନ | । ୪ । |
| ଅନୁଶୀଳନ ଆଲୋଚନା | ସକଳ ବ୍ୟର୍ଥ ଗୁରୁ ବିନା | । ୫ । |
| ଗୁରୁଦେବଙ୍କ ନିର୍ଦ୍ଦେଶରେ | ନ କଲେ ବିଫଳ ଶେଷରେ | । ୬ । |
| ନ କରି ସଦଗୁରୁ ଲାଭ | ଯେ କର୍ମେ ରତ ଭ୍ରାନ୍ତ ଜୀବ | । ୭ । |
| ନ ହେବ ସେ କର୍ମ ସାଧନ | ବିଫଳ ତାହାର ଜୀବନ | । ୮ । |
| ଚକ୍ଷୁ କୁଟିବା ହେବ ସାର | ବିଅର୍ଥ ଜୀବନ ତାହାର | । ୯ । |
| କଲେ ହେଁ ଅଶେଷ ଯତନ | ଅବଶ୍ୟ ଘଟିବ ପତନ | । ୧୦ । |
| ଯଥାର୍ଥ ପଥ ପ୍ରଦର୍ଶକ | ସଦ୍‌ଗୁରୁ ଅଟନ୍ତି ଚାଳକ | । ୧୧ । |
| ତାଙ୍କ ବିହୁନେ କେହି ଆନ | ଦେଇ ନ ପାରେ ଦିବ୍ୟଜ୍ଞାନ | । ୧୨ । |

*ବେଦଶାସ୍ତ୍ରପୁରାଣାନି କୃତ୍ୱା ବୈ ଗୁରୁକାମ୍ୟୟା ।*
*ସ୍ୱୟଂ ଲୋକଗୁରୁଃ ସାକ୍ଷାତ୍ ଜାୟତେ ବେଦତତ୍ତ୍ୱବିତ୍ ॥୯॥*

***ଅନ୍ୱୟଃ :*** ଗୁରୁକାମ୍ୟୟା (ଶ୍ରୀଗୁରୁପ୍ରୀତୟେ) ବେଦଶାସ୍ତ୍ରପୁରାଣାଦି ବୈ କୃତ୍ୱା ବେଦତତ୍ତ୍ୱବିତ୍ ସ୍ୱୟଂ ସାକ୍ଷାତ୍ ଲୋକଗୁରୁଃ ଜାୟତେ ।

***ଅର୍ଥ :*** ଶ୍ରୀଗୁରୁଦେବଙ୍କ ଆଶ୍ରୟରେ ରହି ତାଙ୍କର ମହତୀ ଇଚ୍ଛା ପ୍ରଭାବରେ ବେଦ ଓ ପୁରାଣ ପ୍ରଭୃତି ଅନୁକୂଳ ଶାସ୍ତ୍ରସମୂହ ପ୍ରଣୟନ ଓ ପ୍ରକାଶ କରି ମନୁଷ୍ୟ ନିଜେ ହିଁ ସାକ୍ଷାତ୍ ବେଦତତ୍ତ୍ୱବିତ୍ ଲୋକଗୁରୁ ରୂପରେ ପର୍ଯ୍ୟବସିତ ହୋଇଥାଏ । କାରଣ ଶ୍ରୀଗୁରୁଦେବଙ୍କ ଇଚ୍ଛା ହିଁ ସର୍ବତ୍ର ଶକ୍ତିମୟୀ । ଗୁରୁଦେବ ଇଚ୍ଛାକଲେ, ଅର୍ଥାତ୍ ଗୁରୁଦେବ ସନ୍ତୁଷ୍ଟ ହେଲେ, ନିରକ୍ଷର ଅଜ୍ଞାନ-ଶିଷ୍ୟକୁ ମଧ୍ୟ ଜ୍ଞାନଦାନ କରି ଜଗତର କଲ୍ୟାଣକର କର୍ମରେ ନିଯୁକ୍ତ କରି ପାରନ୍ତି ।

ନିଜକୁ ମଣି ଅକିଞ୍ଚନ ଆଶ୍ରିବ ଶ୍ରୀଗୁରୁ ଚରଣ । ୧ ।
ଏକାନ୍ତେ ପଶିଲେ ଶରଣ ଶ୍ରୀଗୁରୁ ହେବେ ପରସନ୍ନ । ୨ ।
ଲଭିଲେ ଶ୍ରୀଗୁରୁ କରୁଣା ନ ହେବ ବୁଦ୍ଧି ଜ୍ଞାନ ଊଣା । ୩ ।
ବେଦ ପୁରାଣ ଆଦି ଶାସ୍ତ୍ର ଅନ୍ତରେ ହୋଇବ ପ୍ରକଟ । ୪ ।
ତା ଅଧ୍ୟୟନ ବିଶ୍ଳେଷଣେ ଜ୍ଞାନୀଙ୍କ ମଧ୍ୟେ ହେବ ଜଣେ। ୫ ।
ହୋଇବ ବେଦ ତତ୍ତ୍ୱବିଦ ଅନ୍ତରୁ ତୁଟିବ ବିଭେଦ । ୬ ।
ଲୋକ-ଗୁରୁରେ ଅଧିଷ୍ଠିତ ହେବାରେ ଜ୍ଞାନୀ ସୁନିଶ୍ଚିତ । ୭ ।
ଗୁରୁଦେବଙ୍କ ଦୟାବଳେ ଅସାଧ୍ୟ ନାହିଁ ମହୀତଳେ । ୮ ।
ନିରକ୍ଷର ଯେ ମୂର୍ଖ ଅତି ପଣ୍ଡିତ ମଧ୍ୟେ ଲଭେ ଖ୍ୟାତି । ୯ ।

**ସର୍ବପାପବିଶୁଦ୍ଧାତ୍ମା ଶ୍ରୀଗୁରୋଃ ପାଦସେବନାତ୍ ।**
**ସର୍ବତୀର୍ଥାବଗାହାନାଂ ଫଳଂ ପ୍ରାପ୍ନୋତି ନିଶ୍ଚିତମ୍ ॥୧୦॥**

***ଅନ୍ୱୟଃ :*** ଶ୍ରୀଗୁରୋଃ ପାଦସେବନାତ୍ ସର୍ବପାପ-ବିଶୁଦ୍ଧାତ୍ମା (ସାଧକଃ) ସର୍ବତୀର୍ଥାବଗାହନାଂ ନିଶ୍ଚିତମ୍ ଫଳମ୍ ପ୍ରାପ୍ନୋତି ।

***ଅର୍ଥ :*** ଶ୍ରୀଗୁରୁଦେବଙ୍କ ପାଦସେବା କଲେ ମାନବ ସର୍ବପାପଶୂନ୍ୟ ଓ ଶୁଦ୍ଧଚିତ୍ତ ହୋଇଥାଏ ଏବଂ ନିଶ୍ଚିତ ଭାବରେ ସମସ୍ତ ତୀର୍ଥସ୍ନାନର ଫଳ ଲାଭ କରିଥାଏ ।

ଶ୍ରୀଗୁରୁ-ଚରଣ ସେବିଲେ
ସକଳ ପାପ ନାଶ ଗଲେ ॥ ୧ ॥

ହୁଅଇ ତାର ଶୁଦ୍ଧ ଚିତ୍ତ
ମୁକତି ଅଟେ ତା' ନିଶ୍ଚିତ ॥ ୨ ॥

ସକଳ ତୀର୍ଥ ସ୍ନାନ ଫଳ
ମିଳଇ ତାହାକୁ କେବଳ ॥ ୩ ॥

ଦୃଢ଼ ବିଶ୍ୱାସେ କଲେ ସେବା
ସନ୍ତୋଷ ସର୍ବ ଦେବଦେବା ॥ ୪ ॥

ମନେ ନ ରଖି ଆନ ଭାବ
ନିଷ୍ଠାରେ ଗୁରୁପାଦ ସେବ ॥ ୫ ॥

**ଗୁରୁପାଦୋଦକଂ ସମ୍ୟକ୍ ସଂସାରାର୍ଣ୍ଣବ-ତାରଣମ୍**
**ଅଜ୍ଞାନ-ମୂଳହରଣଂ ଜନ୍ମ-କର୍ମନିବାରଣମ୍ ।**
**ଜ୍ଞାନ-ବୈରାଗ୍ୟ-ସିଦ୍ଧ୍ୟର୍ଥଂ ଗୁରୁପାଦୋଦକଂ ପିବେତ୍ ॥୧୧॥**

***ଅନ୍ୱୟଃ :*** ଗୁରୁପାଦୋଦକମ୍ ସମ୍ୟକ୍ ସଂସାରାର୍ଣ୍ଣବ-ତାରଣମ୍, ଅଜ୍ଞାନମୂଳହରଣମ୍ ଜନ୍ମକର୍ମନିବାରଣମ୍, ଜ୍ଞାନବୈରାଗ୍ୟ-ସିଦ୍ଧ୍ୟର୍ଥଂ ଗୁରୁପାଦୋଦକଂ ପିବେତ୍ ।

***ଅର୍ଥ :*** ଶ୍ରୀଗୁରୁଦେବଙ୍କ ପାଦୋଦକ ମାନବକୁ ସଂସାରରୂପ ସମୁଦ୍ରରୁ ସମ୍ୟକ୍ ରୂପେ ତ୍ରାଣ କରିଥାଏ । ଗୁରୁଦେବଙ୍କ ପାଦୋଦକ ପାନ କଲେ, ମାନବ ଜ୍ଞାନ-ବୈରାଗ୍ୟରେ ସିଦ୍ଧି ଲାଭ କରିଥାଏ । ଜ୍ଞାନ ଲାଭ ହେଲେ ଅଜ୍ଞାନର ମୂଳ ଯେଉଁ ବହୁଦର୍ଶନ ରୂପ ଭ୍ରାନ୍ତି ବା ଅବିଦ୍ୟା, ତାହା ଅପସୃତ ହୋଇଥାଏ ଏବଂ ଐହିକ ଓ ପାରଲୌକିକ ଭୋଗ ପ୍ରତି ବିତୃଷ୍ଣା ଜାତ ହୋଇ ଭଗବତ୍-ଅନୁରାଗ ବୃଦ୍ଧିପ୍ରାପ୍ତ ହୁଏ । ଶ୍ରୀଗୁରୁଦେବ ହିଁ ପ୍ରତ୍ୟକ୍ଷ ଭଗବାନ୍ । ତାଙ୍କରି ଚରଣୋଦକ ହିଁ ପରମ ପବିତ୍ର ବସ୍ତୁ । ତାହା ଶ୍ରଦ୍ଧା ସହକାରେ ପାନ କଲେ ଜ୍ଞାନ ଓ ବୈରାଗ୍ୟ ସ୍ୱତଃ ଲାଭ ହୋଇଥାଏ ।

| | | |
|---|---|---|
| ସଂସାର-ସାଗର ଅକୂଳ | ପୂରିଛି ସକଳ ଜଞ୍ଜାଳ | । ୧ । |
| ଶ୍ରୀଗୁରୁଚରଣ-ଉଦକ | ଅଟେ ସେ ଜଞ୍ଜାଳ-ତାରକ | । ୨ । |
| ସେ ପାଦୋଦକ କଲେ ପାନ | ଉଦୟ ହୁଏ ଦିବ୍ୟ ଜ୍ଞାନ | । ୩ । |
| ଲୁଚେ ଅଜ୍ଞାନ-ଅନ୍ଧକାର | ଅବିଦ୍ୟା-ଭ୍ରାନ୍ତି ହୁଏ ଦୂର | । ୪ । |
| ଜ୍ଞାନ-ବୈରାଗ୍ୟ ହୁଏ ଜାତ | ସିଦ୍ଧିଲାଭ ତା ସୁନିଶ୍ଚିତ | । ୫ । |
| ଐହିକ ପାରତ୍ରିକ ସୁଖ | ଭୋଗ-ଲାଳସାରେ ବିମୁଖ | । ୬ । |
| କରାଏ ଏହି ପଦ ଜଳ | ମନକୁ କରଇ ନିର୍ମଳ | । ୭ । |
| ଶ୍ରୀଗୁରୁ ସାକ୍ଷାତ ଈଶ୍ୱର | ଚରଣ-ଉଦକଟି ସାର | । ୮ । |
| ପରମ ପବିତ୍ର ସେ ଜଳ | ମନକୁ କରନ୍ତି ନିର୍ମଳ | । ୯ । |
| ଶରଧା ବହି କଲେ ପାନ | ଉଦିତ ହେବ ଦିବ୍ୟ ଜ୍ଞାନ | । ୧୦ । |
| ବୈରାଗ୍ୟ ଜନ୍ମିବ ଅନ୍ତରେ | ମିଳିବ ଶାନ୍ତି ଜନ୍ମାନ୍ତରେ | ।୧୧ । |

**ଗୁରୁପାଦୋଦକଂ ପେୟଂ ଗୁରୋରୁଚ୍ଛିଷ୍ଟଭୋଜନମ୍ ।**
**ଗୁରୁମୂର୍ତ୍ତେଃ ସଦା ଧ୍ୟାନଂ ଗୁରୁସ୍ତୋତ୍ରଂ ସଦା ଜପେତ୍ ॥୧୨॥**

***ଅନ୍ୱୟଃ :*** ଗୁରୁପାଦୋଦକମ୍ ପେୟମ୍, ଗୁରୋଃ ଉଚ୍ଛିଷ୍ଟ ଭୋଜନମ୍, ସଦା ଗୁରୁମୂର୍ତ୍ତେଃ ଧ୍ୟାନମ୍ (କର୍ତ୍ତବ୍ୟମ୍) ଚ ସଦା ଗୁରୁସ୍ତୋତ୍ରମ୍ ଜପେତ୍ ।

***ଅର୍ଥ :*** ଗୁରୁଭକ୍ତ ଶିଷ୍ୟମାନେ ଆମରଣ ଗୁରୁପାଦୋଦକ ପାନ ଓ ଗୁରୁଦେବଙ୍କ ଭୁକ୍ତାବଶିଷ୍ଟ ଅନ୍ନ ପ୍ରସନ୍ନ ଚିତ୍ତରେ ମହାପ୍ରସାଦ ରୂପରେ ସେବନ କରିବା ଆବଶ୍ୟକ ଏବଂ ତ୍ରିସନ୍ଧ୍ୟାରେ ନିରନ୍ତର ଗୁରୁମୂର୍ତ୍ତି ଧ୍ୟାନ ଓ ଗୁରୁସ୍ତୋତ୍ର ପାଠ କରିବା କର୍ତ୍ତବ୍ୟ । ଏହା ସର୍ବାଧିକାରୀ ଜନଗଣଙ୍କର ଅବଶ୍ୟ ପାଳନୀୟ କର୍ତ୍ତବ୍ୟ । ଜ୍ଞାନ ଲାଭ ହେଲା ପରେ ମଧ୍ୟ ଶ୍ରୀଗୁରୁଦେବଙ୍କ ପାଦୋଦକ ପାନ ଓ ତଦୀୟ ଭୁକ୍ତାବଶେଷ ପ୍ରସାଦ ତ୍ୟାଗ କରିବା ଉଚିତ ନୁହେଁ । କାରଣ ଶ୍ରୁତି-ସିଦ୍ଧାନ୍ତ ଅନୁସାରେ ଆଜୀବନ ଗୁରୁ, ଈଶ୍ୱର ଓ ବେଦାନ୍ତ-ଏହି ତ୍ରୟୀ ମୂର୍ତ୍ତିଙ୍କୁ କାୟମନୋବାକ୍ୟରେ ବନ୍ଦନା କରିବା କର୍ତ୍ତବ୍ୟ । ଏହ ତ୍ରୟୀଧର୍ମର ମୂଳ ହିଁ ଶ୍ରୀଗୁରୁଦେବ ବୋଲି ଜାଣିବ ।

ଗୁରୁଭକତ ଶିଷ୍ୟଗଣ କରିବେ ପାଦୋଦକ ପାନ । ୧ ।
ଘରେ ବାହାରେ ଥିଲେ ଯହିଁ ହୋଇବେ ଧନ୍ୟ ତାହା ପାଇ । ୨ ।
ଭୁକ୍ତାବଶିଷ୍ଟ ଗୁରୁ ଅନ୍ନ ମହାପ୍ରସାଦ କରି ଜ୍ଞାନ । ୩ ।
ଆନନ୍ଦେ କରିବ ସେବନ ତେବେ ଜୀବନ ହେବ ଧନ୍ୟ । ୪ ।
ତିନି ସଂଧ୍ୟାରେ ଗୁରୁଧ୍ୟାନ ପ୍ରଶାନ୍ତ ରଖେ ଶିଷ୍ୟ ମନ । ୫ ।
ଶ୍ରୀଗୁରୁ ମୂର୍ତ୍ତି ମନେ ଧ୍ୟାୟି ଅନ୍ତର ଭକତି ଜଣାଇ । ୬ ।
ଶ୍ରୀଗୁରୁ ସ୍ତବ ପାଠ କରି ଭବ-ବନ୍ଧନୁ ଯାଅ ତରି । ୭ ।
ଶ୍ରୀଗୁରୁ, ଈଶ୍ୱର, ବେଦାନ୍ତ ଏ ତ୍ରୟ ମୂର୍ତ୍ତି ଏକା ସତ୍ୟ । ୮ ।
ଆନ ସକଳ ମରୀଚିକା ଏ ତିନି ଧର୍ମ ମୂଳ ଏକା । ୯ ।
ଅଟଇ ଶ୍ରୀଗୁରୁପୟର ତହିଁରେ ମତି ଥାଏ ଯାର । ୧୦ ।
ସେହିଟି ଧର୍ମ ପରାୟଣ ଧାର୍ମିକ ମଧ୍ୟେ ତାର ସ୍ଥାନ । ୧୧ ।
ଶ୍ରୀଗୁରୁ, ଗୁରୁପାଦ-ଜଳ ଶ୍ରୀଗୁରୁ-ପ୍ରସାଦ କେବଳ । ୧୨ ।
ଅନ୍ତରେ ଦିଏ ସୁଖ ଶାନ୍ତି କରାଏ ଦୂର ମନ ଭ୍ରାନ୍ତି ।୧୩ ।

***କାଶୀକ୍ଷେତ୍ରଂ ନିବାସୋଽସ୍ୟ ଜାହ୍ନବୀ ଚରଣୋଦକମ୍ ।***
***ଗୁରୁର୍ବିଶ୍ୱେଶ୍ୱରଃ ସାକ୍ଷାତ୍ ତାରକଂ ବ୍ରହ୍ମ ନିଶ୍ଚିତମ୍ ॥୧୩॥***

***ଅନ୍ୱୟଃ :*** ଅସ୍ୟ ନିବାସଃ କାଶୀକ୍ଷେତ୍ରମ୍ (ଅସ୍ୟ) ଚରଣୋଦକମ୍ ଜାହ୍ନବୀ ସ୍ୱରୂପା ବର୍ତ୍ତତେ । ଗୁରୁଃ ସାକ୍ଷାତ୍ ବିଶ୍ୱେଶ୍ୱରଃ (ଅତଃ) ନିଶ୍ଚିତମ୍ ତାରକମ୍ ବ୍ରହ୍ମ । (ତାରକ-ବ୍ରହ୍ମସ୍ୱରୂପଃ ଗୁରୁଃ ସାକ୍ଷାତ୍ ବିଶ୍ୱେଶ୍ୱରଃ ଭବତି, ଇଦଂ ନିଶ୍ଚିତମ୍) ।

***ଅର୍ଥ :*** ଶ୍ରୀଗୁରୁଦେବଙ୍କ ନିବାସ ସ୍ଥାନକୁ କାଶୀଧାମ ସ୍ୱରୂପ, ଶ୍ରୀଗୁରୁଦେବଙ୍କ ପାଦୋଦକକୁ ଜାହ୍ନବୀଜଳ ସଦୃଶ ଏବଂ ଶ୍ରୀଗୁରୁଦେବଙ୍କୁ ସାକ୍ଷାତ୍ ବିଶ୍ୱେଶ୍ୱର ଓ ଭବତାରଣ କାରଣ ସଚ୍ଚିଦାନନ୍ଦ-ଘନ ପରମାତ୍ମା ବୋଲି ନିଶ୍ଚିତ ଭାବରେ ଜ୍ଞାନ କରିବ ।

ଶ୍ରୀଗୁରୁଦେବଙ୍କ ଆଶ୍ରମ
ସାକ୍ଷାତେ ମଣେ କାଶୀ ଧାମ ॥ ୧ ॥
ଅଥବା ନୀଳାଚଳ କ୍ଷେତ୍ର
ଗୁରୁଙ୍କ ଆବାସ ପବିତ୍ର ॥ ୨ ॥
ସକଳ ତୀର୍ଥ ଯାତ୍ରା ଫଳ
ଗୁରୁ-ଆଶ୍ରମେ ସବୁ ଠୁଳ ॥ ୩ ॥
ଶ୍ରୀଗୁରୁ-ପାଦଧୂଆ ଜଳ
ଜାହ୍ନବୀ-ସଲିଳୁ ନିର୍ମଳ ॥ ୪ ॥
ପବିତ୍ର ଶାନ୍ତି ବିଧାୟକ
ଅଟଇ ଗୁରୁ-ପାଦୋଦକ ॥ ୫ ॥
ଏ ଭବ-ତାରଣ-କାରଣ
ଏକା ଅଟଇ ଗୁରୁନାମ ॥ ୬ ॥
ସଚ୍ଚିଦାନନ୍ଦ ଆଦିକନ୍ଦ
ଗୁରୁଟି ସକଳ ଆନନ୍ଦ ॥ ୭ ॥

*ତୀର୍ଥରାଜଃ ପ୍ରୟାଗୋଽସୌ ଗୁରୁମୂର୍ତ୍ତ୍ୟୈ ନମୋନମଃ ।*
*ଗୁରୁମୂର୍ତ୍ତିଂ ସ୍ମରେନ୍ନିତ୍ୟଂ ଗୁରୁନାମଂ ସଦା ଜପେତ୍*
*ଗୁରୋରାଜ୍ଞାଂ ପ୍ରକୁର୍ବୀତ ଗୁରୋରନ୍ୟଂ ନ ଭାବୟେତ୍ ॥ ୧୪ ॥*

***ଅନ୍ୱୟଃ :*** ଅସୌ (ଗୁରୁଃ) ତୀର୍ଥରାଜଃ ପ୍ରୟାଗଃ(ସ୍ୱରୂପଃ) ଗୁରୁମୂର୍ତ୍ତ୍ୟୈ ନମଃ ନମଃ । ନିତ୍ୟମ୍ ଗୁରୁମୂର୍ତ୍ତିମ୍ ସ୍ମରେତ୍ । ସଦା ଗୁରୁନାମଂ ଜପେତ୍ । ଗୁରୋଃ ଆଜ୍ଞାମ୍ ପ୍ରକୁର୍ବୀତ । ଗୁରୋଃ (ବ୍ୟତୀତଂ) ଅନ୍ୟମ୍ ନ ଭାବୟେତ୍ ।

***ଅର୍ଥ :*** ଶ୍ରୀଗୁରୁଦେବଙ୍କ ଚରଣରେ ତୀର୍ଥରାଜ ପ୍ରୟାଗ ଅବସ୍ଥାନ କରେ । ତେଣୁ ପ୍ରୟାଗ ଦର୍ଶନ ଅପେକ୍ଷା ଶ୍ରୀଗୁରୁ ପଦ ଦର୍ଶନ ଓ ବାରମ୍ୱାର ପ୍ରଣାମ କୋଟି ଗୁଣରେ ଶ୍ରେୟସ୍କର । ତେଣୁ ସର୍ବଦା ଶ୍ରୀଗୁରୁଦେବଙ୍କ ଚରଣ-ବନ୍ଦନ, ତାଙ୍କର ନିତ୍ୟ ଗୁରୁମୂର୍ତ୍ତିର ସ୍ମରଣ-ମନନ ଓ ନିରନ୍ତର ଗୁରୁନାମ ଜପ ଏବଂ ଶ୍ରଦ୍ଧା ସହକାରେ ଗୁରୁଦେବଙ୍କର ଆଜ୍ଞା ପାଳନ କରିବା କର୍ତ୍ତବ୍ୟ । ଗୁରୁଦେବଙ୍କ ବ୍ୟତୀତ ଅନ୍ୟ କୌଣସି ଚିନ୍ତା କରିବା ଉଚିତ ନୁହେଁ । କାରଣ ଅଗ୍ନି ଦ୍ୱାରା ଯେପରି ଧାତୁସମୂହ ଶୋଧିତ ହୁଏ, ସେହିପରି ଗୁରୁନାମ ଜପ ଫଳରେ ପ୍ରତ୍ୟକ୍ଷରେ ସମସ୍ତ ପାପ ବିନଷ୍ଟ ହୋଇ ସେବକମାନେ ଶୁଦ୍ଧଚିତ୍ତ ହୋଇଥାନ୍ତି ।

ଶ୍ରୀଗୁରୁଦେବଙ୍କ ଚରଣ ସକଳ ତୀର୍ଥ ପୁଣ୍ୟ ଧାମ । ୧ ।
ପ୍ରୟାଗ ପୂତ ନୀଳାଚଳ ଗୁରୁପଦରେ ସର୍ବ ଠୁଳ । ୨ ।
ତୀର୍ଥ ଦର୍ଶନେ ଯାହା ମିଳେ ପାଇବ ଗୁରୁପାଦ ତଳେ । ୩ ।
ଗୁରୁଙ୍କ ଚରଣ ବନ୍ଦନ ତୀର୍ଥ ଦର୍ଶନ ଫଳ ଜାଣ । ୪ ।
ଗୁରୁଙ୍କ ମୂର୍ତ୍ତି ଚିନ୍ତା କରି ଶ୍ରୀଗୁରୁ-ନାମକୁ ସୁମରି । ୫ ।
ପାଦପଦ୍ମରେ କଲେ ଧ୍ୟାନ ସାର୍ଥକ ହୋଇବ ଜୀବନ । ୬ ।
ଶ୍ରୀଗୁରୁ-ଆଜ୍ଞା ସଦା ମାନି ନ ହୋଇ କେବେ ଅଭିମାନୀ । ୭ ।
କରିବ ସକଳ କରମ ଗୁରୁଟି କେବଳ ଧରମ । ୮ ।
ଏହି ବିଶ୍ୱାସେ ଦୃଢ଼ ରହି ନିଷ୍ଠାରେ ଗୁରୁ ପାଦ ଧ୍ୟାୟି । ୯ ।
ଯେଉଁ କାର୍ଯ୍ୟରେ ଦେବ ହାତ ସଫଳ ହେବ ତା ନିଶ୍ଚିତ । ୧୦ ।
ଗୁରୁଙ୍କ ଚିନ୍ତା ବିନା ଚିତ୍ତେ ଆନ ଭାବନା କଦାଚିତେ । ୧୧ ।
ନ ପାଏ ଯେଉଁ ପରି ସ୍ଥାନ ଏକା ହିଁ ଶ୍ରୀଗୁରୁ ଧିଆନ । ୧୨ ।
ଅଗ୍ନି ଯେସନ ଶୁଦ୍ଧ କରେ ସକଳ ଧାତୁ ତା ତାପରେ । ୧୩ ।
ଗୁରୁ-କରୁଣା ସେହିପରି ସକଳ ପାପ ନେବ ହରି । ୧୪ ।
ଅନ୍ତର ହୋଇବ ପବିତ୍ର ଅଗ୍ନି-ଦହନେ ସ୍ୱର୍ଣ୍ଣ ବତ । ୧୫ ।

***ଗୁରୁବକ୍ତ୍ରେ ସ୍ଥିତଂ ବ୍ରହ୍ମ ପ୍ରାପ୍ୟତେ ତତ୍ ପ୍ରସାଦତଃ ।***
***ସ୍ୱାଶ୍ରମୋକ୍ତଂ ସ୍ୱଜାତିଞ୍ଚ ସ୍ୱକୀର୍ତ୍ତିଂ ପୁଷ୍ଟି-ବର୍ଦ୍ଧନୀମ୍ ।***
***ଅନ୍ୟତ୍ ସର୍ବଂ ପରିତ୍ୟଜ୍ୟ ଗୁରୋରନ୍ୟଂ ନ ଭାବୟେତ୍ ॥୧୫॥***

***ଅନ୍ୱୟଃ :*** ଗୁରୁବକ୍ତ୍ରେ ସ୍ଥିତମ୍ ବ୍ରହ୍ମ ତତ୍ ପ୍ରସାଦତଃ ପ୍ରାପ୍ୟତେ, ସ୍ୱାଶ୍ରମୋକ୍ତମ୍ (କର୍ତ୍ତବ୍ୟମ୍), ସ୍ୱଜାତିମ୍, ପୁଷ୍ଟିବର୍ଦ୍ଧନୀମ୍ ସ୍ୱକୀର୍ତ୍ତିମ୍ ଅର୍ଥାତ୍ ସର୍ବଂ ଚ ପରିତ୍ୟଜ୍ୟ ଯଥା ଯୋଷିତଃ ସ୍ୱାମିନି (ଚିନ୍ତାରତାଃ ଭବନ୍ତି) (ତଥା) ଗୁରୁମୂର୍ତ୍ତେଃ ସଦା ଧ୍ୟାନମ୍ (କର୍ତ୍ତବ୍ୟମ୍) । ଗୁରୋଃ ଅନ୍ୟମ୍ ନ ଭାବୟେତ୍ ।

***ଅର୍ଥ :*** ଶ୍ରୀଗୁରୁଦେବଙ୍କ ମୁଖରେ ପ୍ରଣବ ବା ବ୍ରହ୍ମତତ୍ତ୍ୱ ଅବସ୍ଥାନ କରେ । ସୁତରାଂ ଶ୍ରୀଗୁରୁଦେବ ପ୍ରସନ୍ନ ହେଲେ ଶିଷ୍ୟମାନେ ତାହା ଲାଭ କରିବାକୁ ସମର୍ଥ ହୋଇଥାନ୍ତି । ଅତଏବ ସମସ୍ତେ ନିଜ ନିଜ ଆଶ୍ରମ ବିହିତ ପନ୍ଥାରେ ଶ୍ରୀଗୁରୁଦେବଙ୍କ ସେବା କରି ତାଙ୍କର ପ୍ରସନ୍ନତା ଆନୟନ କରିପାରିଲେ ତାଙ୍କ କୃପାରୁ ସ୍ୱଜାତି ଓ ସ୍ୱକୀର୍ତ୍ତିର ପୁଷ୍ଟି ସାଧିତ ହୋଇପାରିବ । ଏହି ହେତୁରୁ ସମସ୍ତ ସ୍ୱାର୍ଥ ଆଶା ତ୍ୟାଗ କରି ଏକମାତ୍ର ଗୁରୁଦେବଙ୍କ ଭାବନା କରିବା କର୍ତ୍ତବ୍ୟ ।

ଶ୍ରୀଗୁରୁ ଦେବଙ୍କ ମୁଖରେ　ପ୍ରଣବ ଅବସ୍ଥାନ କରେ　। ୧ ।
ବ୍ରହ୍ମ ତତ୍ତ୍ୱର ବାସ ସ୍ଥାନ　ଶ୍ରୀଗୁରୁଙ୍କର ହୃଦ ଜାଣ　। ୨ ।
ଭକ୍ତିରେ ବଶ କରେ ଯେହୁ　ଗୁରୁ କରୁଣା ପାଏ ସେହୁ　। ୩ ।
ଗୁରୁଦେବଙ୍କ ନିର୍ଦ୍ଦେଶିତ　ପନ୍ଥାରେ ଚଳିବ ନିୟତ　। ୪ ।
ସତତ ମାନିଲେ ବଚନ　ତେବେ ସେ ହୋଇବେ ପ୍ରସନ୍ନ　। ୫ ।
ଗୁରୁ ଅଟନ୍ତି ଆଶୁତୋଷ　ଭକ୍ତିରେ ହୁଅନ୍ତି ସେ ବଶ　। ୬ ।
ଦୃଢ଼ ବିଶ୍ୱାସ ନିଷ୍ଠା ବଳେ　ସେବିଲେ ପଦ ଭକ୍ତି ଭରେ　। ୭ ।
ପାଇବ ଶ୍ରୀଗୁରୁ କଲ୍ୟାଣ　ହୃଦୟେ ଜାତ ହେବ ଜ୍ଞାନ　। ୮ ।
ସେବିବ ନିସ୍ପୃହ ଚିତ୍ତରେ　କାମନା ନ ରଖି ଅନ୍ତରେ　। ୯ ।
କାମନା ଅନିଷ୍ଟର ମୂଳ　କରଇ ସାଧନା ବିଫଳ　। ୧୦ ।
ଶୟନେ ଅବା ଜାଗରଣେ　ଅଥବା ଲାଗି ଥାଅ କର୍ମେ　। ୧୧ ।
ମନରେ ଥିଲେ ଗୁରୁ ଧ୍ୟାନ　ଶ୍ରୀଗୁରୁ ହୋଇବେ ପ୍ରସନ୍ନ　। ୧୨ ।

**ଗୁରୁବକ୍ତ୍ରେ ସ୍ଥିତା ବିଦ୍ୟା ଗୁରୁଭକ୍ତ୍ୟାନୁଲଭ୍ୟତେ ।**
**ତସ୍ମାତ୍ ସର୍ବପ୍ରଯତ୍ନେନ ଗୁରୋରାରାଧନଂ କୁରୁ ॥୧୬॥**

***ଅନ୍ୱୟଃ :*** ଗୁରୁବକ୍ତ୍ରେ ସ୍ଥିତା ବିଦ୍ୟା ଗୁରୁଭକ୍ତ୍ୟା ଅନୁଲଭ୍ୟତେ । ତସ୍ମାତ୍ (ହେତୋଃ) ସର୍ବପ୍ରଯତ୍ନେନ ଗୁରୋଃ ଆରାଧନମ୍ କୁରୁ ।

***ଅର୍ଥ :*** ବ୍ରହ୍ମବିଦ୍ୟା ଗୁରୁଦେବଙ୍କ ଶ୍ରୀମୁଖରେ ଅବସ୍ଥିତ । ଶିଷ୍ୟମାନେ ଗୁରୁଭକ୍ତି ବଳରେ ତାହା ଲାଭ କରିଥାନ୍ତି । ଅତଏବ ସବୁ ପ୍ରକାର ପ୍ରଯତ୍ନ ଦ୍ୱାରା ଶ୍ରୀଗୁରୁଦେବଙ୍କ ଆରାଧନା କରିବା ବିଧେୟ ।

ସ୍ଥିତା ବିଦ୍ୟା ଯେ ବ୍ରହ୍ମତତ୍ତ୍ୱ
ବ୍ରହ୍ମାଣ୍ଡେ ତାହା ସାରସ୍ୱତ ॥ ୧ ॥
ଗୁରୁଦେବଙ୍କ ଶ୍ରୀମୁଖରେ
ବ୍ରହ୍ମ ତତ୍ତ୍ୱ ହିଁ ବାସ କରେ ॥ ୨ ॥
ଗୁରୁଙ୍କୁ କଲେ ଆପଣାର
ପାଇବ ସେହି ତତ୍ତ୍ୱ ସାର ॥ ୩ ॥
ଗୁରୁଙ୍କ ପଦେ ଥିଲେ ଧ୍ୟାନ
ଶିଷ୍ୟେ ଲଭିବେ ଦିବ୍ୟ ଜ୍ଞାନ ॥ ୪ ॥
କରମେ ବାକ୍ୟେ ମାନସରେ
ରହିବ ଚିତ୍ତ ଶ୍ରୀପୟରେ ॥ ୫ ॥
ସବୁ ପ୍ରକାର ଯତ୍ନ କର
ଗୁରୁଙ୍କୁ ନ ମଣି ଅପର ॥ ୬ ॥
ସାଧନା କଲେ ଜନ୍ମ ଶତ
ଯେ ଜ୍ଞାନ ନ ହୁଏ ପ୍ରାପତ ॥ ୭ ॥
ଗୁରୁଙ୍କ ପଦେ ନିଷ୍ଠା ଥିଲେ
ସେ ଜ୍ଞାନ ପ୍ରାପ୍ତ ହେବ ହେଲେ ॥ ୮ ॥

***ଗୁକାରସ୍ତ୍ୱନ୍ଧକାରଃ ସ୍ୟାତ୍ ରୁକାରସ୍ତେଜ ଉଚ୍ୟତେ ।***
***ଅଜ୍ଞାନଧ୍ୱଂସକଂ ବ୍ରହ୍ମ ଗୁରୁରେବ ନ ସଂଶୟଃ ॥୧୭॥***

***ଅନ୍ୱୟଃ :*** ଗୁକାରଃ ଅନ୍ଧକାରଃ ସ୍ୟାତ୍ ଚ ରୁକାରଃ ତେଜଃ ଉଚ୍ୟତେ (ଅତଃ)ଗୁରୁଃ ଏବ ଅଜ୍ଞାନଧ୍ୱଂସକମ୍ ବ୍ରହ୍ମ (ଅତ୍ର) ସଂଶୟଃ ନ (ଅସ୍ତି) ।

***ଅର୍ଥ :*** 'ଗୁରୁ' ଶବ୍ଦର 'ଗୁ' କାରର ଅର୍ଥ ଅନ୍ଧକାର ଓ 'ରୁ' କାରର ଅର୍ଥ ତେଜ ବା ଆଲୋକ ବୋଲି କଥିତ । ଅତଏବ ଗୁରୁଦେବ ହିଁ ଅଜ୍ଞାନ-ଅନ୍ଧକାର ଧ୍ୱଂସକାରୀ ସଚ୍ଚିଦାନନ୍ଦ ଘନ ପରମାତ୍ମା, ଏଥିରେ ଲେଶ ମାତ୍ର ସନ୍ଦେହ ନାହିଁ ।

ଶୁଣ ହେ ମନ ଧ୍ୟାନ ଦେଇ
ଗୁରୁ ଶବ୍ଦର ଅର୍ଥ କହି ॥ ୧ ॥
'ଗୁ' ର ଅର୍ଥ ଅନ୍ଧକାର
କରଇ ଅନ୍ଧ ଏ ସଂସାର ॥ ୨ ॥
'ରୁ' ର ଅର୍ଥ ତେଜୋରାଶି
ଦିଏ ସେ ଘୋର ତମ ନାଶି ॥ ୩ ॥
ଉଦିତ ହୋଇଲେ ଭାସ୍କର
ଦୂରେ ପଳାଏ ଅନ୍ଧକାର ॥ ୪ ॥
ତେସନ ଅଜ୍ଞାନ-ଅନ୍ଧାର
ଗୁରୁ-ନିଃଶ୍ୱାସେ ହୁଏ ଦୂର ॥ ୫ ॥
ସଚ୍ଚିଦାନନ୍ଦ-ଘନ ସେହି
ଗୁରୁ ରୂପରେ ଦେହ ବହି ॥ ୬ ॥
କରନ୍ତି ଜଗତ ମଙ୍ଗଳ
କଟାନ୍ତି ମାୟାର ପଟଳ ॥ ୭ ॥

**ଗୁକାରଃ ପ୍ରଥମେ ବର୍ଣ୍ଣୋ ମାୟାଦି-ଗୁଣଭାସକଃ ।**
**ରୁକାରଃ ଦ୍ୱିତୀୟୋ ବ୍ରହ୍ମ ମାୟାଭ୍ରାନ୍ତି-ବିମୋଚକଃ ॥୧୮॥**

***ଅନ୍ୱୟଃ :*** ପ୍ରଥମଃ ବର୍ଣ୍ଣଃ ଗୁ-କାରଃ ମାୟାଦିଗୁଣ ଭାସକଃ(ବ୍ରହ୍ମ) ଦ୍ୱିତୀୟଃ (ବର୍ଣ୍ଣଃ)ରୁ-କାରଃ ମାୟାଭ୍ରାନ୍ତି-ବିମୋଚକଃ (ବ୍ରହ୍ମ) ।

***ଅର୍ଥ :*** 'ଗୁରୁ'-ଏହି ଶବ୍ଦରେ ପ୍ରଥମ ବର୍ଣ୍ଣ 'ଗୁ'-କାର ମାୟା ଓ ସତ୍ତ୍ୱାଦି ଗୁଣତ୍ରୟ-ଯୁକ୍ତ ପୁରୁଷ ଅର୍ଥାତ୍ ସଗୁଣବ୍ରହ୍ମଙ୍କୁ ବୁଝାଇ ଥାଏ ଏବଂ ଦ୍ୱିତୀୟ ବର୍ଣ୍ଣ 'ରୁ'-କାର ମାୟା-ଭ୍ରାନ୍ତି-ବିମୁକ୍ତ ପୁରୁଷ ଅର୍ଥାତ୍ ନିର୍ଗୁଣ ସତ୍ତାଙ୍କୁ ବୁଝାଇ ଥାଏ । ଗୁରୁ ହିଁ ସଗୁଣ ବ୍ରହ୍ମ ରୂପରେ ଅନନ୍ତ କୋଟି ରୂପ ଧରି ନିଜ ସହିତ ନିଜେ ଲୀଳା କରୁଛନ୍ତି । ସେ ପୁଣି ନିଜକୁ ଗୁରୁ ରୂପରେ ସମସ୍ତ ମାୟାର ଊର୍ଦ୍ଧ୍ୱରେ ସ୍ଥାପନ କରି ଉପଦେଶ ଦେଉଛନ୍ତି ଏବଂ ଶିଷ୍ୟ ରୂପରେ ନିଜେ ଉପଦେଶ ଗ୍ରହଣ କରୁଛନ୍ତି । ନିର୍ଗୁଣ ବ୍ରହ୍ମରୂପରେ ନିଜେ ନିଜ ଭାବରେ ମଗ୍ନ ହୋଇ ଅଚଞ୍ଚଳ ଅବସ୍ଥାରେ ଅବସ୍ଥାନ କରୁଛନ୍ତି । ଏକମାତ୍ର ଗୁରୁ ହିଁ ସଗୁଣ-ନିର୍ଗୁଣ ବ୍ରହ୍ମ, ଆତ୍ମା ଓ ଭଗବାନ ସମସ୍ତ । ତାଙ୍କ ଭିନ୍ନ ଦ୍ୱିତୀୟ କେହି ନାହିଁ ।

| | | |
|---|---|---|
| ଗୁରୁ ଶବ୍ଦର ଅର୍ଥ ଯାହା | ବୁଝାଇ କହୁଅଛି ତାହା | ।୧। |
| 'ଗୁ' ଅଟେ ମାୟା ଗୁଣଯୁକ୍ତ | ସତ୍ତ୍ୱାଦି ତହିଁରେ ନିହିତ | ।୨। |
| ସଗୁଣ ବ୍ରହ୍ମ ତାଙ୍କୁ କହି | 'ରୁ'ର ମାୟା ଭ୍ରାନ୍ତି ନାହିଁ | ।୩। |
| ନିର୍ଗୁଣ ସତ୍ତାଙ୍କୁ ବୁଝାଏ | ସକଳ ଶାସ୍ତ୍ର ଏହା କହେ | ।୪। |
| ଗୁରୁ ହିଁ ସଗୁଣ ନିର୍ଗୁଣ | ବ୍ରହ୍ମ ରୂପରେ ବିଦ୍ୟମାନ | ।୫। |
| ଅନନ୍ତ କୋଟି ରୂପ ଧରି | ନିଜ ସହିତ ଲୀଳା କରି | ।୬। |
| ଶତ ଜନ୍ମର ତପ ଫଳେ | ଗୁରୁ ରୂପରେ ଧରାତଳେ | ।୭। |
| ଜଗତ ମଙ୍ଗଳ କାରଣ | ଧରାରେ ହୋଇ ଅବତୀର୍ଣ୍ଣ | ।୮। |
| ସବୁ ମାୟାର ଊର୍ଦ୍ଧ୍ୱେ ରହି | ଜଗତ ଜନ ହିତ ପାଇଁ | ।୯। |
| ଦିଅନ୍ତି ଯେତେ ଉପଦେଶ | ତାହା କରଇ ମୋହ ନାଶ | ।୧୦। |
| ପୁଣି ହୁଅନ୍ତି ସେହି ଶିଷ୍ୟ | ପାଳନ୍ତି ନିଜ ଉପଦେଶ | ।୧୧। |
| ଗୁରୁ-ଶିଷ୍ୟ ଯେ ଏକ ପ୍ରାଣ | ନୁହନ୍ତି କେହି ଭିନ୍ନାଭିନ୍ନ | ।୧୨। |
| ନିର୍ଗୁଣ ବ୍ରହ୍ମ ରୂପେ ନିଜେ | ପୁଣି କରନ୍ତି ସେହି ବିଜେ | ।୧୩। |
| ନିଜ ଭାବରେ ହୋଇ ମଗ୍ନ | ନିଜକୁ କରୁଥାନ୍ତି ଧ୍ୟାନ | ।୧୪। |
| ଅବିଚଳିତ ଅବସ୍ଥାନ | ଏ ବଡ଼ ଦୁରୂହ ଗହନ | ।୧୫। |
| ଗୁରୁ ହିଁ ସଗୁଣ, ନିର୍ଗୁଣ | ବ୍ରହ୍ମ, ଆତ୍ମା ଓ ଭଗବାନ | ।୧୬। |

***'ଗୁ' ଶବ୍ଦସ୍ତ୍ୱନ୍ଧକାରଃ ସ୍ୟାଦ୍ 'ରୁ' ଶବ୍ଦସ୍ତନ୍ନିରୋଧକଃ ।***
***ଅନ୍ଧକାରନିରୋଧିତ୍ୱାଦ୍ ଗୁରୁରିତ୍ୟଭିଧୀୟତେ ॥୧୯॥***

***ଅନ୍ୱୟଃ :*** 'ଗୁ' ଶବ୍ଦଃ ଅନ୍ଧକାରଃ ସ୍ୟାତ୍ 'ରୁ' ଶବ୍ଦଃ ତତ୍ ନିରୋଧକଃ ଭବତି । ସଃ ଅନ୍ଧକାର ନିରୋଧିତ୍ୱାତ୍ ଗୁରୁଃ ଇତି ଅଭିଧୀୟତେ ।

***ଅର୍ଥ :*** 'ଗୁ' ଶବ୍ଦର ଅର୍ଥ ଅନ୍ଧକାର ଓ 'ରୁ' ଶବ୍ଦର ଅର୍ଥ ତାହାର ନିରୋଧକାରୀ । ଅତଏବ ରଜଃ-ତମ-ଗୁଣ ରୂପ ଅନ୍ଧକାରକୁ ଯେ ସତ୍ତ୍ୱଗୁଣ ରୂପ ଆଲୋକ ଦ୍ୱାରା ନିରୋଧ କରନ୍ତି, ତାଙ୍କୁ ହିଁ 'ଗୁରୁ' ନାମରେ ଅଭିହିତ କରାଯାଏ ।

'ଗୁ' କାର ଅନ୍ଧକାର ଜାଣ
'ରୁ' ତାହା ନିରୋଧଇ ପୁଣ ।୧।
ଅରୁଣ ହୋଇଲେ ଉଦିତ
ଅନ୍ଧାର ଯେହ୍ନେ ତିରୋହିତ ।୨।
'ଗୁ' ଅନ୍ଧକାରକୁ ସେପରି
'ରୁ' ଦିଅଇ ଦୂର କରି ।୩।
ଥାଏ ଯେ ରଜ ତମୋ ଗୁଣ
ଅନ୍ଧାର ବୋଲି ତାହା ଜାଣ ।୪।
ସତ୍ତ୍ୱର ଆଲୋକ ପ୍ରକାଶେ
ଅନ୍ଧକାରକୁ ଯେବା ନାଶେ ।୫।
ସେ ଗୁରୁ ନାମେ ଅଭିହିତ
ତାଙ୍କ କରୁଣା ହେଲେ ପ୍ରାପ୍ତ ।୬।
ଅନ୍ଧାର ହୁଏ ଦୂରୀଭୂତ
ନବ ଆଲୋକେ ଆଲୋକିତ ।୭।
ହୁଅଇ ଚିତ୍ତ ପୁଲକିତ
ପଦ୍ମ ଯେସନେ ପ୍ରସ୍ଫୁଟିତ ।୮।
ହୁଅଇ ସୂର୍ଯ୍ୟ-କର ପାଇ
ଜଗତେ ବାସ ବିତରଇ ।୯।
ତେସନ ଗୁରୁଙ୍କ କିରଣେ
ପୁଲକ ଜାଗେ ଶିଷ୍ୟ ମନେ ।୧୦।

*ଏବଂ ଗୁରୁପଦଂ ଶ୍ରେଷ୍ଠ ଦେବାନାମପି ଦୁର୍ଲ୍ଲଭମ୍ ।*
*ହାହା-ହୁହୁ-ଗଣୈଶ୍ଚୈବ ଗନ୍ଧର୍ବାଦ୍ୟୈଶ୍ଚ ପୂଜ୍ୟତେ ॥୨୦॥*

***ଅନ୍ୱୟଃ :*** ଏବମ୍ ଶ୍ରେଷ୍ଠମ୍ ଗୁରୁପଦମ୍ ଦେବାନାମ୍ ଅପି ଦୁର୍ଲ୍ଲଭମ୍ (ଇଦଂ) ହାହା-ହୁହୁ-ଗଣୈଃ ଚ ଗନ୍ଧର୍ବାଦ୍ୟୈଃ ଚ ପୂଜ୍ୟତେ ଏବ ।

***ଅର୍ଥ :*** ଏହି ପ୍ରକାର ଗୁରୁଦେବଙ୍କ ପାଦପଦ୍ମ ଅତୀବ ଶ୍ରେଷ୍ଠବସ୍ତୁ; ଏପରି କି ତାହା ଦେବତାମାନଙ୍କ ପକ୍ଷରେ ମଧ୍ୟ ଅତ୍ୟନ୍ତ ଦୁର୍ଲ୍ଲଭ । ସେଥି ନିମିତ୍ତ ହା ହା-ହୁ ହୁ ଗଣ ଓ ଗନ୍ଧର୍ବମାନେ ଗୁରୁଦେବଙ୍କ ପଦ ପୂଜା କରିଥାନ୍ତି ।

ଆଲୋକ-ଦାତା ଗୁରୁପଦ
ଖଣ୍ଡଇ ସକଳ ବିପଦ ॥ ୧ ॥

ଜଗତେ ସର୍ବ ଶ୍ରେଷ୍ଠ ସେହି
ତା ସମ ଅନ୍ୟ କିଛି ନାହିଁ ॥ ୨ ॥

ଦେବତା-ମାନଙ୍କୁ ଦୁର୍ଲ୍ଲଭ
ବିଶ୍ୱାସେ ହୁଅଇ ସୁଲଭ ॥ ୩ ॥

ତେଣୁଟି ଗନ୍ଧର୍ବ କିନ୍ନର
ଧ୍ୟାୟନ୍ତି ଶ୍ରୀଗୁରୁ-ପୟର ॥ ୪ ॥

ଅଦେହୀ ହା-ହା ହୁ ହୁ-ଗଣ
କରନ୍ତି ଗୁରୁପଦ ଧ୍ୟାନ ॥ ୫ ॥

**ଆସନଂ ଶୟନଂ ବସ୍ତ୍ରଂ ବାହନଂ ଭୂଷଣାଦିକମ୍ ।**
**ସାଧକେନ ପ୍ରଦାତବ୍ୟଂ ଗୁରୋଃ ସନ୍ତୋଷକାରଣାତ୍ ॥୨୧॥**

***ଅନ୍ୱୟଃ :*** ସାଧକେନ ଗୁରୋଃ ସନ୍ତୋଷକାରଣାତ୍ ଆସନମ୍ ଶୟନମ୍ ବସ୍ତ୍ରମ୍ ବାହନମ୍ ଭୂଷଣାଦିକମ୍ ପ୍ରଦାତବ୍ୟମ୍ ।

***ଅର୍ଥ :*** ଗୁରୁଦେବଙ୍କ ସନ୍ତୋଷ ବିଧାନ ନିମିତ୍ତ ତାଙ୍କୁ ଆସନ ଦେବ, ଅର୍ଥାତ୍ ତାଙ୍କୁ ହୃଦୟରେ ସଂସ୍ଥାପନ କରିବ । ଗୁରୁଦେବଙ୍କୁ ଶଯ୍ୟାଦାନ କରିବ, ଅର୍ଥାତ୍ ହୃଦୟରେ ଗୁରୁଚିନ୍ତା-ନିରତ ରହିବ । ପୁନଶ୍ଚ ଗୁରୁଦେବଙ୍କୁ ବସନ ଅର୍ପଣ କରିବ, ଅର୍ଥାତ୍ ଗୁରୁ ତତ୍ତ୍ୱ ଓ ଗୁରୁନାମ ଅନ୍ତରରେ ଗୋପନ କରି ରଖିବ । ଗୁରୁଦେବଙ୍କୁ ଭୂଷଣ ଦାନ କରିବ, ଅର୍ଥାତ୍ ନିଜକୁ ଏପରି ଭାବରେ ସଦ୍‌ଗୁଣ-ଭୂଷିତ କରିବ ଯେପରି କି ଗୁରୁଦେବଙ୍କର ମହିମା ଜଗତରେ ବିଘୋଷିତ ହେବ ଏବଂ ଗୁରୁଦେବଙ୍କୁ ବାହନ ପ୍ରଦାନ କରିବ, ଅର୍ଥାତ ତୁମେ ଅନ୍ତରକୁ ଏଭଳି ଯୋଗ୍ୟ କରି ଗଠନ କରିବ ଯେପରି ତାହା ଗୁରୁଦେବଙ୍କର ଜଗତ୍‌ହିତକର କର୍ମରେ ପ୍ରଯୁକ୍ତ ହୋଇ ଗୁରୁଦେବଙ୍କ ଗୁରୁଦାୟିତ୍ୱ ବହନର ଅଧିକାରୀ ହୋଇପାରିବ । ଏଭଳି ଆଚରଣ ଦ୍ୱାରା ଯଥାର୍ଥରେ ଶ୍ରୀଗୁରୁଦେବଙ୍କର ସନ୍ତୋଷ ବିଧାନ ହୋଇଥାଏ ।

ଗୁରୁଙ୍କ ସନ୍ତୋଷ ବିଧାନ ପାଇଁ ସତତ ଦେବ ଧ୍ୟାନ ।୧।
ଥାପି ହୃଦୟେ ସିଂହାସନ ଗୁରୁଙ୍କୁ କରି ଆବାହନ ।୨।
ସେହି ଆସନେ ବସାଇବ, ଭକତି-ଅର୍ଘ୍ୟେ ପୂଜା ଦେବ ।୩।
ନିରତେ ଗୁରୁ ଚିନ୍ତା କରି ଗୁରୁଙ୍କ ଶୟନ ବିଚାରି ।୪।
ଶଯ୍ୟା ହୋଇବ ଅନ୍ତଃସ୍ଥଳ ଶୁଦ୍ଧ ପବିତ୍ର ନିରିମଳ ।୫।
ଶ୍ରୀଗୁରୁ-ତତ୍ତ୍ୱ ଗୁରୁ-ନାମ ଗୋପନେ ଚିତ୍ତେ କଲେ ଧ୍ୟାନ ।୬।
ନାମଟି ଏହାର ବସନ, ଶୁଦ୍ଧ ଚିତ୍ତରେ କର ଦାନ ।୭।
ସଦ୍‌ଗୁଣରାଜିରେ ଭୂଷିତ କରିଲେ ଅନ୍ତର ମାର୍ଜିତ ।୮।
ତାହାଟି ଯୋଗ୍ୟ ବିଭୂଷଣ ଗୁରୁଙ୍କୁ କରିବ ପ୍ରଦାନ ।୯।
ଆସନ, ବସନ, ଭୂଷଣେ ଗୁରୁ-ମହିମା ତ୍ରିଭୁବନେ ।୧୦।
ଆପେ ହୋଇବ ପ୍ରକଟିତ ସୁବାସେ ମୋହିବ ଜଗତ ।୧୧।
ହୋଇବ ସୁଯୋଗ୍ୟ ବାହନ ପବିତ୍ର କଲେ କାୟ ମନ ।୧୨।
ଗୁରୁ ଦାୟିତ୍ୱ ଭାର ବହି କରିବ ଧନ୍ୟ ଏହି ମହୀ ।୧୩।
ହୋଇବ ଯୋଗ୍ୟ ଅଧିକାରୀ ଗରୁଡ଼ ଯେହ୍ନେ ବିଷ୍ଣୁ ଧରି ।୧୪।
ତିନି ଭୁବନେ ଲୀଳା କରେ ସମ୍ଭବ ନୁହେଁ ଆନ ଠାରେ ।୧୫।
ଗୁରୁ ଦାୟିତ୍ୱ ଗୁରୁ ଭାର ସାଧାରଣରେ ଅଗୋଚର ।୧୬।
ହୋଇଲେ ଗୁରୁଗତ ପ୍ରାଣ ଶ୍ରୀଗୁରୁ ବହନେ ସକ୍ଷମ ।୧୭।
ଗୁରୁଙ୍କ ଇଚ୍ଛା କଲେ ପୂର୍ଣ୍ଣ ହୋଇବ ଜଗତ କଲ୍ୟାଣ ।୧୮।
ସନ୍ତୋଷ ଲଭିଲେ ଶ୍ରୀଗୁରୁ ଟାଳି ପାରିବ ମହାମେରୁ ।୧୯।
ଗୁରୁ-ଭକତି ମହା ଧନ କରେ ଯେ ଅନ୍ତରେ ଅର୍ଜନ ।୨୦।
ଧନ୍ୟ ସେ ହୁଏ ମହୀତଳେ ଲଙ୍ଘଇ ଗିରି ଅବହେଳେ ।୨୧।
ସଦା ସନ୍ତୋଷ ତାର ଚିତ୍ତ ନ ଥାଉ ପଛେ ଧନ ବିତ୍ତ ।୨୨।
ତଥାପି ସେହି ମହାଧନୀ ଜ୍ଞାନୀଙ୍କ ମଧ୍ୟେ ମହାଜ୍ଞାନୀ ।୨୩।
ହୁଅନ୍ତି ପଣ୍ଡିତ-ପ୍ରବର ଶାନ୍ତି ଜୀବନ-ସହଚର ।୨୪।

**ଦୀର୍ଘଦଣ୍ଡଂ ନମସ୍କୃତ୍ୟ ନିର୍ଲ୍ଲଜ୍ଜୋ ଗୁରୁସନ୍ନିଧୌ ।**
**ଆତ୍ମଦାରାଦିକମ୍ ସର୍ବଂ ଗୁରବେ ଚ ନିବେଦୟେତ୍ ॥୨୨॥**

***ଅନ୍ବୟଃ :*** ଗୁରୁସନ୍ନିଧୌ ଦୀର୍ଘଦଣ୍ଡମ୍ ନମସ୍କୃତ୍ୟ ନିର୍ଲଜ୍ଜଃ ଚ (ସନ୍) ସର୍ବମ୍ ଆତ୍ମଦାରାଦିକମ୍ ଗୁରବେ ନିବେଦୟେତ୍ ।

***ଅର୍ଥ :*** ଗୁରୁଦେବଙ୍କ ସନ୍ନିଧାନରେ ନିର୍ଲ୍ଲଜ ହୋଇ ଦଣ୍ଡବତ୍ ପ୍ରଣାମ କରିବ ଏବଂ ନିଜକୁ ଓ ସ୍ତ୍ରୀ ପୁତ୍ରାଦି ସମସ୍ତ ତାଙ୍କ ପଦରେ ନିବେଦନ କରିବ । ଅର୍ଥାତ୍ ନିଜର ସମସ୍ତ ଭାର ଶ୍ରୀଗୁରୁଦେବଙ୍କ ଶ୍ରୀଚରଣରେ ସମର୍ପଣ କରି ନିଶ୍ଚିନ୍ତ ହେବ । ଜୀବ ପକ୍ଷରେ ଅହଂତ୍ୱ ଓ ମମତାର ଭାର ଯଥାର୍ଥରେ ବଡ଼ ବିଷମ । ଏହି ବିଷମଭାର ଗ୍ରହଣ କରିବାକୁ ଏକମାତ୍ର ଶ୍ରୀଗୁରୁଦେବ ହିଁ ସମର୍ଥ । ସୁତରାଂ ଗୁରୁଦେବ ହିଁ ସର୍ବାପେକ୍ଷା ଜୀବର ଅତି ଆପଣାର । ତେଣୁ ତାଙ୍କ ପାଦପଦ୍ମରେ 'ମୁଁ' ଓ 'ମୋର' ଭାବ ଅର୍ଥାତ୍ ନିଜର ଧନ, ଜନ, ମାନ, ଯଶ, ଲଜ୍ଜା, ସ୍ତ୍ରୀ ପୁତ୍ରାଦି ଅହଂତ୍ୱ ଓ ମମତ୍ୱବୋଧକ ସମସ୍ତ ବସ୍ତୁ ସମର୍ପଣ ପୂର୍ବକ ନିଜକୁ ରିକ୍ତ କରିଦେଇ ପ୍ରସାଦ ରୂପରେ ତନ୍ମଧ୍ୟରୁ ସେ ଯେତିକି ଅର୍ପଣ କରିବେ, ତାହା ଆନନ୍ଦରେ ନିର୍ଲିପ୍ତ ଭାବରେ ଗ୍ରହଣ କରି ଶ୍ରୀଗୁରୁଦେବଙ୍କୁ ସମସ୍ତ କର୍ମର ପ୍ରେରକ ବୋଲି ଜାଣି ଗୁରୁନାମ ବା 'ଜୟଗୁରୁ' ଜପ କରି କର୍ମ କ୍ଷୟ କରିବ ।

| | | |
|---|---|---|
| ମିଳିଲେ ଗୁରୁ ସନ୍ନିଧାନ | ତେଜି ନିଜର ଲଜ୍ଜା ମାନ | ।୧। |
| ସାଷ୍ଟାଙ୍ଗେ କର ପ୍ରଣିପାତ | କାନ୍ତ-ପୁତ୍ର-କନ୍ୟା ସହିତ | ।୨। |
| ସକଳ ନିବେଦି ଚରଣେ | ଗୁରୁ-ସେବକ ଭାବି ମନେ | ।୩। |
| କଲେ ଜୀବନ ସମର୍ପଣ | ଲାଘବ ହୋଇ ଯିବ ମନ | ।୪। |
| ମଥାରୁ ଯିବ ବୋଝ ଭାର | ବୁଝିବେ ଗୁରୁ ସେ ବେଭାର | ।୫। |
| ସଂସାରେ ଥିବ ଯେ ଦାୟିତ୍ୱ | ଗୁରୁ ତା ବୁଝିବେ ତୁରିତ | ।୬। |
| ସଂସାରେ ନାହିଁ କେହି ଜନ | ଯେ ହେବ ଶ୍ରୀଗୁରୁ ସମାନ | ।୭। |
| ଜ୍ଞାତି-ସୋଦର-ବନ୍ଧୁ ଯେତେ | ଦୂରରେ ରହିବେ ସମସ୍ତେ | ।୮। |
| ଏକା ହିଁ ଗୁରୁ ପାଶେ ଆସି | ସକଳ ଚିନ୍ତା ଦେବେ ନାଶି | ।୯। |
| ଶିରେ ପରଶି ସ୍ନେହ-କର | ଶମିବେ ହୃଦୟର ଭାର | ।୧୦। |

ଗୁରୁ ହିଁ ଏକା ଆପଣାର ଜ୍ଞାତି କୁଟୁମ୍ବ ବନ୍ଧୁ ସାର ।୧୧।
ସୁଖ-ଦୁଃଖର ସାଥୀ ସେହି ମଙ୍ଗଳଦାତା ଭାବଗ୍ରାହୀ ।୧୨।
ମୁଁ-କାର ଜୀବର ଅରି ନାଶ କରଇ ସୁଖ ଶିରୀ ।୧୩।
'ମୁଁ' ଥିଲେ ନାହିଁ ଆନ ସ୍ଥାନ 'ମୁଁ' ମଲେ ଯିବ ଦୁଃଖ ମାନ ।୧୪।
କରୁଅଛି ମୁଁ, ମୁଁ କରତା ମୋହର ଅସୀମ କ୍ଷମତା ।୧୫।
ମୋହର ରହିଅଛି ଧନ ମୁଁ ଅଟେ ବଡ଼ ବଳୀୟାନ ।୧୬।
କରି କରାଉ ଥାଏ ମୁହିଁ, ମୋ ବିନା ଆନ କେହି ନାହିଁ ।୧୭।
ମୁଁ ଅବା ମୋର ଅହଂ ଭାବ ଗୁରୁ ଚରଣେ ସମର୍ପିବ ।୧୮।
ଲଜ୍ଜା ସଂକୋଚ ଯଶ ମାନ କରି ପାରିଲେ ସବୁ ଦାନ ।୧୯।
ସ୍ନେହ ମମତା କ୍ରୋଧ ରାଗ କାମନା, ବାସନା ସଂଭୋଗ ।୨୦।
ସମସ୍ତ କରି ସମର୍ପଣ କାଟିବ ନିସ୍ପୃହ ଜୀବନ ।୨୧।
ଯେତିକି ଗୁରୁ ଦେବେ ଦାନ ତାହା ହିଁ ତୁମ ପ୍ରାପ୍ୟ ଜାଣ ।୨୨।
ଗୁରୁଙ୍କ କର୍ମ ମନେ କରି ତାଙ୍କ ନିର୍ଦ୍ଦେଶ ଅନୁସରି ।୨୩।
ନିର୍ଲିପ୍ତ ଭାବରେ ଚଳିବ, ତାଙ୍କ ଦୟାରୁ ଯା' ମିଳିବ ।୨୪।
ସେଥିରେ ଲଭିଲେ ସନ୍ତୋଷ ହୋଇବ ମନ ନିଜ ବଶ ।୨୫।
ଶ୍ରୀଗୁରୁ ଜୟ ଗାନ କରି ଆନନ୍ଦ ସଦା ମନେ ଭରି ।୨୬।
ଚାଲିଲେ ଜୀବନ ତରଣୀ ସରଗ ହେବ ଏ ଧରଣୀ ।୨୭।
ଲୁଚିବ ସକଳ ଅଶାନ୍ତି କୁରୂପ ହେବ ଦିବ୍ୟ କାନ୍ତି ।୨୮।
ଗୁରୁଙ୍କ ମହିମା ବଳରେ ଶାନ୍ତି ରାଜିବ ଏ ମହୀରେ ।୨୯।
ପାଷାଣ ହୃଦ ତରଳିବ ଜଗତ ମହନୀୟ ହେବ ।୩୦।
କଠୋର ହେବ ସୁକୋମଳ ପାହାଡ଼ ପର୍ବତ କନ୍ଦର ।୩୧।
ମରୁ କାନ୍ତାର ଜଳ ସ୍ଥଳ ଗଗନ ପବନ ସାଗର ।୩୨।
ହୋଇବ ସବୁ ରସମୟ ତୁଟିବ ମନୁ ଗ୍ଲାନି ଭୟ ।୩୩।
ଖେଳିବ ଆନନ୍ଦ ଲହରୀ ଅବଗାହନ ତହିଁ କରି ।୩୪।
ମିଳିବ ସର୍ବ-ତୀର୍ଥ-ଫଳ ଜନମ ହୋଇବ ସଫଳ ।୩୫।
ଅପାର ଶ୍ରୀଗୁରୁ-ମହିମା ନାହିଁ ଯାହାର ଶେଷ ସୀମା ।୩୬।

**କୃମି-କୀଟ-ଭସ୍ମ-ବିଷ୍ଠା-ଦୁର୍ଗନ୍ଧ-ମଳମୂତ୍ରକମ୍ ।**
**ଶ୍ଳେଷ୍ମା-ରକ୍ତ-ତ୍ୱଚାଂ ମାଂସଂ ତନୁରିତ୍ଥଂ ବରାନନେ ॥୨୩॥**

***ଅନ୍ୱୟଃ :*** ବରାନନେ ! କୃମି-କୀଟ-ଭସ୍ମ-ବିଷ୍ଠା-ଦୁର୍ଗନ୍ଧ ମଳ ମୂତ୍ରକମ୍ ଶ୍ଳେଷ୍ମ ରକ୍ତତ୍ୱଚମ୍ ମାଂସମ୍ ଇତ୍ଥମ୍ ତନୁଃ ।

***ଅର୍ଥ :*** ହେ ବରାନନେ ! ଶରୀର କୃମି, କୀଟ, ଭସ୍ମ, ବିଷ୍ଠା, ଦୁର୍ଗନ୍ଧ ମଳମୂତ୍ର, ଶ୍ଳେଷ୍ମା, ରକ୍ତ, ମାଂସ ଓ ତ୍ୱକ୍ ପ୍ରଭୃତି ଘୃଣିତ ପଦାର୍ଥର ସମବାୟ ଭିନ୍ନ ଅନ୍ୟ କିଛି ନୁହେଁ । ଏହି ଦେହର ସଂସ୍କାର ନଥିଲେ, ସେଥିରେ କୃମି କୀଟ ଉତ୍ପନ୍ନ ହୁଅନ୍ତି ଅଥବାଏହି ଦେହ ଭସ୍ମରେ ପରିଣତ ହୁଏ । ସଂସ୍କାର ନ କଲେ, ଯଦି ଶୃଗାଳ କୁକୁର ଏ ଦେହକୁ ଭକ୍ଷଣ କରନ୍ତି, ତେବେ ତାହା ସେମାନଙ୍କ ବିଷ୍ଠାରେ ପରିଣତ ହୁଏ । ଏହି ଦେହର ପରିଣାମ ଯେତେବେଳେ ଏପରି ଘୃଣ୍ୟ, ସେତେବେଳେ ଏହି ଅନାତ୍ମ, ଅନିତ୍ୟ ଓ ଅଶୁଚି ଦେହକୁ 'ଅହଂ' ଜ୍ଞାନରେ ଧରି ରଖି ଦେହକୁ ଆତ୍ମାର ଅଭିମାନ ପ୍ରଦାନ କରି ବୃଥାରେ କେତେ କାଳ ଆଉ ଏ ଜଗତକୁ ଯାତାୟାତ କରୁଥିବ ? ଅତଏବ ଦେହାତ୍ମବାଦକୁ ଗୁରୁଦେବଙ୍କ ଶ୍ରୀପଦରେ ବିସର୍ଜନ ଦେଇ ଊର୍ଦ୍ଧ୍ୱକୁ ଉଠିବାକୁ ହେବ ।

| | | |
|---|---|---|
| ହେ ବରାନନେ ! ଏ ଶରୀର | ମୂତ୍ର-ପୁରୀଷ ଗନ୍ତାଘର | ।୧। |
| କୀଟ ଜୀବାଣୁ ପରିପୂର୍ଣ୍ଣ | ଦୁର୍ଗନ୍ଧମୟ ଅତି ଘୃଣ୍ୟ | ।୨। |
| ଶ୍ଳେଷ୍ମା ରକତ ପୂଜ ଭରା | ମାଂସ ଉପରେ ଚର୍ମ ଘେରା | ।୩। |
| ଜୀବ ଚଳିଲେ ଏ ଶରୀରୁ | ମଡ଼ା ବୋଲିବେ ତା ଉତ୍ତାରୁ | ।୪। |
| ନ କଲେ ମଡ଼ାର ସତ୍କାର | ଆନେ ପାଇବେ ଭୟ ଘୋର | ।୫। |
| ଦୁର୍ଗନ୍ଧେ ବାୟୁ ଭାରାକ୍ରାନ୍ତ | ହୁଅନ୍ତି କୀଟ ତହୁଁ ଜାତ | ।୬। |
| ଅଗ୍ନିରେ ଯେବେ ଦେବ ଜାଳି | ମୁଠାଏ ଭସ୍ମ ରହେ ଖାଲି | ।୭। |
| ଅଥବା ପଡ଼ିଲେ ଶ୍ମଶାନେ | ଭକ୍ଷନ୍ତି ଶୃଗାଳ ବା ଶ୍ୱାନେ | ।୮। |
| ତାଙ୍କ ବିଷ୍ଠାରେ ପରିଣତ | ଏ ଦେହ ହୁଅଇ ନିୟତ | ।୯। |
| ତଥାପି ଏହି ଦେହ ପାଇଁ | ମନୁଷ୍ୟ ମିଛେ ହୁଏ ବାଇ | ।୧୦। |
| ଅନାତ୍ମ ଅନିତ୍ୟ ଅଶୁଚି | ଦେହ ପାଇଁକି ଏତେ ରୁଚି | ।୧୧। |
| ଏହା ହିଁ ଲାଗଇ ବିଚିତ୍ର | ମନୁଷ୍ୟ ହୋଇ ମୋହଚିତ୍ତ | ।୧୨। |
| ଏ ଦେହ ପାଇଁ ରାତି ଦିନ | ଚିନ୍ତାରେ ଆୟୁ କରେ କ୍ଷୀଣ | ।୧୩। |
| ଈର୍ଷାକ୍ରୋଧରେ ବୁଡ଼ି ରହେ | ଧନ ଅର୍ଜନେ ମନ ଦିଏ | ।୧୪। |
| କ୍ଷଣିକ ଅଳୀକ ସନ୍ତୋଷ | ଜୀବନ ହୁଏ ତାର ବିଷ | ।୧୫। |
| ଧରାକୁ ମଣୁ ଥାଏ ସରା | ଗ୍ରାସଇ ତାକୁ ଅହଂ ଦ୍ୱରା | ।୧୬। |
| ମୁଁ କରେ, ମୋର ଏ କରଣୀ | ବଶ କରିବି ଏ ଧରଣୀ | ।୧୭। |
| ଏହି ଭାବନା ସଦା ଘାରେ | ମିଛରେ ବାହାସ୍ଫୋଟ ମାରେ | ।୧୮। |
| ଗୁରୁଙ୍କ ଶ୍ରୀଚରଣ ତଳେ | ଏହି ଅହଂତ୍ୱ ବର୍ଜି ଦେଲେ | ।୧୯। |
| ଦେହକୁ କଲେ ସମର୍ପଣ | ଉଦିତ ହେବ ତତ୍ତ୍ୱଜ୍ଞାନ | ।୨୦। |
| ଛାଡ଼ିବ ସବୁ ଅଭିମାନ | ତେଜିବ ବିଳାସ ବ୍ୟସନ | ।୨୧। |
| ମୋହମାୟାରୁ ରହି ମୁକ୍ତ | ଶ୍ରୀଗୁରୁଚରଣେ ଆଶ୍ରିତ | ।୨୨। |
| ହୋଇବ ଯେବେ ନିଷ୍ଠା ସହ | ସାର୍ଥକ ହେବ ଏହି ଦେହ | ।୨୩। |
| ନ ହେବ ଆଉ ଅଧୋଗତି | ପରମ ସୁଖ ହେବ ପ୍ରାପ୍ତି | ।୨୪। |

*ସଂସାର-ବୃକ୍ଷମାରୂଢ଼ାଃ ପତନ୍ତି ନରକାର୍ଣ୍ଣବେ ।*
*ଯେନୋଦ୍ଧୃତମିଦଂ ବିଶ୍ୱଂ ତସ୍ମୈ ଶ୍ରୀଗୁରବେ ନମଃ ॥୨୪॥*

***ଅନ୍ୱୟଃ :*** ସଂସାର-ବୃକ୍ଷମାରୂଢ଼ାଃ (ଜୀବାଃ) ନରକାର୍ଣ୍ଣବେ ପତନ୍ତି । ଯେନ ଇଦମ୍ ବିଶ୍ୱମ୍ ଉଦ୍ଧୃତମ୍ ତସ୍ମୈ ଶ୍ରୀଗୁରବେ ନମଃ ।

***ଅର୍ଥ :*** ନଶ୍ୱର ଦେହ ଆଶ୍ରୟ କରି ସଂସାର-ବୃକ୍ଷରେ ଆରୋହଣ ପୂର୍ବକ ଜୀବ ମାୟା-ବଶୀଭୂତ ହୋଇ କୁକର୍ମ କରିବା ଫଳରେ ନରକ-ସାଗରରେ ନିମଜ୍ଜିତ ହୁଏ । ଯାହାଙ୍କ କୃପା ପ୍ରଭାବରୁ ସେହି ଭୀଷଣ ସଂସାର-ସାଗରରୁ ଏତାଦୃଶ ପତିତ ଜୀବଗଣ ଉଦ୍ଧାରପ୍ରାପ୍ତ ହୋଇ ଉତ୍ତମା ଗତି ଲାଭ କରି ପାରନ୍ତି, ଅଶେଷ-କରୁଣାନିଧାନ ସେହି ଗୁରୁଦେବଙ୍କ ଶ୍ରୀଚରଣ-ସରୋଜରେ ପ୍ରଣାମ ।

ଏ ଦେହ ଅଟଇ ନଶ୍ୱର    କଣ୍ଟକ-ବୃକ୍ଷ ଯେ ସଂସାର    । ୧ ।
ମାୟାମୋହିତ ଜୀବ ହୋଇ    କଣ୍ଟକ-ବୃକ୍ଷେ ଆରୋହଇ    । ୨ ।
ହୁଅଇ ସେ କ୍ଷତ ବିକ୍ଷତ    ଲୋଭ-କ୍ରୋଧର ବଶୀଭୂତ    । ୩ ।
କୁକର୍ମ କରେ ନାନା ମତେ    ତା' ଫଳ ଭୋଗଇ ସେ ଅନ୍ତେ    । ୪ ।
ଅଶାନ୍ତି-ନରକ-ସାଗରେ    ନିମଜ୍ଜି, ତ୍ରାହି ରବ କରେ    । ୫ ।
ଲଭିଲେ ଯାହାଙ୍କ କରୁଣା    ଏହି ଯନ୍ତ୍ରଣା ହୁଏ ଊଣା    । ୬ ।
ଭୀଷଣ ସଂସାର-ସାଗର    ପାରି କରିବା କର୍ଣ୍ଣଧାର    । ୭ ।
ଅଟନ୍ତି ଏକା ଗୁରୁଦେବ    ନିରତେ ତାଙ୍କ ପଦ ସେବ    । ୮ ।
ଉତ୍ତମା-ଗତି ହେବ ଲାଭ    ସଂସାର-କଷଣୁ ତରିବ    । ୯ ।
ଅଶେଷ କରୁଣା-ନିଧାନ    ଶ୍ରୀଗୁରୁ-ପଦେ କର ଧ୍ୟାନ    । ୧୦ ।
ରଖିଲେ ସେ ପଦେ ବିଶ୍ୱାସ    ହୋଇବ ପାପ-ତାପ ନାଶ    । ୧୧ ।

**ଗୁରୁର୍ବ୍ରହ୍ମା ଗୁରୁର୍ବିଷ୍ଣୁର୍ଗୁରୁର୍ଦ୍ଦେବୋ ମହେଶ୍ୱରଃ ।**
**ଗୁରୁରେବ ପରଂବ୍ରହ୍ମ ତସ୍ମୈ ଶ୍ରୀଗୁରବେ ନମଃ ॥୨୫॥**

***ଅନ୍ୱୟଃ :*** ଗୁରୁଃ ବ୍ରହ୍ମା, ଗୁରୁଃ ବିଷ୍ଣୁଃ, ଗୁରୁଃ ଦେବଃ ମହେଶ୍ୱରଃ, ଗୁରୁଃ ଏବ ପରଂବ୍ରହ୍ମ, ତସ୍ମୈ ଶ୍ରୀଗୁରବେ ନମଃ ।

***ଅର୍ଥ :*** ଶ୍ରୀଗୁରୁଦେବ ହିଁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର, ଅର୍ଥାତ୍ ଶ୍ରୀଗୁରୁଦେବ ସୃଷ୍ଟି, ପାଳନ ଓ ସଂହରଣ ଶକ୍ତି ଧାରଣ କରନ୍ତି । ଶ୍ରୀଗୁରୁଦେବ ହିଁ ସଚ୍ଚିଦାନନ୍ଦ-ଘନ ପରମାତ୍ମା ବା ଓଁକାର ସ୍ୱରୂପ । ତେଣୁ ସେହି ଗୁରୁଦେବଙ୍କୁ ପ୍ରଣାମ କରୁଅଛି ।

କଲେ ଯେ ଭିଆଣ ଜଗତ    ବେଦ ଯାହାର ମୁଖୁଁ ଜାତ । ୧ ।
ଗୁରୁ ହିଁ ସେହି ବ୍ରହ୍ମା ଜାଣ    ସଂସାର ସୃଷ୍ଟିର କାରଣ । ୨ ।
ଶ୍ରୀଗୁରୁ ବିଷ୍ଣୁ ଅବତାର    ପାଳନ୍ତି ସଂସାରର ଭାର । ୩ ।
ଜଗତ ଜନ ତ୍ରାଣକର୍ତ୍ତା    ସକଳ ଜୀବ ପିତା ମାତା । ୪ ।
ଗୁରୁ ଅଟନ୍ତି ସେହି ବିଷ୍ଣୁ    ବିପଦ ତାରକ ସେ ଜିଷ୍ଣୁ । ୫ ।
ଗୁରୁ ହିଁ ଦେବ ମହେଶ୍ୱର    କରନ୍ତି ଜଗତ ସଂହାର । ୬ ।
ମହାରୁଦ୍ର ସେ ଆଶୁତୋଷ    ଅଳପେ ହୁଅନ୍ତି ସନ୍ତୋଷ । ୭ ।
ସୃଷ୍ଟି ପାଳନ ସଂହାରଣ    ସକଳ କର୍ତ୍ତା ଗୁରୁ ଜାଣ । ୮ ।
ସଚ୍ଚିଦାନନ୍ଦ-ଘନ ରୂପ    ଶ୍ରୀଗୁରୁ ଓଁକାର ସ୍ୱରୂପ । ୯ ।
ତାଙ୍କର ନାହିଁ ଆଦି ଅନ୍ତ    ମହିମା ବିସ୍ତାର ଦିଗନ୍ତ ।୧୦ ।
ସର୍ବଜ୍ଞ ଶ୍ରୀଗୁରୁ-ପୟର    କରୁଛି କୋଟି ନମସ୍କାର ।୧୧ ।

*ଅଜ୍ଞାନତିମିରାନ୍ଧସ୍ୟ ଜ୍ଞାନାଞ୍ଜନଶଲାକୟା ।*
*ଚକ୍ଷୁରୁନ୍ମୀଲିତଂ ଯେନ ତସ୍ମୈ ଶ୍ରୀଗୁରବେ ନମଃ ॥୨୬॥*

***ଅନ୍ୱୟଃ :*** ଅଜ୍ଞାନ ତିମିରାନ୍ଧସ୍ୟ ଚକ୍ଷୁଃ ଯେନ ଜ୍ଞାନାଞ୍ଜନ ଶଲାକୟା ଉନ୍ମୀଲିତମ୍ ତସ୍ମୈ ଶ୍ରୀଗୁରବେ ନମଃ ।

***ଅର୍ଥ :*** ଅଜ୍ଞାନ ରୂପ ଅନ୍ଧକାର ବା ଅବିଦ୍ୟା-ମାୟା ଦ୍ୱାରା ଜୀବ ଅନ୍ଧ ହୋଇ ସଂସାରରେ କେବଳ ଭ୍ରାନ୍ତି ଦର୍ଶନ କରି ପଥ ହରାଇ ବିପଥରେ ଘୂରି ବୁଲେ । ଯେ ଏହି ଅନ୍ଧ ଜୀବର ଚକ୍ଷୁରେ ଆତ୍ମଜ୍ଞାନ ଲାଭର ଉପାୟ ବା ମନ୍ତ୍ରସ୍ୱରୂପ ଜ୍ଞାନାଞ୍ଜନ-ଶଲାକାରେ ପ୍ରଲେପ ପ୍ରଦାନ ପୂର୍ବକ ଜ୍ଞାନଚକ୍ଷୁ ଉନ୍ମୀଲିତ କରି ତାହାକୁ ପ୍ରକୃତ ପଥରେ ଘେନି ଯାଆନ୍ତି, ସେହି ଗୁରୁଦେବଙ୍କୁ ପ୍ରଣାମ କରୁଅଛି ।

| | | |
|---|---|---|
| ଅଜ୍ଞାନ-ରୂପ ଅନ୍ଧକାର | ନାଶଇ ଆଲୋକ ଯାହାର | ।୧। |
| ଅବିଦ୍ୟା-ମାୟା ଜାଲେ ଜୀବ | ମଣଇ ଜୀବନ ରଖିବ | ।୨। |
| ପଥ ହରାଇ ବିପଥରେ | ଭ୍ରମରେ ବିଚରଣ କରେ | ।୩। |
| କାମଳ ରୋଗୀ ଯେଉଁ ମତ | ବେରଙ୍ଗ ଦେଖଇ ଜଗତ | ।୪। |
| ଅଜ୍ଞାନୀ ମାନବ ତେସନ | ଅନ୍ଧାରେ ହୁଏ ମୁହ୍ୟମାନ | ।୫। |
| ଗୁରୁଙ୍କଠାରୁ ଜ୍ଞାନାଲୋକ | ପାଇଲେ ଜୀବନ ସାର୍ଥକ | ।୬। |
| ସେହି ଅନ୍ଧାର ଦୂର ହୁଏ | ତପନ କିରଣ ପରାୟେ | ।୭। |
| ହୃଦୟ ହୁଏ ଆଲୋକିତ | ହୁଅଇ ଭ୍ରାନ୍ତି ଦୂରୀଭୂତ | ।୮। |
| ଗୁରୁ ଦେଖାନ୍ତି ଜ୍ଞାନ-ମାର୍ଗ | ନରକେ ରଚନ୍ତି ସେ ସ୍ୱର୍ଗ | ।୯। |
| ତମୋ-ନାଶକ ଗୁରୁଦେବ | ଭକ୍ତିରେ ତାଙ୍କ ପଦ ସେବ | ।୧୦। |
| ତାହାଙ୍କୁ କରେ ପ୍ରଣିପାତ | ଅନ୍ଧାରେ ଦେଖାନ୍ତୁ ସେ ପଥ | ।୧୧। |

***ଅଖଣ୍ଡ-ମଣ୍ଡଳାକାରଂ ବ୍ୟାପ୍ତଂ ଯେନ ଚରାଚରମ୍ ।***
***ତତ୍ପଦଂ ଦର୍ଶିତଂ ଯେନ ତସ୍ମୈ ଶ୍ରୀଗୁରବେ ନମଃ ॥୨୭॥***

***ଅନ୍ୱୟଃ :*** ଯେନ ଅଖଣ୍ଡ-ମଣ୍ଡଳାକାରମ୍ ଚରାଚରମ୍ ବ୍ୟାପ୍ତମ୍ ଯେନ ତତ୍ ପଦମ୍ ଦର୍ଶିତମ୍ ତସ୍ମୈ ଶ୍ରୀଗୁରବେ ନମଃ ।

***ଅର୍ଥ :*** ସଚ୍ଚିଦାନନ୍ଦ ଘନ ପରମାତ୍ମା ସମସ୍ତ ବିଶ୍ୱର ଚେତନ ଅଚେତନ, ସ୍ଥାବରଜଙ୍ଗମାଦି ସର୍ବଜୀବଙ୍କ ଅନ୍ତରରେ ଓ ବାହାରେ ସର୍ବତ୍ର ବ୍ୟାପ୍ତ ହୋଇ ରହିଛନ୍ତି । ପ୍ରଣତ ଶିଷ୍ୟ-ଭକ୍ତମାନଙ୍କୁ ଯେ ସେହି ପରମପୁରୁଷଙ୍କ ଶ୍ରୀପଦ ଦର୍ଶନ କରାଇ ଦିଅନ୍ତି, ସେହି ଗୁରୁଦେବଙ୍କୁ ମୁଁ ପ୍ରଣାମ କରୁଅଛି ।

ଅଖଣ୍ଡ ମଣ୍ଡଳ-ଆକାର
ବ୍ୟାପୀ ଅଛନ୍ତି ଚରାଚର ॥ ୧ ॥
ସତ୍, ଚିତ୍, ଆନନ୍ଦ ଘନ
ବ୍ୟାପ୍ତ ଚେତନ ଅଚେତନ ॥ ୨ ॥
ସ୍ଥାବର-ଜଙ୍ଗମାଦି କରି
ସକଳ ଅନ୍ତରେ ବିହରି ॥ ୩ ॥
ଜଗତେ କରୁଛନ୍ତି ଖେଳା
ଜାଣିବ କିଏ ତାଙ୍କ ଲୀଳା ॥ ୪ ॥
ପରମ ପୁରୁଷ ପ୍ରଧାନ
ଦୁର୍ଲ୍ଲଭ ତାଙ୍କର ଚରଣ ॥ ୫ ॥
ଯେଉଁ ଗୁରୁଙ୍କ କୃପା ହେଲେ
ସେ ପଦ ଦରଶନ ମିଳେ ॥ ୬ ॥
ସେହି ଗୁରୁଙ୍କୁ ଶତ ଶତ
କରୁଅଛି ମୁଁ ପ୍ରଣିପାତ ॥ ୭ ॥

**ସ୍ଥାବରଂ ଜଙ୍ଗମଂ ବ୍ୟାପ୍ତଂ ଯତ୍‌କିଞ୍ଚିତ୍ ସଚରାଚରମ୍ ।**
**ତତ୍‌ପଦଂ ଦର୍ଶିତଂ ଯେନ ତସ୍ମୈ ଶ୍ରୀଗୁରବେ ନମଃ ॥୨୮॥**

***ଅନ୍ୱୟଃ :*** (ଯେନ) ସ୍ଥାବରମ୍ (ସ୍ଥିତିଶୀଳଂ) ଜଙ୍ଗମମ୍ (ଗତିଶୀଳଂ) ସଚରାଚରମ୍ (ଗତିମଭିଃ ଗତିହୀନୈଶ୍ଚ ସହ ବର୍ତ୍ତମାନଂ) ଯତ୍‌କିଞ୍ଚିତ୍ (ସର୍ବଂ) ବ୍ୟାପ୍ତମ୍, ତତ୍‌ପଦମ୍ (ତସ୍ୟ ପରମାତ୍ମନଃ ପଦଂ) ଯେନ (ଗୁରୁଣା) ଦର୍ଶିତମ୍ (ଅପରୋକ୍ଷୀକାରିତଂ) ତସ୍ମୈ (ପ୍ରସିଦ୍ଧାୟ ପୂର୍ବୋକ୍ତାୟ ବା) ଶ୍ରୀଗୁରବେ ନମଃ ।

***ଅର୍ଥ :*** ସଚ୍ଚିଦାନନ୍ଦଘନ ପରଂବ୍ରହ୍ମ ଆକାଶ ସହିତ ଅଚଳ ଓ ସଚଳ ପ୍ରାଣୀ ସମୂହ ମଧ୍ୟରେ ବ୍ୟାପ୍ତ ହୋଇ ରହିଛନ୍ତି । ଯେ ସେହି ପରମାତ୍ମା ପୁରୁଷଙ୍କୁ ଦର୍ଶନ କରାଇ ଦିଅନ୍ତି, ସେହି ଶ୍ରୀଗୁରୁଦେବଙ୍କୁ ପ୍ରଣାମ କରୁଅଛି ।

ତଳ, ଭୂତଳ, ରସାତଳ
ଆକାଶ, ପବନ, ସାଗର ।୧।

ଗ୍ରହ-ଉପଗ୍ରହ-ପାଳକ
କୋଟି-ବ୍ରହ୍ମାଣ୍ଡ-ସଂଚାଳକ ।୨।

ସକଳ ଦେହେ ଅଛି ରହି
ସର୍ବ-ବ୍ୟାପକ ରୂପ ବହି ।୩।

ସେ ରୂପ ଯାହାର ଦୟାରେ
ମାନବ ଦରଶନ କରେ ।୪।

ସେ ଗୁରୁପଦରେ ପ୍ରଣତି
କରୁଅଛି ମୁଁ ମଥା ପାତି ।୫।

***ଚିନ୍ମୟଂ ବ୍ୟାପିତଂ ସର୍ବଂ ତ୍ରୈଲୋକ୍ୟଂ ସଚରାଚରମ୍ ।***
***ତତ୍ପଦଂ ଦର୍ଶିତଂ ଯେନ ତସ୍ମୈ ଶ୍ରୀଗୁରବେ ନମଃ ॥୨୯॥***

***ଅନ୍ୱୟଃ :*** ଚିନ୍ମୟଂ (ଯତ୍) ସର୍ବଂ ସଚରାଚରଂ ତ୍ରୈଲୋକ୍ୟଂ ବ୍ୟାପିତଂ, ଯେନ ତତ୍ପଦମ୍ ଦର୍ଶିତମ୍ ତସ୍ମୈ ଶ୍ରୀଗୁରବେ ନମଃ ।

***ଅର୍ଥ :*** ଯେଉଁ ସୂକ୍ଷ୍ମ କାରଣାତ୍ମା ପରମପୁରୁଷ ଚିନ୍ମୟ ସ୍ୱରୂପରେ ତ୍ରିଭୁବନରେ ସର୍ବତ୍ର ବ୍ୟାପ୍ତ ହୋଇ ରହିଛନ୍ତି, ତାଙ୍କୁ ସ୍ଥୂଳଦୃଷ୍ଟିରେ ଦର୍ଶନ କରାଯାଇପାରେ ନାହିଁ । ତାଙ୍କୁ ଦର୍ଶନ କରିବା ନିମିତ୍ତ ଯେ ଦିବ୍ୟଦୃଷ୍ଟି ପ୍ରଦାନ କରନ୍ତି, ସେହି ଜ୍ଞାନସ୍ୱରୂପୀ ଗୁରୁଦେବଙ୍କୁ ପ୍ରଣାମ କରୁଅଛି ।

ପରମ ପୁରୁଷ ଚିନ୍ମୟ
ସଚ୍ଚିଦାନନ୍ଦ-ଘନ-ମୟ ॥ ୧ ॥
ଏ ତିନି ପୁରେ ଅଛି ବ୍ୟାପି
ତାରିବା ପାଇଁ ଦୁଃଖୀ ତାପୀ ॥ ୨ ॥
ସ୍ଥୂଳ ଶରୀରେ ଦରଶନ
କରି ନ ପାରେ ଜ୍ଞାନୀ ଜନ ॥ ୩ ॥
କୋଟି ଜନ୍ମର ତପ ଫଳେ
ଯାହାର ଦର୍ଶନ ନ ମିଳେ ॥ ୪ ॥
ଯେଉଁ ଗୁରୁଙ୍କ କୃପା ବଳେ
ଅସାଧ୍ୟ ସାଧ୍ୟ ହୁଏ ହେଳେ ॥ ୫ ॥
ମିଳଇ ତାର ଦରଶନ
ସାର୍ଥକ ହୁଅଇ ଜନମ ॥ ୬ ॥
ସେହି ଗୁରୁଙ୍କ ଶ୍ରୀପୟରେ
ମନ ମୋ ରହୁ ନିରନ୍ତରେ ॥ ୭ ॥

**ସର୍ବଶ୍ରୁତି-ଶିରୋରତ୍ନ-ବିରାଜିତ-ପଦାମ୍ବୁଜମ୍ ।**
**ବେଦାନ୍ତାମ୍ବୁଜ-ସୂର୍ଯ୍ୟାୟ ତସ୍ମୈ ଶ୍ରୀଗୁରବେ ନମଃ ॥୩୦॥**

***ଅନ୍ୱୟଃ :*** ଯଃ ସର୍ବଶ୍ରୁତି-ଶିରୋରତ୍ନ-ବିରାଜିତ-ପଦାମ୍ବୁଜଃ, ବେଦାନ୍ତାମ୍ବୁଜ-ସୂର୍ଯ୍ୟାୟ ତସ୍ମୈ ଶ୍ରୀଗୁରବେ ନମଃ ।

***ଅର୍ଥ :*** ସମସ୍ତ ବେଦର ଶିରୋମଣି ସଦୃଶ ଉପନିଷଦସମୂହର ପ୍ରତିପାଦ୍ୟ ଜ୍ଞେୟ ବସ୍ତୁ ଯାହାଙ୍କ ପଦକମଳରେ ସୁଶୋଭିତ ଏବଂ ଯେ ସୂର୍ଯ୍ୟ ସ୍ୱରୂପ ବେଦାନ୍ତଜ୍ଞାନରୂପ ପଦ୍ମକୁ ପ୍ରସ୍ଫୁଟିତ କରାଇ ଦେଇପାରନ୍ତି ଅର୍ଥାତ୍ ଯେ ଜ୍ଞାନସୂର୍ଯ୍ୟ ସଦୃଶ ଶିଷ୍ୟଭକ୍ତମାନଙ୍କ ହୃଦୟରେ ପ୍ରତିଭାତ ହୋଇ ସମସ୍ତ ଅଜ୍ଞାନ ନାଶ କରିପାରନ୍ତି, ସେହି ଜ୍ଞାନମୟ ଗୁରୁଦେବଙ୍କ ଶ୍ରୀପାଦପଦ୍ମରେ ପ୍ରଣତି ଅର୍ପଣ କରୁଅଛି ।

ସକଳ ବେଦ-ଶିରୋମଣି
ଉପନିଷଦ ଜ୍ଞାନଖଣି ॥ ୧ ॥
ଯାହାର ଶ୍ରୁତିରେ ମୁଖର
ବିଶ୍ୱ ବ୍ରହ୍ମାଣ୍ଡ ଚରାଚର ॥ ୨ ॥
ଅଟଇ ଯା'ର ଖେଳ ଘର
ମହିମା ଅଜ୍ଞେୟ ଅପାର ॥ ୩ ॥
ତାହାର ପଦ ଦରଶନ
କରିବା ପାଇଁ ଦିବ୍ୟ ଜ୍ଞାନ ॥ ୪ ॥
ଦିଅନ୍ତି ଯେଉଁ ଗୁରୁଦେବ
ନିରତେ ତାଙ୍କ ପଦ ସେବ ॥ ୫ ॥
ମାର୍ତ୍ତଣ୍ଡ ହୋଇଲେ ଉଦିତ
କମଳ ହୁଏ ପ୍ରସ୍ଫୁଟିତ ॥ ୬ ॥
ତେସନେ ଶ୍ରୀଗୁରୁ-କିରଣେ
ଫୁଟିବ ଜ୍ଞାନ-ପଦ୍ମ ମନେ ॥ ୭ ॥
ସେହି ଗୁରୁଙ୍କ ଶ୍ରୀପୟର
ସତତ ଧ୍ୟାନ ହେଉ ମୋର ॥ ୮ ॥
ସେ ପଦେ ରହି ଥାଉ ମତି
ଭକ୍ତିରେ ଜଣାଏ ପ୍ରଣତି ॥ ୯ ॥

**ଚୈତନ୍ୟଃ ଶାଶ୍ୱତଃ ଶାନ୍ତୋ ବ୍ୟୋମାତୀତୋ ନିରଞ୍ଜନଃ ।**
**ବିନ୍ଦୁନାଦକଳାତୀତସ୍ତସ୍ମୈ ଶ୍ରୀଗୁରବେ ନମଃ ॥୩୧॥**

***ଅନ୍ୱୟଃ :*** (ଯଃ) ଚୈତନ୍ୟଃ ଶାଶ୍ୱତଃ ଶାନ୍ତଃ ବ୍ୟୋମାତୀତଃ ନିରଞ୍ଜନଃ ବିନ୍ଦୁନାଦକଳାତୀତଃ, ତସ୍ମୈ ଶ୍ରୀଗୁରବେ ନମଃ ।

***ଅର୍ଥ :*** ଯେ ଏହି ଜଡ଼ ଜଗତ୍‌ସମୂହର କାରଣ-ସ୍ୱରୂପ ଚୈତନ୍ୟରୂପୀ, ଯେ ନିତ୍ୟ, ସ୍ଥିର ଓ ଆକାଶର ଅତୀତ ବା ବାକ୍ୟ-ମନର ଅଗୋଚର ଏବଂ ଯେ ସଗୁଣ-ନିର୍ଗୁଣ-ଉପାଧିରହିତ ଓ ବିନ୍ଦୁନାଦ-କଳାର ଅତୀତ, ସେହି ପରମାତ୍ମା ପୁରୁଷ ଶ୍ରୀଗୁରୁଦେବଙ୍କୁ ହିଁ ମୁଁ ପ୍ରଣାମ କରୁଅଛି ।

ଚୈତନ୍ୟ-ରୂପୀ ନିତ୍ୟ ସ୍ଥିର,
ସୃଷ୍ଟି ଯାହାର ଚରାଚର ॥ ୧ ॥

ଅସୀମ ଅନନ୍ତ ଅପାର
ବାକ୍ୟ-ମନର ଅଗୋଚର ॥ ୨ ॥

ସଗୁଣ-ନିର୍ଗୁଣ-ରହିତ
ଯେ ବିନ୍ଦୁନାଦ-କଳାତୀତ ॥ ୩ ॥

ସେହିଟି ପରମ ପୁରୁଷ
ଶ୍ରୀଗୁରୁ ରୂପରେ ପ୍ରକାଶ ॥ ୪ ॥

ସେ ପାଦ ତଳେ ରଖି ମଥା
ପ୍ରଣାମ କରୁଛି ସର୍ବଥା ॥ ୫ ॥

**ଜ୍ଞାନଶକ୍ତି-ସମାରୂଢ଼ସ୍ତତ୍ତ୍ୱମାଳା-ବିଭୂଷିତଃ ।**
**ଭୁକ୍ତି-ମୁକ୍ତି-ପ୍ରଦାତା ଚ ତସ୍ମୈ ଶ୍ରୀଗୁରବେ ନମଃ ।।୩୨।।**

***ଅନ୍ୱୟଃ :*** (ଯଃ) ଜ୍ଞାନ-ଶକ୍ତି-ସମାରୂଢ଼ଃ, ତତ୍ତ୍ୱମାଳା-ବିଭୂଷିତଃ ଚ ଭୁକ୍ତି- ମୁକ୍ତି-ପ୍ରଦାତା, ତସ୍ମୈ ଶ୍ରୀଗୁରବେ ନମଃ ।

***ଅର୍ଥ :*** ଯେ ଜ୍ଞାନ ଓ ଶକ୍ତି ସମ୍ପନ୍ନ, ଚତୁର୍ବିଂଶତି ତତ୍ତ୍ୱମାଳା ଅର୍ଥାତ୍ ପ୍ରକୃତି, ମହତତ୍ତ୍ୱ, ଅହଙ୍କାର ଓ ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧ ପଞ୍ଚତନ୍ମାତ୍ର ଏବଂ ମନ, କର୍ଣ୍ଣ, ତ୍ୱକ୍, ଚକ୍ଷୁ, ଜିହ୍ୱା, ଘ୍ରାଣ - ଏହି ପଞ୍ଚ ଜ୍ଞାନେନ୍ଦ୍ରିୟ ଏବଂ ବାକ୍, ପାଣି, ପାଦ, ପାୟୁ ଓ ଉପସ୍ଥ - ଏହି ପଞ୍ଚ କର୍ମେନ୍ଦ୍ରିୟ ଓ କ୍ଷିତି, ଅପ୍, ତେଜ, ମରୁତ୍, ବ୍ୟୋମ ଏହି ପଞ୍ଚ ମହାଭୂତ ଯାହାଙ୍କଠାରେ ବିଶେଷ ରୂପେ ଭୂଷିତ ଅର୍ଥାତ୍ ଏହି ଚତୁର୍ବିଂଶତି ତତ୍ତ୍ୱସମୂହ ଯାହାଙ୍କୁ ଆବୃତ କରି ରଖିଅଛି ଏବଂ ଯେ ଏକାଧାରରେ ଭୋଗ ଓ ମୋକ୍ଷ ପ୍ରଦାତା, ସେହି ଗୁରୁଦେବଙ୍କୁ ମୁଁ ପ୍ରଣାମ କରୁଅଛି ।

ଅଟନ୍ତି ଜ୍ଞାନ-ଶକ୍ତି ଧର ଚତୁର୍ବିଂଶତି-ତତ୍ତ୍ୱ-ସାର ।୧।
ଅହଂ, ପ୍ରକୃତି, ମହତତ୍ତ୍ୱ ରୂପ, ରସ, ଗନ୍ଧ, ତନ୍ମାତ୍ର ।୨।
ଶବ୍ଦ, ପରଶ, ଜ୍ଞାନ ଗମ୍ୟ ମନ, କର୍ଣ୍ଣ, ନାସା, ନୟନ ।୩।
ଶ୍ରବଣ, ଆଘ୍ରାଣ, ଦର୍ଶନ, ସକଳ ଇନ୍ଦ୍ରିୟର କର୍ମ ।୪।
ପାଣି, ପାଦ, ପାୟୁ, ଉପସ୍ଥ ପଞ୍ଚ କର୍ମେନ୍ଦ୍ରିୟ ସମସ୍ତ ।୫।
କ୍ଷିତି, ଅପ୍, ତେଜ, ମରୁତ ବ୍ୟୋମ ମିଶାଇ ପଞ୍ଚଭୂତ ।୬।
ଏ ଚତୁର୍ବିଂଶ ମହାତତ୍ତ୍ୱ ଯାହାଙ୍କୁ କରିଛି ଆବୃତ ।୭।
ଦିଅନ୍ତି ଯେହୁ ଭୋଗ-ମୋକ୍ଷ ଗୁରୁଦେବ ହିଁ ସେ ପ୍ରତ୍ୟକ୍ଷ ।୮।
ପୂରଣ ପାଇଁ ମନସ୍କାମ ତାହାଙ୍କୁ କରୁଛି ପ୍ରଣାମ ।୯।

*ଅନେକଜନ୍ମସଂପ୍ରାପ୍ତ-କର୍ମବନ୍ଧ-ବିଦାହିନେ ।*
*ଆତ୍ମଜ୍ଞାନ-ପ୍ରଦାନେନ ତସ୍ମୈ ଶ୍ରୀଗୁରବେ ନମଃ ॥୩୩॥*

***ଅନ୍ୱୟଃ :*** ଆତ୍ମଜ୍ଞାନ-ପ୍ରଦାନେନ ଅନେକଜନ୍ମ-ସଂପ୍ରାପ୍ତ-କର୍ମବନ୍ଧ-ବିଦାହିନେ (ଲୋକବେଦପ୍ରସିଦ୍ଧାୟ) ତସ୍ମୈ ଶ୍ରୀଗୁରବେ ନମଃ ।

***ଅର୍ଥ :*** ଆତ୍ମଜ୍ଞାନ ଲାଭ ହେଲେ ଜୀବର ବହୁ ଜନ୍ମ ଜନ୍ମାନ୍ତରର ସଞ୍ଚିତ କର୍ମବନ୍ଧନ ଛିନ୍ନ ହୋଇଯାଏ ଏବଂ ନୂତନ କର୍ମବନ୍ଧନର ପଥ ରୁଦ୍ଧ ହୁଏ । ଏହି ସୁଦୁର୍ଲ୍ଲଭ ଆତ୍ମତତ୍ତ୍ୱଜ୍ଞାନ ପ୍ରଦାନ କରି ଯେ ଜୀବକୁ ମୁକ୍ତିର ଆସ୍ୱାଦନ ପ୍ରଦାନ କରନ୍ତି, ସେହି କର୍ମବନ୍ଧବିମୋଚନକାରୀ ଶ୍ରୀଗୁରୁଦେବଙ୍କୁ ମୁଁ ପ୍ରଣାମ କରୁଅଛି ।

ହୋଇଲେ ଲାଭ ଆତ୍ମଜ୍ଞାନ
ଜୀବର ଶତ ଶତ ଜନ୍ମ ।୧।

କର୍ମବନ୍ଧନ ହୁଏ ଦୂର
ତୁଟଇ ସକଳ ଜଞ୍ଜାଳ ।୨।

ନୂତନ କରମ-ବନ୍ଧନ
ଗ୍ରାସି ନ ପାରେ ତନୁ-ମନ ।୩।

ଏହି ଦୁର୍ଲ୍ଲଭ ଆତ୍ମଜ୍ଞାନ
ପ୍ରଦାନେ ଅଟନ୍ତି ଯେ କ୍ଷମ ।୪।

ମୁକ୍ତିର ପଥ ଯେ ଦେଖାଇ
ଆଲୋକେ ନିଅନ୍ତି କଢ଼ାଇ ।୫।

ସେହି ଗୁରୁଙ୍କ ଶ୍ରୀଚରଣ
କର୍ମ-ବନ୍ଧନ-ବିମୋଚନ ।୬।

ତାହାଙ୍କୁ ଶତ ଶତ ବାର
ଭକ୍ତିରେ କରେ ନମସ୍କାର ।୭।

*ଶୋଷଣଂ ଭବସିନ୍ଧୋଷ୍ଚ ଜ୍ଞାପନଂ ସାରସମ୍ପଦାମ୍ ।*
*ଗୁରୋଃ ପାଦୋଦକଂ ସମ୍ୟକ୍ ତସ୍ମୈ ଶ୍ରୀଗୁରବେ ନମଃ ॥୩୪॥*

***ଅନ୍ୱୟଃ :*** (ଯସ୍ୟ) ଗୁରୋଃ ପାଦୋଦକମ୍ ଭବସିନ୍ଧୋଃ ସମ୍ୟକ୍ ଶୋଷଣମ୍ ସାରସମ୍ପଦାମ୍ (ସମ୍ୟକ୍) ଜ୍ଞାପନମ୍ ଚ, ତସ୍ମୈ ଶ୍ରୀଗୁରବେ ନମଃ ।

***ଅର୍ଥ :*** ଯେଉଁ ଗୁରୁଦେବଙ୍କ ପାଦୋଦକ ସମ୍ୟକ୍ ରୂପରେ ଭବସାଗର ଶୋଷଣ କରି ଶ୍ରେଷ୍ଠତମ ସମ୍ପଦ ପରାଭକ୍ତି ଦାନ କରିବାକୁ ସମର୍ଥ, ସେହି ଭବସାଗର-ତାରଣତରୀ ଶ୍ରୀଗୁରୁଦେବଙ୍କ ଚରଣରେ ମୁଁ ପ୍ରଣାମ କରୁଅଛି ।

ଅଗସ୍ତି ଯେହ୍ନେ ଦେଲେ ଶୋଷି
ମହାସାଗର ଜଳରାଶି ।୧।

ତେସନ ଏ ଭବ-ସାଗର
କ୍ଷଣୁ ଯେ କରନ୍ତି ପାର ।୨।

ପରାଭକ୍ତି ଯେ ଶ୍ରେଷ୍ଠତମ
କରନ୍ତି ଶିଷ୍ୟରେ ପ୍ରଦାନ ।୩।

ସେ ଭବ-ସାଗର ମୋଚନ
ଗୁରୁଦେବଙ୍କ ଶ୍ରୀଚରଣ ।୪।

ନିରତେ ହେଉ ମୋର ଧ୍ୟାନ
ଯେ ଭବ-ସାଗର-ତାରଣ ।୫।

ପ୍ରଣତି ତାଙ୍କୁ ଶତ ଶତ
ପବିତ୍ର କରନ୍ତୁ ମୋ ଚିତ୍ତ ।୬।

**ନ ଗୁରୋରଧିକଂ ତତ୍ତ୍ୱଂ ନ ଗୁରୋରଧିକଂ ତପଃ ।**
**ତତ୍ତ୍ୱଜ୍ଞାନାତ୍ ପରଂ ନାସ୍ତି ତସ୍ମୈ ଶ୍ରୀଗୁରବେ ନମଃ ॥୩୫॥**

***ଅନ୍ୱୟଃ :*** ଗୁରୋରଧିକଂ ତତ୍ତ୍ୱଂ ନ (ଅସ୍ତି) ଗୁରୋଃ ଅଧିକମ୍ ତପଃ ନ (ଅସ୍ତି) ତତ୍ତ୍ୱଜ୍ଞାନାତ୍ ପରମ୍ ନ ଅସ୍ତି (ଲୋକବେଦ-ପ୍ରସିଦ୍ଧାୟ) ତସ୍ମୈ ଶ୍ରୀଗୁରବେ ନମଃ ।

***ଅର୍ଥ :*** ତତ୍ତ୍ୱଜ୍ଞାନ ଭିନ୍ନ ମୁକ୍ତି ଲାଭ ହୁଏ ନାହିଁ । 'ଚତୁର୍ବିଂଶତି ତତ୍ତ୍ୱାଦି ଜଡ଼ ଏବଂ ମୁଁ ଚୈତନ୍ୟ-ସ୍ୱରୂପ ଓ ପ୍ରକୃତିଠାରୁ ମଧ୍ୟ ଭିନ୍ନ' - ଏହି ଆତ୍ମଜ୍ଞାନ ପ୍ରଦାନ କରି ଗୁରୁଦେବ ଜୀବକୁ ସଂସାର-ପାଶରୁ ମୁକ୍ତ କରିଦିଅନ୍ତି । ଶ୍ରୀଗୁରୁଦେବ ହିଁ ସର୍ବମୟ; ତାଙ୍କ ଭିନ୍ନ ଦ୍ୱିତୀୟ ବସ୍ତୁ ନାହିଁ । ଶ୍ରୀଗୁରୁଦେବଙ୍କ ସେବାର ମହାତ୍ମ୍ୟ ଶାସ୍ତ୍ରାଦିବର୍ଣ୍ଣିତ କାୟିକ, ବାଚିକ ଓ ମାନସିକ ତପସ୍ୟାଦି ଅପେକ୍ଷା ଶ୍ରେଷ୍ଠତର । ଯେଉଁ ପରମ ପୁରୁଷଙ୍କ ଅପେକ୍ଷା ଶ୍ରେଷ୍ଠ ତତ୍ତ୍ୱ ଓ ଯାହାଙ୍କ ପଦସେବା ଅପେକ୍ଷା ଶ୍ରେଷ୍ଠ ତପସ୍ୟା ଏବଂ ଯେଉଁ ଗୁରୁତତ୍ତ୍ୱ-ଜ୍ଞାନ ଅପେକ୍ଷା ଅଧିକ ସ୍ୱରୂପଜ୍ଞାନ ନାହିଁ, ସେହି ଶ୍ରୀଗୁରୁଦେବଙ୍କୁ ମୁଁ ପ୍ରଣାମ କରୁଅଛି ।

ଲାଭ ନ ହେଲେ ଦିବ୍ୟ ଜ୍ଞାନ   ମିଳିବ ନାହିଁ ତତ୍ତ୍ୱ ଜ୍ଞାନ   । ୧ ।
ଚତୁର୍ବିଂଶତି ତତ୍ତ୍ୱ ଯେତେ   ଜଡ଼ ପଦାର୍ଥ ସେ ସମସ୍ତେ   । ୨ ।
ମୁଁ ଏକା ଅଟଇ ଚୈତନ୍ୟ   ପ୍ରକୃତିଠାରୁ ଅଟେ ଭିନ୍ନ   । ୩ ।
ଗୁରୁ ଯେ ଆତ୍ମଜ୍ଞାନଦାତା   ସଂସାରୁ ମୁକତି କରତା   । ୪ ।
ଶ୍ରୀଗୁରୁଦେବ ସର୍ବମୟ   ନାହାନ୍ତି ଆଉ କେ ଦ୍ୱିତୀୟ   । ୫ ।
କହି ଅଛନ୍ତି ସବୁ ଶାସ୍ତ୍ର   ଗୁରୁ-ମାହାତ୍ମ୍ୟ ଏକମାତ୍ର   । ୬ ।
ଜୀବକୁ କରାଏ ପ୍ରଦାନ   ମୁକ୍ତି-ତତ୍ତ୍ୱର ମହାଜ୍ଞାନ   । ୭ ।
କାୟ, ବଚନ, ମାନସରେ   ଯୋଗ ସାଧନା ଯେତେ କଲେ   । ୮ ।
ସେ ନୁହେଁ ଗୁରୁସେବା ସମ   ଗୁରୁସେବା ହିଁ ମହାଧନ   । ୯ ।
ପରମ ପୁରୁଷ ସେ ଗୁରୁ   ଅଟଳ ଶକ୍ତି ମହାମେରୁ   । ୧୦ ।
ଗୁରୁଙ୍କଠାରୁ ଶ୍ରେଷ୍ଠ ତତ୍ତ୍ୱ   ପାଇଲେ ହୋଇବ ମୁକତ   । ୧୧ ।
ବୁଦ୍ଧି ବିବେକ (ଜ୍ଞାନ) ଶୁଦ୍ଧ ମତି   ବୃଥା, ନଥିଲେ ଗୁରୁଭକ୍ତି   । ୧୨ ।
ହୋଇବ ତାହା ଶ୍ରେଷ୍ଠ ତପ   ତା'ଠାରୁ ହୀନ ଆନ ଜପ   । ୧୩ ।
ଯେ ପାଏ ଗୁରୁତତ୍ତ୍ୱ ଜ୍ଞାନ   ତା'ଠାରୁ ବଳି ଭାଗ୍ୟବାନ   । ୧୪ ।
ନାହିଁ ଜଗତେ ଆଉ କେହି   ପରମ ଜ୍ଞାନୀ ଅଟେ ସେହି   । ୧୫ ।
ନର-କିନ୍ନର-ଦେବଗଣ   ପଶନ୍ତି ତା ପାଦେ ଶରଣ   । ୧୬ ।
ମନୁ କଳୁଷ ନାଶ ଯାଏ   ସକଳ ତୀର୍ଥ ଫଳ ପାଏ   । ୧୭ ।
ପାଇ ନାହିଁ ଯେ ଗୁରୁ ଦୟା   ବିଫଳ ଅଟେ ତାର କାୟା   । ୧୮ ।
ଗୁରୁ-ଚରଣେ ଯା'ର ମନ   ନ ଥାଏ ବୃଥା ତା' ଜୀବନ   । ୧୯ ।
ଗଗନ, ପବନ, ଆକାଶ   ସର୍ବତ୍ର ଶ୍ରୀଗୁରୁ ପ୍ରକାଶ   । ୨୦ ।
ସକଳ ତୀର୍ଥେ ତୀର୍ଥସାର   ଅଟଇ ଶ୍ରୀଗୁରୁ-ପୟର   । ୨୧ ।
ସୃଷ୍ଟି କରତା ଆଦି ମୂଳ   ସକଳ ଶୋଭା ପାଦେ ଠୁଳ   । ୨୨ ।
ସେ ଗୁରୁଚରଣେ ଶରଣ   ମାଗୁଛି ମୁହିଁ ଅକିଞ୍ଚନ   । ୨୩ ।

***ମନ୍ନାଥଃ ଶ୍ରୀଜଗନ୍ନାଥୋ ମଦ୍‌ଗୁରୁଃ ଶ୍ରୀଜଗଦ୍‌ଗୁରୁଃ ।***
***ମଦାତ୍ମା ସର୍ବଭୂତାତ୍ମା ତସ୍ମୈ ଶ୍ରୀଗୁରବେ ନମଃ ॥୩୬॥***

***ଅନ୍ୱୟଃ :*** ମନ୍ନାଥଃ ଶ୍ରୀଜଗନ୍ନାଥଃ, ମଦ୍‌ଗୁରୁଃ ଶ୍ରୀଜଗଦ୍‌ଗୁରୁଃ, ମତ୍ ଆତ୍ମା ସର୍ବଭୂତାତ୍ମା, (ଲୋକବେଦ-ପ୍ରସିଦ୍ଧାୟ) ତସ୍ମୈ ଶ୍ରୀଗୁରବେ ନମଃ ।

***ଅର୍ଥ :*** ମୋର ପ୍ରଭୁ ବା ସ୍ୱାମୀ ହିଁ ବିଶ୍ୱଜଗତର ସ୍ୱାମୀ ଶ୍ରୀଜଗନ୍ନାଥ, ମୋର ଗୁରୁଦେବ ହିଁ ଜଗତର ଗୁରୁ ଏବଂ ସର୍ବଭୂତରେ ଯେ ଆତ୍ମସ୍ୱରୂପରେ ଅବସ୍ଥିତ, ସେ ହିଁ ମୋର ଆତ୍ମା । ଏହି ପରମାତ୍ମଜ୍ଞାନ ଯେ ପ୍ରଦାନ କରନ୍ତି ସେହି ଶ୍ରୀଗୁରୁଦେବଙ୍କୁ ମୁଁ ପ୍ରଣାମ କରୁଅଛି ।

ମୋହର ନାଥ ଜଗନ୍ନାଥ
ଯେ କରେ ବିଶ୍ୱ ଆତଯାତ ॥ ୧ ॥

ମୋହର ଗୁରୁ ଜଗଦ୍‌ଗୁରୁ
ଜ୍ଞାନ ପ୍ରକାଶ ଯାହାଠାରୁ ॥ ୨ ॥

ସର୍ବ ଭୂତରେ ଯାର ସ୍ଥାନ
ଆତ୍ମ-ସ୍ୱରୂପେ ଅବସ୍ଥାନ ॥ ୩ ॥

ଜୀବେ ପରମ-ଆତ୍ମଜ୍ଞାନ
କରନ୍ତି ଆନନ୍ଦେ ପ୍ରଦାନ ॥ ୪ ॥

ସେହି ଗୁରୁଙ୍କ ଶ୍ରୀପୟରେ
ପ୍ରଣତି ମୋର ନିରନ୍ତରେ ॥୫ ॥

**ଗୁରୁରାଦିରନାଦିଶ୍ଚ ଗୁରୁଃ ପରମଦୈବତମ୍ ।**
**ଗୁରୋଃ ପରତରଂ ନାସ୍ତି ତସ୍ମୈ ଶ୍ରୀଗୁରବେ ନମଃ ॥୩୭॥**

***ଅନ୍ୱୟଃ :*** (ଯଃ) ଗୁରୁଃ ଆଦିଃ ଅନାଦିଃ ଚ (ଯଃ) ଗୁରୁଃ ପରମଦୈବତଂ (ଯସ୍ମାତ୍) ଗୁରୋଃ ପରତରମ୍ ନ ଅସ୍ତି, ତସ୍ମୈ ଶ୍ରୀଗୁରବେ ନମଃ ।

***ଅର୍ଥ :*** ଶ୍ରୀଗୁରୁ ହିଁ ସମସ୍ତଙ୍କ ଉତ୍ପତ୍ତିର ମୂଳସତ୍ତା ବା ଆଦି କାରଣ । ପୁନଶ୍ଚ ସେ ସର୍ବତ୍ର ପରିବ୍ୟାପ୍ତ ଓ ସର୍ବଭୂତରେ ଅନୁପ୍ରବିଷ୍ଟ ହେତୁ ଆଦିଅନ୍ତହୀନ ବା ଅନାଦି ପୁରୁଷ । ଶ୍ରୀଗୁରୁଦେବ ହିଁ ସମସ୍ତ ଦେବତାଙ୍କ ମଧ୍ୟରେ ଶ୍ରେଷ୍ଠତମ; ସୁତରାଂ ଗୁରୁଦେବ ହିଁ ପରମାରାଧ୍ୟ ଦେବତା । ଶ୍ରୀଗୁରୁଦେବଙ୍କଠାରୁ ଶ୍ରେଷ୍ଠତର ହୋଇ କେହି ନାହାନ୍ତି ଅର୍ଥାତ୍ ଶ୍ରୀଗୁରୁଦେବ ହିଁ ଚରମ ଓ ପରମ ସତ୍ତା - ଏହି ଜ୍ଞାନ ଅପେକ୍ଷା ଶ୍ରେଷ୍ଠତର ଜ୍ଞାନ ଅନ୍ୟ କିଛି ନାହିଁ । ଯାହାଙ୍କ କୃପାରେ ଏହି ଦିବ୍ୟଜ୍ଞାନର ଉଦୟ ହୁଏ, ସେହି ଶ୍ରୀଗୁରୁଦେବଙ୍କୁ ମୁଁ ଦଣ୍ଡବତ୍ ପ୍ରଣାମ କରୁଅଛି ।

ସକଳ ଉତ୍ପତ୍ତି କାରଣ　　ଅଟନ୍ତି ଗୁରୁ ଏକା ଜାଣ ।୧।
ସର୍ବତ୍ର ପରିବ୍ୟାପ୍ତ ସେହି　　ସର୍ବ ଭୂତରେ ପ୍ରକଟଇ ।୨।
ଅନାଦି ଅନନ୍ତ ଅସୀମ　　ସର୍ବ ଦେବରେ ଶ୍ରେଷ୍ଠତମ ।୩।
ପରମ ଆରାଧ୍ୟ ଦେବତା　　ନାହିଁ କେ ଆନ ଶାସ୍ତ୍ରବେତ୍ତା।୪।
ଚରମ ପରମ ସତ୍ତା ସେ　　ଖେଳୁ ଅଛନ୍ତି ସାରାବିଶ୍ୱେ ।୫।
ଏଥିରୁ ବଳି ଶ୍ରେଷ୍ଠ ଜ୍ଞାନ　　ନଥିଲା, ନାହିଁ ମନେ ଘେନ।୬।
ଏ ଦିବ୍ୟ ଜ୍ଞାନ ଯା' ଦୟାରେ　　ଉଦିତ ହୁଅଇ ଚିତ୍ତରେ ।୭।
ସେହି ଗୁରୁଙ୍କୁ ପ୍ରଣିପାତ　　କରୁଅଛି ମୁଁ ଶତ ଶତ ।୮।

*ଧ୍ୟାନମୂଳଂ ଗୁରୋର୍ମୂର୍ତ୍ତିଃ ପୂଜାମୂଳଂ ଗୁରୋଃ ପଦମ୍ ।*
*ମନ୍ତ୍ରମୂଳଂ ଗୁରୋର୍ବାକ୍ୟଂ ମୋକ୍ଷମୂଳଂ ଗୁରୋଃ କୃପା ॥୩୮॥*

***ଅନ୍ୱୟଃ :*** ଗୁରୋଃ ମୂର୍ତ୍ତିଃ ଧ୍ୟାନମୂଳମ୍, ଗୁରୋଃ ପଦମ୍ ପୂଜାମୂଳମ୍, ଗୁରୋଃ ବାକ୍ୟମ୍ ମନ୍ତ୍ରମୂଳମ୍, ଗୁରୋଃ କୃପା ମୋକ୍ଷମୂଳମ୍ (ଚ ଭବନ୍ତି) ।

***ଅର୍ଥ :*** ଶ୍ରୀଗୁରୁଦେବଙ୍କ ଶ୍ରୀମୂର୍ତ୍ତିଙ୍କର ଧ୍ୟାନ ହିଁ ସବୁ ପ୍ରକାର ଧ୍ୟାନ ମଧ୍ୟରେ ପ୍ରଥମ ଓ ପ୍ରଧାନ । ଶ୍ରୀଗୁରୁଦେବଙ୍କ ପାଦପଦ୍ମ-ଅର୍ଚ୍ଚନା ସମସ୍ତ ପୂଜା ମଧ୍ୟରେ ଶ୍ରେଷ୍ଠ । ଶ୍ରୀଗୁରୁଦେବଙ୍କ ବାକ୍ୟ ହିଁ ମନ୍ତ୍ରସ୍ୱରୂପ; କାରଣ ସମସ୍ତ ଶାସ୍ତ୍ର ହିଁ ଶ୍ରୀଗୁରୁଦେବଙ୍କ ମୁଖରୁ ଉତ୍ପନ୍ନ । ଶ୍ରୀଗୁରୁଦେବଙ୍କ କୃପା ହିଁ ମୋକ୍ଷର ଆଦିକାରଣ; କାରଣ ଶ୍ରୀଗୁରୁଦେବ କୃପା ନ କଲେ ଅନ୍ୟ କାହାରି କୃପାରେ ମୋକ୍ଷଲାଭ ସମ୍ଭବପର ନୁହେଁ । ଅର୍ଥାତ୍ ଶ୍ରୀଗୁରୁଦେବଙ୍କ ମୂର୍ତ୍ତି ଧ୍ୟାନ କଲେ, ଶ୍ରୀଗୁରୁଦେବଙ୍କ ଚରଣ ପୂଜା କଲେ, ତାଙ୍କ ବାକ୍ୟ ପ୍ରତିପାଳନ ଓ ତାଙ୍କ କୃପା ଲାଭ ନିମିତ୍ତ ତାଙ୍କ ନାମରୂପର ସେବା କଲେ ମୋକ୍ଷଲାଭ ଅବଶ୍ୟମ୍ଭାବୀ ।

ଶ୍ରୀଗୁରୁ ଶ୍ରୀମୂର୍ତ୍ତି ଧିଆନ — ସକଳ ଧ୍ୟାନେ ସାର ଜାଣ ।୧।
ପ୍ରଧାନ ଧ୍ୟାନ ସେହି ଅଟେ — ଜୀବର ମାନସେ ପ୍ରକଟେ ।୨।
ଗୁରୁଙ୍କ ଶ୍ରୀଚରଣସେବା — ଫଳରେ ତୁଷ୍ଟ ସର୍ବଦେବା ।୩।
ମନ୍ତ୍ର ସ୍ୱରୂପ ଗୁରୁବାଣୀ — ଶ୍ରେଷ୍ଠ ଅର୍ଚ୍ଚନା ତାହା ଜାଣି ।୪।
ଗୁରୁ-ମୁଖରୁ ଉତପନ୍ନ — ସକଳ ଶାସ୍ତ୍ର ଯେ ପୁରାଣ ।୫।
ଗୁରୁକୃପାଟି ଏକା ଜାଣ — ଅଟଇ ମୋକ୍ଷର କାରଣ ।୬।
ଗୁରୁ କେବଳ ମୁକ୍ତିଦାତା — ଅକ୍ଷମ ସକଳ ଦେବତା ।୭।
କଲେ ଶ୍ରୀଗୁରୁମୂର୍ତ୍ତି ଧ୍ୟାନ — ପୂଜିଲେ ଶ୍ରୀଗୁରୁ-ଚରଣ ।୮।
ତାଙ୍କ ଆଦେଶ ପ୍ରତିପାଳି — ମସ୍ତକେ ତାଙ୍କ ପଦଧୂଳି ।୯।
ତାଙ୍କରି ସନ୍ତୋଷ ବିଧାନ — ଲାଗି କରିଲେ ସଦା ଧ୍ୟାନ ।୧୦।
ତାହାଙ୍କ ନାମ ହୃଦେ ସ୍ଥାପ — ରହିବ ନାହିଁ ପାପ ତାପ ।୧୧।
ସେ ଗୁରୁ ଚରଣେ ପ୍ରଣାମ — କରୁଅଛି ମୁଁ ଅବିରାମ ।୧୨।

**ସପ୍ତସାଗରପର୍ଯ୍ୟନ୍ତଂ ତୀର୍ଥସ୍ନାନଫଳଂ ତଥା ।**
**ଗୁରୋରଙ୍ଘ୍ରି-ଜଳାଦ୍‌ବିନ୍ଦୁଃ ସହସ୍ରାଂଶେନ ଦୁର୍ଲ୍ଲଭମ୍ ॥୩୯॥**

***ଅନ୍ୱୟଃ :*** ଗୁରୋରଂଘ୍ରି-ଜଳବିନ୍ଦୁ-ସହସ୍ରାଂଶେନ (ଯତ୍) ଫଳମ୍ (ତତ୍) ସପ୍ତସାଗରପର୍ଯ୍ୟନ୍ତ-ତୀର୍ଥ-ସ୍ନାନାଦିକୈଃ ଦୁର୍ଲ୍ଲଭମ୍ (ଭବତି)

***ଅର୍ଥ :*** ସପ୍ତସାଗର ଓ ତିନି କୋଟି ତୀର୍ଥରେ ସ୍ନାନ କଲେ, ତାହା ଫଳରେ ପାପ କ୍ଷୟ ହୋଇଥାଏ; ମାତ୍ର ଶ୍ରୀଗୁରୁଦେବଙ୍କ ପାଦପଦ୍ମରୁ ଗଳିତ ବିନ୍ଦୁଏ ମାତ୍ର ଜଳ ଅର୍ଥାତ୍ ଏକ ବିନ୍ଦୁ ଚରଣୋଦକ ପାନ କଲେ ଜୀବ ଜନ୍ମ ମରଣ ଆବର୍ତ୍ତମୟ ସଂସାରସାଗରରୁ ମୁକ୍ତ ହୋଇ ସଚ୍ଚିଦାନନ୍ଦଘନ ପରମାତ୍ମାଙ୍କ ପଦରେ ଲୟପ୍ରାପ୍ତ ହୁଏ । ତେଣୁ ଶ୍ରୀଗୁରୁଦେବଙ୍କ ବିନ୍ଦୁଏ ମାତ୍ର ପାଦୋଦକ ଯେପରି ଦୁର୍ଲ୍ଲଭ, ସପ୍ତସାଗର ପର୍ଯ୍ୟନ୍ତ ତୀର୍ଥସ୍ନାନର ଫଳ ତାହା ସହିତ ସହସ୍ରାଂଶରେ ମଧ୍ୟ ତୁଳନୀୟ ନୁହେଁ ।

| | | |
|---|---|---|
| ସପ୍ତ ସାଗରେ ସ୍ନାନ କଲେ | ତୀର୍ଥ ତିନି କୋଟି ଭ୍ରମିଲେ | ।୧। |
| ତହୁଁ ଯେ ପାପ ହୁଏ କ୍ଷୟ | ଶ୍ରୀଗୁରୁ-ସେବାରେ ନିଶ୍ଚୟ | ।୨। |
| ସେତିକି ଫଳ କରେ ଦାନ | ଶ୍ରୀଗୁରୁ-ପାଦୋଦକ ଜାଣ | ।୩। |
| ବିନ୍ଦୁଏ ତାହା କଲେ ପାନ | ଶିରରେ କରିଲେ ଧାରଣ | ।୪। |
| ସଂସାର-ସାଗରୁ ମୁକତି | ଅବଶ୍ୟ ହୋଇବ ପ୍ରାପତି | ।୫। |
| ସଂସାର-ସାଗର ଭଉଁରୀ | ସୁଖେ ହୋଇବ ଯେବେ ପାରି | ।୬। |
| ଶ୍ରୀଗୁରୁ-ପାଦପଦ୍ମ-ନାବ | ନିର୍ମଳ ମନେ କର ଠାବ | ।୭। |
| ଜନ୍ମ-ମରଣ ଆବର୍ତ୍ତନ | ସାଗର-ଭଉଁରୀ ସମାନ | ।୮। |
| ସେଥିରୁ ମୁକ୍ତ ହେବ ନର | ପୂଜିଲେ ଶ୍ରୀଗୁରୁ-ପୟର | ।୯। |
| ସଚ୍ଚିଦାନନ୍ଦ ବ୍ରହ୍ମ ପଦେ | ମିଳିତ ହେବ ଅପ୍ରମାଦେ | ।୧୦। |
| କୋଟି ତୀର୍ଥର ପୁଣ୍ୟଫଳ | ଦିଅଇ ଗୁରୁ-ପାଦତଳ | ।୧୧। |
| ସେହି ଗୁରୁଙ୍କୁ ପ୍ରଣିପାତ | କରୁଅଛି ମୁଁ ଶତ ଶତ | ।୧୨। |

**ଗୁରୁରେବ ଜଗତ୍‌ସର୍ବଂ ବ୍ରହ୍ମା-ବିଷ୍ଣୁ-ଶିବାତ୍ମକମ୍ ।**
**ଗୁରୋଃ ପରତରଂ ନାସ୍ତି ତସ୍ମାତ୍ ସମ୍ପୂଜୟେଦ୍ ଗୁରୁମ୍ ॥୪୦॥**

***ଅନ୍ୱୟଃ :*** ବ୍ରହ୍ମା-ବିଷ୍ଣୁ-ଶିବାତ୍ମକଃ ଗୁରୁଃ ଏବ ସର୍ବମ୍ ଜଗତ୍ (ତିଷ୍ଠତେ) ଗୁରୋଃ ପରତରଂ ନ ଅସ୍ତି, ତସ୍ମାତ୍ ଗୁରୁଂ ସମ୍ପୂଜୟେତ୍ ।

***ଅର୍ଥ :*** ଜଗତର ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କର, ପାଳନକର୍ତ୍ତା ବିଷ୍ଣୁଙ୍କର ଏବଂ ସଂହାରକର୍ତ୍ତା ଶିବଙ୍କର ସମସ୍ତ ଶକ୍ତି ଏକମାତ୍ର ଶ୍ରୀଗୁରୁଦେବଙ୍କଠାରେ ହିଁ ଆଧାରିତ । ଏହି ସୃଜନ, ପାଳନ, ସଂହାରଣକ୍ରିୟା ତ୍ରିଗୁଣର ଆଶ୍ରୟରେ ହିଁ ପରିଚାଳିତ । ଶ୍ରୀଗୁରୁଦେବ ଏହି ତ୍ରିଗୁଣର ଊର୍ଦ୍ଧ୍ୱରେ ଅବସ୍ଥିତ । ସୁତରାଂ ସେ ଗୁଣାତୀତ ହୋଇ ମଧ୍ୟ ଗୁଣମୟ ଓ ବ୍ରହ୍ମା-ବିଷ୍ଣୁ-ଶିବଙ୍କର ଆତ୍ମସ୍ୱରୂପ । ଅତଏବ ସମସ୍ତ ବିଶ୍ୱଜଗତର ସେ ହିଁ ଆତ୍ମସ୍ୱରୂପ । ସମସ୍ତ ତାଙ୍କୁ ହିଁ ଆଶ୍ରୟ କରି ବର୍ତ୍ତମାନ । ସୁତରାଂ ତାଙ୍କ ଅପେକ୍ଷା ଆଉ ଶ୍ରେଷ୍ଠତର କେହି ନାହାନ୍ତି; ସେ ହିଁ ପରାତ୍ପର ପରଂବ୍ରହ୍ମ । ତେଣୁ ସମସ୍ତଙ୍କର ସେହି ଶ୍ରୀଗୁରୁଦେବଙ୍କୁ ହିଁ ପୂଜା କରିବା କର୍ତ୍ତବ୍ୟ ।

ସୃଷ୍ଟି କରତା ବେଦବର　　ସକଳ ଭିଆଣ ତାହାର ।୧।
ପାଳନ୍ତି ଏକା ନାରାୟଣ　　ସୁଖ, ଦୁଃଖ, ଶୋକ କାରଣ ।୨।
ସଂହାର କରନ୍ତି ଶଙ୍କର　　ତାଣ୍ଡବ ନୃତ୍ୟେ ଚରାଚର ।୩।
ଏ ତିନି ଶକ୍ତି ଏକଠାଇଁ　　ଶ୍ରୀଗୁରୁ-ପଦେ ବିରାଜଇ ।୪।
ସୃଜନ ପାଳନ ସଂହାର　　ତ୍ରିଗୁଣ ଆଶ୍ରୟ ଆଧାର ।୫।
ହେଲେହେଁ ସେହୁ ଗୁଣାତୀତ　　ଗୁଣମୟରେ ବିଭୂଷିତ ।୬।
ଏ ସାରା ବିଶ୍ୱ ଚରାଚର　　ଆତ୍ମ-ସ୍ୱରୂପ ନିରାଧାର ।୭।
ସବୁରି ଆଶ୍ରୟର ସ୍ଥାନ　　ତିନି କାଳରେ ବିଦ୍ୟମାନ ।୮।
ପରମ ବ୍ରହ୍ମ ପରାତ୍ପର　　ଗୁରୁ ହିଁ ବ୍ରହ୍ମା ମହେଶ୍ୱର ।୯।
ବିଷ୍ଣୁ ଯେ ତାଙ୍କଠାରେ ଲୀନ　　ଅଟନ୍ତି ଭକତ ଅଧୀନ ।୧୦।
ଭକତି ବଳେ ମଥା ପାତି　　ଗୁରୁଙ୍କୁ କରିଲେ ପ୍ରଣତି ।୧୧।
ମୋହ-କାଳିମା ହୁଏ ଦୂର　　ସେ ଗୁରୁପଦେ ନମସ୍କାର ।୧୨।

**ଜ୍ଞାନଂ ବିନା ମୁକ୍ତିପଦଂ ଲଭତେ ଗୁରୁଭକ୍ତିତଃ ।**
**ଗୁରୋଃ ପରତରଂ ନାସ୍ତି ଧ୍ୟେୟୋଽସୌ ଗୁରୁମାର୍ଗିଣା ॥୪୧॥**

***ଅନ୍ୱୟଃ :*** ଜ୍ଞାନମ୍ ବିନା (ନରଃ) ଗୁରୁଭକ୍ତିତଃ ମୁକ୍ତିପଦମ୍ ଲଭତେ । ଗୁରୋଃ ପରତରମ୍ ନ ଅସ୍ତି । ଗୁରୁମାର୍ଗିଣା ଅସୌ (ଗୁରୁ) ଧ୍ୟେୟଃ ।

***ଅର୍ଥ :*** ଜ୍ଞାନ ନ ଥାଇ ମଧ୍ୟ କେବଳ ଅନନ୍ୟ ଭାବରେ ଜ୍ଞାନସ୍ୱରୂପୀ ଶ୍ରୀଗୁରୁଦେବଙ୍କ ପ୍ରତି ଭକ୍ତି ସହକାରେ ତାଙ୍କୁ ଜୀବନର ଶ୍ରେଷ୍ଠ ଜନ ମଣିବା ଓ ଗୁରୁଦେବଙ୍କ ସେବା ଅପେକ୍ଷା ଆଉ ଶ୍ରେଷ୍ଠ କିଛି ନାହିଁ ଜାଣି ତାଙ୍କ ସେବାକୁ ଶ୍ରେଷ୍ଠ ଅମୂଲ୍ୟ ଧନ ଜ୍ଞାନ କରି ଯେଉଁ ଲୋକମାନେ ଶ୍ରୀଗୁରୁଦେବଙ୍କ ପଦ ଧ୍ୟାନ କରି ତାଙ୍କ କର୍ମ ସାଧନ କରନ୍ତି, ସେମାନେ ମଧ୍ୟ ମୁକ୍ତି ଲାଭ କରନ୍ତି ଅର୍ଥାତ୍ ଦେହାବସାନରେ ତାଙ୍କରି ପରମ ପଦରେ ଲୀନ ହୋଇଥାନ୍ତି । ଜ୍ଞାନମୟ ଶ୍ରୀଗୁରୁଦେବଙ୍କ ସେବା ନିମିତ୍ତ ଜ୍ଞାନ ଗୌଣ, ଭକ୍ତି ମୁଖ୍ୟ ଉପାଦାନ । ସୁତରାଂ ଅନନ୍ୟ ଭକ୍ତିପୂର୍ଣ୍ଣ ଚିତ୍ତରେ ଶ୍ରୀଗୁରୁଦେବଙ୍କ ଧ୍ୟାନ, ଗୁରୁ ନାମର ସ୍ମରଣ ମନନ ଏବଂ ଗୁରୁ ନିର୍ଦ୍ଦେଶିତ କର୍ତ୍ତବ୍ୟ ସାଧନ ହିଁ ତାଙ୍କୁ ଲାଭ କରି ପୂର୍ଣ୍ଣମନୋରଥ ହେବାର ଶ୍ରେଷ୍ଠ ଉପାୟ ।

ଶ୍ରୀଗୁରୁ ଜ୍ଞାନର ଆଧାର ଅଜ୍ଞାନୀ ପୂଜିଲେ ପୟର ।୧।
ଭକତି ନିଷ୍ଠା ଥିଲେ ଚିତ୍ତେ ଜ୍ଞାନୀ ସେ ହୋଇବ ଯୁକତେ ।୨।
ଚୁମ୍ବକ ଗୁରୁ ଜ୍ଞାନ ରାଶି ଅଜ୍ଞାନୀ ଲୌହରେ ପ୍ରକାଶି ।୩।
ନିଜ ନିକଟେ ନେବେ ଟାଣି ଅଜ୍ଞାନୀ ହେବେ ମହାଜ୍ଞାନୀ ।୪।
ସକାଳୁ ସଞ୍ଜ ପରିଯନ୍ତ କରିବ କରମ ସମସ୍ତ ।୫।
କର୍ମ ମଧ୍ୟରେ ଗୁରୁ ନାମ ଅନ୍ତରେ କରୁଥିବ ଧ୍ୟାନ ।୬।
ଶୟନେ ଅବା ଜାଗରଣେ ଅଧ୍ୟୟନେ ବା ଅଧ୍ୟାପନେ ।୭।
ସବୁ ସମୟେ ଗୁରୁ ଭଜି ନିଷ୍କାମ କର୍ମେ ରହ ମଜ୍ଜି ।୮।
ଜୀବନ ହେଲେ ଅବସାନ ହୋଇବ ଗୁରୁପଦେ ଲୀନ ।୯।
ଗୁରୁସେବାରେ ଦେଲେ ଧ୍ୟାନ ନ ହୁଏ ଲୋଡ଼ା ବୁଦ୍ଧି ଜ୍ଞାନ ।୧୦।
ଭକତି ନିଷ୍ଠାରେ କେବଳ ସେବିବ ଶ୍ରୀଗୁରୁପୟର ।୧୧।
ଭକତି ବଳେ ସର୍ବ ବଶ ଶ୍ରୀଗୁରୁ ହୋଇବେ ସନ୍ତୋଷ ।୧୨।

*ତସ୍ମାତ୍ ପରତରଂ ନାସ୍ତି ନେତି ନେତୀତି ବୈ ଶ୍ରୁତିଃ ।*
*କର୍ମଣା ମନସା ବାଚା ସର୍ବଦାରାଧୟେଦ୍ ଗୁରୁମ୍ ॥*
*ଯସ୍ୟ ସ୍ମରଣମାତ୍ରେଣ ଜ୍ଞାନମୁତ୍ପଦ୍ୟତେ ସ୍ୱୟଂ ।*
*ସ ଏବ ସର୍ବସମ୍ପନ୍ନଃ ତସ୍ମୈ ଶ୍ରୀଗୁରବେ ନମଃ ॥ ୪୨ ॥*

***ଅନ୍ୱୟଃ :*** ଶ୍ରୁତି ବୈ ନ ଇତି ନ ଇତି (ଇତ୍ୟୁକ୍ତ୍ୱା ଯଂ ନିର୍ଦ୍ଦିଶତି) ତସ୍ମାତ୍ (ଗୁରୋଃ) ପରତରମ୍ ନ ଅସ୍ତି । (ଅତଃ) ସର୍ବଦା କର୍ମଣା ମନସା ବାଚା ଗୁରୁମ୍ ଆରାଧୟେତ୍ । ଯସ୍ୟ ସ୍ମରଣମାତ୍ରେଣ ଜ୍ଞାନମ୍ ସ୍ୱୟମ୍ ଉତ୍ପଦ୍ୟତେ ସ ଏବ ସର୍ବସମ୍ପନ୍ନଃ । ତସ୍ମୈ ଶ୍ରୀଗୁରବେ ନମଃ ।

***ଅର୍ଥ :*** ଏହା ନୁହେଁ, ଏତିକି ନୁହେଁ, ଏଭଳି ଭାବରେ ବିଚାର କରି କରି ଶ୍ରୁତିଶାସ୍ତ୍ର ବା ବେଦ ଏହି ପରମ ପୁରୁଷଙ୍କର ଅନ୍ତ ନ ପାଇ ଶେଷରେ ଗୁରୁଦେବଙ୍କ ଅପେକ୍ଷା ଆଉ ଶ୍ରେଷ୍ଠ କେହି ନାହାନ୍ତି ଓ ଶ୍ରୀଗୁରୁଦେବ ହିଁ ଏକମାତ୍ର ଶ୍ରେଷ୍ଠତମ ସତ୍ତା - ଏହା ହିଁ ପ୍ରତିପାଦନ କରିଛନ୍ତି । ତେଣୁ ଶ୍ରୀଗୁରୁଦେବଙ୍କ ଆଦିଷ୍ଟ କର୍ମ ଅନୁଷ୍ଠାନ, ବାକ୍ୟ ଦ୍ୱାରା ତାଙ୍କର ନାମ ଗୁଣ ଲୀଳା କୀର୍ତ୍ତନ ଓ ସ୍ତୋତ୍ର ବନ୍ଦନା ଏବଂ ମନ ଦ୍ୱାରା ଗୁରୁପଦିଷ୍ଟ ତାଙ୍କର ପରମ ଚିନ୍ମୟ ସ୍ୱରୂପ ଚିନ୍ତାରେ ବିଭୋର ରହି, ଏହି ଭାବରେ ସର୍ବଦା ତାଙ୍କର ଆରାଧନା କରିବା ପ୍ରତ୍ୟେକ ମାନବର ପରମ କର୍ତ୍ତବ୍ୟ । ଅତଏବ ଯେଉଁ ପରମପୁରୁଷଙ୍କୁ ଶ୍ରଦ୍ଧା ଭକ୍ତି ସହକାରେ ସ୍ମରଣ କରିବା ମାତ୍ରକେ ଜ୍ଞାନ ସ୍ୱତଃ ପ୍ରକାଶମାନ ହୁଏ, ସେହି ସର୍ବଶକ୍ତିସମ୍ପନ୍ନ ସଦ୍‌ଗୁରୁଦେବଙ୍କୁ ମୁଁ ପ୍ରଣାମ କରୁଅଛି ।

| | | |
|---|---|---|
| ପରମ ପୁରୁଷ ଅନନ୍ତ | କେ କଳି ପାରେ ତାର ଅନ୍ତ | ।୧। |
| ବେଦ, ବେଦାଙ୍ଗ, ସ୍ମୃତିଶାସ୍ତ୍ର | ସକଳ ହୋଇଲେ ପରାସ୍ତ | ।୨। |
| ଏ ନୁହେଁ ସେ ନୁହେଁ ବିଚାରି | ହୁଅନ୍ତି ଘାଣ୍ଟି ଜ୍ଞାନାଚାରୀ | ।୩। |

ଏତିକି ନୁହେଁ ଆଉ କିଛି    ନ ପାରେ ଦର୍ଶନ ମୂରୁଛି    ।୪।
ଥଳ କୂଳ ଯା ନ ପାଇଲେ    ଗୁରୁଙ୍କ ଶରଣ ପଶିଲେ    ।୫।
ଗୁରୁ ହିଁ ସର୍ବଶ୍ରେଷ୍ଠ ସତ୍ତା    ସାଧକ ଗଣେ ଜ୍ଞାନଦାତା    ।୬।
ଯୋଗୀ ତପସ୍ୱୀ ସାଧୁଜନେ    ପଥ ନ ପାନ୍ତି ଗୁରୁ ବିନେ    ।୭।
ଗୁରୁଙ୍କ ଆଦିଷ୍ଟ କରମ    ପାଳନ ଏକା ଶ୍ରେଷ୍ଠ ଧର୍ମ    ।୮।
ସକଳ ତେଜି ତାଙ୍କ କର୍ମେ    ଲାଗି ରହିବା ଅନୁଦିନେ    ।୯।
ତାଙ୍କରି ନାମ ଗୁଣି ମନେ    ମାତିବ ଲୀଳା ସଂକୀର୍ତ୍ତନେ    ।୧୦।
ତାଙ୍କରି ବନ୍ଦନା କରିବ    ପୁଷ୍ପ ଚନ୍ଦନ ସମର୍ପିବ    ।୧୧।
ଗୁରୁଙ୍କ ସ୍ୱରୂପ ଚିନ୍ମୟ    ଚିନ୍ତାରେ ରହିବ ତନ୍ମୟ    ।୧୨।
ହୋଇଲେ ଶ୍ରୀଗୁରୁ ବିଭୋର    କଟିବ ଜାଣ ତମ ଘୋର    ।୧୩।
ତାଙ୍କର ଆରାଧନା ଲାଗି    ହୋଇବ ଯେବେ ସର୍ବତ୍ୟାଗୀ    ।୧୪।
ପାଇବ ଶ୍ରୀଗୁରୁ-କରୁଣା    ସବୁ ଜଞ୍ଜାଳ ହେବ ଊଣା    ।୧୫।
ସେ ଗୁରୁ ପରମ ପୁରୁଷ    ତାଙ୍କରି ପଦେ ରହୁ ଆଶ    ।୧୬।
ତାଙ୍କରି ନାମ ସଂକୀର୍ତ୍ତନ    କରିବ ଯେବେ ରାତି ଦିନ    ।୧୭।
ତେବେ ଜୀବନ ହେବ ଧନ୍ୟ    ମିଳିବ ଶାନ୍ତି ସୁଖ ପୁଣ୍ୟ    ।୧୮।
ଗୁରୁଙ୍କ ସେବା ଶ୍ରେଷ୍ଠତମ    ଆଉ କେ ନାହିଁ ସରିସମ    ।୧୯।
ସେ ସେବା ଅମୂଲ୍ୟ ରତନ    ସେବକ ପାଏ ଦିବ୍ୟଧାମ    ।୨୦।
ଅକୂଳ ସଂସାର ସାଗରେ    ବିପଦ ଢ଼େଉ ସଦା ଖେଳେ    ।୨୧।
ନାବରେ ପାରି ହେବା ପାଇଁ    ଶ୍ରୀଗୁରୁ ବିନେ କେହି ନାହିଁ    ।୨୨।
ଗୁରୁସେବା ହିଁ କର୍ଣ୍ଣଧାର    କରିବ ଭବାର୍ଣ୍ଣବ ପାର    ।୨୩।
ବିମଳ କରୁଣା-ଆଧାର    ପଦେ କରଇ ନମସ୍କାର    ।୨୪।

**ଗୁରୋଃ କୃପାପ୍ରସାଦେନ ବ୍ରହ୍ମା ବିଷ୍ଣୁଃ ସଦାଶିବଃ ।**
**ସୃଷ୍ଟ୍ୟାଦିକସମର୍ଥାସ୍ତେ କେବଳଂ ଗୁରୁସେବୟା ॥ ୪୩ ॥**

***ଅନ୍ୱୟଃ :*** କେବଳମ୍ ଗୁରୁସେବୟା ଗୁରୋଃ କୃପାପ୍ରସାଦେନ ବ୍ରହ୍ମା, ବିଷ୍ଣୁଃ, ସଦାଶିବଃ ତେ (ସର୍ବେ) ସୃଷ୍ଟ୍ୟାଦିକସମର୍ଥାଃ ।

***ଅର୍ଥ :*** ସୃଜନ, ପାଳନ ଓ ଲୟକ୍ରିୟାର ଆଦିଶକ୍ତି ହିଁ ଶ୍ରୀଗୁରୁଦେବଙ୍କର ଗୁରୁଶକ୍ତି । ବ୍ରହ୍ମା, ବିଷ୍ଣୁ, ଶିବ ଗୁରୁଧ୍ୟାନ ଓ ଗୁରୁସେବା ବଳରେ ତାଙ୍କୁ ପ୍ରସନ୍ନ କରାଇ ତାଙ୍କରି କୃପାଶକ୍ତି ଦ୍ୱାରା ସୃଜନ-ପାଳନ ପ୍ରଭୃତି କାର୍ଯ୍ୟ କରିବାକୁ ସମର୍ଥ ହୋଇଛନ୍ତି । ତେଣୁ ଏକ ଅଦ୍ୱିତୀୟ ଶକ୍ତିସମ୍ପନ୍ନ ଭକ୍ତିପ୍ରଦାତା ଶ୍ରୀଗୁରୁଦେବଙ୍କ ସେବାରେ ନିଜ ନିଜକୁ ବିନିଯୋଗ କରି କୃତାର୍ଥ କରିବା ବିଧେୟ ।

ସୃଷ୍ଟି ପାଳନ ଲୟ କ୍ରିୟା
ଜଗତେ ଯେତେକ ପ୍ରକ୍ରିୟା ।୧।
ଆଦି ଶକତି ଯେବା ତାର
ଗୁରୁଶକ୍ତି ତା' ଗୁରୁଙ୍କର ।୨।
ଶ୍ରୀଗୁରୁ-ଧ୍ୟାନ ସେବା ବଳେ
ଗୁରୁଶକ୍ତିଙ୍କୁ ତୋଷ କଲେ ।୩।
ବ୍ରହ୍ମା ବିଷ୍ଣୁ ଯେ ମହେଶ୍ୱର
ରାଜନ୍ତି ଶ୍ରୀଗୁରୁ-ଶରୀର ।୪।
ଗୁରୁଙ୍କ ତୋଷେ ସର୍ବେ ତୋଷ
ପାଳିଣ ଗୁରୁଙ୍କ ଆଦେଶ ।୫।
କରନ୍ତି ସୃଜନ ପାଳନ
ଗୁରୁ ଶକ୍ତିରୁ ନାହିଁ ଆନ ।୬।
ଆରାଧି ସେ ଗୁରୁ-ପୟର
ହେଉ କୃତାର୍ଥ ଜନ୍ମ ମୋର ।୭।
ତାଙ୍କ ସେବାରେ ବିତୁ ଦିନ
ପଶୁଛି ସେ ପଦେ ଶରଣ ।୮।

***ଦେବ-କିନ୍ନର-ଗନ୍ଧର୍ବାଃ ପିତରୋ ଯକ୍ଷ-ଚାରଣାଃ ।***
***ମୁନୟୋଽପି ନ ଜାନନ୍ତି ଗୁରୁ-ଶୁଶ୍ରୂଷଣାବିଧିମ୍ ॥୪୪॥***

***ଅନ୍ୱୟଃ :*** ଦେବ-କିନ୍ନର-ଗନ୍ଧର୍ବାଃ ପିତରଃ, ଯକ୍ଷ-ଚାରଣାଃ, ମୁନୟଃ ଅପି ଗୁରୁ-ଶୁଶ୍ରୂଷଣାବିଧିଂ ନ ଜାନନ୍ତି ।

***ଅର୍ଥ :*** ଦେବତା, କିନ୍ନର, ଗନ୍ଧର୍ବ ଓ ପିତୃଗଣ ତଥା ଯକ୍ଷ, ଚାରଣ ଓ ମୁନିଗଣ ଶ୍ରୀଗୁରୁଦେବଙ୍କ ସେବା ଶୁଶ୍ରୂଷା କିପରି ଭାବରେ, କିଭଳି ପ୍ରଣାଳୀରେ ଓ କିପରି ନିୟମରେ କରିବାକୁ ହୁଏ, ସେ ସମସ୍ତ ଅବଗତ ନୁହନ୍ତି । କାରଣ, ଯଦି ସେମାନେ ଏହା ସମ୍ୟକ୍ ରୂପରେ ଅବଗତ ଥାଆନ୍ତେ, ତେବେ ସେମାନେ ନିଜ ନିଜ ଅବସ୍ଥାରେ ସନ୍ତୁଷ୍ଟ ନ ରହି ମୁକ୍ତି ଲାଭ ପାଇଁ ଚେଷ୍ଟା କରୁଥାନ୍ତେ ।

ଦେବତା, କିନ୍ନର ଗନ୍ଧର୍ବ
ଯକ୍ଷ ଚାରଣ ମୁନିସର୍ବ ।୧।
ସିଦ୍ଧ ସାଧକ ପିତୃଗଣ
ପାଇ ନାହାନ୍ତି ଗୁରୁଜ୍ଞାନ ।୨।
ଗୁରୁଙ୍କ ସେବା ରୀତି ନୀତି
ଧାରଣା କରି ନ ପାରନ୍ତି ।୩।
ସମ୍ୟକ ହେଲେ ଅବଗତ
ଜାଣିଲେ ଗୁରୁ-ସେବା ବ୍ରତ ।୪।
ନୁହନ୍ତେ କେବେ ମୋହବଶ
ଜୀବନେ ନ ଲଭି ସନ୍ତୋଷ ।୫।
ମୁକ୍ତି ଲାଭରେ ଦେଇ ଧ୍ୟାନ
ସେବନ୍ତେ ଶ୍ରୀଗୁରୁ-ଚରଣ ।୬।

**ନ ମୁକ୍ତାଃ ଦେବଗନ୍ଧର୍ବାଃ ପିତରୋ ଯକ୍ଷକିନ୍ନରାଃ ।**
**ଋଷୟଃ ସର୍ବସିଦ୍ଧାଶ୍ଚ ଗୁରୁସେବା-ପରାଙ୍‌ମୁଖାଃ ॥୪୫॥**

***ଅନ୍ୱୟଃ :*** ଗୁରୁସେବା ପରାଙ୍‌ମୁଖାଃ ଦେବଗନ୍ଧର୍ବାଃ ପିତରଃ ଯକ୍ଷକିନ୍ନରାଃ ଋଷୟଃ ସର୍ବସିଦ୍ଧାଃ ଚ ନ ମୁକ୍ତାଃ ।

***ଅର୍ଥ :*** ଦେବତା, ଗନ୍ଧର୍ବ, ପିତୃଗଣ, ଯକ୍ଷ, ଚାରଣ, ସିଦ୍ଧଗଣ ଓ ଋଷିଗଣ ଯେ କେହି ହୁଅନ୍ତୁ ପଛକେ, ସେମାନେ ଯଦି ଗୁରୁଭକ୍ତିହୀନ ଓ ଗୁରୁସେବା-ବିମୁଖ ହୁଅନ୍ତି, ତାହାହେଲେ କେବେହେଲେ ସେମାନେ ମୁକ୍ତିର ଅଧିକାର ଲାଭ କରି ପାରିବେ ନାହିଁ । କାରଣ, ଗୁରୁଦେବ ହିଁ ମୁକ୍ତି ପ୍ରଦାନ କରିବାକୁ ଏକମାତ୍ର ସକ୍ଷମ । ତାଙ୍କୁ ପ୍ରଣିପାତ ଓ ସେବାଦ୍ୱାରା ସନ୍ତୁଷ୍ଟ କରି ନ ପାରିଲେ, ମୁକ୍ତି ଲାଭ ବା ତାଙ୍କ କୃପା ଲାଭ ଅସମ୍ଭବ ।

ଦେବ ଗନ୍ଧର୍ବ ପିତୃଗଣ
ସିଦ୍ଧ ସାଧକ ଯେ ଚାରଣ ॥ ୧ ॥
ଯକ୍ଷ କିନ୍ନର ତ୍ରିଭୁବନ
ହୋଇଲେ ଗୁରୁଭକ୍ତି ହୀନ ॥ ୨ ॥
ଶ୍ରୀଗୁରୁ-ସେବାରେ ବିମୁଖ
ଯେ ଅଟେ ତାମସ ମୂରୁଖ ॥ ୩ ॥
ନାହିଁ କେ ବିଶ୍ୱବ୍ରହ୍ମାଣ୍ଡରେ
ମୁକତି ତାହା ଠାରୁ ଦୂରେ ॥ ୪ ॥
ସେ ନୁହେଁ ମୁକ୍ତି-ଅଧିକାରୀ
ଅଜ୍ଞାନ-ମୋହେ ଭ୍ରମେ ଖାଲି ॥ ୫ ॥
ଗୁରୁଦେବଟି ମୁକ୍ତିଦାତା
ଏ କଥା ଜାଣିବ ସର୍ବଥା ॥ ୬ ॥
ସେବା-କାର୍ପଣ୍ୟ-ଭକ୍ତିବଳେ
ଗୁରୁଙ୍କୁ ସନ୍ତୋଷ ନ କଲେ ॥ ୭ ॥
ମୁକତି-ପଥ ନ ମିଳିବ
ବୃଥାରେ ଏ ଜୀବନ ଯିବ ॥ ୮ ॥

***ଧ୍ୟାନଂ ଶୃଣୁ ମହାଦେବି ସର୍ବାନନ୍ଦପ୍ରଦାୟକମ୍ ।***
***ସର୍ବସୌଖ୍ୟକରଂ ନିତ୍ୟଂ ଭୁକ୍ତି-ମୁକ୍ତି-ଫଳପ୍ରଦମ୍ ॥୪୬॥***

***ଅନ୍ୱୟଃ :*** ମହାଦେବି ! ସର୍ବାନନ୍ଦପ୍ରଦାୟକମ୍ ସର୍ବସୌଖ୍ୟକରମ୍ ନିତ୍ୟମ୍ ଭୁକ୍ତି-ମୁକ୍ତି-ଫଳପ୍ରଦମ୍ ଧ୍ୟାନମ୍ ଶୃଣୁ ।

***ଅର୍ଥ :*** ଶ୍ରୀଗୁରୁଦେବ ହିଁ ସତ୍, ଚିତ୍, ଆନନ୍ଦ ସ୍ୱରୂପ ପରମାତ୍ମାଙ୍କର ଘନ ବିଗ୍ରହ । ଶ୍ରୀଗୁରୁଦେବ ସଗୁଣ ହୋଇ ମଧ୍ୟ ନିର୍ଗୁଣ । ସଗୁଣ ଗୁରୁଦେବଙ୍କ ଧ୍ୟାନ ଓ ମନ୍ତ୍ରଜପ ଫଳରେ ସଗୁଣ ସମାଧି ଓ ଅଭିଳଷିତ ବସ୍ତୁ ଲାଭ ହୋଇଥାଏ ଏବଂ ଚରମରେ ବୈରାଗ୍ୟଲାଭ ହେତୁ ନିର୍ଗୁଣବ୍ରହ୍ମ ସ୍ୱରୂପ ଶ୍ରୀଗୁରୁଦେବଙ୍କୁ ଉପଲବ୍ଧି କରିବା ନିମିତ୍ତ ଚିତ୍ତ ଧାବିତ ହୋଇଥାଏ । ନିର୍ଗୁଣ ନିରାକାର ଗୁରୁଦେବ ହିଁ ଜଗତହିତ ସାଧନ ନିମିତ୍ତ ନରାକାର ଧାରଣ କରି ସଦ୍‌ଗୁରୁ ରୂପରେ ଜୀବକୁ କୃପା କରିବା ପାଇଁ ଅବତୀର୍ଣ୍ଣ ହୋଇଥାନ୍ତି । ସୁତରାଂ ସେହି ଶ୍ରୀଗୁରୁଦେବଙ୍କ ଶରଣ ଗ୍ରହଣ କରି, ତାଙ୍କରି ଆଶ୍ରୟରେ ରହି, ପ୍ରଣିପାତ ଓ ସେବାଦ୍ୱାରା ତାଙ୍କରି ସନ୍ତୋଷ ବିଧାନ କରିପାରିଲେ ସାଧକମାନେ ସିଦ୍ଧସେବକ ଦେହ ଅର୍ଥାତ୍ ଭୋଗମୋକ୍ଷ ଉଭୟ ପ୍ରାପ୍ତ ହୋଇ ଶ୍ରୀଗୁରୁଦେବଙ୍କ ପଦରେ ଲୀନ ହୋଇଥାନ୍ତି । ଏହି ପରମପୁରୁଷ ହିଁ ପରମଧ୍ୟେୟ ଓ ଜ୍ଞେୟ ବସ୍ତୁ । ହେ ମହାଦେବି ! ବର୍ତ୍ତମାନ ତାଙ୍କରି ଧ୍ୟାନ ବିଷୟ ବର୍ଣ୍ଣନା କରୁଛି, ତାହା ଅବହିତ ଚିତ୍ତରେ ଶ୍ରବଣ କର ।

ଶୁଣ ହେ ପର୍ବତ-ନନ୍ଦିନୀ ଗୁରୁତତ୍ତ୍ୱର ମହାବାଣୀ ।୧।
ଶ୍ରୀଗୁରୁଦେବଙ୍କ ସ୍ୱରୂପ ସଚ୍ଚିଦାନନ୍ଦ-ଘନ-ରୂପ ।୨।
ସଗୁଣ ହୋଇ ସେ ନିର୍ଗୁଣ ଅନ୍ତରେ ତାଙ୍କୁ କଲେ ଧ୍ୟାନ ।୩।
ମନ୍ତ୍ରଜପରେ ସୁମରିଲେ ଅଭିଳଷିତ ବସ୍ତୁ ମିଳେ ।୪।
ଚରମ ବୈରାଗ୍ୟ ବିଧାନ କରନ୍ତି ଶ୍ରୀଗୁରୁ ସଗୁଣ ।୫।

ତେଣୁ ନିର୍ଗୁଣ ବ୍ରହ୍ମ ଜାତ   ସହଜ ସାଧ୍ୟ ଗୁରୁତତ୍ତ୍ୱ ।୬।
ପ୍ରଫୁଲ୍ଲ ସାଧକ ଅନ୍ତର   ନିର୍ଗୁଣ ଗୁରୁ ନିରାକାର ।୭।
ଜଗତ ମଙ୍ଗଳ ସାଧନେ   ଅବତରନ୍ତି ଧରାଧାମେ ।୮।
ନର-ଆକାର ରୂପେ ଜାତ   ହୁଅନ୍ତି ସଦଗୁରୁ ଖ୍ୟାତ ।୯।
ସେ ସଦଗୁରୁ ଶ୍ରୀଚରଣେ   ଶରଣ ପଶ ଏକ ମନେ ।୧୦।
ମିଳିଲେ ଶ୍ରୀଗୁରୁ ଆଶ୍ରୟ   ମନୁ ତୁଟିବ ମାୟା ମୋହ ।୧୧।
ତାଙ୍କରି ସେବାରେ ମାନସ   ମଜ୍ଜି ରହିବ ଅହର୍ନିଶ ।୧୨।
ନିଷ୍ଠା, ବିଶ୍ୱାସ, ସେବା ଫଳେ   ସାଧକ ମୁକ୍ତି ଲଭେ ହେଳେ ।୧୩।
ପରମ ବ୍ରହ୍ମଙ୍କ ସାରୂପ୍ୟ   ଲାଭ କରାଇ ନିର୍ବିକଳ୍ପ ।୧୪।
ନିରବଚ୍ଛିନ୍ନ ସୁଖ ପାଇ   ଆନନ୍ଦେ ଭବେ ବିହରଇ ।୧୫।
ସାର୍ଥକ ହୁଏ ତା ଜନମ   ଅନ୍ତିମେ ଗୁରୁପଦେ ଲୀନ ।୧୬।
ଗୁରୁ ଯେ ପରମ ପୁରୁଷ   ପରମ ଧ୍ୟେୟ ଜ୍ଞାନ ଶେଷ ।୧୭।
ହେ ମହାଦେବି ! ତାଙ୍କ ଧ୍ୟାନ   କରୁଛି ଏବେ ମୁଁ ବର୍ଣ୍ଣନ ।୧୮।
ଧୀର ଚିତ୍ତରେ ତାହା ଶୁଣ   ପାଇବ ଜୀବ ମୋକ୍ଷଜ୍ଞାନ ।୧୯।
ବଦନ ମଣ୍ଡଳ ସୁନ୍ଦର   ନୟନ ଦୁଇ ସୁରୁଚିର ।୨୦।
ନାସିକା କର୍ଣ୍ଣ ଗଣ୍ଡ ଦେଶ   ସକଳ ଶୋଭା ତହିଁ ଶେଷ ।୨୧।
ବଚନ ଜିଣେ ବୀଣା ସ୍ୱନ   କର-ପଲ୍ଲବ ଶୋଭା ବନ ।୨୨।
ଚରଣ ମୁକତିର ଧାମ   ଜଗତେ ଅଟେ ଅନୁପମ ।୨୩।
ନିଷ୍ଠା ବିଶ୍ୱାସେ ଧ୍ୟାନ କଲେ   ଦର୍ଶନ ମିଳିବ ଅନ୍ତରେ ।୨୪।

## ଶ୍ରୀଗୁରୁଦେବଙ୍କ ଧ୍ୟାନ

*ଶ୍ରୀମଦ୍ ପରଂବ୍ରହ୍ମ ଗୁରୁଂ ବଦାମି ।*
*ଶ୍ରୀମଦ୍ ପରଂବ୍ରହ୍ମ ଗୁରୁଂ ଭଜାମି ।*
*ଶ୍ରୀମଦ୍ ପରଂବ୍ରହ୍ମ ଗୁରୁଂ ସ୍ମରାମି ।*
*ଶ୍ରୀମଦ୍ ପରଂବ୍ରହ୍ମ ଗୁରୁଂ ନମାମି ॥ ୪୭ ॥*

***ଅନ୍ୱୟଃ :*** (ଅହମ୍) ଶ୍ରୀମତ୍ ପରଂବ୍ରହ୍ମ ଗୁରୁଂ ବଦାମି, ଶ୍ରୀମତ୍ ପରଂବ୍ରହ୍ମ ଗୁରୁଂ ଭଜାମି, ଶ୍ରୀମତ୍ ପରଂବ୍ରହ୍ମ ଗୁରୁଂ ସ୍ମରାମି, ଶ୍ରୀମତ୍ ପରଂବ୍ରହ୍ମ ଗୁରୁଂ ନମାମି ।

***ଅର୍ଥ :*** ମୁଁ ପରମ ସୁନ୍ଦର ପୁରୁଷୋତ୍ତମ ଶ୍ରୀଗୁରୁଦେବଙ୍କ ନାମ ଉଚ୍ଚାରଣ କରୁଅଛି; ଅର୍ଥାତ୍ ତାଙ୍କରି ସିଦ୍ଧ ନାମ ଜପ କରୁଅଛି । ସର୍ବସିଦ୍ଧପ୍ରଦ ସଚ୍ଚିଦାନନ୍ଦ ରୂପୀ ଶ୍ରୀଗୁରୁଦେବଙ୍କୁ ମୁଁ ଭଜନ କରୁଅଛି । ସର୍ବମଙ୍ଗଳସମନ୍ୱିତ ପରମାତ୍ମ ସ୍ୱରୂପ ପରାପ୍ରଣବ ଶ୍ରୀଗୁରୁଦେବଙ୍କୁ ମୁଁ ସ୍ମରଣ କରୁଅଛି ଏବଂ ବିବିଧ-ବିଭୂତି-ବିଭୂଷିତ ପରମପୁରୁଷ ସଦ୍‌ଗୁରୁଦେବଙ୍କ ଶ୍ରୀପଦରେ ପ୍ରଣାମ କରୁଅଛି ।

| | | |
|---|---|---|
| ପୁରୁଷ ଉତ୍ତମ ସୁନ୍ଦର | ଗୁରୁଦେବଙ୍କ ଶ୍ରୀପୟର | ।୧। |
| ଧ୍ୟାନ କରୁଛି ଅବିରତେ | ଜପୁଛି ତାଙ୍କ ନାମ ଚିତ୍ତେ | ।୨। |
| ପରମବ୍ରହ୍ମ ଗୁରୁଦେବ | ଶରଣାଗତେ ଦୟା ହେବ | ।୩। |
| ସରବ ସିଦ୍ଧିପ୍ରଦ ଗୁରୁ | ସଚ୍ଚିଦାନନ୍ଦ ମହାମେରୁ | ।୪। |
| ଭଜୁଛି ସଦା ତାଙ୍କ ଗୁଣ | ଅନ୍ତରେ କରୁଛି କୀର୍ତ୍ତନ | ।୫। |
| ପରମ ଦେବ ଗୁରୁଦେବ | ଶରଣାଗତେ ଦୟା ହେବ | ।୬। |
| ସର୍ବ-ମଙ୍ଗଳସମନ୍ୱିତ | ପରା ପ୍ରଣବ ପରମାତ୍ମ | ।୭। |
| ଚରଣେ ସହସ୍ର ପ୍ରଣାମ | କରୁଅଛି ମୁଁ ଅବିରାମ | ।୮। |
| ପରମ ଶ୍ରେଷ୍ଠ ଗୁରୁଦେବ | ଶରଣାଗତେ ଦୟା ହେବ | ।୯। |

ବ୍ରହ୍ମାନନ୍ଦଂ ପରମସୁଖଦଂ କେବଳଂ ଜ୍ଞାନମୂର୍ତ୍ତିମ୍
ଦ୍ୱନ୍ଦ୍ୱାତୀତଂ ଗଗନସଦୃଶଂ ତତ୍ତ୍ୱମସ୍ୟାଦିଲକ୍ଷ୍ୟମ୍ ।
ଏକଂ ନିତ୍ୟଂ ବିମଳମଚଳଂ ସର୍ବଧୀସାକ୍ଷୀଭୂତମ୍
ଭାବାତୀତଂ ତ୍ରିଗୁଣରହିତଂ ସଦ୍‌ଗୁରୁଂ ତଂ ନମାମି ॥୪୮॥

***ଅନ୍ୱୟଃ :*** ବ୍ରହ୍ମାନନ୍ଦଂ ପରମସୁଖଦଂ କେବଳଂ ଜ୍ଞାନମୂର୍ତ୍ତିଂ ଦ୍ୱନ୍ଦ୍ୱାତୀତଂ ଗଗନସଦୃଶଂ ତତ୍ତ୍ୱମସ୍ୟାଦିଲକ୍ଷ୍ୟମ୍ ଏକଂ ନିତ୍ୟଂ ବିମଳମ୍ ଅଚଳଂ ସର୍ବଧୀ-ସାକ୍ଷୀଭୂତଂ ଭାବାତୀତଂ ତ୍ରିଗୁଣରହିତଂ ତଂ ସଦ୍‌ଗୁରୁଂ ନମାମି ।

***ଅର୍ଥ :*** ଶ୍ରୀଗୁରୁଦେବ ହିଁ ପରଂବ୍ରହ୍ମ, ଅର୍ଥାତ୍ ସଦ୍‌ଗୁରୁଙ୍କ ଚେତନା ସେହି ଅନନ୍ତ ବ୍ରହ୍ମସତ୍ତାରେ ମଗ୍ନ ରହି ଚିର ଆନନ୍ଦମୟ; ସେ ବ୍ରହ୍ମମୟ ଓ ବ୍ରହ୍ମପରାୟଣ; ସେ ପରମ ସୁଖଦାତା; ଅର୍ଥାତ୍ ଗୁରୁଦେବ ଯେଉଁ ଜ୍ଞାନ ଦାନ କରନ୍ତି, ତଦ୍ୱାରା ଶିଷ୍ୟଭକ୍ତମାନେ ନିରବଚ୍ଛିନ୍ନ ଶାନ୍ତି ସୁଖର ଅଧିକାରୀ ହୁଅନ୍ତି; ସେ ହିଁ କେବଳ ଅର୍ଥାତ୍ ନିତ୍ୟବର୍ତ୍ତମାନ; ସେ ସମସ୍ତ ଜ୍ଞାନର ଆଧାର ବା ଜ୍ଞାନର ଘନୀଭୂତ ମୂର୍ତ୍ତି; ସେ ସମସ୍ତ ଦ୍ୱନ୍ଦ୍ୱର ଅତୀତ; ଅର୍ଥାତ୍ ସେ ଏହି ଦ୍ୱନ୍ଦ୍ୱମୟ ଜଗତର ଦ୍ୱନ୍ଦ୍ୱସମୂହ ମଧ୍ୟରେ ଅବିକ୍ଷୁବ୍ଧ ଭାବରେ ଅବସ୍ଥାନ କରି ମଧ୍ୟ ନିତ୍ୟଲୋକର ଭାବରେ ନିମଗ୍ନ; ସେ ହିଁ ଭଗବାନ ରୂପରେ ଭକ୍ତମାନଙ୍କ ଅନ୍ତରରେ ନିତ୍ୟ ବିରାଜିତ; ସେ ଗଗନ ବା ଆକାଶ ପରି ରଙ୍ଗହୀନ, ରୂପହୀନ, ରସହୀନ ଅନନ୍ତ ହୋଇ ମଧ୍ୟ ନିତ୍ୟ ବୈଚିତ୍ର୍ୟମୟ; ସେ 'ତତ୍ତ୍ୱମସି' ଆଦି ମହାବାକ୍ୟର ଲକ୍ଷ୍ୟବିନ୍ଦୁ ଅର୍ଥାତ୍ ଚରମ ତତ୍ତ୍ୱ ରୂପରେ ସେ ହିଁ ସମସ୍ତ ବେଦର ଚରମ ପ୍ରତିପାଦ୍ୟ (ସର୍ବପରିବ୍ୟାପ୍ତ ପରମାତ୍ମ) ସତ୍ତା; ସେ ଏକ ଏବଂ ଅଦ୍ୱିତୀୟ ନିତ୍ୟ ପୁରୁଷ, ଅର୍ଥାତ୍ ତାଙ୍କୁ ହିଁ ଆଶ୍ରୟ କରି ବିଶ୍ୱବ୍ୟାପୀ ଦୃଶ୍ୟାଦୃଶ୍ୟ ସମସ୍ତ ସତ୍ତାର ପରିପ୍ରକାଶ; ତେଣୁ ସେ ଅତୁଳନ; ତାଙ୍କ ଚିତ୍ତ ଚିର ଅବିକୃତ, ଚିର ପ୍ରଶାନ୍ତ ଓ ଚିର ସ୍ଥିର; ସେ ସବୁଠାରେ

ସବୁକାଳରେ ସାକ୍ଷୀରୂପରେ ନିତ୍ୟ ବର୍ତ୍ତମାନ । ସେ ତ୍ରିଗୁଣାତୀତ ଭାବସମ୍ପନ୍ନ ଅର୍ଥାତ୍ ଗୁଣ ମଧ୍ୟରେ ଅବସ୍ଥାନ କରି ମଧ୍ୟ ଗୁଣ ତାହାଙ୍କୁ ସ୍ପର୍ଶ କରିପାରେ ନାହିଁ, ସେ ଶ୍ରେଷ୍ଠ ପଥପ୍ରଦର୍ଶକ ରୂପରେ ଭକ୍ତ ଶିଷ୍ୟମାନଙ୍କୁ ଶୁଭପଥରେ ପରିଚାଳିତ କରନ୍ତି । ତେଣୁ ସେହି ସଦ୍‌ଗୁରୁଦେବଙ୍କୁ ଏକମାତ୍ର ସର୍ବସ୍ୱ ଜ୍ଞାନରେ ମୁଁ ବିନମ୍ର ପ୍ରଣିପାତ ଜ୍ଞାପନ କରୁଅଛି ।

| | | |
|---|---|---|
| ପରମ ସୁଖ ପ୍ରଦାୟକ | ବ୍ରହ୍ମ-ଆନନ୍ଦ ଯେ ବିବେକ | । ୧ । |
| ଯାହାଙ୍କ କୃପାରୁ ଉଦିତ | ସେ ଗୁରୁପଦେ ରହୁ ଚିତ୍ତ | । ୨ । |
| ଗୁରୁଦେବଟି ପରଂବ୍ରହ୍ମ | ଆନନ୍ଦ-ସୁଖ-ଶାନ୍ତି ଧାମ | । ୩ । |
| ବ୍ରହ୍ମମୟ ସେ ଜ୍ଞାନଦାତା | ଶିଷ୍ୟ ଭକତ ପିତାମାତା | । ୪ । |
| ତାଙ୍କରି ଛାୟା ଆଶ୍ରା କରି | ଏ ଭବ-ସାଗରେ ପହଁରି | । ୫ । |
| ଅବାଧେ କୂଳେ ଉପଗତ | ହୁଅନ୍ତି ଯେତେ ଅନୁଗତ | । ୬ । |
| ନିରବଚ୍ଛିନ୍ନ ସୁଖ ଶାନ୍ତି | ହୁଅଇ ଜୀବନେ ପ୍ରାପତି | । ୭ । |
| ଗୁରୁ ହିଁ ନିତ୍ୟ-ବର୍ତ୍ତମାନ | ସକଳ ଜ୍ଞାନରେ ଭୂଷଣ | । ୮ । |
| ଜ୍ଞାନର ଘନୀଭୂତ ମୂର୍ତ୍ତି | ଅଟଇ ଜାଣ ଗୁରୁଶକ୍ତି | । ୯ । |
| ସକଳ ଦ୍ୱନ୍ଦ୍ୱର ଅତୀତ | ଲୋକ ହିତରେ ନିମଜ୍ଜିତ | । ୧୦ । |
| ସୁଖ ଦୁଃଖରେ ସଦା ଧୀର | ନୁହନ୍ତି ଅସ୍ଥିର ଚଞ୍ଚଳ | । ୧୧ । |
| ନିତ୍ୟ ଲୋକର ଭାବେ ମଜ୍ଜି | ଆଲୋକ ସମାନ ବିରାଜି | । ୧୨ । |
| ଦେଖନ୍ତି ଭବଲୀଳାଖେଳା | ଭୋଳାନାଥ ସେ ନୋହି ଭୋଳା | । ୧୩ । |
| ଆକାଶ ସମ ପରିବ୍ୟାପ୍ତ | ନୁହନ୍ତି ରୂପରସ-ଯୁକ୍ତ | । ୧୪ । |
| ଅନନ୍ତ ଅସୀମ ଅପାର | କିଏ ପାଇବ ଥଳକୂଳ | । ୧୫ । |
| 'ତତ୍ ତ୍ୱଂ ଅସି' ଯେ ତତ୍ତ୍ୱର | ଲକ୍ଷ୍ୟ-ବିନ୍ଦୁରେ ସଦା ସ୍ଥିର | । ୧୬ । |

| | | |
|---|---|---|
| ଚରମ ତତ୍ତ୍ୱ ରୂପ ରାଶି | ସର୍ବତ୍ର ସର୍ବଦା ପ୍ରକାଶି | ।୧୭। |
| ଚଉଦିଗରେ ପରିବ୍ୟାପ୍ତ | ଅଦ୍ୱିତୀୟ ସେ ରୂପବନ୍ତ | ।୧୮। |
| ନିତ୍ୟ ପୁରୁଷ ଗୁରୁ ମଣି | ଆଶ୍ରୟ ନିଏ ଯେଉଁ ପ୍ରାଣୀ | ।୧୯। |
| ତାହାର ଅମଙ୍ଗଳ କାହିଁ ? | ଉତାପୁ ରଖେ ଯେହ୍ନେ ଛାଇ | ।୨୦। |
| ତେସନେ ଗୁରୁ ଆଶ୍ରା କଲେ | ସବୁ ବିପଦ ଖଣ୍ଡେ ହେଲେ | ।୨୧। |
| ଅତୁଳନ ସେ ଅବିକୃତ | ଚିର ପ୍ରଶାନ୍ତ ସ୍ଥିର ଚିତ୍ତ | ।୨୨। |
| ଭୂତ ଭବିଷ୍ୟ ବର୍ତ୍ତମାନ | ସବୁ କାଳରେ ଅବସ୍ଥାନ | ।୨୩। |
| ତ୍ରିଗୁଣାତୀତ ଗୁଣଧର | ନୁହନ୍ତି ଗୁଣର କିଙ୍କର | ।୨୪। |
| ଏହିପରି ଯେ ସଦଗୁରୁ | ମହା ମହିମ ମହାମେରୁ | ।୨୫। |
| ଶିଷ୍ୟ ଭକତ ଅନୁଚର | ସେବି ଯା' ପଙ୍କଜ-ପୟର | ।୨୬। |
| ଶୁଭ ପଥରେ ଅଗ୍ରସର | ହେଉ ଅଛନ୍ତି କାଳକାଳ | ।୨୭। |
| ସେହି ଗୁରୁଙ୍କୁ ଚିତ୍ତେ ଧ୍ୟାୟି | ପ୍ରଣାମ କରୁଅଛି ମୁହିଁ | ।୨୮। |
| ମୋର ଅନ୍ତର-ପଙ୍କ-ସରେ | ଶ୍ରୀଗୁରୁଙ୍କର କୃପା ବଳେ | ।୨୯। |
| ହେଉ କମଳ ପ୍ରସ୍ଫୁଟିତ | ଉତ୍‌ଫୁଲ୍ଲ ହେଉ ମୋର ଚିତ୍ତ | ।୩୦। |
| ଉଦିତ ହୋଇ ଦିବାକର | ନାଶୁ ଅଜ୍ଞାନ-ଅନ୍ଧକାର | ।୩୧। |
| ସର୍ବ ସର୍ବସ୍ୱ ଜ୍ଞାନାକର | କରନ୍ତୁ ଏ ଦୀନେ କିଙ୍କର | ।୩୨। |
| ପଶୁଛି ସେ ପଦେ ଶରଣ | ତେଜିଣ ମାନ ଅପମାନ | ।୩୩। |
| ହୋଇଲେ ତାହାଙ୍କ କରୁଣା | ନ ହେବି ଭବପଥେ ବଣା | ।୩୪। |
| ପ୍ରଶାନ୍ତ, ମହତ, ଉଦାର | ସେ ପଦେ କୋଟି ନମସ୍କାର | ।୩୫। |

*ହୃଦମ୍ବୁଜେ କର୍ଣ୍ଣିକା-ମଧ୍ୟସଂସ୍ଥଂ*
*ସିଂହାସନେ ସଂସ୍ଥିତ ଦିବ୍ୟମୂର୍ତ୍ତିମ୍ ।*
*ଧ୍ୟାୟେଦ୍ ଗୁରୁଂ ଚନ୍ଦ୍ରକଳାବତଂସଂ*
*ସଚ୍ଚିତ୍-ସୁଖାଭୀଷ୍ଟ-ବରପ୍ରଦାନମ୍ ॥ ୪୯ ॥*

***ଅନ୍ୱୟଃ :*** ହୃଦି ଅମ୍ବୁଜେ କର୍ଣ୍ଣିକା-ମଧ୍ୟ-ସଂସ୍ଥଂ ସିଂହାସନେ ସଂସ୍ଥିତ-ଦିବ୍ୟମୂର୍ତ୍ତିଂ ଚନ୍ଦ୍ରକଳାବତଂସଂ ସଚ୍ଚିତ୍‌ସୁଖାଭୀଷ୍ଟ-ବର-ପ୍ରଦାନଂ ଗୁରୁଂ ଧ୍ୟାୟେତ୍ ।

***ଅର୍ଥ :*** ହୃଦୟପଦ୍ମ (ଅର୍ଥାତ୍ ଅଷ୍ଟଦଳ ପଦ୍ମ)ର କର୍ଣ୍ଣିକା-ଅଭ୍ୟନ୍ତରରେ ରତ୍ନ-ସିଂହାସନ ଉପରେ ଯେ ଉପବିଷ୍ଟ, ଯେ ଦିବ୍ୟମୂର୍ତ୍ତିରେ ଅର୍ଥାତ୍ ଚିନ୍ମୟ ମୂର୍ତ୍ତିରେ ଚନ୍ଦ୍ରକଳା ରୂପ ଶିରୋଭୂଷଣରେ ବିଭୂଷିତ, ଯେ ନିତ୍ୟ ଜ୍ଞାନ-ସ୍ୱରୂପ ଓ ଅଭୀଷ୍ଟବର ପ୍ରଦାନ କରନ୍ତି, ସେହି ସତ୍-ଚିତ୍-ଆନନ୍ଦଘନବିଗ୍ରହ ଓଁକାର-ସ୍ୱରୂପୀ ପୁରୁଷୋତ୍ତମ ଶ୍ରୀଗୁରୁଦେବଙ୍କୁ ଉପରୋକ୍ତ ଭାବରେ ଭାବିତ ହୋଇ ଧ୍ୟାନ କରିବା ବିଧେୟ ।

ହୃଦୟ-ପଦ୍ମ ଅଷ୍ଟଦଳ　　ସ୍ଥିତ କର୍ଣ୍ଣିକା-ଅଭ୍ୟନ୍ତର ।୧।
ରତନ ସିଂହାସନ ରାଜେ　　ଦିବ୍ୟ ମୂରତି ତହିଁ ବିଜେ ।୨।
ସେହି ଚିନ୍ମୟମୂର୍ତ୍ତି ଶୋଭା　　ଜଗତ-ଜନ-ମନ-ଲୋଭା ।୩।
ଶିର-ଭୂଷଣ ଚନ୍ଦ୍ରକଳା　　ନିତ୍ୟ ସତ୍ୟ ଯେ ଜ୍ଞାନଖେଳା ।୪।
କରଇ ତହିଁ ଅବିରତ　　ସେ ଶୋଭା ବର୍ଣ୍ଣନା ଅତୀତ ।୫।
ଓଁକାର ରୂପେ ବିଦ୍ୟମାନ　　ଶୋଭଇ ଶ୍ରୀଗୁରୁ-ବଦନ ।୬।
ସେ ଶୋଭାରାଶି କରି ଧ୍ୟାନ　　ସାର୍ଥକ ହେଉ ମୋ ଜୀବନ ।୭।

*ନିତ୍ୟଂ ଶୁଦ୍ଧଂ ନିରାଭାସଂ ନିରାକାରଂ ନିରଞ୍ଜନମ୍ ।*
*ନିତ୍ୟବୋଧଂ ଚିଦାନନ୍ଦଂ ଗୁରୁବ୍ରହ୍ମ ନମାମ୍ୟହମ୍ ॥୫୦॥*

***ଅନ୍ୱୟଃ :*** ଅହଂ ନିତ୍ୟଂ ଶୁଦ୍ଧଂ ନିରାଭାସଂ ନିରାକାରଂ ନିରଞ୍ଜନଂ ନିତ୍ୟବୋଧଂ ଚିଦାନନ୍ଦଂ ଗୁରୁବ୍ରହ୍ମ ନମାମି ।

***ଅର୍ଥ :*** ଜ୍ଞାନଯୋଗୀମାନେ ସର୍ବଦା ଯାହାଙ୍କୁ ସତ୍ ସ୍ୱରୂପ, ନିତ୍ୟଶୁଦ୍ଧସତ୍ତା, ପ୍ରତିବିମ୍ବରହିତ, ଆକାରହୀନ ଓ ମଳିନତାରହିତ ବୋଲି ଧ୍ୟାନ କରିଥାନ୍ତି, ଭକ୍ତିଯୋଗୀ ସେହି ପରମପୁରୁଷଙ୍କୁ ପ୍ରଣିପାତ କରି ତାଙ୍କୁ ନିତ୍ୟ ଜ୍ଞାନସ୍ୱରୂପରେ ଚିତ୍ ଓ ଆନନ୍ଦର ଘନମୂର୍ତ୍ତିରେ ବିବିଧ ରୂପରେ ଉପଲବ୍ଧି କରି ଭକ୍ତିର ଆକର୍ଷଣରେ ତାଙ୍କ ସେବା ସମ୍ପାଦନ କରିଥାନ୍ତି । ତେଣୁ ସେହି ସତ୍, ଚିତ୍, ଆନନ୍ଦ-ରୂପୀ, ଶୁଦ୍ଧ, ନିତ୍ୟ ପୁରୁଷ ଭକ୍ତାନନ୍ଦବିଧାୟକ ପରମାତ୍ମ-ସ୍ୱରୂପ-ପ୍ରଦର୍ଶକ, କୃପାମୟ ଶ୍ରୀଗୁରୁ-ପରଂବ୍ରହ୍ମଙ୍କୁ ମୁଁ ପ୍ରଣାମ କରୁଅଛି ।

ନିତ୍ୟ ସତ୍ୟ ଶୁଦ୍ଧ ପ୍ରମାଣ ଜାଣନ୍ତି ଯା'କୁ ଜ୍ଞାନୀ-ଗଣ । ୧ ।
ସ୍ୱରୂପ ନିତ୍ୟ ଶୁଦ୍ଧ ସତ୍ତା କହନ୍ତି ଯା'କୁ ବ୍ରହ୍ମବେତ୍ତା । ୨ ।
ଯେ ଅଟେ ପ୍ରତିବିମ୍ବହୀନ ଆକାରହୀନ ଅମଳିନ । ୩ ।
ଯୋଗୀଙ୍କ ଅନ୍ତରେ ଯା' ଛାୟା ବିସ୍ତାରି ଅଛି ନିଜ କାୟା । ୪ ।
ସେହି ସେ ମହତ ପୁରୁଷ ଭକ୍ତଙ୍କ ପରମ ବିଶ୍ୱାସ । ୫ ।
ସତତ କରି ପ୍ରଣିପାତ ଶରଣ ପଶଇ ଭକତ । ୬ ।
ସଚ୍ଚିଦାନନ୍ଦ ନିତ୍ୟ ଜ୍ଞାନ ଭକତହୃଦେ ଅବତୀର୍ଣ୍ଣ । ୭ ।
ଗୁରୁ ରୂପରେ ବିରାଜନ୍ତି ତୁଟାଇ ମନୁ ଭୟଭ୍ରାନ୍ତି । ୮ ।
ଭକତ ଆନନ୍ଦ ଦାୟକ ପରମ ପଥ ପ୍ରଦର୍ଶକ । ୯ ।
ସେହି ଗୁରୁଙ୍କ ଶ୍ରୀଚରଣେ ମୋ ମଥା ଥାଉ ଅନୁକ୍ଷଣେ ।୧୦ ।

ଶ୍ୱେତାମ୍ବରଂ ଶ୍ୱେତବିଲେପଯୁକ୍ତଂ
ମୁକ୍ତାଫଳାଭୂଷିତ-ଦିବ୍ୟମୂର୍ତ୍ତିମ୍ ।
ବାମାଙ୍ଗପୀଠେ ସ୍ଥିତ-ଦିବ୍ୟଶକ୍ତିଂ
ମନ୍ଦସ୍ମିତଂ ପୂର୍ଣ୍ଣକୃପାନିଧାନମ୍ ॥ ୫୧ ॥
ଆନନ୍ଦମାନନ୍ଦକରଂ ପ୍ରସନ୍ନଂ
ଜ୍ଞାନସ୍ୱରୂପଂ ନିଜବୋଧଯୁକ୍ତମ୍ ।
ଯୋଗୀନ୍ଦ୍ରମୀଡ୍ୟଂ ଭବରୋଗବୈଦ୍ୟଂ
ଶ୍ରୀମଦ୍‌ଗୁରୁଂ ନିତ୍ୟମହଂ ଭଜାମି ॥ ୫୨ ॥

***ଅନ୍ୱୟଃ :*** ଶ୍ୱେତାମ୍ବରମ୍, ଶ୍ୱେତବିଲେପଯୁକ୍ତମ୍, ମୁକ୍ତାଫଳାଭୂଷିତ-ଦିବ୍ୟମୂର୍ତ୍ତିମ୍, ବାମାଙ୍ଗପୀଠେ ସ୍ଥିତ ଦିବ୍ୟଶକ୍ତିମ୍, ମନ୍ଦସ୍ମିତମ୍, ପୂର୍ଣ୍ଣକୃପାନିଧାନମ୍, ଆନନ୍ଦମ୍, ଆନନ୍ଦକରମ୍, ପ୍ରସନ୍ନମ୍, ଜ୍ଞାନ-ସ୍ୱରୂପମ୍, ନିଜବୋଧଯୁକ୍ତମ୍, ଯୋଗୀନ୍ଦ୍ରମ୍, ଈଡ୍ୟମ୍, ଭବରୋଗବୈଦ୍ୟମ୍, ଶ୍ରୀମଦ୍ ଗୁରୁମ୍ ଅହଂ ନିତ୍ୟମ୍ ଭଜାମି ।

***ଅର୍ଥ :*** ଯେ ଶ୍ୱେତବସନ ପରିଧାନ କରିଛନ୍ତି, ମୁକ୍ତାମାଳାରେ ଯାହାଙ୍କର ଦିବ୍ୟ ମନୋହର ମୂର୍ତ୍ତି ଶୋଭା ପାଉଅଛି, ଯାହାଙ୍କ ଅଙ୍ଗ ଶ୍ୱେତ ସୁବାସିତ ଚନ୍ଦନ-ଚର୍ଚ୍ଚିତ, ଯେ ଈଷତ୍ ହାସ୍ୟମୁଖ ଓ ଭକ୍ତମାନଙ୍କୁ କୃପା କରିବା ନିମିତ୍ତ ଏକମାତ୍ର ପରିପୂର୍ଣ୍ଣ କୃପାର ଆଧାର ରୂପରେ ବିରାଜିତ, ଯେ ଆନନ୍ଦମୟ ଓ ଆନନ୍ଦକର ଅର୍ଥାତ୍ ଯେ ନିରବଚ୍ଛିନ୍ନ ଆନନ୍ଦସ୍ୱରୂପ ଓ ଅପରଙ୍କୁ ମଧ୍ୟ ଆନନ୍ଦ ଦାନ କରିବାକୁ ଏକମାତ୍ର ସମର୍ଥ ଏବଂ ଯେ ଚିର ପ୍ରସନ୍ନବଦନ ଜ୍ଞାନସ୍ୱରୂପ ଏବଂ ସମସ୍ତଙ୍କର ଶ୍ରେଷ୍ଠତମ ପୂଜନୀୟ ଓ ଯାହାଙ୍କ ନାମ ସ୍ମରଣ, ମୂର୍ତ୍ତିଧ୍ୟାନ, ଗୁଣ ଗାନ କଲେ ଓ ଯାହାଙ୍କ ସେବା କଲେ ଭବରୋଗ ଦୂରକୁ ପଳାୟନ କରେ, ସେହି ପୁରୁଷୋତ୍ତମ, ଅତି ମନୋହର-କାନ୍ତିବିଶିଷ୍ଟ ଶ୍ରୀଗୁରୁଦେବଙ୍କୁ ମୁଁ ନିତ୍ୟ ଭଜନ କରୁଅଛି ॥ ୫୧-୫୨ ॥

ଶ୍ୱେତ ବସନ ପରିଧାନ ମୁକ୍ତାମାଳାରେ ବିଭୂଷଣ ।୧।
ଶୋଭଇ ଯାହାଙ୍କ ମୂରତି ହରଇ ମନ ଦିବ୍ୟ ଶକ୍ତି ।୨।
ଅଗୁରୁ-ଚନ୍ଦନ-ଚର୍ଚ୍ଚିତ ଚୌଦିଗ ହୁଏ ସୁବାସିତ ।୩।
ଈଷତ୍ ହାସ୍ୟ ଯେ ବଦନ କରୁଣା କରେ ବିତରଣ ।୪।
ସ୍ନେହ-ମମତା ପରିପୂର୍ଣ୍ଣ ବେନି ନୟନ ତେଜୀୟାନ ।୫।
କରୁଣା ତହୁଁ ପଡ଼େ ଝରି ସ୍ନେହ ମମତା ଅଛି ପୂରି ।୬।
ହସରେ ପ୍ରସରେ ଅମୃତ ସେ ହସେ ହସଇ ଜଗତ ।୭।
କୁସୁମ ପାଇ ସେହି ହାସ ପ୍ରତ୍ୟୁଷେ ଲଭଇ ବିକାଶ ।୮।
ଗ୍ରହ ତାରକା ଶଶଧର ଗଗନ ପବନ ଆବର ।୯।
ହସନ୍ତି ସେହି ହସ ପାଇ ହସର ଲହରୀ ଖେଳଇ ।୧୦।
ତାଙ୍କରି କୃପାକଣା ବଳେ ଦିବସ ଆସେ ରାତ୍ର ଗଲେ ।୧୧।
କୃପା ଆଧାର ଯୋଗେଶ୍ୱର ପୟରେ କୋଟି ନମସ୍କାର ।୧୨।
ସଚ୍ଚିଦାନନ୍ଦ-ଘନ ମୂର୍ତ୍ତି ବାଳ-ଅରୁଣ-ପ୍ରଭ କାନ୍ତି ।୧୩।
ପରିପୂରିତ ଆନନ୍ଦରେ ଆନନ୍ଦ ଦାସ ଯା' ପୟରେ ।୧୪।
ଆନନ୍ଦ ପ୍ରଦାୟକ ଯେହୁ ଆନନ୍ଦ ଦାତା ମହାବାହୁ ।୧୫।
ଅକ୍ଷୟ ଆନନ୍ଦ ଭଣ୍ଡାର ଯାହାର ଅଟେ ଅଧିକାର ।୧୬।
ଜୀବରେ ବିତରିବା ପାଇଁ ଯା ମନ ଅସ୍ଥିର ହୁଅଇ ।୧୭।
ସେହି ଆନନ୍ଦ ରତ୍ନାକର ଚିର ପ୍ରସନ୍ନ ଜ୍ଞାନାଧାର ।୧୮।
ସକଳ ଜୀବ ପୂଜନୀୟ ତୁଟାଇ ମନୁ ଭ୍ରାନ୍ତି ଭୟ ।୧୯।
ଶରଣ ପଶ ତାଙ୍କ ପାଶେ ଆନନ୍ଦ ପାଇବା ସକାଶେ ।୨୦।
ଚାହିଁ ସେ ସୁନ୍ଦର ବଦନ ସାର୍ଥକ ହେଉ ମୋ ନୟନ ।୨୧।
ଆନନ୍ଦ-ସାଗରେ ପହଁରି ଭବ-ସାଗରୁ ହେବି ପାରି ।୨୨।
କର୍ଣ୍ଣରେ ଶୁଣି ତାଙ୍କ ବାଣୀ ତରିବି ଭବ-ତରଙ୍ଗିଣୀ ।୨୩।
ସେ ଗୁରୁପଦେ ନମସ୍କାର କରୁଅଛି ମୁଁ ବାର ବାର ।୨୪।

**ପ୍ରାତଃ ଶିରସି ଶୁକ୍ଲାବ୍‌ଜେ ଦ୍ୱିନେତ୍ରଂ ଦ୍ୱିଭୁଜଂ ଗୁରୁମ୍ ।**
**ବରାଭୟକରଂ ଶାନ୍ତଂ ସ୍ମରେତନ୍ନାମପୂର୍ବକମ୍ ॥ ୫୩ ॥**

***ଅନ୍ୱୟଃ :*** ପ୍ରାତଃ ଶିରସି ଶୁକ୍ଲାବ୍‌ଜେ ଦ୍ୱିନେତ୍ରମ୍ ଦ୍ୱିଭୁଜମ୍ ବରାଭୟ-କରମ୍ ଶାନ୍ତମ୍ ଗୁରୁମ୍ ତନ୍ନାମପୂର୍ବକମ୍ ସ୍ମରେତ୍ ।

***ଅର୍ଥ :*** ଅତି ପ୍ରତ୍ୟୁଷରେ ମସ୍ତକସ୍ଥିତ ଶ୍ୱେତ ଶତଦଳ-ପଦ୍ମରେ ଦ୍ୱିନେତ୍ର, ଦ୍ୱିଭୁଜ ଓ ବରଅଭୟ-ହସ୍ତ ବିଶିଷ୍ଟ ଶମଦମଗୁଣ-ଯୁକ୍ତ ସେହି ପରମାରାଧ୍ୟ ଗୁରୁଦେବଙ୍କୁ ତାଙ୍କ ନାମ ଉଚ୍ଚାରଣ ଅର୍ଥାତ୍ 'ଗୁରୁ' ନାମ ଉଚ୍ଚାରଣ ପୂର୍ବକ ଧ୍ୟାନ କରିବା କର୍ତ୍ତବ୍ୟ । ଏଥିରେ ସମସ୍ତପ୍ରକାର ଅନିଷ୍ଟ ନଷ୍ଟ ହୋଇ ଇଷ୍ଟ ଲାଭ ହୋଇଥାଏ ।

ପ୍ରତ୍ୟୁଷେ ପବିତ୍ର ଚିତ୍ତରେ
କରିବ ଧ୍ୟାନ ଏକାନ୍ତରେ ।୧।
ମସ୍ତକ-ସ୍ଥିତ ଶତଦଳ
ଶତେକ ପାଖୁଡ଼ା ଧବଳ ।୨।
ତାର କେଶରେ ବିରାଜିତ
ଦ୍ୱିଭୁଜ ଦୁଇ ନେତ୍ରଯୁକ୍ତ ।୩।
ବର ଅଭୟ ହସ୍ତ ଟେକି
ଅଭୟ ଦେଉଛନ୍ତି ଡ଼ାକି ।୪।
ଶମ-ଦମ-ଗୁଣ-ପ୍ରଯୁକ୍ତ
ମହନୀୟ ସେ ରୂପବନ୍ତ ।୫।
ସେହିଟି ଆରାଧ୍ୟ ପରମ
ତାଙ୍କରି ନାମ ଉଚ୍ଚାରିଣ ।୬।
ଶ୍ରୀଗୁରୁ ବୋଲି କର ଧ୍ୟାନ
ମିଳିବ ଇଷ୍ଟଙ୍କ ଦର୍ଶନ ।୭।
ଅନିଷ୍ଟ ସବୁ ତୁଟି ଯିବ
ପରମାନନ୍ଦ ଲାଭ ହେବ ।୮।

***ନ ଗୁରୋରଧିକଂ ନ ଗୁରୋରଧିକମ୍***
***ନ ଗୁରୋରଧିକଂ ନ ଗୁରୋରଧିକମ୍ ।***
***ମମ ଶାସନତୋ ମମ ଶାସନତଃ***
***ମମ ଶାସନତୋ ମମ ଶାସନତଃ ॥ ୫୪ ॥***

***ଅନ୍ୱୟଃ :*** ମମ (ଶିବସ୍ୟ) ଶାସନତଃ ଗୁରୋଃ ଅଧିକଂ ନ, ମମ ଶାସନତଃ ଗୁରୋଃ ଅଧିକଂ ନ (କିଞ୍ଚିଦସ୍ତି), ମମ ଶାସନତଃ ଇଦମ୍ ଏବ, ମମ ଶାସନତଃ (ଇଦମ୍ ଏବ ଇତି ନିଶ୍ଚିତମ୍) ।

***ଅର୍ଥ :*** ଶ୍ରୀଗୁରୁଦେବଙ୍କ ଅପେକ୍ଷା ଅସାଧାରଣ ଓ ଅତ୍ୟାଶ୍ଚର୍ଯ୍ୟମୟ କେହି ନାହାନ୍ତି । ଶ୍ରୀଗୁରୁଦେବଙ୍କ ଅପେକ୍ଷା ଅଧିକ ଶ୍ରେଷ୍ଠ ପୁରୁଷ କେହି ନାହାନ୍ତି; ଶ୍ରୀଗୁରୁଦେବଙ୍କଠାରୁ ଅଧିକ ବଳବାନ୍ କେହି ନାହାନ୍ତି କିମ୍ବା ଶ୍ରୀଗୁରୁଦେବଙ୍କ ଆଦେଶ ଉପଦେଶ ଅପେକ୍ଷା ଶ୍ରେଷ୍ଠତର ଆଉ କିଛି ନାହିଁ । ତେଣୁ ଶ୍ରୀଗୁରୁଦେବଙ୍କର ସେହି ଅଭାବନୀୟ ମୂର୍ତ୍ତିକୁ, ସର୍ବାଭୀଷ୍ଟ-ପ୍ରଦାୟକ ଶ୍ରୀଗୁରୁଦେବଙ୍କ ଆଦେଶ ଓ ଆଜ୍ଞା ଅର୍ଥାତ୍ ଅନୁଶାସନକୁ ଏବଂ ଶ୍ରୀଗୁରୁଦେବଙ୍କ କୃପାକୁ ସର୍ବଶ୍ରେଷ୍ଠ ଜ୍ଞାନ କରି ତାଙ୍କରି ଉପଦେଶ-ନିର୍ଦ୍ଦେଶରେ ହିଁ ପରିଚାଳିତ ହେବା ମୋର କର୍ତ୍ତବ୍ୟ – ଏହା ନିଃସଂଶୟ ଭାବରେ ବିଶ୍ୱାସ ପୂର୍ବକ ତଦନୁସାରେ ନିଜକୁ ଚାଳିତ କରିବା ବିଧେୟ ।

| | | |
|---|---|---|
| ଗୁରୁଦେବଙ୍କ ଠାରୁ କେହି | ଅସାଧାରଣ ଆଉ ନାହିଁ | ।୧। |
| ଆଶ୍ଚର୍ଯ୍ୟମୟ ଶୁଭ-କର | ନାହିଁ କେ ଆଉ ଶ୍ରେଷ୍ଠତର | ।୨। |
| ଯେତେ ଥାଆନ୍ତୁ ବଳବାନ | ନ ହେବେ ଗୁରୁ ସଙ୍ଗେ ସମ | ।୩। |
| ଅଧିକ ଜ୍ଞାନୀ ଅବା ଭକ୍ତ | ସକଳ ଗୁରୁ ପଦାନତ | ।୪। |
| ଗୁରୁଙ୍କ ଆଜ୍ଞା ଉପଦେଶ | ମଣିବ ମନେ ସର୍ବଶେଷ | ।୫। |
| ନିରେଖି କମନୀୟ କାନ୍ତି | ତାଙ୍କରି ପାଦ ଧ୍ୟାୟି ନିତି | ।୬। |
| ତାଙ୍କ ଆଦେଶ ପ୍ରତିପାଳି | ତାଙ୍କରି ସେବା ମନେ ଭାଳି | ।୭। |
| ସେ ନାମ କରି ସଂକୀର୍ତ୍ତନ | ସୁଖେ କାଟିବ ରାତି ଦିନ | ।୮। |
| ତାଙ୍କରି ସେବା ଶ୍ରେଷ୍ଠତର | ତାଙ୍କ ନିର୍ଦ୍ଦେଶ ହୃଦଗାର | ।୯। |
| ଚଳିବ ତାଙ୍କ ଆଜ୍ଞା ମତେ | ସଂଶୟ ନ ରଖିବ ଚିତ୍ତେ | ।୧୦। |
| ନିଷ୍ଠା ବିଶ୍ୱାସେ ସେବା ଫଳେ | ଗୁରୁ-କରୁଣା ନିଶ୍ଚେ ମିଳେ | ।୧୧। |
| ଦୟାର ସେହି ଅବତାର | ପ୍ରଣାମ କରେ ବାର ବାର | ।୧୨। |

*ଏବମ୍ବିଧଂ ଗୁରୁଂ ଧ୍ୟାତ୍ୱା ଜ୍ଞାନମୁତ୍ପଦ୍ୟତେ ସ୍ୱୟମ୍ ।*
*ତଦା ଗୁରୁପ୍ରସାଦେନ ମୁକ୍ତୋଽହମିତି ଭାବୟେତ୍ ॥୫୫॥*

***ଅନ୍ୱୟଃ :*** ଏବଂବିଧମ୍ ଗୁରୁମ୍ ଧ୍ୟାତ୍ୱା (ଅବସ୍ଥିତସ୍ୟ ସାଧକସ୍ୟ) ଜ୍ଞାନମ୍ ସ୍ୱୟମ୍ ଉତ୍ପଦ୍ୟତେ । ତଦା ଗୁରୁପ୍ରସାଦେନ ଅହମ୍ ମୁକ୍ତଃ ଇତି ଭାବୟେତ୍ ।

***ଅର୍ଥ :*** ଉପରୋକ୍ତ ଭାବରେ ଶ୍ରୀଗୁରୁଦେବଙ୍କୁ ଧ୍ୟାନ ସାହାଯ୍ୟରେ ସେବା କରି ତାଙ୍କର ପ୍ରସନ୍ନତା ଆନୟନ କରିପାରିଲେ, ଜ୍ଞାନସୂର୍ଯ୍ୟ ଶ୍ରୀଗୁରୁଦେବ ହୃଦୟ-ମନ୍ଦିରରେ ସ୍ୱୟଂ ଆବିର୍ଭୂତ ହୋଇ ସେତେବେଳେ ଭକ୍ତମାନଙ୍କ ଅଜ୍ଞାନତା ହରଣପୂର୍ବକ 'ମୁଁ ସର୍ବଦା ମୁକ୍ତ' ଏହି ଜ୍ଞାନ ପ୍ରଦାନ କରିଥାନ୍ତି । ଅର୍ଥାତ୍ ଶୁଦ୍ଧ ହୃଦୟରେ ଜ୍ଞାନରୂପୀ ଶ୍ରୀଗୁରୁମୂର୍ତ୍ତି ପ୍ରତିବିମ୍ବିତ ହେଲେ 'ମୁଁ ବଦ୍ଧ ନୁହେଁ, ଚିରମୁକ୍ତ' ଏହି ଭାବନା ଭକ୍ତ ସାଧକଙ୍କ ଅନ୍ତରରେ ଦୃଢ଼ ଭାବରେ ପ୍ରତିଷ୍ଠିତ ହୋଇଥାଏ ।

ଏହି ପ୍ରକାରେ ଗୁରୁଧ୍ୟାନ ଦୃଢ଼େ କରିବ ରାତ୍ରିଦିନ ।୧।
ସେବାରେ ହେଲେ ଗୁରୁ ତୋଷ ଶ୍ରୀଗୁରୁ ଲଭିବେ ସନ୍ତୋଷ ।୨।
ତାଙ୍କ ଦୟାରୁ ଜ୍ଞାନ-ରବି ଅନ୍ତରେ ବିକଶିବ ଛବି ।୩।
ମନରୁ ଆବିଳତା ଯିବ ମାନସ ମୁକତ ରହିବ ।୪।
ମୁକ୍ତ ପୁରୁଷ ପଦ ଧ୍ୟାନେ ଖେଳିବ ମୁକ୍ତିଭାବ ମନେ ।୫।
ନୁହେଁ ମୁଁ ଆବଦ୍ଧ କାହିଁରେ ଏ ଭାବ ଆସିଲେ ଅନ୍ତରେ ।୬।
ପ୍ରଫୁଲ୍ଲ ହୋଇବ ମାନସ ସକଳ ଚିନ୍ତା ଯିବ ନାଶ ।୭।
ଏ ପଥ ଯେହୁ ଦରଶାନ୍ତି ସେ ଗୁରୁପଦରେ ପ୍ରଣତି ।୮।

**ଗୁରୁଣା ଦର୍ଶିତେ ମାର୍ଗେ ମନଃଶୁଦ୍ଧିଞ୍ଚ କାରୟେତ୍ ।**
**ଅନିତ୍ୟଂ ଖଣ୍ଡୟେତ୍ ସର୍ବଂ ଯତ୍କିଞ୍ଚିଦାତ୍ମଗୋଚରମ୍ ॥୫୬॥**

***ଅନ୍ୱୟଃ :*** ଗୁରୁଣା ଦର୍ଶିତେ ମାର୍ଗେ ମନଃ ଶୁଦ୍ଧିମ୍ ଚ କାରୟେତ୍ । ଆତ୍ମ-ଗୋଚରମ୍ ଯତ୍ କିଞ୍ଚିତ୍ ଅନିତ୍ୟମ୍ (ତତ୍) ସର୍ବମ୍ ଖଣ୍ଡୟେତ୍ ।

***ଅର୍ଥ :*** ଏହି କାରଣରୁ ଶ୍ରୀଗୁରୁଦେବଙ୍କ ପ୍ରଦର୍ଶିତ ସାଧନମାର୍ଗରେ ଗତି କରି ଚିତ୍ତଶୁଦ୍ଧି ସମ୍ପାଦନ କରିବା ବିଧେୟ । ଏହି ଶୁଦ୍ଧଚିତ୍ତରେ କିଞ୍ଚିତ୍ ଆତ୍ମ-ଗୋଚର ବା ଆତ୍ମାର ସନ୍ଧାନ ଲାଭ ହେଲେ ସମସ୍ତ ଖଣ୍ଡ ଓ ଅନିତ୍ୟ ଜ୍ଞାନ ଦୂର ହୋଇ ସର୍ବତ୍ର ଆତ୍ମ ଭାବନାର ଜାଗୃତି ଘଟିଥାଏ । ଅର୍ଥାତ୍ ଦୃଶ୍ୟମାନ ସମସ୍ତ ଅନିତ୍ୟ ବିଷୟ ଯାହା ଖଣ୍ଡିତ ବା ବିଭିନ୍ନ, ବହୁ ରୂପରେ ପରିଦୃଷ୍ଟ ହେଉଛି, ସେହି ଅଜ୍ଞାନତା ଦୂରହୋଇ ସମସ୍ତ ବସ୍ତୁର ଅନ୍ତରାଳରେ ସେହି ନିତ୍ୟ ସତ୍ୟପୁରୁଷ ଅନୁଭୂତ ହୋଇଥାନ୍ତି ।

ଗୁରୁଦେବଙ୍କ ପ୍ରଦର୍ଶିତ — ପନ୍ଥାରେ ହୋଇ ଏକଚିତ୍ତ ।୧।
ଦୃଢ଼ରେ କରିଲେ ସାଧନା — ତୁଟିବ ଅଳୀକ ଭାବନା ।୨।
ଚିତ୍ତ ହୋଇବ ପରିଶୁଦ୍ଧ — ଆସିବ ଆତ୍ମଜ୍ଞାନ-ବୋଧ ।୩।
ଆତ୍ମାର ସନ୍ଧାନ ପାଇଲେ — ଅନିତ୍ୟ ଜ୍ଞାନ ଯିବ ଦୂରେ ।୪।
ଜଗତ ଦିଶିବ ଉଜ୍ଜ୍ୱଳ — ଲୁଚିବ ଭେଦ ନିଜ-ପର ।୫।
ସକଳ ଦିଶିବ ସମାନ — ଶୁଦ୍ଧ ସୁନ୍ଦର ମହୀୟାନ ।୬।
ସତ୍ୟ ପୁରୁଷ ଅଧିଷ୍ଠିତ — ଅନ୍ତରେ ହେବେ ଅନୁଭୂତ ।୭।
ଏହାର ହେତୁ ଗୁରୁନାମ — ସେ ପଦେ କରୁଛି ପ୍ରଣାମ ।୮।

**ଜ୍ଞେୟଂ ସର୍ବମନିତ୍ୟଞ୍ଚ ଜ୍ଞାନଞ୍ଚ ମନ ଉଚ୍ୟତେ ।**
**ଜ୍ଞାନଂ ଜ୍ଞେୟଂ ସମଂ କୁର୍ଯ୍ୟାତ୍ ନାନ୍ୟୋଽପ୍ୟାତ୍ମଦ୍ୱିତୀୟକଃ ।।୫୭।।**

***ଅନ୍ୱୟଃ :*** ସର୍ବଂ ଚ ଅନିତ୍ୟଂ ଜ୍ଞେୟଂ, ମନଃ ଚ ଜ୍ଞାନଂ ଉଚ୍ୟତେ । ଜ୍ଞାନମ୍ ଜ୍ଞେୟମ୍ (ଚ) ସମଂ କୁର୍ଯ୍ୟାତ୍, ଅନ୍ୟଃ ଅପି (କଶ୍ଚିତ୍) ଆତ୍ମଦ୍ୱିତୀୟକଃ ନ (ଅସ୍ତି) ।

***ଅର୍ଥ :*** ସମସ୍ତ ଅନିତ୍ୟ ବସ୍ତୁକୁ ଜ୍ଞାତବ୍ୟ ଓ ମନକୁ ଜ୍ଞାନ ବୋଲି କୁହାଯାଏ । ଅର୍ଥାତ୍ ସମସ୍ତ ଅନିତ୍ୟବସ୍ତୁର ଅସତ୍ୟତା ମନ ରୂପ ଜ୍ଞାନ ଦ୍ୱାରା ଅବଗତ ହୋଇ, ଜଗତର ପ୍ରତ୍ୟେକ ବିଷୟ ଆତ୍ମା ଭିନ୍ନ ଦ୍ୱିତୀୟ ବସ୍ତୁ ନୁହେଁ ଏହା ଜାଣି, ଜ୍ଞାନ ଓ ଜ୍ଞେୟକୁ ସମାନ ଦୃଷ୍ଟିରେ ଦର୍ଶନ କରିବା ଉଚିତ । ଯେ ହେତୁ କାରଣସ୍ୱରୂପ ପରମାତ୍ମାଙ୍କର ପ୍ରଣବ ସ୍ପନ୍ଦନରୁ ଜାତ ଅର୍ଥାତ୍ ସୃଷ୍ଟପଦାର୍ଥ ମାତ୍ରକେ ଅନିତ୍ୟ, କେବଳ ଏକମାତ୍ର ସେ ହିଁ ନିତ୍ୟ ସତ୍ୟ ।

ସମସ୍ତ ଅନିତ୍ୟ ବିଷୟ — ଜ୍ଞାତବ୍ୟ ବୋଲି ହୁଏ ଲୟ ।୧।
ମନକୁ କୁହାଯାଏ ଜ୍ଞାନ — ଏହା ହିଁ ଶାସ୍ତ୍ରର ବଚନ ।୨।
ଅନିତ୍ୟ ବସ୍ତୁ ଯେ ଅସତ୍ୟ — ଜ୍ଞାନରେ ହେଲେ ଅବଗତ ।୩।
ଜାଗ୍ରତ ହେବ ଜାଣ ମନ — ଆତ୍ମାଟି ସବୁ ବସ୍ତୁ ଜ୍ଞାନ ।୪।
ଆତ୍ମା ସର୍ବତ୍ର ବିରାଜୁଛି — ଦ୍ୱିତୀୟ ବସ୍ତୁ ନାହିଁ କିଛି ।୫।
ଜ୍ଞାନ ଓ ଜ୍ଞେୟ ଯେ ସମାନ — ଚିତ୍ତରେ ହେବ ପ୍ରତିପନ୍ନ ।୬।
ପରମ ଆତ୍ମା ଯେ କାରଣ — ପ୍ରଣବ ସ୍ପନ୍ଦନରୁ ଜନ୍ମ ।୭।
ସୃଷ୍ଟ ପଦାର୍ଥ ନୁହେଁ ସତ୍ୟ — ସକଳ ଅସତ୍ୟ ଅନିତ୍ୟ ।୮।
ସେହି କେବଳ ଏକମାତ୍ର — ଅଟଇ ଜାଣ ନିତ୍ୟ ସତ୍ୟ ।୯।
ଗୁରୁସେବାରେ ଏହି ଜ୍ଞାନ — ମନରେ ହେବ ଉତପନ୍ନ ।୧୦।
ତେଣୁ ସେ ଗୁରୁଙ୍କ ଚରଣେ — ସହସ୍ର ବାର ମୁଁ ପ୍ରଣମେ ।୧୧।

**ଏବଂ ଶ୍ରୁତ୍ୱା ମହାଦେବି ଗୁରୁନିନ୍ଦାଂ କରୋତି ଯଃ ।**
**ସ ଯାତି ନରକଂ ଘୋରଂ ଯାବଚ୍ଚନ୍ଦ୍ରଦିବାକରୌ ॥୫୮॥**

***ଅନ୍ୱୟଃ :*** (ହେ) ମହାଦେବି ! ଯଃ ଏବଂ ଶ୍ରୁତ୍ୱା ଗୁରୁନିନ୍ଦାଂ କରୋତି, ସଃ ଚନ୍ଦ୍ରଦିବାକରୌ ଯାବତ୍ (ତିଷ୍ଠତଃ ତାବତ୍) ଘୋରଂ ନରକଂ ଯାତି ।

***ଅର୍ଥ :*** ହେ ମହାଦେବି ! ଏହିଭଳି ଅବର୍ଣ୍ଣନୀୟ ମହିମା ଯେଉଁ ଗୁରୁଦେବଙ୍କର, ତାହା ଶ୍ରବଣ କରି ମଧ୍ୟ ଯେ ଅବଜ୍ଞା ଓ ଅହଙ୍କାର ବଶରୁ ସେହି ଗୁରୁଦେବଙ୍କର ନିନ୍ଦା ସମାଲୋଚନା କରନ୍ତି ବା ଗୁରୁଦେବ ଏବଂ ତାଙ୍କ ନାମ, ରୂପ, ଲୀଳା ଓ ତାଙ୍କ ଭକ୍ତମାନଙ୍କର ବିରୋଧାତ୍ମକ ଚିନ୍ତା କରନ୍ତି, ସେହି ବ୍ୟକ୍ତି ଚନ୍ଦ୍ର-ସୂର୍ଯ୍ୟ ଆତଯାତ ହେଉଥିବା ପର୍ଯ୍ୟନ୍ତ ଅନନ୍ତ ଘୋର ନରକରେ ନିପତିତ ହୋଇ ଅଶେଷ ଯନ୍ତ୍ରଣା ଭୋଗ କରିଥା'ନ୍ତି । ଏହା ହିଁ ଗୁରୁନିନ୍ଦୁକଙ୍କର କର୍ମଫଳ ।

ହେ ଦେବି, ହିମାଦ୍ରିଦୁହିତା ଗୁରୁ ହିଁ ଜାଣ ପିତାମାତା ।୧।
ବର୍ଣ୍ଣନାତୀତ ସେ ମହିମା ଦେବେ ନ ପାନ୍ତି ଯାର ସୀମା ।୨।
ଅହଂକାରରେ ବୁଡ଼ି ରହି ଯେ ଏହା ଅବଜ୍ଞା କରଇ ।୩।
ଗୁରୁ-ମହିମା ହୀନ ମଣେ ତା ପରି ପାପୀ ନାହିଁ ଜଣେ ।୪।
ଶୁଣେ ଯେ ଗୁରୁ-ନିନ୍ଦାବାଣୀ ଗୁରୁ-ନିନ୍ଦୁକ ତାକୁ ଗଣି ।୫।
ବକତା ଶ୍ରୋତା ବେନିଜନ ଉଭୟ ଦୋଷ ଯେ ସମାନ ।୬।
ଗୁରୁଭକ୍ତଙ୍କୁ ଯେ ନିନ୍ଦଇ ଗୁରୁନିନ୍ଦାରେ ଭାଗୀ ସେହି ।୭।
ଗୁରୁ ଓ ଗୁରୁଙ୍କ ଭକତ ସମାନ ନ ମଣିଲେ ଚିତ୍ତ ।୮।
ଗୁରୁଦ୍ରୋହୀ ସେ ବୋଲାଇବ ସର୍ବ ସାଧନା ନାଶ ଯିବ ।୯।
ଗୁରୁଙ୍କୁ ନ ମଣିବ ପର ଗୁରୁ ହିଁ ସାକ୍ଷାତ ଈଶ୍ୱର ।୧୦।
ଏହା ନ ବୁଝି ଯେ ଅଜ୍ଞାନ କରଇ ଦ୍ରୋହ ଆଚରଣ ।୧୧।
ଚନ୍ଦ୍ରାର୍କ ଆତଯାତ ଯାଏ ସେ ପାପୀ ମୁକତି ନ ପାଏ ।୧୨।
ଥିବ ଯେ ଯାଏ ରାତି ଦିନ ନରକ ଭୋଗ ତା ଲିଖନ ।୧୩।
ଗୁରୁ-ନିନ୍ଦୁକ କର୍ମଫଳ ରୌରବ ନିବାସ କେବଳ ।୧୪।
ନାହିଁ କାହାର ଆଉ ଶକ୍ତି ଏଥିରୁ କରିବ ମୁକତି ।୧୫।
ଗୁରୁ-ଚରଣ ପଦଧୂଳି ଆନନ୍ଦ ମନେ ଶିରେ ବୋଳି ।୧୬।
ରଖିବି ସେହି ପଦେ ଲୟ ତୁଟିବ ଶମନର ଭୟ ।୧୭।

**ଯାବତ୍ ଦେହାନ୍ତକାଳୋଽସ୍ତି ତାବଦ୍ଦେବି ଗୁରୁଂ ସ୍ମରେତ୍ ।**
**ଗୁରୁଲୋପୋ ନ କର୍ତ୍ତବ୍ୟଃ ସ୍ୱଚ୍ଛନ୍ଦଂ ଯଦି ଭାବୟେତ୍ ॥ ୫୯ ॥**

***ଅନ୍ୱୟଃ :*** (ହେ) ଦେବି ! ଯାବତ୍ ଦେହାନ୍ତକାଳଃ ଅସ୍ତି, ତାବତ୍ ଗୁରୁମ୍ ସ୍ମରେତ୍ । ଗୁରୁଲୋପଃ ନ କର୍ତ୍ତବ୍ୟଃ, ତମ୍ ଚ(ଗୁରୁଂ) ସ୍ୱଚ୍ଛନ୍ଦମ୍ ଭାବୟେତ୍ ।

***ଅର୍ଥ :*** ହେ ଦେବି ! ଯଦି କେହି ଶିଷ୍ୟସାଧକ ସ୍ୱଚ୍ଛନ୍ଦ ଅର୍ଥାତ୍ କାହାରି ବିନା ସହାୟତାରେ ସାଧନଜୀବନରେ ନିଜର ସ୍ୱରୂପ ଉପଲବ୍ଧି କରିଛନ୍ତି ବୋଲି ଚିନ୍ତା କରୁଥାନ୍ତି, ତଥାପି ସେ ଗୁରୁଙ୍କର ଲୋପ ଘଟିଛି ଅର୍ଥାତ୍ ସେ ମରିଯାଇଛନ୍ତି - ଏ ପ୍ରକାର ଦୂଷଣୀୟ ବାକ୍ୟ ମୁଖରେ ବା ମନରେ ସ୍ଥାନ ଦେବେ ନାହିଁ । କାରଣ ଶ୍ରୀଭଗବାନ ଜୀବକୁ କୃପା କରିବା ପାଇଁ ଶ୍ରୀଗୁରୁଦେବଙ୍କ ରୂପ ଧାରଣ କରିଥାନ୍ତି; ସୁତରାଂ ସେ ଅଜ ଓ ଅବିନଶ୍ୱର । ସୁତରାଂ କେହି ଶ୍ରୀଗୁରୁଦେବଙ୍କ ପ୍ରତି ମନୁଷ୍ୟବୁଦ୍ଧି ଆରୋପ କରି, ଗୁରୁତତ୍ତ୍ୱର ବିରୋଧାଚରଣ କରି ଅନନ୍ତ ନରକଦ୍ୱାର ଉଦ୍‌ଘାଟନ କରନ୍ତୁ ନାହିଁ । ଯେତେଦିନ ପର୍ଯ୍ୟନ୍ତ ଏହି ନଶ୍ୱର ଶରୀରର ଅନ୍ତିମ କାଳ ଉପସ୍ଥିତ ନ ହୋଇଛି, ସେତେଦିନ ଯାଏ ଅମୃତ ସ୍ୱରୂପ ଶ୍ରୀଗୁରୁଦେବଙ୍କ ନାମ ନିରନ୍ତର ସ୍ମରଣ କରିବାରୁ ବିରତ ହୁଅନ୍ତୁ ନାହିଁ ।

ଗୁରୁ ସର୍ବତ୍ର ବିଦ୍ୟମାନ, ନାହିଁ ତାଙ୍କର ତିରୋଧାନ ।୧।
ହେ ଦେବି, ଗୁରୁଭକ୍ତ ଯେତେ ଏ ସତ୍ୟ ଜାଣନ୍ତି ସମସ୍ତେ ।୨।
ହେଉ ସେ ଯେତେ ସିଦ୍ଧ ଜ୍ଞାତ ଯଦି ଭାଳଇ ନିଜ ଚିତ୍ତ ।୩।
ମୋହର ସାଧନା ବଳରେ ବିନା ଗୁରୁଙ୍କ ସାହାଯ୍ୟରେ ।୪।

ପାଇଅଛି ମୁଁ ଦିବ୍ୟ ଜ୍ଞାନ  ତା'ପରି ନାହିଁ କେ ଅଜ୍ଞାନ ।୫।
ତା ଚିତ୍ତ ଅଜ୍ଞାନରେ ବଶ  ଅମୃତ ତାହା ପାଶେ ବିଷ ।୬।
ସେ ଅଟେ ସାଧକ ଅସାର  ବିଅର୍ଥ ଚକ୍ଷୁ କୁଟା ତାର ।୭।
ଅଥବା ଯେ ଚିନ୍ତଇ ମନେ  ସଦଗୁରୁଙ୍କ ତିରୋଧାନେ ।୮।
ଗୁରୁ ନାହାନ୍ତି ଆଗେ ମୋର  ତଥାପି ହେବି ଅଗ୍ରସର ।୯।
ସେ ଲୋକ ଦୋଷୀ ଗୁରୁଦ୍ରୋହେ  ସାଧନା ତାର ବ୍ୟର୍ଥ ଯାଏ ।୧୦।
ଶ୍ରୀଗୁରୁ-ଶକ୍ତି ସବୁଠାରେ  ଅଛନ୍ତି ଚାହିଁ କାଳେ କାଳେ ।୧୧।
ଶଶୀ ମାର୍ତ୍ତଣ୍ଡ ଦିନ ରାତି  କେବେ ବା ବିଳୟ ଭଜନ୍ତି ।୧୨।
ତଥାପି ଗୁରୁଶକ୍ତି ବଳ  ବିରାଜୁ ଥିବ କାଳ କାଳ ।୧୩।
ଜୀବର ମଙ୍ଗଳ କାରଣ  ଗୁରୁ ରୂପରେ ନାରାୟଣ ।୧୪।
ଧରାରେ ହୋ'ନ୍ତି ଅବତାର  ଅବିନଶ୍ୱର ପରାତ୍ପର ।୧୫।
ଯେ ଯାଏ ରହିଛି ଜୀବନ  ଜପିବ ଗୁରୁଙ୍କର ନାମ ।୧୬।
ଗୁରୁ ସର୍ବତ୍ର ବିଦ୍ୟମାନ  ଚିତ୍ତେ ଜାଣିଲେ ଏହି ଜ୍ଞାନ ।୧୭।
ସେ ରୂପ ଦେଖିବ ନୟନେ  ସତତ ସେ ବାଣୀ ଶ୍ରବଣେ ।୧୮।
ଶୁଣି ପାରିବ ଅବହେଳେ  ପୁଲକ ଜାଗିବ ଅନ୍ତରେ ।୧୯।
ଗୁରୁଙ୍କ ମହିମା ଏସନ  ପବିତ୍ର କରେ ତନୁ ମନ ।୨୦।
ଅନ୍ତିମେ ଗୁରୁପଦ ପ୍ରାପ୍ତି  ବନ୍ଧନୁ ମିଳଇ ମୁକତି ।୨୧।

*ଗୁରୁରଗ୍ରେ ନ ବକ୍ତବ୍ୟମସତ୍ୟଞ୍ଚ କଦାଚନ ।*
*ଅହଙ୍କାରୋ ନ କର୍ତ୍ତବ୍ୟଃ ପ୍ରାଜ୍ଞୈଃ ଶିଷ୍ୟୈଃ କଥଞ୍ଚନ ॥୬୦॥*
*ଯୋ ବୈ ହୁଙ୍କୃତ୍ୟ ହୁଙ୍କୃତ୍ୟ ଗୁରୁଂ ନିର୍ଜ୍ଜିତ୍ୟ ବାଦତଃ ।*
*ଅରଣ୍ୟେ ନିର୍ଜ୍ଜନସ୍ଥାନେ ସ ଭବେଦ୍ ବ୍ରହ୍ମରାକ୍ଷସଃ ॥୬୧॥*

***ଅନ୍ୱୟଃ :*** ଗୁରୋଃ ଅଗ୍ରେ ଚ କଦାଚନ ଅସତ୍ୟମ୍ ନ ବକ୍ତବ୍ୟମ୍ । ପ୍ରାଜ୍ଞୈଃ ଶିଷ୍ୟୈଃ କଥଞ୍ଚନ ଅହଂକାରଃ ନ କର୍ତ୍ତବ୍ୟ । ଯଃ (ଶିଷ୍ୟଃ) ଏବଂ ହୁଙ୍କୃତ୍ୟ ହୁଙ୍କୃତ୍ୟ ଚ ବଦତଃ ଗୁରୁଂ ନିର୍ଜିତ୍ୟ ସଃ ନିର୍ଜନ ସ୍ଥାନେ ଚ ଅରଣ୍ୟେ ବ୍ରହ୍ମରାକ୍ଷସୋ ଭବତି ।

***ଅର୍ଥ :*** ବିବେକ-ବିଚାର ସମ୍ପନ୍ନ ଶିଷ୍ୟମାନେ କେବେହେଲେ ଶ୍ରୀଗୁରୁଦେବଙ୍କ ସମ୍ମୁଖରେ ଅସତ୍ୟ ଭାଷଣ କରିବା ଉଚିତ ନୁହେଁ । ଗୁରୁଦେବଙ୍କ ନିକଟରେ ଅହଙ୍କାର ଅଭିମାନ ପ୍ରକାଶ କରିବା ଉଚିତ ନୁହେଁ । ଗୁରୁଜନ ଓ ସତୀର୍ଥମାନଙ୍କ ସମ୍ମୁଖରେ ଏଭଳି ଆଚରଣ ମଧ୍ୟ ଗୁରୁ-ଅବମାନନାଜନିତ ଅପରାଧ ମଧ୍ୟରେ ଗଣ୍ୟ । ଯେଉଁମାନେ ଅହଙ୍କାର ବଶରୁ ଗୁରୁଦେବ ଓ ଗୁରୁଭ୍ରାତାମାନଙ୍କ ସହିତ ବିବାଦ ଓ ପ୍ରତିବାଦ କରନ୍ତି ଓ ସେମାନଙ୍କୁ ଦେହ-ମନ-ପ୍ରାଣରେ କ୍ଲେଶ ପ୍ରଦାନ କରନ୍ତି, ସେମାନେ ଅରଣ୍ୟରେ ଓ ନିର୍ଜ୍ଜନ ସ୍ଥାନରେ ବ୍ରହ୍ମରାକ୍ଷସ ହୋଇ ଭ୍ରମଣ କରନ୍ତି । ୬୦-୬୧ ॥

ବିବେକ ବିଚାର ସମ୍ପନ୍ନ ସାଧକ ଗୁରୁ ଶିଷ୍ୟଗଣ ।୧।
ଗୁରୁଦେବଙ୍କ ସମ୍ମୁଖରେ ଜୀବନ କାଳେ କେବେହେଲେ ।୨।
ଅସତ୍ୟ ଭାଷଣ ନ କରି ମଉନ ଭାବ ଥିବ ଧରି ।୩।
ଅହଂକାର ବା ଅଭିମାନ ମନରେ ନ କରି ପୋଷଣ ।୪।
କହନ୍ତି ବିନମ୍ର ବଚନ ଜାଣ ସେ ସାଧକ ପ୍ରଧାନ ।୫।

ଗୁରୁଜନ ବା ଗୁରୁଭାଇ	ତୁମ ଗହଣେ ଥିଲେ ରହି ।୬।
ଗୁରୁଙ୍କ ସମ ତାଙ୍କୁ ମଣି	କହିବ ସୁକୋମଳ ବାଣୀ ।୭।
ପାରିଲେ ତାଙ୍କ ମନ ମୋହି	ନୋହିବ କେବେ ଗୁରୁଦ୍ରୋହୀ ।୮।
ଅହଂକାରରେ ହୋଇ ମତ୍ତ	ଗୁରୁଜନ ବା ଗୁରୁଭ୍ରାତ ।୯।
ତାହାଙ୍କୁ ଅବଜ୍ଞା କରିଲେ	ନିସ୍ତାର ନ ମିଳିବ ଭଲେ ।୧୦।
ନିଜର ପ୍ରୌଢ଼ୀ ନ ଦେଖାଇ	ମନରେ ବିଗୁଣ ନ ବହି ।୧୧।
ଆନକୁ ସ୍ନେହେ କଲେ ବଶ	ଶ୍ରୀଗୁରୁ ଲଭିବେ ସନ୍ତୋଷ ।୧୨।
କାହାରି ସହିତ ବିବାଦ	ନ କଲେ ନ ପଡ଼େ ପ୍ରମାଦ ।୧୩।
ଗୁରୁଭାଇଙ୍କ ମନେ କଷ୍ଟ	ଦେଲେ, ଦୁରୂହ ହେବେ ଇଷ୍ଟ ।୧୪।
ମିଳିବ ନାହିଁ ଶାନ୍ତି ସୁଖ	ସକଳେ ହୋଇବେ ବିମୁଖ ।୧୫।
ବ୍ରହ୍ମରାକ୍ଷସ ସମ ବନେ	ଏକାକୀ ଘୂରିବ ନିର୍ଜନେ ।୧୬।
ସର୍ବତ୍ର ହୋଇବ ନିନ୍ଦିତ	ସବୁ ସାଧନା ହେବ ବ୍ୟର୍ଥ ।୧୭।
କପଟ ଗର୍ବ ଅହଂକାର	ଅଥବା ପରଶ୍ରୀ କାତର ।୧୮।
ତେଜିବ ଏହି ଗୁଣମାନ	ତେବେ ପାଇବ ଯୋଗ୍ୟସ୍ଥାନ ।୧୯।
ଶ୍ରୀଗୁରୁକୃପା ତାକୁ ମିଳେ	ସର୍ପ ଯେସନେ ଥାଏ ବିଳେ ।୨୦।
ପଦ୍ମତୋଳାର ସ୍ୱର ଶୁଣି	ପଦାକୁ ଆସେ ହୋଇ ଟାଣି ।୨୧।
ଶ୍ରୀଗୁରୁ-କୃପାରେ ତେସନେ	ଜ୍ଞାନ ଉଦୟ ହୁଏ ମନେ ।୨୨।

***ମୁନିଭିଃ ପନ୍ନଗୈର୍ବାପି ସୁରୈର୍ବା ଶାପିତୋ ଯଦି ।
କାଳମୃତ୍ୟୁଭୟାଦ୍‌ବାପି ଗୁରୁଃ ରକ୍ଷତି ପାର୍ବତି ! ॥୬୨॥***

***ଅନ୍ୱୟଃ :*** (ହେ) ପାର୍ବତି ! (ନରଃ) ଯଦି ମୁନିଭିଃ ପନ୍ନଗୈଃ ବା ସୁରୈଃ ଅପି ବା ଶାପିତଃ (ଭବତି) ଅପି ବା (ଅଥବା) କାଳମୃତ୍ୟୁ-ଭୟାତ୍ ଗୁରୁଃ ରକ୍ଷତି ।

***ଅର୍ଥ :*** ହେ ପାର୍ବତି ! ମୁନିମାନେ, ସର୍ପମାନେ ଅଥବା ଦେବତାମାନେ ଯଦି ଶାପ ପ୍ରଦାନ କରନ୍ତି ଅଥବା କାଳମୃତ୍ୟୁଭୟ ଯଦି ଉପସ୍ଥିତ ହୁଏ, ତେବେ ଶ୍ରୀଗୁରୁଦେବ ହିଁ କୃପା କରି ରକ୍ଷା କରିପାରନ୍ତି, ଅନ୍ୟ କେହି ଏଥିରୁ ରକ୍ଷା କରିବାକୁ ସମର୍ଥ ନୁହନ୍ତି । ଏକମାତ୍ର ଶ୍ରୀଗୁରୁଦେବ ହିଁ ଏହି ସଙ୍କଟରୁ ରକ୍ଷା କରିବାକୁ ସମର୍ଥ ।

ହେ ଦେବି ! ଶୁଣ ଗୁରୁତତ୍ତ୍ୱ — ଯା'ର ଶକ୍ତିରେ ଏ ଜଗତ ।୧।
ଦିନକୁ ଦିନ ନବ ରୂପ — ଧାରଣ କରେ ଅପରୂପ ।୨।
ସିଦ୍ଧ ସାଧକ ଋଷିଗଣ — ଯଦି ହୁଅନ୍ତି କୋପମାନ ।୩।
ଅଥବା କୋପିଲେ ଅମର — ସର୍ପ ହୋଇଲେ କ୍ରୋଧଭର ।୪।
ସେ ଯେଉଁ ଅଭିଶାପ ଦେବେ — ତାକୁ ଖଣ୍ଡିବ କିଏ ଭବେ ? ।୫।
କେବଳ ଶ୍ରୀଗୁରୁ ପ୍ରସନ୍ନେ — ସେ ଅଭିଶାପ ତୁଟେ କ୍ଷଣେ ।୬।
ଯଦି ଉପୁଜେ ମୃତ୍ୟୁ ଭୟ — ଗୁରୁଙ୍କ ପଦେ କଲେ ଲୟ ।୭।
ହୁଅଇ ଦୂର ତା ନିମିଷେ — ବିଷ କଟଇ ସିନା ବିଷେ ।୮।
ଶ୍ରୀଗୁରୁ ଆଶିଷ ବଚନ — କରଇ ସଂକଟ ହରଣ ।୯।
ସର୍ବ ବିପଦୁ ରକ୍ଷା କରେ — ମନରୁ ଦୁଃଖ ଶୋକ ହରେ ।୧୦।
ସେହି ଗୁରୁଙ୍କ ଶ୍ରୀପୟରେ — ମଥା ମୋ ଲୋଟୁ ନିରନ୍ତରେ ।୧୧।

*ଅଶକ୍ତା ହି ସୁରାଃ ସର୍ବେ ଅଶକ୍ତା ମୁନୟସ୍ତଥା ।*
*ଗୁରୁଶାପହତାଃ କ୍ଷୀଣାଃ କ୍ଷୟଂ ଯାନ୍ତି ନ ସଂଶୟଃ ॥ ୬୩ ॥*

***ଅନ୍ୱୟଃ :*** ସର୍ବେ ସୁରାଃ ଅଶକ୍ତାଃ ହି, ତଥା ମୁନୟଃ ଅଶକ୍ତାଃ, ଗୁରୁ ଶାପହତାଃ (ନରାଃ) କ୍ଷୀଣାଃ (ସନ୍ତଃ) କ୍ଷୟମ୍ ଯାନ୍ତି, (ଅତ୍ର) ସଂଶୟଃ ନ (ଅସ୍ତି) ।

***ଅର୍ଥ :*** କିନ୍ତୁ ଶ୍ରୀଗୁରୁଦେବ ଅସନ୍ତୁଷ୍ଟ ହୋଇ ଅଭିଶାପ ପ୍ରଦାନ କଲେ ସେହି ବ୍ୟକ୍ତି କ୍ଷୀଣ ହୋଇ ଅର୍ଥାତ୍ ସମସ୍ତ ଧନ, ପୁଣ୍ୟ, ଶକ୍ତି ଇତ୍ୟାଦି ହରାଇ ବିନାଶ ପ୍ରାପ୍ତ ହୁଅନ୍ତି । ସେତେବେଳେ ତାଙ୍କୁ ସେହି ସଙ୍କଟରୁ କୌଣସି ମୁନିଋଷି ଏପରିକି ଦେବତାମାନେ ମଧ୍ୟ ଉଦ୍ଧାର କରିବାକୁ ସମର୍ଥ ହୋଇ ପାରନ୍ତି ନାହିଁ, କାରଣ କେହି ଶ୍ରୀଗୁରୁଦେବଙ୍କଠାରୁ ଶ୍ରେଷ୍ଠ ନୁହନ୍ତି ।

| | | |
|---|---|---|
| ଶୁଣ ହେ ପର୍ବତ-ନନ୍ଦିନୀ | ଗୁରୁତତ୍ତ୍ୱର ମର୍ମବାଣୀ | । ୧ । |
| ଶ୍ରୀଗୁରୁ ହେଲେ ଅସନ୍ତୁଷ୍ଟ | ସର୍ବ ସାଧନା ହୁଏ ନଷ୍ଟ | । ୨ । |
| ଅଟନ୍ତି ସେ ଦୟା-ସାଗର | ନ ଥାଏ କ୍ରୋଧ ଯେ ତାଙ୍କର | । ୩ । |
| ତଥାପି ମନ ହେଲେ କ୍ଷୁଣ୍ଣ | ବିଅର୍ଥ ଜୀବର ଜୀବନ | । ୪ । |
| ସମସ୍ତ ସାଧନା ବିଫଳ | ତୁଟଇ ଧନ-ମାନ ବଳ | । ୫ । |
| ବିପତ୍ତି ଉପରେ ବିପତ୍ତି | ଭୋଗଇ ସେହି ମୂଢ଼ମତି | । ୬ । |
| ଗୁରୁଙ୍କ ବିରାଗ ଅନଳ | ଦହଇ ତାର ସର୍ବ ବଳ | । ୭ । |
| ଜଗତେ ନାହିଁ କା ଶକତି | ସେଥିରୁ କରିବ ମୁକତି | । ୮ । |
| ସକଳ ଦେବତା ଦେବତୀ | ଅଥବା ସିଦ୍ଧ ଋଷି ଯତି | । ୯ । |

ରକ୍ଷା କେ ନ ପାରିବେ କରି ଏ କଥା ଜାଣ ହେତୁ କରି । ୧୦ ।
ସକଳ ଦହଇ ଅନଳ ଗୁରୁଙ୍କ କୋପ ସେ ପ୍ରକାର । ୧୧ ।
ଇହକାଳ ଯେ ପରକାଳ ସବୁ ସେ କରଇ ବିଫଳ । ୧୨ ।
ତେଣୁ ହେ ଦେବି ! ଗୁରୁଦ୍ରୋହୀ ହୋଇଲେ ରକ୍ଷା ନ ମିଳଇ । ୧୩ ।
ସେ ଅଭିଶାପ ଏକା ସେହି ଖଣ୍ଡିବେ ଯେବେ ଦୟାବହି । ୧୪ ।
ତେବେ ବା ମିଳିପାରେ ଶାନ୍ତି କାହାରି ନାହିଁ ଆଉ ଶକ୍ତି । ୧୫ ।
ଏ ଶାପ କରିବ ଖଣ୍ଡନ ଗୁରୁଙ୍କ ଠାରୁ ଶକ୍ତିମାନ । ୧୬ ।
ଜଗତେ ଆଉ କେହି ନାହିଁ ଆଶ୍ରିବ କାହା ପଦେ ଯାଇ ? । ୧୭ ।
ଦେବତା ନର ବା କିନ୍ନର ସକଳେ ଗୁରୁଙ୍କ କିଙ୍କର । ୧୮ ।
ଗୁରୁ ବିଧାତା ନିୟାମକ ଗୁରୁ ହିଁ ଜୀବନ ପାଳକ । ୧୯ ।
ଗୁରୁ ଅଟନ୍ତି ପରଂବ୍ରହ୍ମ ଗୁରୁ ଯେ ଜୀବର ଜୀବନ । ୨୦ ।
ଗୁରୁ ସଂହତି, ଗୁରୁ ଶକ୍ତି ଭକତ ଜୀବନରେ ଭୁକ୍ତି । ୨୧ ।
ଗୁରୁ କରୁଣା-ସ୍ନେହ-ସିନ୍ଧୁ ଗୁରୁ ଜୀବନ-ଯାତ୍ରା ବନ୍ଧୁ । ୨୨ ।
ଆଲୋକ-ଦାତା ଦିବାକର ଦୂର କରନ୍ତି ଅନ୍ଧକାର । ୨୩ ।
ଗୁରୁ-ଶକତି ମହୀୟାନ କରୁଛି ଗୁରୁପଦେ ଧ୍ୟାନ । ୨୪ ।

**ମନ୍ତ୍ରରାଜମିଦଂ ଦେବି ! ଗୁରୁରିତ୍ୟକ୍ଷରଦ୍ୱୟମ୍ ।**
**ଶ୍ରୁତି-ବେଦାନ୍ତବାକ୍ୟେନ ଗୁରୁଃ ସାକ୍ଷାତ୍ ପରଂ ପଦମ୍ ॥ ୭୪ ॥**

***ଅନ୍ୱୟଃ :*** (ହେ) ଦେବି ! ଗୁରୁଃ ଇତି ଇଦଂ ଅକ୍ଷରଦ୍ୱୟମ୍ ମନ୍ତ୍ରରାଜଂ (ଜାନୀହି), ଶ୍ରୁତି-ବେଦାନ୍ତବାକ୍ୟେନ ଗୁରୁଃ ସାକ୍ଷାତ ପରଂ ପଦଂ (ଉଲ୍ଲିଖ୍ୟତେ) ।

***ଅର୍ଥ :*** ହେ ଦେବି ! ବେଦ ଓ ବେଦାନ୍ତ ବାକ୍ୟ ଯାହାଙ୍କୁ ପରମ ପଦ ଅର୍ଥାତ୍ ସଚ୍ଚିଦାନନ୍ଦ-ଘନ ଓଁ କାର-ସ୍ୱରୂପ ପରମାତ୍ମା ବୋଲି ପ୍ରତିପାଦନ କରିଛନ୍ତି, ତାଙ୍କର ସେହି ନାମ 'ଗୁରୁ' ଏହି ଅକ୍ଷର-ଦୁଇଟିକୁ ମନ୍ତ୍ରରାଜ ବୋଲି ଜ୍ଞାନ କରିବ ।

ହେ ଦେବି ! ଶୁଣ ମନଦେଇ
ବେଦ-ବେଦାନ୍ତ ଯାରେ କହି ॥ ୧ ॥

ସଚ୍ଚିଦାନନ୍ଦ ଯେ ପରମ
ଓଁ କାର ବୋଲି ଯାର ନାମ ॥ ୨ ॥

ଯୋଗୀ-ଋଷିଙ୍କ ଧ୍ୟାନଗମ୍ୟ
ଶ୍ରୀଗୁରୁ ବୋଲି ସେହି ଜାଣ ॥ ୩ ॥

'ଗୁରୁ' ଅକ୍ଷର ଦୁଇ ଗୋଟି
ଧ୍ୟାନ କରିବ ନିତି ପ୍ରତି ॥ ୪ ॥

ତାହା ହିଁ ଓଁକାର ଶବଦ
ସିଦ୍ଧ-ସାଧକ-ମୁକ୍ତି-ପ୍ରଦ ॥ ୫ ॥

**ଶ୍ରୁତିସ୍ମୃତିମବିଜ୍ଞାୟ କେବଲଂ ଗୁରୁସେବୟା ।**
**ତେ ବୈ ସନ୍ନ୍ୟାସିନଃ ପ୍ରୋକ୍ତା ଇତରେ ବେଶଧାରିଣଃ ॥୬୫॥**

***ଅନ୍ୱୟଃ :*** (ଯେ) ଶ୍ରୁତିମ୍ ସ୍ମୃତିମ୍ (ଚ) ଅବିଜ୍ଞାୟ କେବଲମ୍ ଗୁରୁସେବୟା (ବର୍ତ୍ତନ୍ତେ) ତେ ବୈ (ଖଲୁ) ସନ୍ନ୍ୟାସିନଃ ପ୍ରୋକ୍ତାଃ, ଇତରେ ବେଶଧାରିଣଃ (କେବଳଂ ଭବନ୍ତି) ।

***ଅର୍ଥ :*** ସୁତରାଂ ଯେଉଁମାନେ ଶ୍ରୁତି-ସ୍ମୃତି ଆଦି ଶାସ୍ତ୍ରରେ ଜ୍ଞାନ ଲାଭ କରି ନାହାନ୍ତି, ଅଥଚ କେବଳ ଶ୍ରୀଗୁରୁଦେବଙ୍କ ସେବା ନିଷ୍ଠା ସହକାରେ ସମ୍ପନ୍ନ କରି ଚିତ୍ତଶୁଦ୍ଧି ଲାଭ କରିଛନ୍ତି, ସେହିମାନେ ହିଁ ପ୍ରକୃତ ସନ୍ନ୍ୟାସୀ ବୋଲି ଅଭିହିତ । ଅନ୍ୟମାନେ କେବଳ ବେଶଧାରୀ ସନ୍ନ୍ୟାସୀ ମାତ୍ର । କାରଣ ତ୍ୟାଗ-ବୈରାଗ୍ୟ ହିଁ ସନ୍ନ୍ୟାସର ପ୍ରଧାନ ଲକ୍ଷଣ ।

ନ ଥାଉ ପଛେ ଶ୍ରୁତିଜ୍ଞାନ ନ ହେଉ ସ୍ମୃତିରେ ପ୍ରବୀଣ ।୧।
କେବଳ ଗୁରୁଦେବ ନାମ ନିଷ୍ଠାରେ କରେ ଯେ ଭଜନ ।୨।
ସେ ଅଟେ ପ୍ରକୃତ ସନ୍ନ୍ୟାସୀ ମୋହ-ମାୟାକୁ ଅଛି ନାଶି ।୩।
ଆନେ ଯେ ଋଷି ଯୋଗାଚାରୀ ସେମାନେ ମାତ୍ର ଭେକଧାରୀ ।୪।
ସନ୍ନ୍ୟାସୀ ଶ୍ରୀଗୁରୁ-ସେବକ ଆଉ ସକଳେ ଧର୍ମବକ ।୫।
ତ୍ୟାଗ ବୈରାଗ୍ୟ ଗୁରୁଧ୍ୟାନ ନାହିଁ ଯାହାର ଦେବି ! ଜାଣ ।୬।
ସେ ନୁହେଁ ମୁକ୍ତିପଥ ଯାତ୍ରୀ ତା ଲାଗି ବିଶ୍ୱ ଅମାରାତ୍ରି ।୭।

*ଗୁରୋଃ କୃପା ପ୍ରସାଦେନ ଆତ୍ମାରାମୋ ହି ଲଭ୍ୟତେ ।*
*ଅନେନ ଗୁରୁମାର୍ଗେଣ ଆତ୍ମଜ୍ଞାନଂ ପ୍ରବର୍ତ୍ତତେ ॥ ୭୬ ॥*

***ଅନ୍ୱୟଃ :*** ଗୁରୋଃ କୃପା-ପ୍ରସାଦେନ ଆତ୍ମାରାମଃ ହି ଲଭ୍ୟତେ । ଅନେନ ଗୁରୁମାର୍ଗେଣ ଆତ୍ମଜ୍ଞାନମ୍ ପ୍ରବର୍ତ୍ତତେ ।

***ଅର୍ଥ :*** ଶ୍ରୀଗୁରୁଦେବଙ୍କୁ ସେବାରେ ସନ୍ତୁଷ୍ଟ କରିପାରିଲେ, ତାଙ୍କ କୃପାରୁ ସେବକ ଶିଷ୍ୟମାନେ 'ମୁଁ ସେହି ପରମାତ୍ମସତ୍ତା ସଚ୍ଚିଦାନନ୍ଦ-ସ୍ୱରୂପ' ଏହି ଆତ୍ମଜ୍ଞାନ ଲାଭ ପୂର୍ବକ ଶାଶ୍ୱତ ଆନନ୍ଦ ମଧ୍ୟରେ ଅବସ୍ଥାନ କରିବାକୁ ସକ୍ଷମ ହୋଇଥାନ୍ତି । ଏହି ମାର୍ଗରେ ଅର୍ଥାତ୍ ଶ୍ରୀଗୁରୁଦେବଙ୍କ ପ୍ରଦର୍ଶିତ ମାର୍ଗରେ ତାଙ୍କରି ଆଦେଶ ପ୍ରତିପାଳନ ପୂର୍ବକ କର୍ମ ସମ୍ପାଦନରେ ହିଁ ସେବକମାନଙ୍କ ଅନ୍ତରରେ ସ୍ୱତଃ ଆତ୍ମଜ୍ଞାନର ଉଦୟ ହୋଇଥାଏ ।

ପ୍ରକୃତରେ ଯେ ଅଟେ ଶିଷ୍ୟ ଗୁରୁଙ୍କୁ କରିପାରେ ବଶ । ୧ ।
ଯା' ପ୍ରତି ଶ୍ରୀଗୁରୁ ସନ୍ତୋଷ ଅନ୍ଧାର ତାର ଯାଏ ନାଶ । ୨ ।
ଲଭଇ ସେହି ଆତ୍ମଜ୍ଞାନ ସର୍ବ ଜୀବରେ ଭଗବାନ । ୩ ।
ହୁଅନ୍ତି ଦୃଶ୍ୟ ତା' ନୟନେ ଆପଣା ପର ସେ ନ ମଣେ । ୪ ।
ଶାଶ୍ୱତ ଆନନ୍ଦେ ଧରାରେ ସତତ ବିଚରଣ କରେ । ୫ ।
ପାଇଲେ ଶ୍ରୀଗୁରୁ କରୁଣା ନୁହଁଇ କେବେ ପଥ ବଣା । ୬ ।
ଲଭଇ ହେଲେ ଆତ୍ମଜ୍ଞାନ ଯୋଗୀଙ୍କ ମଧ୍ୟରେ ପ୍ରଧାନ । ୭ ।
ଯେସନେ ଦସ୍ୟୁ ରତ୍ନାକର ହୋଇଲେ ତାପସ ପ୍ରବର । ୮ ।
ମହାକବିରେ ହେଲେ ଗଣ୍ୟ ଗୁରୁଙ୍କ ଦୟାରେ ତେସନ । ୯ ।
ଶିଷ୍ୟ ପାଇବ ଉଚ୍ଚ ସ୍ଥାନ ଏହାଟି ନିଶ୍ଚିତ ପ୍ରମାଣ । ୧୦ ।
ବିଶ୍ୱାସ ନିଷ୍ଠା ବଳେ ଜୀବ ଜୀବନେ ପ୍ରତିଷ୍ଠା ପାଇବ । ୧୧ ।

**ଆବ୍ରହ୍ମସ୍ତମ୍ବପର୍ଯ୍ୟନ୍ତଂ ପରମାତ୍ମସ୍ୱରୂପକମ୍ ।**
**ସ୍ଥାବରଂ ଜଙ୍ଗମଂ ଚୈବ ପ୍ରଣମାମି ଜଗନ୍ମୟମ୍ ॥ ୬୭ ॥**

***ଅନ୍ୱୟଃ :*** ସ୍ଥାବରଂ ଜଙ୍ଗମଂ ଚ ଆବ୍ରହ୍ମସ୍ତମ୍ବପର୍ଯ୍ୟନ୍ତଂ ଏବ ଜଗନ୍ମୟଂ ପରମାତ୍ମସ୍ୱରୂପକଂ ପ୍ରଣମାମି ।

***ଅର୍ଥ :*** ଶ୍ରୀଗୁରୁଦେବ ହିଁ ତୃଣଠାରୁ ଆରମ୍ଭ କରି ବ୍ରହ୍ମ ପର୍ଯ୍ୟନ୍ତ ଏହି ଜଗତସମୂହର ପ୍ରତ୍ୟେକ ସଚଳ, ଅଚଳ, ଜୀବନ୍ତ, ଜଡ଼ ସମସ୍ତ ପଦାର୍ଥ ମଧ୍ୟରେ ପରମାତ୍ମ ସ୍ୱରୂପରେ ଅନୁପ୍ରବିଷ୍ଟ ହୋଇ ଅବସ୍ଥାନ କରୁଛନ୍ତି । ତେଣୁ ସେହି ବିଶ୍ୱାତ୍ମରୂପୀ ପରମପୁରୁଷ ଶ୍ରୀଗୁରୁଦେବଙ୍କୁ ମୁଁ ପ୍ରଣାମ କରୁଅଛି ।

ଜଳ ସ୍ଥଳ ଯେ ମହାଶୂନ୍ୟ
ଆବର ଗଗନ ପବନ ॥ ୧ ॥
ଗିରି କନ୍ଦରା ଅପନ୍ତରା
ଦିଗନ୍ତ ମରୁ ବାଲି ଭରା ॥ ୨ ॥
ଉଦ୍ଭିଦ ଲତା ଗୁଳ୍ମ ଜାଣ
ସର୍ବତ୍ର ରହିଛି ଜୀବନ ॥ ୩ ॥
ଅଣୁ ପରମାଣୁ ପର୍ଯ୍ୟନ୍ତ
କୀଟ ପତଙ୍ଗ ପଶୁଯୂଥ ॥ ୪ ॥
ସର୍ବ ଅନ୍ତରେ ଆତ୍ମା ସେହି
ତା' ବିନୁ ଆନ ନାହିଁ କେହି ॥ ୫ ॥
ସେ ଗୁରୁଶକ୍ତି ବିଶ୍ୱ ବ୍ୟାପ୍ତ
ନାହିଁ ତାହାର ଆଦି ଅନ୍ତ ॥ ୬ ॥
ସେ ରୂପ ଧ୍ୟାନ କରି ମନେ
ପ୍ରଣାମ କରୁଛି ଚରଣେ ॥ ୭ ॥

**ବନ୍ଦେଽହଂ ସଚ୍ଚିଦାନନ୍ଦଂ ଭେଦାତୀତଂ ଜଗଦ୍‌ଗୁରୁମ୍ ।**
**ନିତ୍ୟଂ ପୂର୍ଣ୍ଣଂ ନିରାକାରଂ ନିର୍ଗୁଣଂ ସ୍ୱାତ୍ମସଂସ୍ଥିତମ୍ ॥ ୬୮॥**

***ଅନ୍ୱୟଃ :*** ଅହଂ ଭେଦାତୀତଂ ସଚ୍ଚିଦାନନ୍ଦଂ ନିତ୍ୟଂ ପୂର୍ଣ୍ଣଂ ନିରାକାରଂ ନିର୍ଗୁଣଂ ସ୍ୱ-ଆତ୍ମା-ସଂସ୍ଥିତଂ ଚ ଜଗଦ୍‌ଗୁରୁଂ ବନ୍ଦେ ।

***ଅର୍ଥ :*** ସଚ୍ଚିଦାନନ୍ଦ ସ୍ୱରୂପରେ ଭେଦର ଅତୀତ ହୋଇ ନିତ୍ୟ ପୂର୍ଣ୍ଣ ନିର୍ବିକାର, ନିର୍ଗୁଣ, ନିରାକାର ଓ ଆତ୍ମାରାମ ସ୍ୱରୂପରେ ଯେ ଅବସ୍ଥାନ କରୁଛନ୍ତି, ସେହି ଚରାଚର ଗୁରୁ ଶ୍ରୀଗୁରୁଦେବଙ୍କୁ ହିଁ ମୁଁ ବନ୍ଦନା କରୁଅଛି ।

ସଚ୍ଚିଦାନନ୍ଦ ସ୍ୱରୂପରେ
ଭେଦାତୀତରେ ଯେ ବିହରେ ॥ ୧ ॥

ନିତ୍ୟ ସତ୍ୟ ଯେ ନିର୍ବିକାର
ନିର୍ଗୁଣ ପୂର୍ଣ୍ଣ ନିରାକାର ॥ ୨ ॥

ଆତ୍ମାରାମ ଯେ ଏ ସୃଷ୍ଟିରେ
ଅତୁଳନୀୟ ଚରାଚରେ ॥ ୩ ॥

ସେହି ଅଟନ୍ତି ଗୁରୁଦେବ
ଆଶୁତୋଷ ସେ ଦେବଦେବ ॥ ୪ ॥

ତାହାଙ୍କ ଚରଣେ ପ୍ରଣତି
ଜଣାଏ ମୁହିଁ ଦିନ ରାତି ॥ ୫ ॥

*ପରାତ୍ପରତରଂ ଧ୍ୟେୟଂ ନିତ୍ୟମାନନ୍ଦକାରକମ୍ ।*
*ହୃଦୟାକାଶମଧ୍ୟସ୍ଥଂ ଶୁଦ୍ଧସ୍ଫଟିକସନ୍ନିଭମ୍ ॥ ୬୯ ॥*
*ଅଙ୍ଗୁଷ୍ଠମାତ୍ରପୁରୁଷଂ ଧ୍ୟାୟେତ ଚିନ୍ମୟଂ ହୃଦି ।*
*ତତ୍ର ସ୍ଫୁରତି ଯୋ ଭାବଃ ଶୃଣୁ ତଂ କଥୟାମ୍ୟହମ୍ ॥ ୭୦ ॥*

***ଅନ୍ୱୟଃ :*** ପରାତ୍ ପରତରଂ ନିତ୍ୟଂ ଆନନ୍ଦକାରକଂ ହୃଦୟାକାଶମଧ୍ୟସ୍ଥଂ ଶୁଦ୍ଧ-ସ୍ଫଟିକ-ସନ୍ନିଭଂ (ତଦଗୁରୁଂ) ଧ୍ୟେୟଂ । ୬୯ ।

ଅଙ୍ଗୁଷ୍ଠମାତ୍ର ଚିନ୍ମୟଂ-ପୁରୁଷଂ ହୃଦି ଧ୍ୟାତ୍ୱା ଯଃ ଭାବଃ ତତ୍ର ସ୍ଫୁରତି 'ତଂ (ଭାବଂ) ଅହଂ କଥୟାମି; (ତ୍ୱଂ) ଶୃଣୁ । ୭୦ ।

***ଅର୍ଥ :*** ସେହି ନିତ୍ୟ ପୁରୁଷ, ସତ୍-ଚିତ୍-ଆନନ୍ଦ ସ୍ୱରୂପରେ ଜୀବର ହୃଦୟାକାଶ ମଧ୍ୟରେ ଶୁଦ୍ଧ ସ୍ଫଟିକ ସଦୃଶ ଉଜ୍ଜ୍ୱଳ ମଧୁର କାନ୍ତି ଧାରଣ ପୂର୍ବକ ଅବସ୍ଥାନ କରି ଜୀବମାନଙ୍କୁ ନିତ୍ୟାନନ୍ଦ ବିତରଣ କରୁଛନ୍ତି । ତେଣୁ ସେହି ପରମପୁରୁଷ ହିଁ ଏକମାତ୍ର ଧ୍ୟେୟବସ୍ତୁ । ସେହି ଅଙ୍ଗୁଷ୍ଠ ମାତ୍ର ଆକାର ବିଶିଷ୍ଟ ଚିନ୍ମୟ ସ୍ୱରୂପ ଗୁରୁଦେବଙ୍କୁ ହୃଦୟରେ ଧ୍ୟାନ କଲେ ଯେଉଁ ଭାବର ସ୍ଫୁରଣ ହୁଏ, ତାହା କହୁଛି, ଶ୍ରବଣ କର ।

| | | |
|---|---|---|
| ଜୀବର ହୃଦୟ-ଆକାଶେ | ସ୍ଫଟିକ-ଜ୍ୟୋତିରେ ପ୍ରକାଶେ | । ୧ । |
| ସଦା ଆନନ୍ଦ କରେ ଦାନ | ଉଜ୍ଜ୍ୱଳ ମଧୁର ବରଣ | । ୨ । |
| କୋମଳ କାନ୍ତି କଳେବରେ | ଭକତ ଅନ୍ତରେ ବିହରେ | । ୩ । |
| ସେହି ଭକତ-ପ୍ରାଣଧନ | କରୁଛି ସେ ପଦେ ପ୍ରଣାମ (ବନ୍ଦନ) | ।୪। |
| ମାତ୍ର ଅଙ୍ଗୁଷ୍ଠ ଆକାରରେ | ବିଜୁଳି ଯେସନେ ମେଘରେ | । ୫ । |
| ଖେଳା କରଇ ଘନ ଘନ | ଝଲସି ଯାଏ ଯେ ନୟନ | । ୬ । |
| ଗୁରୁ-ସ୍ୱରୂପ ସେହି ମତେ | ଚମକ ଆଣି ଦିଏ ଚିତ୍ତେ | । ୭ । |
| ସେ ରୂପ ଧ୍ୟାନ କଲେ ହୃଦେ | ସ୍ଫୁରଣ ଦିବ୍ୟ ଭାବ ମୋଦେ | । ୮ । |
| ସେହି ଭାବର ଯେହୁ ଦାତା | ତା ପଦେ ରହୁ ମୋର ମଥା | । ୯ । |

*ଅଗୋଚରଂ ତଥାଗମ୍ୟଂ ରୂପନାମାଦିବର୍ଜ୍ଜିତମ୍ ।*
*ନିଃଶବ୍ଦକଂ ବିଜାନୀୟାତ୍ ସ ଭାବୋ ବ୍ରହ୍ମ ପାର୍ବତି ॥ ୭୧ ॥*

***ଅନ୍ୱୟଃ :*** (ହେ) ପାର୍ବତି ! ବ୍ରହ୍ମ ସ୍ୱଭାବଃ, (ତତ୍ ବ୍ରହ୍ମ) ଅଗୋଚରମ୍ ତଥା ଅଗମ୍ୟଂ ରୂପନାମାଦିବର୍ଜ୍ଜିତଂ ନିଃଶବ୍ଦକଂ ବିଜାନୀୟାତ୍ ।

***ଅର୍ଥ :*** ହେ ପାର୍ବତି ! ସେହି ନିତ୍ୟ ପୁରୁଷ ଶ୍ରୀଗୁରୁଦେବ ଇନ୍ଦ୍ରିୟ ମନର ଅଗୋଚର, ବୁଦ୍ଧିର ଅଗମ୍ୟ, ନାମ-ରୂପରହିତ ଓ ଶବ୍ଦର ଅତୀତ ଭାବରେ ନିର୍ବିକାର ହୋଇ ଅବସ୍ଥାନ କରୁଛନ୍ତି । ତାଙ୍କୁ ଅର୍ଥାତ୍ ସେହି ଅଙ୍ଗୁଷ୍ଠମାତ୍ର ଚିନ୍ମୟ ପୁରୁଷଙ୍କୁ ଧ୍ୟାନ କରୁ କରୁ ଅନାହତ ଧ୍ୱନି ଓ ତତ୍ ଜ୍ୟୋତିରେ ମନ ଲୟପ୍ରାପ୍ତ ହେଲେ ଜାଣିବ, ସେହି ସ୍ଥିତି ହିଁ ବ୍ରହ୍ମଭାବ । ତାହା ଭାଷାରେ ବର୍ଣ୍ଣନା କରିବା ସମ୍ଭବ ନୁହେଁ ।

| | | |
|---|---|---|
| ଶୁଣ ହେ ପର୍ବତ-ଦୁହିତା | ଜଗତ ସୃଷ୍ଟି ଆଦିମାତା | । ୧ । |
| ଇନ୍ଦ୍ରିୟ-ମନ ଅଗୋଚର | ଅଟଇ ଶ୍ରୀଗୁରୁ-ପୟର | । ୨ । |
| ବୁଦ୍ଧିର ଜ୍ଞାନଗମ୍ୟ ନୁହେଁ | ନାମ ରୂପ ଯା' ବର୍ଣ୍ଣ ନୋହେ | । ୩ । |
| ଶବ୍ଦର ଅତୀତ ଅଟଇ | ନିର୍ବିକାରରେ ବିହରଇ | । ୪ । |
| ଅନ୍ତର ମଧ୍ୟେ ଅବସ୍ଥାନ | କରି ଅଛନ୍ତି ଅନୁକ୍ଷଣ | । ୫ । |
| ଅଙ୍ଗୁଷ୍ଠ ମାତ୍ର ସେ ଚିନ୍ମୟ | ଦିଅନ୍ତି ଜନେ ବରାଭୟ | । ୬ । |
| ସେହି ରୂପକୁ ଧ୍ୟାନ କଲେ | ମନ ନିବେଶି ଏକାନ୍ତରେ | । ୭ । |
| ଶୁଭିବ ଅନାହତ ଧ୍ୱନି | ଦିଶିବ ସମୁଜ୍ଜ୍ୱଳ ମଣି | । ୮ । |
| ସେହି ଜ୍ୟୋତିରେ ଲୟପ୍ରାପ୍ତ | ହୋଇବ ଇନ୍ଦ୍ରିୟ ଓ ଚିତ୍ତ | । ୯ । |
| ବ୍ରହ୍ମଭାବ ହିଁ ତାହା ଅଟେ | ଅନୁଭୂତିରେ ସେ ପ୍ରକଟେ | । ୧୦ । |
| ଭାଷାରେ କହି ହେବ ନାହିଁ | ବର୍ଣ୍ଣନାତୀତ ଯେଣୁ ସେହି | । ୧୧ । |
| ଅନୁଭବୀ ହିଁ ଏକା ମଜ୍ଜେ | ବୁଦ୍ଧି ବିବେକ ତାର ହଜେ | । ୧୨ । |

*ଯଥା ନିଜସ୍ୱଭାବେନ କର୍ପୂରଂ କୁଙ୍କୁମାଦିକମ୍ ।*
*ଶୀତୋଷ୍ଣାଦି ସ୍ୱଭାବେନ ଯଥା ବ୍ରହ୍ମ ଚ ଶାଶ୍ୱତମ୍ ॥ ୭୨ ॥*
*ଗୁରୁଃ ଧ୍ୟାନାତ୍ ତଥା ନିତ୍ୟଂ ଦେହୀ ବ୍ରହ୍ମମୟୋ ଭବେତ୍ ।*
*ପିଣ୍ଡେ ପଦେ ତଥା ରୂପେ ମୁକ୍ତାସ୍ତେ ନାତ୍ର ସଂଶୟଃ ॥ ୭୩ ॥*

***ଅନ୍ୱୟଃ :*** ଯଥା କର୍ପୂରମ୍ କୁଙ୍କୁମାଦିକମ୍ ନିଜସ୍ୱଭାବେନ (ପ୍ରବର୍ତ୍ତତେ ଗନ୍ଧାଦିକଂ ବହତି ଇତ୍ୟର୍ଥଃ) ଯଥା ଚ ଶୀତୋଷ୍ଣାଦି ସ୍ୱଭାବେନ (କ୍ରମଶଃ ପ୍ରକାଶତେ) ଯଥା ବ୍ରହ୍ମ ଚ ଶାଶ୍ୱତମ୍ (ସ୍ୱଭାବେନ ଅବସ୍ଥିତମ୍) ତଥା ନିତ୍ୟମ୍ ଗୁରୋଃ ଧ୍ୟାନାତ୍ ଦେହୀ (ଦେହାଭିମାନୀ ଜୀବାତ୍ମା) ବ୍ରହ୍ମମୟଃ ଭବେତ୍ । ତେ ପିଣ୍ଡେ ପଦେ ତଥା ରୂପେ ମୁକ୍ତାଃ, ଅତ୍ର ସଂଶୟଃ ନ (ଅସ୍ତି) ।

***ଅର୍ଥ :*** ପ୍ରକୃତି ଗୁଣରେ ଯେପରି କର୍ପୂର କୁଙ୍କୁମାଦି ସୁଗନ୍ଧ ଧାରଣ କରିଥାନ୍ତି, ଯେପରି ଋତୁ ପରିବର୍ତ୍ତନ ହେତୁ ପ୍ରାକୃତିକ ନିୟମରେ ଶୀତ-ଉଷ୍ଣାଦି ସ୍ୱତଃ ଅନୁଭୂତ ହୋଇଥାଏ, ଯେପରି ବ୍ରହ୍ମ ମଧ୍ୟ ସ୍ୱାଭାବିକ ଭାବରେ ଶାଶ୍ୱତ ଅର୍ଥାତ୍ ନିତ୍ୟ ବିରାଜିତ, ସେହିପରି ଭାବରେ ଏହା ସ୍ୱଭାବସିଦ୍ଧ ଯେ, ଶ୍ରୀଗୁରୁଦେବଙ୍କୁ ଧ୍ୟାନ କରିବା ଫଳରେ ଦେହୀ ମଧ୍ୟ ବ୍ରହ୍ମମୟ ହୋଇଯାନ୍ତି ଏବଂ ପିଣ୍ଡ, ପଦ ଓ ରୂପରୁ ଅର୍ଥାତ୍ ଉପାଧି-ବନ୍ଧନରୁ ମୁକ୍ତି ଲାଭ କରିଥାନ୍ତି ।

| | | |
|---|---|---|
| କର୍ପୂର କୁଙ୍କୁମ ଚନ୍ଦନ | ସୁଗନ୍ଧ କରନ୍ତି ଧାରଣ | । ୧ । |
| ତାଙ୍କର ଏହା ହିଁ ଧରମ | କରିବେ ବାସ ବିତରଣ | । ୨ । |
| ଯେପରି ଋତୁ ଅନୁସାରେ | ପ୍ରକୃତି ଖେଳଇ ସଂସାରେ | । ୩ । |
| ଗ୍ରୀଷମ, ବରଷା ଯେ ଶୀତ | ଆପେ ହୁଅଇ ଅନୁଭୂତ | । ୪ । |
| ଯେସନ ବ୍ରହ୍ମ ଯେ ଶାଶ୍ୱତ | ଜୀବରେ ନିତ୍ୟ ବିରାଜିତ | । ୫ । |
| ଗୁରୁଦେବ ହିଁ ତାର ଆଦି | ବିଧାତା ରଖିଛି ସଂପାଦି | । ୬ । |
| ଏହି ବିଧାନେ ଗୁରୁଧ୍ୟାନ | କଲେ ଉଦିତ ବ୍ରହ୍ମଜ୍ଞାନ | । ୭ । |
| ହୋଇବେ ଦେହୀ ବ୍ରହ୍ମମୟ | ରହିବ ନାହିଁ ମାୟା ମୋହ | । ୮ । |
| ସକଳ-ବନ୍ଧନୁ ମୁକତି | ମିଳଇ ଜାଣ ହେ ପାର୍ବତୀ | । ୯ । |
| ସେହି ଗୁରୁଙ୍କୁ ଜପି ମନେ | ଶରଣ ପଶୁଛି ଚରଣେ | ।୧୦ । |

ଶ୍ରୀପାର୍ବତ୍ୟୁବାଚ

*ପିଣ୍ଡଂ କିଂ ତନ୍ମହାଦେବ ! ପଦଂ କିଂ ସମୁଦାହୃତମ୍ ।*
*ରୂପଞ୍ଚ ରୂପାତୀତଞ୍ଚ ଏତଦାଖ୍ୟାହି ଶଙ୍କର ॥ ୭୪ ॥*

***ଅନ୍ୱୟଃ :*** ପାର୍ବତୀ ଉବାଚ-(ହେ) ଶଙ୍କର ! ତତ୍ ପିଣ୍ଡଂ କିଂ ସମୁଦାହୃତଂ, ପଦଂ କିଂ, ରୂପାତୀତମ୍ ଚ (କିଂ), ରୂପଂ ଚ (କିଂ), ଏତତ୍ ଆଖ୍ୟାହି ।

***ଅର୍ଥ :*** ପାର୍ବତୀ ପ୍ରଶ୍ନ କଲେ, ହେ ମହାଦେବ ! ହେ ଶଙ୍କର ! ପିଣ୍ଡ, ପଦ, ରୂପ ଓ ରୂପାତୀତ କାହାକୁ କୁହାଯାଏ, ତାହା ପ୍ରକାଶ କରନ୍ତୁ ।

ଶ୍ରୀପାର୍ବତୀ ଉବାଚ

ମହାଦେବଙ୍କ ପାଦ ଧରି
କହନ୍ତି ଜଗତ ଈଶ୍ୱରୀ ॥ ୧ ॥

ହେ ଦେବ ଦେବ ଆଶୁତୋଷ
ସନ୍ଦେହ ମୋର କର ନାଶ ॥ ୨ ॥

କେ ଅଟେ ପିଣ୍ଡ କିଏ ପଦ
ରୂପ, ରୂପାତୀତେ ପ୍ରଭେଦ ॥ ୩ ॥

ବୁଝାଇଁ କହ ଦୟା ବହି
ପରାଣ ପ୍ରିୟ-ହେ ଗୋସାଇଁ ॥ ୪ ॥

## ଶ୍ରୀଶଙ୍କର ଉବାଚ

*ପିଣ୍ଡଂ କୁଣ୍ଡଳିନୀଶକ୍ତିଃ ପଦଂ ହଂସମୁଦାହୃତମ୍ ।*
*ରୂପଂ ବିନ୍ଦୁରିତି ଜ୍ଞେୟଂ ରୂପାତୀତଂ ନିରଞ୍ଜନମ୍ ।। ୭୫ ।।*

***ଅନ୍ୱୟଃ :*** ଶ୍ରୀଶିବଃ ଉବାଚ—କୁଣ୍ଡଳିନୀଶକ୍ତିଃ ପିଣ୍ଡମ୍, ହଂସମ୍ ପଦମ୍ ଉଦାହୃତମ୍, ବିନ୍ଦୁଃ ରୂପମ୍, ନିରଞ୍ଜନମ୍(ଚ) ରୂପାତୀତମ୍ ଇତି ଜ୍ଞେୟମ୍ ।

***ଅର୍ଥ :*** ପିଣ୍ଡ କହିଲେ ସତ୍ତ୍ୱରଜସ୍ତମୋଗୁଣୀ, ସର୍ପାକାରୀ, ଜ୍ୟୋତିର୍ମୟୀ କୁଣ୍ଡଳିନୀ ଶକ୍ତିଙ୍କୁ ହିଁ ବୁଝାଇଥାଏ । ପଦ ଅର୍ଥ ହଂସ ବା ଜୀବାତ୍ମା, ସମସ୍ତଙ୍କର ଅନ୍ତରାତ୍ମା ହିଁ ରୂପ ବା ବିନ୍ଦୁ ଏବଂ ଅବିଦ୍ୟାରୂପ ଅଜ୍ଞାନ-କଜ୍ଜ୍ୱଳ ବିହୀନ ପରମ-ବ୍ୟୋମ ପରଂବ୍ରହ୍ମ ସଚ୍ଚିଦାନନ୍ଦଘନ ପରମାତ୍ମାଙ୍କୁ ହିଁ ରୂପାତୀତ ବୋଲି କୁହାଯାଏ ।

## ଶ୍ରୀଶଙ୍କର ଉବାଚ

ଶ୍ମଶାନବାସୀ ଯୋଗେଶ୍ୱର ଜ୍ଞାନ ଯା' ପୟରେ କିଙ୍କର । ୧ ।
ପାର୍ବତୀ-ବଦନେ ଅନାଇ କହନ୍ତି, ଶୁଣ ମହାମାୟି ! । ୨ ।
ସତ୍ତ୍ୱ ରଜ ଯେ ତମୋ ଗୁଣ ଅଟଇ ପିଣ୍ଡ ତା ପ୍ରମାଣ । ୩ ।
ସର୍ପ ଆକାରେ ପିଣ୍ଡମୟୀ କୁଣ୍ଡଳିନୀ ଯେ ବିରାଜଇ । ୪ ।
ପଦ କହିଲେ ଜାଣ ହଂସ ସେ ଅଟେ ଜୀବାତ୍ମା ପୁରୁଷ । ୫ ।
ସକଳ ଜୀବ ଅନ୍ତରରେ ଅନ୍ତର ଆତ୍ମା ଯେ ବିହରେ । ୬ ।
ରୂପ ବା ବିନ୍ଦୁ ନାମେ ଖ୍ୟାତ ଯୋଗୀମାନଙ୍କ ଧ୍ୟାନ ତତ୍ତ୍ୱ । ୭ ।
ଅବିଦ୍ୟା ଅଟଇ ଅଜ୍ଞାନ କଜ୍ଜ୍ୱଳ ବିହୀନ ନୟନ । ୮ ।
ପରମ ବ୍ୟୋମ ପରଂବ୍ରହ୍ମ ସଚ୍ଚିଦାନନ୍ଦ ରୂପ ଘନ । ୯ ।
ପରମ ଆତ୍ମାଙ୍କୁ ବୁଝାଏ ଚତୁର୍ଦ୍ଦିଗରେ ଶୋଭା ପାଏ । ୧୦ ।

*ସୋଽହଂ ସର୍ବମୟୋ ଭୂତ୍ୱା ପରଂବ୍ରହ୍ମ ବିଲୋକୟେତ୍ ।*
*ପରାତ୍ ପରତରଂ ନାନ୍ୟତ୍ ସର୍ବମେବ ନିରାମୟମ୍ ॥ ୭୬ ॥*

***ଅନ୍ୱୟଃ :*** ସଃ ଅହଂ ସର୍ବମୟଂ ପରଂବ୍ରହ୍ମ ଭୂତ୍ୱା ପରାତ୍ ପରତରଂ ଅନ୍ୟତ୍ ନ (ଚିନ୍ତୟିତ୍ୱା) ସର୍ବମେବ ନିରାମୟମ୍ ବିଲୋକୟେତ୍ (ଅର୍ଥାତ୍ ଶାନ୍ତିଂ ଲଭେତ୍) ।

***ଅର୍ଥ :*** ସେହି ସଚ୍ଚିଦାନନ୍ଦ ପୁରୁଷ ସର୍ବଘଟରେ ଆତ୍ମସ୍ୱରୂପରେ ବିରାଜିତ । ତେଣୁ ତାଙ୍କୁ ବହୁଭାବରେ ଦର୍ଶନ କରିବା ହିଁ ଭବରୋଗ । 'ସେହି ପରଂବ୍ରହ୍ମ ଶକ୍ତି ପ୍ରାଣସ୍ପନ୍ଦନ ରୂପରେ ସ୍ଥୁଳ ସୂକ୍ଷ୍ମ ସମସ୍ତ ରୂପ ଧରି ସର୍ବତ୍ର ଲୀଳା କରୁଛନ୍ତି' - ଏହି ଭାବରେ ତନ୍ମୟ ହେଲେ, ପରିଣାମରେ ସାଧକ ନିଜକୁ ମଧ୍ୟ ସର୍ବମୟ ବୋଲି ଉପଲବ୍ଧି କରି ସର୍ବତ୍ର ସେହି ଶ୍ରେଷ୍ଠ ବ୍ରହ୍ମବସ୍ତୁ ଭିନ୍ନ ଅନ୍ୟ କିଛି ନାହିଁ - ଏହି ଜ୍ଞାନରେ ଜଗତକୁ ଦର୍ଶନ କରି ଜନ୍ମ-ମରଣ-ସଙ୍କୁଳ ଭବସାଗରରୁ ଉତ୍ତୀର୍ଣ୍ଣ ହୋଇ ଶାଶ୍ୱତ ଶାନ୍ତି ଲାଭ କରିଥାନ୍ତି ।

ସଚ୍ଚିଦାନନ୍ଦ ସେ ପୁରୁଷ    ସକଳ ଘଟରେ ପ୍ରକାଶ    । ୧ ।
ଆତ୍ମା ସ୍ୱରୂପେ ବିରାଜଇ    ଏକ ସେ ବହୁତ ନୁହଁଇ    । ୨ ।
ବହୁ ଭାବରେ ଚିନ୍ତା କଲେ    ଭବରୋଗ ତା' ଜାଣ ଭଲେ । ୩ ।
ପରମ ବ୍ରହ୍ମ ସେହି ଶକ୍ତି    ସ୍ଥୁଳ ସୂକ୍ଷ୍ମରେ ବିରାଜନ୍ତି    । ୪ ।
ପ୍ରାଣସ୍ପନ୍ଦନ ତହୁଁ ଜାତ    କରନ୍ତି ଲୀଳା ଯେ ସର୍ବତ୍ର    । ୫ ।
ଜାଣିଲେ ଏହି ଭାବ ମାନ    ତନ୍ମୟେ କରିଲେ ଧିଆନ    । ୬ ।
ଫିଟିବ ସାଧକ-ନୟନ    ଉଦେ ହୋଇବ ଦିବ୍ୟଜ୍ଞାନ    । ୭ ।
ସବୁ ସନ୍ଦେହ ହେବ ଦୂର    ଅନ୍ତର ହୋଇବ ନିର୍ମଳ    । ୮ ।

ମଣିବ ନିଜେ ସର୍ବମୟ ଅନନ୍ତ ଅବ୍ୟୟ ଅକ୍ଷୟ ।୯।
ମନରେ ହେବ ଉପଲବ୍ଧ ସକଳ ବ୍ରହ୍ମ ଯେ ଅଭେଦ ।୧୦।
ଶ୍ରେଷ୍ଠ ବସ୍ତୁ ସେ ଏକା ଅଟେ ତା ବିନୁ ଆନ ନ ପ୍ରକଟେ ।୧୧।
ଏ ଜ୍ଞାନେ ଜଗତ ଦର୍ଶନ କଲେ ଜୀବନ ହେବ ଧନ୍ୟ ।୧୨।
ଜନମ-ମରଣ ସଙ୍କୁଳ ଏ ଭବ-ସାଗର ଅକୂଳ ।୧୩।
ଏଥିରୁ ହେଲେ ପାରି ହେବ ଶାଶ୍ୱତ ଶାନ୍ତି ଯେ ଲଭିବ ।୧୪।
ହୋଇବେ ସିଦ୍ଧ ଯେ ସାଧକ ତୁଟିବ ଭୟ ଭ୍ରାନ୍ତି ଦକ ।୧୫।
ଅମା ଅନ୍ଧାର ଯିବ ଚାଲି ଅନ୍ତରେ ନବ ଶକ୍ତି ଧରି ।୧୬।
ହୋଇବ ଜୀବ ଅଗ୍ରସର ବାଧା ବିପଦ ହେବ ଦୂର ।୧୭।
ଶ୍ରୀଗୁରୁ ନେବେ ପଥ ବାହି ସକଳ ଅଶାନ୍ତି କଟାଇ ।୧୮।
ଜନମ ହୋଇବ କୃତାର୍ଥ ଦିଶିବ ମୁକତିର ପଥ ।୧୯।
ଯେ ଗୁରୁ ଦେଖାନ୍ତି ଏ ପଥ ତାଙ୍କ ଚରଣେ ମଥା ନତ ।୨୦।
କରୁଛି ସହସ୍ର ପ୍ରଣାମ ଥାଉ ତାଙ୍କରି ଧ୍ୟାନେ ମନ ।୨୧।
ଅନ୍ତରେ ବିରାଜି ସତତ କରନ୍ତୁ ତାଙ୍କ କର୍ମେ ରତ ।୨୨।
ତାଙ୍କରି ନାମ ସଦା ଘୋଷି ତାଙ୍କରି ଚିନ୍ତା ମନେ ପୋଷି ।୨୩।
ମନ-ବାସନା ମୋର ପୂରୁ ଅନ୍ତରେ ସ୍ଫୁରୁ 'ଜୟଗୁରୁ' ।୨୪।

**ଯସ୍ୟାବଲୋକନାଦେବ ସର୍ବସଙ୍ଗ-ବିବର୍ଜିତଃ ।**
**ଏକାନ୍ତନିସ୍ପୃହଃ ଶାନ୍ତସ୍ତତ୍କ୍ଷଣାତ୍ ଭବତି ପ୍ରିୟେ ॥ ୭୭ ॥**

***ଅନ୍ୱୟଃ :*** ଅୟି ପ୍ରିୟେ ! (ଶିଷ୍ୟ) ଯସ୍ୟ ଅବଲୋକନାତ୍ ସର୍ବସଙ୍ଗ ବିବର୍ଜିତଃ (ସନ୍) ଏବ ଏକାନ୍ତ ଶାନ୍ତଃ ତତ୍କ୍ଷଣାତ୍ ନିସ୍ପୃହୋ ଭବତି ।

***ଅର୍ଥ :*** ହେ ପ୍ରିୟତମେ ! ଯେତେବେଳେ ସାଧକ ଶ୍ରୀଗୁରୁଦେବଙ୍କ କୃପାରୁ ଆତ୍ମାରେ ପରମାତ୍ମ ଦର୍ଶନ କରି ସେଥିରେ ତନ୍ମୟ ହୋଇଯାନ୍ତି, ସେତେବେଳେ ସେହି ଶ୍ରୀଗୁରୁ ବ୍ରହ୍ମଙ୍କ ବ୍ୟତୀତ ଯେ ଦ୍ୱିତୀୟ ବସ୍ତୁ ନାହିଁ - ଏହା ଦର୍ଶନ କରି ସର୍ବସଙ୍ଗଶୂନ୍ୟ, ସ୍ପୃହାହୀନ ଓ ଶାନ୍ତ ହୋଇଥାନ୍ତି । ସେତେବେଳେ ଯାବତୀୟ ବସ୍ତୁରେ ବାସନାଶୂନ୍ୟ ଓ ପୁତ୍ରକଳତ୍ରାଦିଙ୍କ ପ୍ରତି ଆସକ୍ତିଶୂନ୍ୟ ହେତୁ ସାଧକ ଅନାବିଳ ନିରବଚ୍ଛିନ୍ନ ଆନନ୍ଦର ଅଧିକାରୀ ହୁଅନ୍ତି ।

ଶୁଣ ହେ ପ୍ରିୟତମେ ମୋର　ଗୁରୁଙ୍କ କୃପା ଅକୂପାର ।୧।
ପାଇ ସେ କୃପାରୁ କିଞ୍ଚିତ　ସାଧକେ ହୁଅନ୍ତି କୃତାର୍ଥ ।୨।
ଆତ୍ମାରେ ପରମାତ୍ମା ଦେଖି　ତନ୍ମୟେ ଅନ୍ତରରେ ସୁଖୀ ।୩।
ହୋଇ ସେ ବିହରେ ଆନନ୍ଦେ　ଲଭେ ସେ କାଳେ ତାଙ୍କୁ ମୋଦେ ।୪।
ଶ୍ରୀଗୁରୁ ବ୍ରହ୍ମଙ୍କ ବ୍ୟତୀତ　ଆଉ କେ ନାହିଁ ଏ ଜଗତ ।୫।
ବହୁରେ ଏକ ହୁଏ ଜ୍ଞାନ　ବ୍ରହ୍ମଙ୍କୁ କରଇ ଦର୍ଶନ ।୬।
ନିଃସଙ୍ଗ ସ୍ପୃହାହୀନ ହୁଏ　ପ୍ରଶାନ୍ତ ଭାବ ମନେ ବହେ ।୭।
ପୁତ୍ର କଳତ୍ର ଧନ ଜନ　ବାସନା-ଶୂନ୍ୟ ତାର ମନ ।୮।
ସକଳ ଆସକ୍ତି ତେଜଇ　ଆନନ୍ଦ ଅନାବିଳ ପାଇ ।୯।
ନିରବଚ୍ଛିନ୍ନ ସୁଖ ଶାନ୍ତି　ମନରେ ତାର ବିରାଜନ୍ତି ।୧୦।
ସେହିଟି ପରମ ସାଧକ　ଶ୍ରୀଗୁରୁ ଚରଣ ସେବକ ।୧୧।

*ଲବ୍‌ଧଂ ବାଥ ନ ଲବ୍‌ଧଂ ବା ସ୍ୱଳ୍ପଂ ବା ବହୁଳଂ ତଥା ।*
*ନିଷ୍କାମୈରେବ ଭୋକ୍ତବ୍ୟଂ ସଦା ସନ୍ତୁଷ୍ଟମାନସୈଃ ॥ ୭୮ ॥*

***ଅନ୍ୱୟଃ :*** ଲବ୍‌ଧଂ ବା ଅଥ ନ ଲବ୍‌ଧଂ ବା ସ୍ୱଳ୍ପମ୍ ବା ତଥା ବହୁଳଂ ବା (ସର୍ବଂ) ସଦା ସନ୍ତୁଷ୍ଟମାନସୈଃ ନିଷ୍କାମୈଃ ଏବ ଭୋକ୍ତବ୍ୟମ୍ ।

***ଅର୍ଥ :*** ଏତାଦୃଶ ଆତ୍ମଜ୍ଞାନୀ ସାଧକ କୌଣସି ବସ୍ତୁର ପ୍ରାପ୍ତି ବା ଅପ୍ରାପ୍ତି ହେତୁ ଏବଂ ପ୍ରାପ୍ତବସ୍ତୁ ଅଳ୍ପ ବା ଅଧିକ ହେଲେ ମଧ୍ୟ ସେଥିରେ ଆଦୌ ଚଞ୍ଚଳତା ପ୍ରକାଶ ନ କରି ସର୍ବଦା ସନ୍ତୁଷ୍ଟ ଚିତ୍ତରେ ନିଷ୍କାମ ଭାବରେ ବିଷୟ ଭୋଗ କରିଥାନ୍ତି ।

ଏହି ରୂପେ ଯେ ଆତ୍ମଜ୍ଞାନୀ ସାଧକ ଗୁରୁପଦ-ଧ୍ୟାନୀ । ୧ ।
କାମନା-ହୀନ ଯା'ର ମନ ପାଇଲେ ମାନ ଅପମାନ । ୨ ।
ସେଥିକୁ ନ ଥାଏ ବିଚାର ସୁଖ-ଦୁଃଖରେ ସଦା ଧୀର । ୩ ।
ଯେକାଳେ ଯାହା ଲବ୍‌ଧ ହୁଏ ତହିଁକି ଶୋଚନା ନ ଥାଏ । ୪ ।
ମିଳୁ ବା ନ ମିଳୁ ଦରବ ନ ଥାଏ ଖେଦ ବା ଗରବ । ୫ ।
ଅଳପ-ବହୁତେ ସନ୍ତୋଷ ନ ଥାଏ ମନେ ରାଗରୋଷ । ୬ ।
ସର୍ବଦା ସନ୍ତୋଷ ଚିତ୍ତରେ ଚଳଇ ଆପଣା ବିତ୍ତରେ । ୭ ।
ଇନ୍ଦ୍ରପଦ ବା ବହୁ ଧନ କି ଅବା ନନ୍ଦନ କାନନ । ୮ ।
ପ୍ରଭୁତ୍ୱ କ୍ଷମତା ବିସ୍ତାର ନ ଥାଏ ଅନ୍ତରେ ତାହାର । ୯ ।
ସେ ସିଦ୍ଧ ପୁରୁଷ ମହତ ଦୁର୍ଲ୍ଲଭ ଏ ସାରା ଜଗତ ।୧୦ ।

***ସଦାନନ୍ଦଃ ସଦାଶାନ୍ତୋ ରମତେ ଯତ୍ର କୁତ୍ରଚିତ୍ ।***
***ଯତ୍ରୈବ ତିଷ୍ଠତେ ସୋଽପି ସ ଦେଶଃ ପୁଣ୍ୟଭାଜନମ୍ ॥ ୭୯ ॥***

***ଅନ୍ୱୟଃ :*** ସଦାନନ୍ଦଃ ସଦା ଶାନ୍ତଃ (ଭୂତ୍ୱା ବ୍ରହ୍ମବିତ୍) ଯତ୍ର କୁତ୍ରଚିତ୍ ରମତେ, ଅପି (ଅପି ଚ) ଯତ୍ର ଏବ ସଃ ତିଷ୍ଠତେ (ତିଷ୍ଠତି) ସ ଦେଶଃ ଏବ ପୁଣ୍ୟଭାଜନମ୍ (ପୁଣ୍ୟସ୍ୟ ଆଧାରଃ ଭବତି) ।

***ଅର୍ଥ :*** ଏତାଦୃଶ ସଦାନନ୍ଦ ଓ ସଦାଶାନ୍ତ ସାଧକ ଯେ କୌଣସି ସ୍ଥାନରେ ସ୍ୱେଚ୍ଛାରେ ବିଚରଣ କରିପାରନ୍ତି ଏବଂ ସେ ଯେଉଁ ସ୍ଥାନରେ ଅବସ୍ଥାନ କରନ୍ତି, ସେ ସ୍ଥାନ ପୁଣ୍ୟଭୂମିର ଆଧାର ବୋଲି ଜାଣିବ । ଏ ଗୁଡ଼ିକ ହେଲା ମୁକ୍ତ ପୁରୁଷଙ୍କର ଲକ୍ଷଣ ।

ଏସନ ସାଧକ ପ୍ରବର
ସଦାନନ୍ଦ ସେ ସଦା ଧୀର ॥ ୧ ॥
ସଦା ପ୍ରଶାନ୍ତ ଜ୍ଞାନବୀର
ତାହାର ଆଚାର ବିଚାର ॥ ୨ ॥
ଜଗତ ମଙ୍ଗଳ କାରଣ
ନ ଥାଏ ଶତ୍ରୁ-ମିତ୍ର ଜ୍ଞାନ ॥ ୩ ॥
ଗରବ, ଅହଂକାର, ଦ୍ୱେଷ
ନ ଥାଏ ଅନ୍ତରରେ ଲେଶ ॥ ୪ ॥
ସେହି ସାଧକ ସିଦ୍ଧ ଜନ
ଯହିଁ କରନ୍ତି ଅବସ୍ଥାନ ॥ ୫ ॥
ସେ ସ୍ଥାନ ହୁଏ ପୁଣ୍ୟକ୍ଷେତ୍ର
ତୀର୍ଥ ସମାନ ଯେ ପବିତ୍ର ॥ ୬ ॥
ମୁକତ ପୁରୁଷ ଲକ୍ଷଣ
ଜାଣ ହେ ଏହା ସତ୍ୟ ଜାଣ ॥ ୭ ॥

***ମୁକ୍ତସ୍ୟ ଲକ୍ଷଣଂ ଦେବି ! ତବାଗ୍ରେ କଥିତଂ ମୟା ।***
***ଉପଦେଶୋ ମୟା ଦେବି ! ଗୁରୁମାର୍ଗେଣ ଦର୍ଶିତଃ ॥ ୮୦ ॥***

***ଅନ୍ୱୟଃ :*** (ହେ) ଦେବି ! ମୟା ତବ ଅଗ୍ରେ ମୁକ୍ତସ୍ୟ ଲକ୍ଷଣଂ କଥିତଂ । ଦେବି ! ଗୁରୁମାର୍ଗେଣ ଉପଦେଶଃ (ଚ) ମୟା ଦର୍ଶିତଃ ।

***ଅର୍ଥ :*** ଦେବି ! ତୁମ ନିମିତ୍ତ ମୁଁ ତୁମ ସମ୍ମୁଖରେ ମୁକ୍ତପୁରୁଷଙ୍କ ଲକ୍ଷଣସମୂହ ପ୍ରକାଶ କଲି ଏବଂ ଗୁରୁପ୍ରଦର୍ଶିତ ମାର୍ଗରେ କିପରି ଗତି କରି ଲକ୍ଷ୍ୟ ସ୍ଥଳରେ ଉପନୀତ ହେବାକୁ ପଡ଼େ, ସେ ସମ୍ବନ୍ଧୀୟ ଉପଦେଶସମୂହ ମଧ୍ୟ ବର୍ଣ୍ଣନା କଲି । ଏହା ଗୁରୁସେବା-ପଥ ଅବଲମ୍ବନକାରୀମାନଙ୍କ ପ୍ରତି ପ୍ରଯୁଜ୍ୟ ।

ହେ ଦେବି ! ତୁମେ ପୁଣ୍ୟବତୀ  ଗୁରୁତତ୍ତ୍ୱରେ ଅଛି ମତି । ୧ ।
ମୁକତ ପୁରୁଷଙ୍କ ଗୁଣ  କହୁଛି ଏବେ ତାହା ଶୁଣ । ୨ ।
ଗୁରୁଙ୍କ ପ୍ରଦର୍ଶିତ ବାଟେ  ଯେ ଜନ ଚଳେ ନିଷ୍କପଟେ । ୩ ।
ସେ ହୁଏ ମୁକ୍ତ ମହାଜ୍ଞାନୀ  ଏ ତତ୍ତ୍ୱ କହିଲି ବଖାଣି । ୪ ।
ଯେ ଜନ ଶୁଣିବ ଭକ୍ତିରେ  ମନ ରଖିବ ଗୁରୁଠାରେ । ୫ ।
ପୁଣ୍ୟ ଫଳ ସେ ପ୍ରାପ୍ତ ହେବ  ସଂଶୟ-କାଳିମା ତୁଟିବ । ୬ ।
ଗୁରୁସେବାରେ ଦେବ ମନ  ଅନ୍ତେ ଲଭିବ ଦିବ୍ୟଧାମ । ୭ ।
ଗୁରୁ ସେବକ ମହାମତି  ତାଙ୍କ ଚରଣେ ରହୁ ମତି । ୮ ।

**ଗୁରୁଭକ୍ତିସ୍ତଥା ଧ୍ୟାନଂ ସକଳଂ ତବ କୀର୍ତ୍ତିତମ୍ ।**
**ଅନେନ ଯଦ୍ ଭବେଦ୍ କାର୍ଯ୍ୟଂ ତଦ୍ ବଦାମି ମହାତପଃ ॥ ୮୧ ॥**

***ଅନ୍ୱୟଃ :*** ଗୁରୁଭକ୍ତିଃ ତଥା ଧ୍ୟାନମ୍ ତବ (ସମୀପେ) ସକଳମ୍ କୀର୍ତ୍ତିତମ୍ । ଅନେନ ଯତ୍ କାର୍ଯ୍ୟମ୍ ଭବେତ୍ ତତ୍ ମହାତପଃ ବଦାମି ।

***ଅର୍ଥ :*** ଶ୍ରୀଗୁରୁଦେବଙ୍କ ପ୍ରତି କିପରି ଭାବରେ ଭକ୍ତି କରିବାକୁ ହୁଏ ଏବଂ ଗୁରୁଧ୍ୟାନ କିପରି କରିବାକୁ ହୁଏ, ତାହା ସବୁ ତୁମ ନିକଟରେ ପ୍ରକାଶ କଲି । ଏହି ସାଧନାରେ ବ୍ରତୀ ହେଲେ ଯେଉଁ ମହାନ୍ ତପସ୍ୟା ରୂପ ଧର୍ମ ସାଧିତ ହୁଏ, ତାହା ବ୍ୟକ୍ତ କରୁଛି ଶ୍ରବଣ କର ।

ଗୁରୁଙ୍କ ପ୍ରତି କି ପ୍ରକାର
କରିବ ଶିଷ୍ୟ ବ୍ୟବହାର ॥ ୧ ॥
ସେବିବ ଶ୍ରୀଗୁରୁ-ଚରଣ
ଗୁରୁଙ୍କ ଆଦେଶ ପାଳନ ॥ ୨ ॥
ନିଷ୍ଠା ବିଶ୍ୱାସେ କେଉଁ ପରି
ଶ୍ରୀଗୁରୁ-ସେବା ମନେ ଧରି ॥ ୩ ॥
କାଟିବ ତା'ର ରାତି ଦିନ
କହିଲି ଏ ତତ୍ତ୍ୱ ବଚନ ॥ ୪ ॥
କରିଲେ ଗୁରୁ-ସେବାବ୍ରତ
କିଫଳ ହୁଅଇ ପ୍ରାପତ ॥ ୫ ॥
ବୁଝାଇ କହୁଛି ଏଥର
ହେ ଦେବି ! ଚିତ୍ତ କର ସ୍ଥିର ॥ ୬ ॥
ଚଞ୍ଚଳ ହେବ ଯେବେ ଚିତ୍ତ
ନ ହେବ ବୁଝି ଏହି ତତ୍ତ୍ୱ ॥ ୭ ॥

***ଲୋକୋପକାରକଂ ଦେବି ! ଲୌକିକଂ ତୁ ନ ଭାବୟେତ୍ ।***
***ଲୌକିକାତ୍ କର୍ମଣୋ ଯାନ୍ତି ଜ୍ଞାନହୀନାଃ ଭବାର୍ଣ୍ଣବେ ॥ ୮୨ ॥***

***ଅନ୍ୱୟଃ :*** ହେ ଦେବି ! (ତୁଭ୍ୟଂ କଥିତଂ ସର୍ବଂ) ଲୋକୋପକାରକମ୍ (ସତ୍ୟଂ) ତୁ (କିନ୍ତୁ) (ଇଦଂ) ଲୌକିକଂ ନ ଭାବୟେତ୍ । ଜ୍ଞାନହୀନାଃ ଲୌକିକାତ୍ କର୍ମଣଃ ଭବାର୍ଣ୍ଣବେ ଯାନ୍ତି ।

***ଅର୍ଥ :*** ହେ ଦେବି ! ତୁମ ନିକଟରେ ଯେଉଁ ଉପଦେଶ ବର୍ଣ୍ଣିତ ହେଲା, ତାହା ବିଶ୍ୱର ମଙ୍ଗଳକାରକ, ତେଣୁ ଅଲୌକିକ । ସୁତରାଂ ଏହାକୁ କେହି କେବେ ଲୌକିକ କଥା ବୋଲି ଭାବିବା ଉଚିତ୍ ନୁହେଁ । କାରଣ, ଯେଉଁମାନେ ଜ୍ଞାନହୀନ, ସେମାନେ କର୍ମସମୂହକୁ ଲୌକିକ କର୍ମଭାବରେ ସମ୍ପାଦନ କରି ତାହା ଶ୍ରୀଗୁରୁଦେବଙ୍କ ଲକ୍ଷ୍ୟରେ ସମ୍ପନ୍ନ ନ କରି ନିଜର ସାଂସାରିକ ଉନ୍ନତି ନିମିତ୍ତ କରୁଥିବାରୁ ଭବସାଗରରେ ନିମଗ୍ନ ହୋଇଥାନ୍ତି । ଅର୍ଥାତ୍ ଆସକ୍ତିଶୂନ୍ୟ ହୋଇ ନ ଥିବାରୁ ବାରମ୍ବାର ଏହି ଜନ୍ମମରଣଯୁକ୍ତ ସଂସାରକୁ ଯାତାୟାତ କରିଥାନ୍ତି ।

| | | |
|---|---|---|
| ହେ ଦେବି, ଗୁରୁତତ୍ତ୍ୱ କଥା | ବୁଝିବା ପାଇଁ ସମରଥା | । ୧ । |
| ଅଟନ୍ତି ଶ୍ରୀଗୁରୁ-ସେବକେ | କାହୁଁ ବୁଝିବେ ଆନ ଲୋକେ | । ୨ । |
| ଜଗତ ମଙ୍ଗଳ କାରଣ | ଶ୍ରୀଗୁରୁ-ମହାତ୍ମ୍ୟ ବର୍ଣ୍ଣନ | । ୩ । |
| କହିଲି ତୁମ ପାଶେ ଯାହା | ଜଗତେ ଦୁର୍ଲ୍ଲଭଟି ତାହା | । ୪ । |
| ବିଶ୍ୱର ଶୁଭ ପ୍ରଦାୟକ | ତେଣୁ ଅଟଇ ଅଲୌକିକ | । ୫ । |
| ନୁହଁଇ ଏହା ସାଧାରଣ | ଭକ୍ତି ବିଶ୍ୱାସ ମୂଳଧନ | । ୬ । |
| ଲୌକିକ କର୍ମ ମନେ କରି | ନିଜକୁ ସାଧକ ପ୍ରଚାରି | । ୭ । |
| ବୃଥାରେ ମନେ ବହି ଗର୍ବ | କହନ୍ତି ଜାଣି ଅଛୁ ସର୍ବ | । ୮ । |
| ଏମାନେ ସାଧକ ଅଧମ | ଚନ୍ଦ୍ର କି ଧରିବ ବାମନ ? | । ୯ । |
| ମୃଗତୃଷ୍ଣାର ପଛେ ଧାଇଁ | ତୃଷା ଆତୁରେ ହୁଏ ବାଇ | । ୧୦ । |
| ତେସନ ତାହାର ଜୀବନ | ସ୍ୱାର୍ଥ ସାଧନେ ଯା'ର ମନ | । ୧୧ । |
| ସେ କାହୁଁ ଗୁରୁଙ୍କୁ ପାଇବ | ଭବସାଗରେ ବୁଡୁଥିବ | । ୧୨ । |
| ଆସକ୍ତି-ଶୂନ୍ୟ ଯେ ନୁହନ୍ତି | ସୁଦୂର ତାଙ୍କ ମୋକ୍ଷପ୍ରାପ୍ତି | । ୧୩ । |
| ମାୟା-ମୋହରେ ଚକ୍ରସମ | ପାଏ ସେ ଜନମ ମରଣ | । ୧୪ । |
| ଥରକୁ ଥର ଆସେ ଯାଏ | କେବେ ହେଁ ମୁକତି ନ ପାଏ | । ୧୫ । |

*ଇଦନ୍ତୁ ଭକ୍ତିଭାବେନ ପଠ୍ୟତେ ଶ୍ରୂୟତେଽଥବା ।*
*ଲିଖିତ୍ୱା ବା ପ୍ରଦୀୟେତ ସର୍ବକାମଫଳପ୍ରଦମ୍ ॥ ୮୩ ॥*

***ଅନ୍ୱୟଃ :*** ଭକ୍ତିଭାବେନ (ଇଦଂ)ପଠ୍ୟତେ ଅଥବା ଶ୍ରୂୟତେ ଲିଖିତ୍ୱା ପ୍ରଦୀୟେତ (ପ୍ରଦୀୟତେ) ବା ଇଦମ୍ ସର୍ବକାମଫଳପ୍ରଦମ୍ ।

***ଅର୍ଥ :*** ଏହି ଗୁରୁଗୀତା ସ୍ତୋତ୍ର ଭକ୍ତି ସହକାରେ ପାଠ କଲେ ବା ଶ୍ରବଣ କଲେ, ଅଥବା ଏହାକୁ ଲେଖି ଭକ୍ତସମାଜରେ ପ୍ରଦାନ କଲେ, ସମସ୍ତ ମନ କାମନା ପୂର୍ଣ୍ଣ ହୋଇଥାଏ ।

ଏ ଗୁରୁଗୀତା ମହାସ୍ତୋତ୍ର
ଭକ୍ତିରେ ପାଠ କଲେ ନିତ୍ୟ ॥ ୧ ॥

ଅଥବା କରିଲେ ଶ୍ରବଣ
ଗୁରୁପଦରେ ରହେ ଧ୍ୟାନ ॥ ୨ ॥

ଭକ୍ତ ମେଳରେ ଆଲୋଚନା
କରିଲେ ହୋଇ ହୃଷ୍ଟମନା ॥ ୩ ॥

ମନ-କାମନା ହୁଏ ପୂର୍ଣ୍ଣ
ଘୁଞ୍ଚଇ ଦୁଃଖ ଶୋକ ମାନ ॥ ୪ ॥

*ଗୁରୁଗୀତାଭିଧଂ ଦେବି ଶୁଦ୍ଧଂ ତତ୍ତ୍ୱଂ ମୟୋଦିତମ୍ ।*

*ଭବବ୍ୟାଧିବିନାଶାର୍ଥଂ ସ୍ୱୟମେବ ସଦା ଜପେତ୍ ॥ ୮୪ ॥*

***ଅନ୍ୱୟଃ :*** ହେ ଦେବି ! ମୟା ଉଦିତମ୍ (କଥିତଂ) ଗୁରୁଗୀତାଭିଧମ୍ ଶୁଦ୍ଧମ୍ ତତ୍ତ୍ୱମ୍ ଭବବ୍ୟାଧିବିନାଶାର୍ଥମ୍ ସଦା ସ୍ୱୟମ୍ ଏବ ଜପେତ୍ ।

***ଅର୍ଥ :*** ହେ ଦେବି ! ମୁଁ ତୁମ ନିକଟରେ ଗୁରୁଗୀତାର ଯେଉଁ ଶୁଦ୍ଧ ତତ୍ତ୍ୱ ପ୍ରକାଶ କଲି, ତାହା ଭବରୋଗ ବିନାଶ ନିମିତ୍ତ ଶିଷ୍ୟ-ଭକ୍ତମାନେ ନିଜେ ସର୍ବଦା ଜପ କରିବା କର୍ତ୍ତବ୍ୟ ।

ଗୁରୁ ଗୀତାର ଶୁଦ୍ଧ ତତ୍ତ୍ୱ
ବୁଝାଇ କହିଲି ଯେ ମନ୍ତ୍ର ॥ ୧ ॥

ହେ ଦେବି, ଶିଷ୍ୟ-ଭକ୍ତଗଣ
ଜପ ତା କଲେ ଅନୁକ୍ଷଣ ॥ ୨ ॥

ସଂସାର-ସାଗରୁ ତରିବେ
ଗୁରୁପଦରେ ଲୀନ ହେବେ ॥ ୩ ॥

***ଗୁରୁଗୀତାକ୍ଷରୈକୈକଂ ମନ୍ତ୍ରରାଜମିଦଂ ପ୍ରିୟେ ।***
***ଅପରେ ବିବିଧାଃ ମନ୍ତ୍ରାଃ କଳାଂ ନାର୍ହନ୍ତି ଷୋଡ଼ଶୀମ୍ ॥ ୮୫ ॥***

***ଅନ୍ୱୟଃ :*** ହେ ପ୍ରିୟେ ! ଇଦମ୍ ଗୁରୁଗୀତାକ୍ଷରଂ ଏକଂ ଏକଂ ମନ୍ତ୍ରରାଜମ୍ (ଜାନୀହି) ବିବିଧାଃ ମନ୍ତ୍ରାଃ ଅପରେ ଷୋଡ଼ଶୀମ୍ କଳାଂ ନ ଅର୍ହନ୍ତି ।

***ଅର୍ଥ :*** ଏହି ଗୁରୁଗୀତାର ପ୍ରତ୍ୟେକ ଅକ୍ଷର ହିଁ ଶ୍ରେଷ୍ଠତମ ମନ୍ତ୍ର ବୋଲି ଜାଣିବ । ହେ ପ୍ରିୟେ ! ଅନ୍ୟାନ୍ୟ ମନ୍ତ୍ରସମୂହ ଏହି ମନ୍ତ୍ରର ମହିମା ତୁଳନାରେ ଷୋଡ଼ଶାଂଶରେ ଏକାଂଶ ସହିତ ମଧ୍ୟ ସମାନ ନୁହେଁ ।

ଶ୍ରୀଗୁରୁଗୀତାର ମହିମା
ଦେବେ ନ ପା'ନ୍ତି ଯାର ସୀମା ॥ ୧ ॥

ପ୍ରତି ଅକ୍ଷର ମନ୍ତ୍ର ସମ
ମଙ୍ଗଳ-ସୁଖ-ଶାନ୍ତି-ଧାମ ॥ ୨ ॥

ଆନ ଯେତେକ ମନ୍ତ୍ର ଧ୍ୟାନ
ବେଦରେ ହୋଇଛି ବର୍ଣ୍ଣନ ॥ ୩ ॥

ସେ ସବୁଠାରୁ ଏ ମହତ
ଷୋଡ଼ଶ ଗୁଣ ପରିମିତ ॥ ୪ ॥

ଶ୍ରୀଗୁରୁ-ତତ୍ତ୍ୱ ଷୋଳ କଳା
ଅନ୍ୟ ସମସ୍ତ ଏକ କଳା ॥ ୫ ॥

***ସର୍ବପାପପ୍ରଶମନଂ ସର୍ବଦାରିଦ୍ର୍ୟନାଶନମ୍ ।***
***ଅକାଲମୃତ୍ୟୁହରଣଂ ସର୍ବସଙ୍କଟନାଶନମ୍ ॥ ୮୬ ॥***

***ଅନ୍ୱୟଃ :*** (ଇଦଂ ଗୁରୁସ୍ତୋତ୍ରମ୍) ସର୍ବପାପପ୍ରଶମନମ୍, ସର୍ବ-ଦାରିଦ୍ର୍ୟନାଶନମ୍, ଅକାଲମୃତ୍ୟୁହରଣମ୍ (ତଥା) ସର୍ବସଙ୍କଟନାଶନମ୍ ଭବତି ।

***ଅର୍ଥ :*** ଏହି ଗୁରୁଗୀତା-ସ୍ତୋତ୍ର ସମସ୍ତ ପାପ ବିନାଶ କରେ, ସବୁ ପ୍ରକାର ଦାରିଦ୍ର୍ୟ ଅପସାରିତ କରେ, ଅକାଲମୃତ୍ୟୁ ନିବାରଣ କରେ ଏବଂ ସମସ୍ତ ବିପଦ ବିନାଶ କରେ ।

ପଠନେ ଗୁରୁଗୀତା ସ୍ତୋତ୍ର
ସକଳ ହୁଅଇ ପବିତ୍ର । ୧ ।

ସକଳ ପାପ-ବିମୋଚନ
ଏହାର ମହିମାଟି ଜାଣ । ୨ ।

ସର୍ବ ଦାରିଦ୍ର୍ୟ ହୁଏ ଦୂର
ଚିତ୍ତ ହୁଅଇ ଅଚଞ୍ଚଳ । ୩ ।

ଅକାଳ-ମୃତ୍ୟୁ ନିବାରଣ
ଏ ସ୍ତୋତ୍ର ଦେବି ! ଭଲେ ଜାଣ । ୪ ।

ବିପଦ କରଇ ବିନାଶ
ହୁଅଇ ଦୂର ଦୁଃଖ କ୍ଳେଶ । ୫ ।

ଶାନ୍ତି ଆନନ୍ଦ ସୁଖ ମିଳେ
ଭକ୍ତିରେ ଏହା ପାଠ କଲେ । ୬ ।

**ଯକ୍ଷରାକ୍ଷସଭୂତାନାଂ ଚୌରବ୍ୟାଘ୍ରଭୟାପହମ୍ ।**
**ମହାବ୍ୟାଧିହରଞ୍ଚୈବ ବିଭୂତିସିଦ୍ଧିଦଂ ଭବେତ୍ ॥ ୮୭ ॥**

***ଅନ୍ୱୟଃ :*** (ଇଦଂ ଗୁରୁସ୍ତୋତ୍ରମ୍) ଯକ୍ଷରାକ୍ଷସଭୂତାନାମ୍ (ଭୟନାଶନମ୍) (ତଥା) ଚୌରବ୍ୟାଘ୍ରଭୟାପହମ୍ ମହାବ୍ୟାଧିହରମ୍ ବିଭୂତିସିଦ୍ଧିଦମ୍ ଚ ଭବେତ୍ ଏବ ।

***ଅର୍ଥ :*** ଏହି ଗୁରୁଗୀତା ସ୍ତୋତ୍ର ପାଠ ଓ ସ୍ମରଣ-ମନନ କରି ତଦନୁସାରେ ପରିଚାଳିତ ହେଲେ, ସେହି ଶକ୍ତି ବଳରେ ଯକ୍ଷ, ରାକ୍ଷସ, ଭୂତ, ଚୌର ଓ ବ୍ୟାଘ୍ର ଭୟ ବିଦୂରିତ ହୁଏ ଏବଂ ମହାବ୍ୟାଧି ବିନଷ୍ଟ ହୁଏ ଓ ବିବିଧ ଐଶ୍ୱର୍ଯ୍ୟ ତଥା ସିଦ୍ଧି ଲାଭ ହୋଇଥାଏ ।

ଏ ଗୁରୁଗୀତା-ସ୍ତୋତ୍ରପାଠ
କରିଲେ ହୋଇ ଏକ-ନିଷ୍ଠ ॥ ୧ ॥
ଯକ୍ଷ, ରାକ୍ଷସ, ଭୂତ, ପ୍ରେତ
କୋପ ହୁଅଇ ବିଦୂରିତ ॥ ୨ ॥
ଚୌରଭୟ ବା ବ୍ୟାଘ୍ରଭୟ
ମନକୁ ନ କରେ ଆଶ୍ରୟ ॥ ୩ ॥
ମହାବ୍ୟାଧିରୁ ମିଳେ ତ୍ରାହି
ଅଭାବ ଦୂରକୁ ଘୁଞ୍ଚଇ ॥ ୪ ॥
ଏ ତହୁଁ ମନ ରହେ ସ୍ଥିର
ସର୍ବ ଅଶାନ୍ତି ହୁଏ ଦୂର ॥ ୫ ॥
ଗୁରୁଙ୍କ ସମ 'ଗୁରୁଗୀତା'
ଅଟଇ ସୁଖଶାନ୍ତି-ଦାତା ॥ ୬ ॥

***ମୋହନଂ ସର୍ବଭୂତାନାଂ ବନ୍ଧନେ ମୋଚକଂ ପରମ୍ ।***
***ଦେବଭୂପପ୍ରିୟକରଂ ଲୋକାନାଂ ବଶମାନୟେତ୍ ॥ ୮୮ ॥***

***ଅନ୍ୱୟଃ :*** (ଇଦଂ ଗୁରୁଗୀତା-ସ୍ତୋତ୍ରଂ) ସର୍ବଭୂତାନାମ୍ ମୋହନମ୍, ବନ୍ଧନେ (ସତି) ପରମ୍ ମୋଚକମ୍, ଦେବଭୂପପ୍ରିୟକରମ୍ ଲୋକାନାମ୍ (ସମ୍ବନ୍ଧେ) ବଶମ୍ ଆନୟେତ୍ (ଆନେତୁଂ ଶକ୍ନୋତି) ।

***ଅର୍ଥ :*** ଏହି ଗୁରୁଗୀତା-ସ୍ତୋତ୍ର ପାଠ କଲେ ସମସ୍ତ ଜୀବ ମୋହିତ ହୋଇଥାନ୍ତି । ସଂସାର-ବନ୍ଧନରୁ ଏହା ଜୀବକୁ ମୁକ୍ତି ପ୍ରଦାନ କରିଥାଏ; ଏହି ସ୍ତୋତ୍ରର ପଠନ, ସ୍ମରଣ ଓ ଅନୁଶୀଳନରେ ଦେବତା ଓ ଭୂପତିଗଣ ପ୍ରୀତି-ଚକ୍ଷୁରେ ଦର୍ଶନ କରିଥାନ୍ତି ଏବଂ ଜନଗଣ ବଶ୍ୟତା ସ୍ୱୀକାର କରିଥାନ୍ତି ।

ଏ ସ୍ତୋତ୍ର ପାଠେ ସର୍ବ ଜୀବ
ଲଭନ୍ତି ଜୀବନରେ ଶିବ ॥ ୧ ॥
ସଂସାର-ବନ୍ଧନୁ ମୁକତି
ମିଳଇ ପୁଣି ସଦଗତି ॥ ୨ ॥
ଦେବତା ହୁଅନ୍ତି ପ୍ରସନ୍ନ
ମନ-ବାସନା ହୁଏ ପୂର୍ଣ୍ଣ ॥ ୩ ॥
ରାଜଭୟ ବା ରାଜଦଣ୍ଡ
ଅନ୍ଧାରେ ଯେସନେ ମାର୍ତ୍ତଣ୍ଡ ॥ ୪ ॥
ନାଶ କରନ୍ତି, ସେହି ସମ
ସକଳ ହୁଏ ନିବାରଣ ॥ ୫ ॥

**ମୂଖସ୍ତମ୍ଭକରଂ ନୃଣାଂ ସଦ୍‌ଗୁଣାନାଂ ବିବର୍ଦ୍ଧନମ୍ ।**
**ଦୁଷ୍କର୍ମ-ନାଶନଞ୍ଚୈବ ସତ୍‌କର୍ମସିଦ୍ଧିଦଂ ଭବେତ୍ ॥ ୮୯ ॥**

***ଅନ୍ୱୟଃ :*** (ଇଦଂ) ନୃଣାମ୍ ମୂଖସ୍ତମ୍ଭକରମ୍, ସଦ୍‌ଗୁଣାନାମ୍ ବିବର୍ଦ୍ଧନମ୍, ଦୁଷ୍କର୍ମନାଶନମ୍, ସତ୍‌କର୍ମସିଦ୍ଧିଦମ୍ ଚ ଭବେତ୍ ଏବ ।

***ଅର୍ଥ :*** ଏହି ଗୁରୁଗୀତା ପଠନ ଓ ଅନୁଶୀଳନ କଲେ ସମସ୍ତ ସଦ୍‌ଗୁଣ ବୃଦ୍ଧିପ୍ରାପ୍ତ ହୁଏ । ଏହା ମନୁଷ୍ୟମାନଙ୍କ ବାକ୍‌ଶକ୍ତି ପ୍ରତିହତ କରେ ଏବଂ ସମସ୍ତ ଦୁଷ୍କର୍ମ ବିନାଶ କରି ସତ୍‌କର୍ମସାଧନରେ ପ୍ରେରଣା ପ୍ରଦାନ କରେ ।

ଏ ଗୀତା ପଠନ ପାଠନେ
ଅନୁଶୀଳନ କଲେ ମନେ ॥ ୧ ॥

ଅନ୍ତର ହୁଏ ଶୁଦ୍ଧ ପୂତ
ବଢ଼ଇ ସଦ୍‌ଗୁଣ ସମସ୍ତ ॥ ୨ ॥

ଚିତ୍ତେ ଉପୁଜେ ଦିବ୍ୟ ଜ୍ଞାନ
ଜଗତେ ମିଳଇ ସମ୍ମାନ ॥ ୩ ॥

ସରସ୍ୱତୀଙ୍କ ଦୟା ମିଳେ
ପଣ୍ଡିତ ବୋଲାଏ ମହୀରେ ॥ ୪ ॥

ଲକ୍ଷ୍ମୀ-କରୁଣା ବୃଦ୍ଧି ପାଏ
ଅନ୍ତିମେ ବଇକୁଣ୍ଠ ଯାଏ ॥ ୫ ॥

**ଭକ୍ତିଦଂ ସର୍ବସିଦ୍ଧିଦଂ ନବଗ୍ରହଭୟାପହମ୍ ।**
**ଦୁସ୍ୱପ୍ନନାଶନଞ୍ଚୈବ ସୁସ୍ୱପ୍ନାନାଂ ପ୍ରଦର୍ଶକମ୍ ॥ ୯୦ ॥**

***ଅନ୍ୱୟଃ :*** (ଇଦଂ ଭକ୍ତିପୂର୍ବକଂ ପଠନଂ) ଭକ୍ତିଦଂ ସର୍ବସିଦ୍ଧିଦଂ ନବଗ୍ରହ-ଭୟାପହଂ ଦୁଃସ୍ୱପ୍ନନାଶନଂ ଚ ଏବ ସତି ସୁସ୍ୱପ୍ନାନାଂ ପ୍ରଦର୍ଶକଂ ଭବନ୍ତି ।

***ଅର୍ଥ :*** ଏହି ଗୁରୁଗୀତା ପଠନ ସ୍ମରଣ କଲେ ସାଧକଙ୍କ ହୃଦୟରେ ଭକ୍ତିର ଆବିର୍ଭାବ ହୁଏ । ଏହା ସର୍ବସିଦ୍ଧି ଅର୍ଥାତ୍ ଅଣିମା ଲଘିମାଦି ଅଷ୍ଟସିଦ୍ଧି ପ୍ରଦାନ କରିଥାଏ । ଏହା ପାଠ କଲେ ନବଗ୍ରହଙ୍କର କୁଦୃଷ୍ଟିଜନିତ ଭୟ ବିଦୂରିତ ହୁଏ ଏବଂ ଦୁଃସ୍ୱପ୍ନ ଅର୍ଥାତ୍ ଚିତ୍ତଚଞ୍ଚଳକାରୀ ଅବାଞ୍ଛିତ ସ୍ୱପ୍ନସମୂହ ଦୂର ହୋଇ ସୁସ୍ୱପ୍ନ ଅର୍ଥାତ୍ ବିବିଧ ଅଲୌକିକ ଆନନ୍ଦଦାୟକ ସ୍ୱପ୍ନ ପ୍ରଦର୍ଶନ ପୂର୍ବକ ସାଧକଙ୍କୁ ଲକ୍ଷ୍ୟ-ପଥରେ ଅଗ୍ରସର କରାଇ ନିଏ ।

ନିଷ୍ଠା ବିଶ୍ୱାସ ଭକ୍ତି ବଳେ
ଏ ଗୁରୁଗୀତା ପାଠ କଲେ ॥ ୧ ॥
ସାଧକ ମନେ ବଢ଼େ ଭକ୍ତି
ଆବର ସାଧନ-ଶକତି ॥ ୨ ॥
ପ୍ରାପ୍ତ କରାଏ ଅଷ୍ଟସିଦ୍ଧି
ଅଣିମା, ଲଘିମା ଯେ ଆଦି ॥ ୩ ॥
ନବଗ୍ରହଙ୍କ ବକ୍ର ଦୃଷ୍ଟି
ଖଣ୍ଡନ ହୁଅଇ ଅରିଷ୍ଟି ॥ ୪ ॥
ଦୁଃଶ୍ଚିନ୍ତା ଦୁଃସ୍ୱପ୍ନ ଘୁଞ୍ଚଇ
ଆଳସ୍ୟ ଯାଏ ଦୂର ହୋଇ ॥ ୫ ॥
ସାଧନ-ପଥେ ଅଗ୍ରସର
ସାଧକ ହୁଏ ନିରନ୍ତର ॥ ୬ ॥

**ସର୍ବଶାନ୍ତିକରଂ ନିତ୍ୟଂ ବନ୍ଧ୍ୟାପୁତ୍ରଫଳପ୍ରଦମ୍ ।**
**ଅବୈଧବ୍ୟକରଂ ସ୍ତ୍ରୀଣାଂ ସୌଭାଗ୍ୟଦାୟକଂ ପରମ୍ ॥ ୯୧ ॥**

***ଅନ୍ୱୟଃ :*** (ଇଦଂ) ନିତ୍ୟମ୍ ସର୍ବଶାନ୍ତିକରଂ, ବନ୍ଧ୍ୟାପୁତ୍ରଫଳପ୍ରଦଂ, ସ୍ତ୍ରୀଣାଂ ଅବୈଧବ୍ୟକରଂ, ପରମ୍ ସୌଭାଗ୍ୟଦାୟକମ୍ ।

***ଅର୍ଥ :*** ଏହି ଗୁରୁଗୀତା ପାଠ କଲେ ହୃଦୟରେ ଅଖଣ୍ଡ ଶାନ୍ତି ବିରାଜିତ ହୁଏ; ଏହାର ସ୍ମରଣ ଓ ଅନୁଶୀଳନ କଲେ ବନ୍ଧ୍ୟାନାରୀ ମଧ୍ୟ ସନ୍ତାନ-ବାତ୍ସଲ୍ୟ ରୂପ ମାତୃତ୍ୱରେ ପ୍ରତିଷ୍ଠିତା ହୋଇଥାନ୍ତି ଏବଂ ସ୍ତ୍ରୀଲୋକମାନେ ବୈଧବ୍ୟଦୁଃଖରୁ ନିସ୍ତାର ଲାଭ କରି ଶ୍ରେଷ୍ଠତମ ସୌଭାଗ୍ୟର ଅଧିକାରିଣୀ ହୋଇଥାନ୍ତି ।

ଏ ଗୁରୁଗୀତାର ପଠନେ
ଅଖଣ୍ଡ ଶାନ୍ତି ଜାତ ମନେ ॥ ୧ ॥

ଅପୁତ୍ରିକର ପୁତ୍ରପ୍ରାପ୍ତି
ନିର୍ଦ୍ଧନ ଲଭଇ ସଂପତ୍ତି ॥ ୨ ॥

ମାତୃତ୍ୱକାମୀ ବନ୍ଧ୍ୟା ନାରୀ
ଏ ଗୀତାତତ୍ତ୍ୱ ଅନୁସରି ॥ ୩ ॥

ନିଷ୍ଠାର ସହ କଲେ ଧ୍ୟାନ
ଲଭଇ ସୁଯୋଗ୍ୟ ସନ୍ତାନ ॥ ୪ ॥

ବୈଧବ୍ୟ-ଦୋଷ ନ ଲାଗଇ
ହେ ଦେବି ! ସତ୍ୟ ସତ୍ୟ ଏହି ॥ ୫ ॥

***ଆୟୁରାରୋଗ୍ୟମୈଶ୍ୱର୍ଯ୍ୟଂ ପୁତ୍ରପୌତ୍ରାଦିବର୍ଦ୍ଧକମ୍ ।***
***ନିଷ୍କାମତସ୍ତ୍ରିବାରଂ ବା ଜପନ୍ମୋକ୍ଷମବାପ୍ନୁୟାତ୍ ॥ ୯୨ ॥***

***ଅନ୍ୱୟଃ :*** (ଇଦଂ) ଆୟୁଃ, ଆରୋଗ୍ୟମ୍, ଐଶ୍ୱର୍ଯ୍ୟମ୍ (ଦଦାତି, ତଥା) ପୁତ୍ରପୌତ୍ରାଦିବର୍ଦ୍ଧକମ୍ ବା ନିଷ୍କାମତଃ ତ୍ରିବାରମ୍ ଜପନ୍ (ସାଧକଃ) ମୋକ୍ଷମ୍ ଅବାପ୍ନୁୟାତ୍ (ପ୍ରାପ୍ତୁଂ ଶକ୍ନୋତି) ।

***ଅର୍ଥ :*** ଏହି ଗୁରୁଗୀତା ପାଠ କଲେ, ସ୍ମରଣ ମନନ ଓ ଅନୁଶୀଳନ କଲେ ଆୟୁ ବୃଦ୍ଧି ହୁଏ, ଆରୋଗ୍ୟ ଓ ଷଡ଼୍‌ଐଶ୍ୱର୍ଯ୍ୟ ପ୍ରାପ୍ତି ଘଟେ । ଏହା ପୁତ୍ରପୌତ୍ରାଦି ବର୍ଦ୍ଧନ କରେ ଅର୍ଥାତ୍ ହୃଦୟରେ ଆତ୍ମଜ-ବାତ୍ସଲ୍ୟ ଜାଗ୍ରତ ହୋଇ ବିଶ୍ୱରୂପୀ ନାରାୟଣଙ୍କ ପ୍ରତି ତଦ୍ରୂପ ସ୍ନେହ-ଶ୍ରଦ୍ଧାର ବିକାଶ କରିଥାଏ । ମୋକ୍ଷାର୍ଥୀସାଧକମାନେ ତ୍ରିସନ୍ଧ୍ୟାରେ ଏହାକୁ ତ୍ରିବାର ଜପ କଲେ ମୋକ୍ଷଭାଗୀ ହୋଇଥାନ୍ତି ।

| | | |
|---|---|---|
| ପଠନ ସ୍ମରଣ ମନନ | ଅନୁଶୀଳନ ଅନୁଦିନ | । ୧ । |
| କଲେ ଏ ଗୁରୁଗୀତା-ତତ୍ତ୍ୱ | ଅବଶ୍ୟ ବଢ଼ିବ ମହତ୍ତ୍ୱ | । ୨ । |
| ଆୟୁଷ ହୋଇବ ବର୍ଦ୍ଧିତ | ମନ ଓ ଦେହ ହେବ ସୁସ୍ଥ | । ୩ । |
| ଷଡ଼ ଐଶ୍ୱର୍ଯ୍ୟ ପ୍ରାପ୍ତି ଘଟେ | ଚିତ୍ତରେ ପୁଲକ ପ୍ରକଟେ | । ୪ । |
| ବଢ଼ଇ ଗୋପ, ଧନ, ଜନ | ସୁପୁତ୍ର ହୁଅନ୍ତି ଜନମ | । ୫ । |
| ସ୍ୱର୍ଗ ବିରାଜେ ମର୍ତ୍ତ୍ୟ ପୁରେ | ଚିନ୍ତା-କାଳିମା ଯାଏ ଦୂରେ | । ୬ । |
| ବ୍ରହ୍ମାଣ୍ଡ ବ୍ୟାପୀ ନାରାୟଣ | ଚରଣ ହୁଅଇ ଦର୍ଶନ | । ୭ । |
| ମୋକ୍ଷାର୍ଥୀ ସାଧକ ଅନ୍ତରେ | ତିନି ସନ୍ଧ୍ୟାରେ ଜପ କଲେ | । ୮ । |
| ଶ୍ରୀଗୁରୁଗୀତା-ତତ୍ତ୍ୱମାନ | ତ୍ରିବାର କରିଲେ ପଠନ | । ୯ । |
| ପାଇବେ ସେହି ମୋକ୍ଷଧାମ | ପୂରଣ ହେବ ମନସ୍କାମ | ।୧୦ । |

**ସର୍ବଦୁଃଖଭୟଂ ବିଘ୍ନଂ ନାଶୟେତ୍ତାପହାରକମ୍ ।**
**ସର୍ବବାଧାପ୍ରଶମନଂ ଧର୍ମାର୍ଥକାମମୋକ୍ଷଦମ୍ ॥ ୯୩ ॥**

***ଅନ୍ୱୟଃ :*** (ଇଦଂ) ତାପହାରକମ୍ ସର୍ବବାଧାପ୍ରଶମନମ୍ ଧର୍ମ-କାମାର୍ଥ-ମୋକ୍ଷଦମ୍ (ଇଦଂ ଗୁରୁଗୀତା-ସ୍ତୋତ୍ରଂ) ସର୍ବଦୁଃଖଭୟଂ ବିଘ୍ନଂ ନାଶୟେତ୍ ।

***ଅର୍ଥ :*** ଏହି ଗୁରୁଗୀତା ପାଠ ଓ ଅନୁଶୀଳନ କଲେ, ସମସ୍ତ ପ୍ରକାର ଦୁଃଖ, ଭୟ ଓ ବିଘ୍ନ ବିନାଶପ୍ରାପ୍ତ ହୁଏ, ଆଧିଭୌତିକ, ଆଧିଦୈବିକ ଓ ଆଧ୍ୟାତ୍ମିକ ତାପ ଦୂର ହୁଏ, ସମସ୍ତ ବାଧାବିପତ୍ତି ପ୍ରଶମିତ ହୁଏ ଏବଂ ଧର୍ମ, ଅର୍ଥ, କାମ ଓ ମୋକ୍ଷ - ଏହି ଚତୁର୍ବର୍ଗ ଲାଭ ହୋଇଥାଏ ।

ହେ ଦେବି, ଗୁରୁଗୀତା ତତ୍ତ୍ୱ
ବିଶ୍ୱାସୀ ଜନଙ୍କୁ ଅମୃତ ॥ ୧ ॥
ରଖିପାରିଲେ ତହିଁ ଲୟ
ତୁଟଇ ମନୁ ଭ୍ରାନ୍ତି ଭୟ ॥ ୨ ॥
ଆଧିଭୌତିକ, ଆଧ୍ୟାତ୍ମିକ
ଆଧିଦୈବିକ ବିନାଶକ ॥ ୩ ॥
ଅଟଇ ଏହି ଗୁରୁଗୀତା
ତାରଇ ଶ୍ରୋତା ଯେ ବକତା ॥ ୪ ॥
ଧରମ, ଅର୍ଥ, କାମ, ମୋକ୍ଷ
ମିଳଇ ଚତୁର୍ବର୍ଗ ଲକ୍ଷ୍ୟ ॥ ୫ ॥
ଏ ଗୁରୁଗୀତାର ପ୍ରଭାବ
ଜଗତେ ଅଟଇ ଦୁର୍ଲ୍ଲଭ ॥ ୬ ॥
କାମନା ହୁଅଇ ପୂରଣ
ପଳାଏ ଭେଦ-ବାଦ-ଜ୍ଞାନ ॥ ୭ ॥

*ଯଂ ଯଂ ଚିନ୍ତୟତେ କାମଂ ତଂ ତମାପ୍ନୋତି ନିଶ୍ଚିତମ୍ ।*
*କାମିନାଂ କାମଧେନୁଞ୍ଚ କଳ୍ପିତସ୍ୟ ସୁରଦ୍ରୁମମ୍ ॥ ୯୪ ॥*

***ଅନ୍ୱୟଃ :*** (ସାଧକଃ) ଯଂ ଯଂ କାମଂ ଚିନ୍ତୟତେ (ଚିନ୍ତୟତି) ତମ୍ ତମ୍ ନିଶ୍ଚିତମ୍ ଆପ୍ନୋତି । (ଇଦଂ ସ୍ତୋତ୍ରଂ) କାମିନାମ୍ କାମଧେନୁମ୍ ଚ କଳ୍ପିତସ୍ୟ ସୁରଦ୍ରୁମମ୍ ( କଳ୍ପବୃକ୍ଷଂ ଜାନୀୟାତ୍) ।

***ଅର୍ଥ :*** ଏହି ଗୁରୁଗୀତା ପାଠ କରି ଯାହା କାମନା କରାଯାଏ, ତାହା ନିଶ୍ଚିତ ଭାବରେ ଲାଭ ହୋଇଥାଏ । ଯେଣୁ ଏହା ସକାମ ଉପାସକମାନଙ୍କ ପକ୍ଷରେ କାମଧେନୁ ଓ ସଂକଳ୍ପକାରୀଙ୍କ ପକ୍ଷରେ କଳ୍ପତରୁ ସଦୃଶ ଫଳ ଦାୟକ ।

ସକାମ-ଉପାସକଗଣ
ପଠନେ ଗୁରୁଗୀତା ଜାଣ ॥ ୧ ॥

ପୂରଇ ସକଳ କାମନା
ହୁଅନ୍ତି ସଦା ହୃଷ୍ଟମନା ॥ ୨ ॥

କାମଧେନୁର ସମ ଏହି
ସାଧକ ଜନ ବର-ଦାୟୀ ॥ ୩ ॥

ସଂକଳ୍ପକାରୀର ମନରେ
କଳ୍ପତରୁର କାମ କରେ ॥ ୪ ॥

ଚିନ୍ତା ବାସନା ଇଚ୍ଛା ଯାହା
ଅବଶ୍ୟ ପାଇବଟି ତାହା ॥ ୫ ॥

**ଚିନ୍ତାମଣିଂ ଚିନ୍ତିତସ୍ୟ ସର୍ବମଙ୍ଗଳକାରକମ୍ ।**
**ଜପେଚ୍ଛାକ୍ତଶ୍ଚ ଶୈବଶ୍ଚ ଗାଣପତ୍ୟଶ୍ଚ ବୈଷ୍ଣବଃ ॥**
**ସୌରଶ୍ଚ ସିଦ୍ଧିଦଂ ଦେବି ! ଧର୍ମାର୍ଥକାମମୋକ୍ଷଦମ୍ ॥ ୯୫ ॥**

***ଅନ୍ୱୟଃ :*** (ହେ) ଦେବି ! (ଇଦଂ ସ୍ତୋତ୍ରଂ) ଚିନ୍ତିତସ୍ୟ ଚିନ୍ତାମଣିମ୍, ସର୍ବମଙ୍ଗଳକାରକମ୍, ସିଦ୍ଧିଦମ୍, ଧର୍ମକାମାର୍ଥମୋକ୍ଷଦମ୍ (ଇଦଂ ସ୍ତୋତ୍ରଂ) ଶାକ୍ତଃ ଚ ଶୈବଃ ଚ ଗାଣପତ୍ୟଃ ଚ ବୈଷ୍ଣବଃ ସୌରଃ ଚ ଜପେତ୍ ।

***ଅର୍ଥ :*** ଏହି ଗୀତାସ୍ତୋତ୍ର-ଆଲୋଚନାକାରୀ ଯେଉଁ ଚିନ୍ତାରେ ଚିନ୍ତିତ ହୁଅନ୍ତି, ଚିନ୍ତାମଣି ସ୍ୱରୂପ ଏହି ଗୀତା ତାଙ୍କର ଚିନ୍ତା ହରଣ କରି ସମ୍ୟକ୍ ହିତ ସାଧନ କରିଥାଏ । ଶୈବ, ଗାଣପତ୍ୟ, ସୌର ଅଥବା ବୈଷ୍ଣବ ଯେ ଯେଉଁ ମତ ଓ ଯେଉଁ ପଥର ସାଧକ ହୁଅନ୍ତୁ ପଛକେ, ସେମାନେ ଏହି ଧର୍ମ, ଅର୍ଥ, କାମ ମୋକ୍ଷାଦି ଚତୁର୍ବର୍ଗ ପ୍ରଦାୟକ ଶ୍ରୀଗୁରୁଗୀତା-ସ୍ତୋତ୍ର ନିତ୍ୟ ଜପ କରିବା ବିଧେୟ ।

ଏ ଗୀତାସ୍ତୋତ୍ର ଆଲୋଚକ ଅନ୍ତରେ ବିରାଜେ ବିବେକ । ୧ ।
ଯେ ଚିନ୍ତା ଉଦିତ ମନରେ ପୂରଇ ଗୀତା ପଠନରେ । ୨ ।
ସାକ୍ଷାତ ଚିନ୍ତାମଣି ଗୀତା ଚିନ୍ତାର୍ଥୀ ଜନଙ୍କର ଭ୍ରାତା । ୩ ।
ଶଇବ, ସୌର, ଗାଣପତ୍ୟ ଯାହାର ଅଟେ ଯେଉଁ ମତ । ୪ ।
ଅଥବା ବୈଷ୍ଣବ ମତରେ ସାଧକ ମନ ଯେ ପଥରେ । ୫ ।
ସେ ପଥ ହୁଅଇ ସରଳ ଏ ଗୀତା ପଠନର ଫଳ । ୬ ।
ପାଏ ସାଧକ ଅବହେଳେ ତେଣୁ ହେ ଦେବି, ଯେ ପଥରେ । ୭ ।
କରନ୍ତୁ ଗମନ ସାଧକ ଏ ଅଟେ ପଥ ପ୍ରଦର୍ଶକ । ୮ ।
ଶ୍ରୀଗୁରୁଗୀତା ପଠନରେ କରିଲେ ଧ୍ୟାନ ବିଶ୍ୱାସରେ । ୯ ।
ସିଦ୍ଧି ହୋଇବ ହସ୍ତଗତ ଚତୁର୍ମୋକ୍ଷ ହୋଇବ ପ୍ରାପ୍ତ ।୧୦।

**ସଂସାର-ମଳନାଶାର୍ଥଂ ଭବତାପନିବୃତ୍ତୟେ ।**
**ଗୁରୁଗୀତାମ୍ଭସି ସ୍ନାନଂ ତତ୍ତ୍ୱଜ୍ଞଃ କୁରୁତେ ସଦା ॥ ୯୬ ॥**

***ଅନ୍ୱୟଃ :*** ତତ୍ତ୍ୱଜ୍ଞଃ ସଂସାରମଳନାଶାର୍ଥମ୍ ଭବତାପନିବୃତ୍ତୟେ ସଦା ଗୁରୁଗୀତାମ୍ଭସି ସ୍ନାନମ୍ କୁରୁତେ ।

***ଅର୍ଥ :*** ସଂସାରର ମାଳିନ୍ୟନାଶ ଓ ତାପନିବୃତ୍ତି ନିମିତ୍ତ ତତ୍ତ୍ୱଜ୍ଞାନ-ପରାୟଣ ବ୍ୟକ୍ତିମାନେ ଶ୍ରୀଗୁରୁଗୀତା ରୂପ ସର୍ବଶାନ୍ତିକର ଜଳରେ ସ୍ନାନ କରିଥାନ୍ତି । ତଦ୍ୱାରା ଜୀବଜଗତର ମଧ୍ୟ ଦୁଃଖ-ମାଳିନ୍ୟ ବିଦୂରିତ ହୋଇଥାଏ ।

ସଂସାରେ ଯେତେ ମଳିନତା
ବିନାଶ ପାଇଁ ଗୁରୁଗୀତା ॥ ୧ ॥

ସାଧକେ କରିଲେ ପଠନ
ହୋଇବେ ପ୍ରଫୁଲ୍ଲିତ ମନ ॥ ୨ ॥

ବୁଝିଲେ ଗୁରୁଗୀତା-ତତ୍ତ୍ୱ
ହୋଇବ ତ୍ରିତାପ ନିବୃତ୍ତ ॥ ୩ ॥

କାମନା ଯାର ତତ୍ତ୍ୱଜ୍ଞାନ
ଶ୍ରୀଗୁରୁଗୀତା ପାରାୟଣ ॥ ୪ ॥

ନିଷ୍ଠାର ସହ ସେହି କଲେ
ଲଭଇ ତତ୍ତ୍ୱଜ୍ଞାନ ହେଲେ ॥ ୫ ॥

ଶ୍ରୀଗୁରୁଗୀତା ଶାନ୍ତି-ଜଳ
କରଇ ମନକୁ ଶୀତଳ ॥ ୬ ॥

***ସ ଏବ ସଦ୍‌ଗୁରୁର୍ଯଃ ସ୍ୟାତ୍ ସଦସଦ୍‌ବ୍ରହ୍ମବିତ୍ତମଃ ।***
***ତସ୍ୟ ସ୍ଥାନାନି ସର୍ବାଣି ପବିତ୍ରାଣି ନ ସଂଶୟଃ ॥ ୯୭ ॥***

***ଅନ୍ୱୟଃ :*** ଯଃ ସତ୍-ଅସତ୍ ବ୍ରହ୍ମବିତ୍ତମଃ ସ୍ୟାତ୍ ସ ଏବ ସଦ୍‌ଗୁରୁଃ । ତସ୍ୟ ସର୍ବାଣି ସ୍ଥାନାନି ପବିତ୍ରାଣି (ଅତ୍ର) ସଂଶୟଃ ନ (ଅସ୍ତି) ।

***ଅର୍ଥ :*** ଯେଉଁ ମହାପୁରୁଷ ନିତ୍ୟାନିତ୍ୟ ଭେଦରେ ବ୍ରହ୍ମତତ୍ତ୍ୱ ଅବଗତ ଅଛନ୍ତି, ଅର୍ଥାତ୍ ଯେ ବ୍ରହ୍ମଙ୍କର ସଗୁଣ-ନିର୍ଗୁଣ ଉଭୟବିଧ ସ୍ୱରୂପ ସାକ୍ଷାତ୍କାର ଲାଭ କରି ବ୍ରହ୍ମଭାବରେ ଆରୂଢ଼, ସେହି ସର୍ବଲୋକଗୁରୁ ସଦ୍‌ଗୁରୁ ନାମରେ ଅଭିହିତ । ସେ ସର୍ବତ୍ର ସର୍ବ ବସ୍ତୁରେ ବ୍ରହ୍ମଦର୍ଶନ କରିଥାନ୍ତି; ତେଣୁ ତାଙ୍କର ଅଧିଷ୍ଠାନ କ୍ଷେତ୍ର ତଥା ସେ ଯେଉଁ ଯେଉଁ ସ୍ଥାନରେ ପଦାର୍ପଣ କରନ୍ତି, ସେ ସ୍ଥାନ ନିଶ୍ଚୟ ପବିତ୍ର ହୁଏ, ଏଥିରେ ସଂଶୟର ଅବକାଶ ନାହିଁ ।

ସଗୁଣ-ନିର୍ଗୁଣ ଜଡ଼ିତ
ବ୍ରହ୍ମତତ୍ତ୍ୱ ଯେ ଅବଗତ ॥ ୧ ॥
ବ୍ରହ୍ମ ଭାବରେ ଯେ ଆରୂଢ଼
ରହନ୍ତି ଆଦର୍ଶରେ ଦୃଢ଼ ॥ ୨ ॥
ସର୍ବ ଲୋକରେ ଗୁରୁ ସେହି
ସଦ୍‌ଗୁରୁ ଆଖ୍ୟା ତାଙ୍କୁ ଦେଇ ॥ ୩ ॥
ପୂଜିବ ଭକ୍ତିରେ ଚରଣ
ମୁକ୍ତିର ହୋଇବ କାରଣ ॥ ୪ ॥
ସର୍ବତ୍ର ସକଳ ବସ୍ତୁରେ
ବ୍ରହ୍ମ ଦର୍ଶନ ତାଙ୍କୁ ମିଳେ ॥ ୫ ॥
ତାହାଙ୍କ ଅଧିଷ୍ଠାନ କ୍ଷେତ୍ର
ସର୍ବତ୍ର ଅଟଇ ପବିତ୍ର ॥ ୬ ॥
ଏଥିରେ ସଂଶୟ ନ କରି
ହୋଇବ ତାଙ୍କ ସେବାକାରୀ ॥ ୭ ॥

**ସ ଦେଶଃ ଶୁଦ୍ଧୋ ଯତ୍ରାସୌ ଗୀତା ତିଷ୍ଠତି ଦୁର୍ଲ୍ଲଭା ।**
**ତତ୍ର ଦେବଗଣାଃ ସର୍ବେ କ୍ଷେତ୍ରପୀଠେ ବସନ୍ତି ହି ॥ ୯୮ ॥**

***ଅନ୍ୱୟଃ :*** ଯତ୍ର ଅସୌ ଦୁର୍ଲ୍ଲଭା ଗୀତା ତିଷ୍ଠତି; ସଃ ଦେଶଃ ଶୁଦ୍ଧଃ । ତତ୍ର କ୍ଷେତ୍ରପୀଠେ ସର୍ବେ ଦେବଗଣାଃ ବସନ୍ତି ହି ।

***ଅର୍ଥ :*** ଏହି ଦୁର୍ଲ୍ଲଭ ଗୁରୁଗୀତା ଶାସ୍ତ୍ର, ଯେଉଁଥିରେ ଚରମ ଓ ପରମ ତତ୍ତ୍ୱ ଶ୍ରୀଗୁରୁଦେବଙ୍କ ମହିମା କୀର୍ତ୍ତିତ ହୋଇଅଛି; ସେହି ଶାସ୍ତ୍ର ଯେଉଁ ଦେଶରେ ଅନୁଶୀଳନ ମାଧ୍ୟମରେ ପ୍ରଚାରିତ ହୋଇଥାଏ, ସେ ଦେଶ ଓ ସେ ଦେଶବାସୀ ଶୁଦ୍ଧ ପବିତ୍ର ହୃଦୟର ଅଧିକାରୀ ହୋଇଥାନ୍ତି । ସେହି ଦେଶ ତୀର୍ଥ ବା କ୍ଷେତ୍ର ମଧ୍ୟରେ ଗଣ୍ୟ । ସେହି ପୀଠରେ ଦେବତାମାନେ ଅଧିଷ୍ଠିତ ଥାନ୍ତି, ଅର୍ଥାତ୍ ସମସ୍ତ ଶକ୍ତି, ଶୀଳ, ଜ୍ଞାନ, ଭକ୍ତି ସେଠାରେ ବିରାଜମାନ କରେ ।

ଦୁର୍ଲ୍ଲଭ ଗୁରୁଗୀତା ଶାସ୍ତ୍ର — ଏଥେ କୀର୍ତ୍ତିତ ଗୁରୁତତ୍ତ୍ୱ ॥ ୧ ॥
ଚରମ ପରମ ସାଧନ — ଶ୍ରୀଗୁରୁ-ନାମ ସଂକୀର୍ତ୍ତନ ॥ ୨ ॥
ଯେଉଁ ସ୍ଥାନରେ ଯେଉଁ କାଳେ — ଏ ତତ୍ତ୍ୱ ଆଲୋଚନା କଲେ ॥ ୩ ॥
ସେ ସ୍ଥାନ ହୁଅଇ ପବିତ୍ର — ଲୋକେ ହୁଅନ୍ତି ଶୁଦ୍ଧ ଚିତ୍ତ ॥ ୪ ॥
ଅଟେ ସେ ସ୍ଥାନ ତୀର୍ଥକ୍ଷେତ୍ର — ସର୍ବ ଦେବତା ଅଧିଷ୍ଠିତ ॥ ୫ ॥
ବିରାଜେ ନନ୍ଦନ କାନନ — ସତତ ମଳୟ ପବନ ॥ ୬ ॥
ସେଠାରେ ହୁଏ ପ୍ରବାହିତ — ବୁଦ୍ଧି-ବିବେକ-ଜ୍ଞାନବନ୍ତ ॥ ୭ ॥
ହୁଅନ୍ତି ଅଧିବାସୀଗଣ — ଉପୁଜେ ଦୟାଭକ୍ତି ଜ୍ଞାନ ॥ ୮ ॥

***ଶୁଚିରେବ ସଦାଜ୍ଞାନୀ ଗୁରୁଗୀତାଜପେନ ତୁ ।***
***ତସ୍ୟ ଦର୍ଶନମାତ୍ରେଣ ପୁନର୍ଜନ୍ମ ନ ବିଦ୍ୟତେ ॥ ୯୯ ॥***

***ଅନ୍ୱୟଃ :*** ଗୁରୁଗୀତାଜପେନ ତୁ (ସାଧକଃ) ସଦା ଶୁଚିଃ ଜ୍ଞାନୀ ଏବ (ଭବତି) ତସ୍ୟ ଦର୍ଶନମାତ୍ରେଣ ପୁନଃ ଜନ୍ମ ନ ବିଦ୍ୟତେ ।

***ଅର୍ଥ :*** ଯେଉଁ ବ୍ୟକ୍ତି ଗୁରୁଗୀତା ଜପ କରନ୍ତି, ଅର୍ଥାତ୍ ଏହି ଗୀତାର୍ଥ ହୃଦୟରେ ଉପଲବ୍ଧି କରି ଶ୍ରୀଗୁରୁଦେବଙ୍କ ସେବାରେ ଦେହ, ମନ, ପ୍ରାଣ ଉତ୍ସର୍ଗ କରି ଶାଶ୍ୱତ ଜ୍ଞାନର ଅଧିକାରୀ ହୋଇଥାନ୍ତି, ସେହି ଜ୍ଞାନୀ ପୁରୁଷ ଏଭଳି ପବିତ୍ର ଯେ ତାଙ୍କୁ ଦର୍ଶନ କଲାମାତ୍ରେ ଦର୍ଶକଙ୍କର ପୁନର୍ଜନ୍ମ ହୁଏ ନାହିଁ । ଅର୍ଥାତ୍ ସେହି ଜ୍ଞାନୀ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଲେ ସୁକୃତିଶାଳୀ ଦର୍ଶକଙ୍କର ପୂର୍ବସଞ୍ଚିତ ବାସନା, କାମନା ରୂପ ମାଳିନ୍ୟ ଭସ୍ମୀଭୂତ ହୋଇ ପୁନର୍ଜନ୍ମ ପଥ ରୁଦ୍ଧ ହୋଇଯାଏ ଏବଂ ଜୀବକୁ ଆଉ ଏ ଜନ୍ମ-ମରଣ ନାଟକ ଅଭିନୟ କରିବାକୁ ପଡ଼େନାହିଁ ।

ଶ୍ରୀଗୁରୁଗୀତା ପାରାୟଣ  କରେ ଯେ ହୋଇ ଶୁଦ୍ଧମନ ॥ ୧ ॥
ଜପ କରନ୍ତି ଅବିରତ  ଲଭନ୍ତି ଗୁରୁଗୀତା-ତତ୍ତ୍ୱ ॥ ୨ ॥
ଗୁରୁସେବାରେ ଲାଗିଥାନ୍ତି  ସେହିମାନେଟି ଜ୍ଞାନୀ ବ୍ୟକ୍ତି ॥ ୩ ॥
ସେମାନେ ପବିତ୍ର ପୁରୁଷ  କରନ୍ତି ଶୁଦ୍ଧ ନିଜ ବଂଶ ॥ ୪ ॥
ଗ୍ରାମ, ନଗର, ଜାତି, ଦେଶ  ସେ ପୁଣ୍ୟ ଲଭନ୍ତି ବିଶେଷ ॥ ୫ ॥
ଶ୍ରୀଗୁରୁ-ସେବା ଦର୍ଶନରେ  ହୁଅନ୍ତି ମୁକ୍ତ ନାରୀ ନରେ ॥ ୬ ॥
ନ ହୁଏ ତାଙ୍କ ପୁନର୍ଜନ୍ମ  ଅନ୍ତିମେ ଲାଭ ମୋକ୍ଷଧାମ ॥ ୭ ॥

**ସତ୍ୟଂ ସତ୍ୟଂ ପୁନଃ ସତ୍ୟଂ ନିଜଧର୍ମୋ ମୟୋଦିତଃ ।**
**ଗୁରୁଗୀତା ସମୋ ନାସ୍ତି ସତ୍ୟଂ ସତ୍ୟଂ ବରାନନେ ॥୧୦୦॥**

***ଅନ୍ୱୟଃ :*** (ହେ) ବରାନନେ ! ମୟା ଉଦିତଃ ନିଜଧର୍ମଃ ସତ୍ୟମ୍ ସତ୍ୟମ୍ ପୁନଃ ସତ୍ୟମ୍ । ଗୁରୁଗୀତା ସମଃ ନାସ୍ତି (ଇତି) ସତ୍ୟମ୍ ସତ୍ୟମ୍ ।

***ଅର୍ଥ :*** ମୁଁ ତ୍ରିବାର ସତ୍ୟ କରି କହୁଛି, ମୁଁ ନିଜଧର୍ମ ଅର୍ଥାତ୍ ଶ୍ରୀଗୁରୁତତ୍ତ୍ୱ ରୂପ ଧର୍ମ ସମ୍ବନ୍ଧରେ ଯାହା କହିଲି, ତାହା ଏହି 'ଗୁରୁଗୀତା' ମଧ୍ୟରେ ନିହିତ ଅଛି । ତେଣୁ ହେ ବରାନନେ ! ଏହି ଗୁରୁଗୀତା ସହିତ ଅନ୍ୟ କୌଣସି ଶାସ୍ତ୍ର ସମକକ୍ଷ ନୁହନ୍ତି ଅର୍ଥାତ୍ ଶ୍ରୀଗୁରୁଗୀତା ଭଳି କେହି ଇହକାଳ ଓ ପରକାଳର କ୍ଷୁଧା ନିବାରଣ କରି ପରମଶାନ୍ତି ପ୍ରଦାନ କରିପାରିବେ ନାହିଁ ।

| | | |
|---|---|---|
| ଦେ ଦେବି ! ପର୍ବତ ଦୁହିତା | ଦିଗପାଳଙ୍କ ତୁମେ ମାତା | ॥ ୧ ॥ |
| କହେ ତ୍ରିବାର ସତ୍ୟ କରି | ଯେ ତତ୍ତ୍ୱ ବର୍ଣ୍ଣିଲି ବିଚାରି | ॥ ୨ ॥ |
| ସ୍ୱ ଧର୍ମ ଅଟଇ ସେ ମୋର | ଗୁରୁଗୀତାର ତତ୍ତ୍ୱ ସାର | ॥ ୩ ॥ |
| ସକଳ ଜ୍ଞାନ ଏଥି ଠୁଳ | ଧରମ ଜଗତେ ଅତୁଳ | ॥ ୪ ॥ |
| ରଖ ହେତୁ ହେ ବରାନନେ ! | ନାହିଁ କେ ବଡ଼ ଏଥୁ ଆନେ | ॥ ୫ ॥ |
| ଯେତେ ଦର୍ଶନ ଯେତେ ପଥ | ଦେବତା ଋଷିଙ୍କୁ ବିଦିତ | ॥ ୬ ॥ |
| ଗୁରୁଗୀତାର ସମକକ୍ଷ | ନାହିଁ କେ, ଜାଣଟି ପ୍ରତ୍ୟକ୍ଷ | ॥ ୭ ॥ |
| ଇହକାଳ ବା ପରକାଳ | ଗୁରୁତତ୍ତ୍ୱ ହିଁ ଶାନ୍ତିଜଳ | ॥ ୮ ॥ |
| ସେ ଜଳ ପାନ କରେ ଯେହୁ | ପରମ ଶାନ୍ତି ଲଭେ ସେହୁ | ॥ ୯ ॥ |

**ଗୁରୁର୍ଦେବୋ ଗୁରୁର୍ଧର୍ମୋ ଗୁରୁନିଷ୍ଠା ପରଂ ତପଃ ।**
**ଗୁରୋଃ ପରତରଂ ନାସ୍ତି ନାସ୍ତି ତତ୍ତ୍ୱଂ ଗୁରୋଃ ପରମ୍ ॥୧୦୧॥**

***ଅନ୍ୱୟଃ :*** ଗୁରୁଃ ଦେବଃ, ଗୁରୁଃ ଧର୍ମଃ, ଗୁରୁନିଷ୍ଠା ପରମ୍ ତପଃ, ଗୁରୋଃ ପରତରମ୍ ନ ଅସ୍ତି, ଗୁରୋଃ ପରମ୍ ତତ୍ତ୍ୱଂ ନ ଅସ୍ତି ।

***ଅର୍ଥ :*** ଶ୍ରୀଗୁରୁଦେବ ହିଁ ଏକମାତ୍ର ଶ୍ରେଷ୍ଠ ଦେବତା ଅର୍ଥାତ୍ ପରଂବ୍ରହ୍ମ, ଶ୍ରୀଗୁରୁଦେବ ହିଁ ସନାତନ ଧର୍ମର ଜୀବନ୍ତ ବିଗ୍ରହ । ତେଣୁ ସେହି ଶ୍ରୀଗୁରୁଦେବଙ୍କ ପାଦପଦ୍ମରେ ଅଚଳା ଭକ୍ତି ହିଁ ଶ୍ରେଷ୍ଠତମ ତପସ୍ୟା ମଧ୍ୟରେ ଗଣ୍ୟ । ଅତଏବ ଶ୍ରୀଗୁରୁଦେବଙ୍କ ଅପେକ୍ଷା କେହି ଶ୍ରେଷ୍ଠ ନୁହନ୍ତି କି ଗୁରୁତତ୍ତ୍ୱଠାରୁ ଆଉ ଶ୍ରେଷ୍ଠତତ୍ତ୍ୱ କିଛି ନାହିଁ ।

ଏକମାତ୍ର ହିଁ ଶ୍ରେଷ୍ଠ ଦେବ　ଅଟନ୍ତି ଭବେ ଗୁରୁଦେବ ।୧।
ପରମବ୍ରହ୍ମ ସେ ସାକ୍ଷାତେ　ହେତୁ ରଖିଲେ ସଦା ଚିତ୍ତେ ।୨।
ମିଳିବ ଶ୍ରୀଗୁରୁ ଦର୍ଶନ　ଗୁରୁ ପ୍ରତ୍ୟକ୍ଷ ନାରାୟଣ ।୩।
ଶାଶ୍ୱତ ଧର୍ମର ପ୍ରତୀକ　ଯୋଗୀ, ତାପସ ଯେ ସାଧକ ।୪।
ସବୁରି ଅଟେ ଏହି ମତ　ଗୁରୁ-ଆଜ୍ଞାରେ ଆତଯାତ ।୫।
ହୁଅନ୍ତି ଶଶୀ ଦିବାକର　କୂଳ ନ ଲଙ୍ଘେ ରତ୍ନାକର ।୬।
ବିଶ୍ୱର ସେହି ମୂଳାଧାର　ସେବିଲେ ଶ୍ରୀଗୁରୁ-ପୟର ।୭।
ଦୃଢ଼ ବିଶ୍ୱାସ ନିଷ୍ଠା ଥିଲେ　ଶ୍ରୀଗୁରୁ ଦୟା ପ୍ରକାଶିଲେ ।୮।
ପବିତ୍ର ହୋଇଯିବ ଚିତ୍ତ　ଶ୍ରୀଗୁରୁ-ତତ୍ତ୍ୱ ହେବ ଜ୍ଞାତ ।୯।

***ଧନ୍ୟା ମାତା ପିତା ଧନ୍ୟୋ ଧନ୍ୟଂ ସର୍ବକୁଳଂ ତଥା ।***
***ଧନ୍ୟା ଚ ବସୁଧା ଦେବି ! ଗୁରୁଭକ୍ତିଃ ସୁଦୁର୍ଲ୍ଲଭା ॥୧୦୨॥***

***ଅନ୍ୱୟଃ :*** (ହେ) ଦେବି ! (ଗୁରୁଭକ୍ତସ୍ୟ) ମାତା ଧନ୍ୟା, ପିତା ଧନ୍ୟଃ, ତଥା ସର୍ବକୁଳମ୍ ଧନ୍ୟମ୍, ବସୁଧା ଚ ଧନ୍ୟା । ଗୁରୁଭକ୍ତିଃ ସୁଦୁର୍ଲ୍ଲଭା ।

***ଅର୍ଥ :*** ହେ ଦେବି ! ଏହି ସୁଦୁର୍ଲ୍ଲଭ ଗୁରୁଭକ୍ତି ଯାହାଙ୍କ ହୃଦୟରେ ପ୍ରତିଷ୍ଠିତ ହୋଇଅଛି, ସେହି ମାନବଙ୍କୁ ଜନ୍ମଦାନ କରିଥିବା ପିତାମାତା ଧନ୍ୟ, ସେ ଯେଉଁ କୁଳରେ ଉଦ୍ଭବ ସେ କୁଳ ଧନ୍ୟ ଏବଂ ତାଙ୍କୁ ନିଜ ବକ୍ଷରେ ଧାରଣ କରିଥିବା ହେତୁ ବସୁମତୀଙ୍କର ରତ୍ନଗର୍ଭା ନାମ ସାର୍ଥକ । ତାଙ୍କରି ଭକ୍ତି ମହିମାରେ ପିତା, ମାତା, ବଂଶ ଓ ସର୍ବୋପରି ଦେଶମାତା ଗୌରବମଣ୍ଡିତ ହୋଇଥାନ୍ତି ।

ସୁଦୁର୍ଲ୍ଲଭ ଏ ଗୁରୁଭକ୍ତି
ଯାହାର ଥାଏ ଏଥି ମତି ॥ ୧ ॥
ତାହାର ପିତା ମାତା ଧନ୍ୟ
ବଂଶ ତାହାର ହୁଏ ଧନ୍ୟ ॥ ୨ ॥
ଅତୀତ ଚଉଦ ପୁରୁଷ
ଭବିଷ୍ୟେ ଆସିବେ ଯେ ବଂଶ ॥ ୩ ॥
ସକଳେ ହୋଇବେ ମୁକତ
ପବିତ୍ର ହେବ ଜାତି ଗୋତ୍ର ॥ ୪ ॥
ତାହାଙ୍କୁ ବକ୍ଷପରେ ଧରି
ସାର୍ଥକ ହେବ ବସୁନ୍ଧରୀ ॥ ୫ ॥
ରତ୍ନଗର୍ଭା ସେ ବୋଲାଇବ
ଗୁରୁଗୀତାର ଏତେ ଭାବ ॥ ୬ ॥

**ଶରୀରମିନ୍ଦ୍ରିୟପ୍ରାଣା ଅର୍ଥ-ସ୍ୱଜନ-ବାନ୍ଧବାଃ ।**
**ପିତୃମାତୃକୁଳଂ ଦେବି ! ଗୁରୁରେବ ନ ସଂଶୟଃ ॥୧୦୩॥**

***ଅନ୍ୱୟଃ :*** (ହେ) ଦେବି ! ଗୁରୁଃ ଏବ ଶରୀରମ୍ ଇନ୍ଦ୍ରିୟମ୍ ପ୍ରାଣାଃ, ଅର୍ଥ-ସ୍ୱଜନ-ବାନ୍ଧବାଃ, ପିତୃ-ମାତୃ-କୁଳମ୍ (ଅତ୍ର) ସଂଶୟଃ ନ (ଅସ୍ତି) ।

***ଅର୍ଥ :*** ଏହି ଶରୀର, ଇନ୍ଦ୍ରିୟବର୍ଗ, ପ୍ରାଣ, ଧନ, ଜନ, ବନ୍ଧୁଗଣ, ପିତା, ମାତା ଓ କୁଳ ସମସ୍ତ ହିଁ ଶ୍ରୀଗୁରୁଦେବଙ୍କ ପରିପ୍ରକାଶ ଭିନ୍ନ ଅନ୍ୟ କିଛି ନୁହେଁ । ହେ ଦେବି ! ଏଥିରେ ସଂଶୟର ଅବକାଶ ନାହିଁ । କାରଣ ଏକମାତ୍ର ବ୍ରହ୍ମ ହିଁ ଜୀବଜଗତ୍ ରୂପରେ ସ୍ଥୂଳ, ସୂକ୍ଷ୍ମ ଓ କାରଣ ରୂପରେ ପ୍ରକାଶିତ ଏବଂ ନିର୍ଗୁଣ-ସଗୁଣର ମିଳିତବିଗ୍ରହ ଶ୍ରୀଗୁରୁଦେବ ହିଁ ପରଂବ୍ରହ୍ମ ସତ୍ତା । ସେ ଜୀବ ଉଦ୍ଧାର ନିମିତ୍ତ ନିରାକାର ହୋଇ ମଧ୍ୟ ନରାକାରରେ ପ୍ରକଟିତ । ସେ ହିଁ ମହାପ୍ରାଣ, ତାଙ୍କରି ପ୍ରଣବସ୍ପନ୍ଦନରୁ ଏହି ବିଶ୍ୱର ସ୍ଥୂଳ ସୂକ୍ଷ୍ମ ସମସ୍ତ ବସ୍ତୁର ଉତ୍ପତ୍ତି । ସୁତରାଂ ଏ ଜଗତର ଦୃଶ୍ୟମାନ ଓ ଉପଲବ୍ଧ ସମସ୍ତ ବସ୍ତୁ ହିଁ ଶ୍ରୀଗୁରୁଦେବଙ୍କ ପ୍ରକାଶ ମାତ୍ର ।

କହନ୍ତି ମହାଦେବ ତୋଷେ ଜଗତ ଜନନୀଙ୍କ ପାଶେ ।୧।
ହେ ଦେବି ! ଜୀବର ଶରୀର କର୍ଣ୍ଣ, ନାସିକା, ପାଦ, କର ।୨।
ଜୀବନ, ଧନ, ଧର୍ମ, ଭାବ ଶ୍ରୀଗୁରୁ ଯୋଗେ ହିଁ ସମ୍ଭବ ।୩।
ଗୁରୁ ସାକ୍ଷାତ ପରଂବ୍ରହ୍ମ ଗୁରୁ ଅଟନ୍ତି ନାରାୟଣ ।୪।
ଗୁରୁ ହିଁ ସ୍ଥୂଳ-ସୂକ୍ଷ୍ମ-ଦେହୀ ସକଳ ଜୀବେ ବିରାଜଇ ।୫।
ନିର୍ଗୁଣ-ସଗୁଣ ମିଳିତ ବିଗ୍ରହ ରୂପେ ଏ ଜଗତ ।୬।
ଉଦ୍ଧାର କରିବା କାରଣ ଗୁରୁ କରନ୍ତି ବିଚରଣ ।୭।
ଗୁରୁ ଅଟନ୍ତି ଜ୍ଞାନଦାତା ଜୀବଜଗତ ପିତା ମାତା ।୮।

ଲକ୍ଷ୍ମୀ ସେ ପୁଣି ସରସ୍ୱତୀ  ଗୁରୁ ଅଟନ୍ତି ସର୍ବଶକ୍ତି  । ୯ ।

ଜୀବର ଉଦ୍ଧାର ନିମନ୍ତେ  ଅବତରନ୍ତି ଏ ଜଗତେ  । ୧୦ ।

ତାଙ୍କରି ପ୍ରଣବ-ନାଦରେ  ଆକାଶ ଜଳ ସ୍ଥଳ ଭରେ  । ୧୧ ।

ମର୍ତ୍ତ୍ୟ ହୁଅଇ ସ୍ୱର୍ଗପୁର  ପୁଲକେ ବହଇ ସମୀର  । ୧୨ ।

ଶୁଣ ହେ ପର୍ବତଦୁହିତା  ଗୁରୁ, ଜୀବର ମାତା ପିତା  । ୧୩ ।

ଗୁରୁ ଜୀବନ ଲକ୍ଷ୍ୟ ସ୍ଥଳ  ଗୁରୁ ହିଁ ପ୍ରଶାନ୍ତ ଉଦାର  । ୧୪ ।

ଶ୍ରୀଗୁରୁ-ଆଜ୍ଞା ଧରି ଶିରେ  ଜଗତ ଆତଯାତ କରେ  । ୧୫ ।

ଶଶାଙ୍କ ସୂର୍ଯ୍ୟ ଗ୍ରହ ତାରା  ଆକାଶେ କରୁଛନ୍ତି ଖେଳା  । ୧୬ ।

ସକଳେ ଗୁରୁ ଆଜ୍ଞା ମାନି  ପୂତ କର୍ତ୍ତବ୍ୟ ମନେ ଜାଣି  । ୧୭ ।

କର୍ମରେ ରହିଛନ୍ତି ରତ  ଗୁରୁଙ୍କ ଆଜ୍ଞାବହ ଭୃତ୍ୟ  । ୧୮ ।

ଗିରି ସାଗର ନଦ ନଦୀ  ଦିଶଇ ଯାହାଟି ଅବଧି  । ୧୯ ।

ସ୍ନେହ ମମତା ଦୟା କ୍ରୋଧ  ଯାହା ବା ହୁଏ ଉପଲବ୍ଧ  । ୨୦ ।

ଫୁଲର ଯେତେକ ସୁବାସ  ସେ ସବୁ ଗୁରୁଙ୍କ ପ୍ରକାଶ  । ୨୧ ।

ଭୂଧର ସାଗର ପ୍ରାନ୍ତର  ଗୁରୁ-ମହିମା ଖେଳ ଘର  । ୨୨ ।

ଶୀତ ବସନ୍ତ ଗ୍ରୀଷ୍ମ କାଳ  ଅଥବା ବରଷାର ଜଳ  । ୨୩ ।

ଯେ ଦିଗେ ଯାହା ବିରାଜଇ ଗୁରୁଙ୍କ ମହିମାଟି ସେହି  । ୨୪ ।

**ଆଜନ୍ମକୋଟ୍ୟାଂ ଦେବେଶି ! ଜପବ୍ରତ-ତପଃ-କ୍ରିୟାଃ ।**
**ତସ୍ୟାଃ ସର୍ବଫଳଂ ଦେବି ! ଗୁରୁସନ୍ତୋଷମାତ୍ରତଃ ॥୧୦୪॥**

*ଅନ୍ୱୟଃ :* (ହେ) ଦେବି ! (ହେ) ଦେବେଶି ! ଆଜନ୍ମକୋଟ୍ୟାମ୍ (ଯାଃ) ଜପବ୍ରତତପଃ-କ୍ରିୟାଃ, ଗୁରୁସନ୍ତୋଷମାତ୍ରତଃ ତସ୍ୟାଃ ସର୍ବମ୍ ସଫଳମ୍ ।

*ଅର୍ଥ :* ହେ ପରମା ଦେବି ! ମୋ କଥିତ ଏହି ଗୁରୁତତ୍ତ୍ୱ ଆୟତ୍ତ କରିବାର କ୍ଷମତା ତୁମର ଅଛି, ତେଣୁ ଗୋଟିଏ ଶ୍ରେଷ୍ଠ କଥା କହୁଛି ଶୁଣ । ଇହଜନ୍ମରେ କରିଥିବା ଜପ, ବ୍ରତ, ତପସ୍ୟା ଓ କ୍ରିୟାଯୋଗ ସାଧନା ତ ତୁଚ୍ଛ କଥା, ଏପରି କି କୋଟିଜନ୍ମର ଜପ-ଯୋଗସାଧନାଦିର କ୍ରିୟାର ଫଳ ଶ୍ରୀଗୁରୁଦେବ ସନ୍ତୁଷ୍ଟ ହେଲାମାତ୍ରେ ଲାଭ ହୋଇଥାଏ । ସୁତରାଂ ଯାହା କଲେ, ଶ୍ରୀଗୁରୁଦେବ ସନ୍ତୁଷ୍ଟ ହେବେ, ସେହି ଉଦ୍ଦେଶ୍ୟରେ ଅନ୍ୟ ସମସ୍ତକର୍ମ ତ୍ୟାଗ ପୂର୍ବକ ତାଙ୍କରି ସନ୍ତୋଷ ବିଧାନ ନିମିତ୍ତ କର୍ମାନୁଷ୍ଠାନ କରିବା ପ୍ରତ୍ୟେକ ଗୁରୁଭକ୍ତ ଶିଷ୍ୟଙ୍କର ଏକମାତ୍ର କର୍ତ୍ତବ୍ୟ ।

ହେ ଦେବି, ଜାଣ ଭଲ କରି    ଶକତି ରହିଛି ତୁମରି    ।୧।
ମୋର ପ୍ରଦତ୍ତ ଗୁରୁତତ୍ତ୍ୱ    ତୁମେ ହିଁ କରିବ ଆୟତ୍ତ    ।୨।
ତେଣୁ ମୋ ଶ୍ରେଷ୍ଠ କଥା ଶୁଣ    ତପସ୍ୟା ଜପ ପାରାୟଣ    ।୩।
ସେ ସବୁ ଅଟେ ତୁଚ୍ଛ ଅତି    ତହିଁରେ ନ ବଳାଇ ମତି    ।୪।
ଗୁରୁସେବାରେ ଦେଲେ ଚିତ୍ତ    ହେବ ସକଳ ଫଳ ପ୍ରାପ୍ତ    ।୫।
ଗୁରୁଙ୍କ ସନ୍ତୋଷ ବିଧାନ    ପାଇଁ କରିବ କର୍ମମାନ    ।୬।
ସନ୍ତୋଷ ହେଲେ ଗୁରୁଦେବ    ସକଳ ଫଳ ପ୍ରାପ୍ତ ହେବ    ।୭।
ଗୁରୁ ଭକତ ଶିଷ୍ୟ-ଗଣ    ବନ୍ଦିଲେ ଶ୍ରୀଗୁରୁ-ଚରଣ    ।୮।
ଅନ୍ତର ହୋଇବ ନିର୍ମଳ    ପାଇବେ ଜପ-ତପ ଫଳ    ।୯।

**ବିଦ୍ୟାଧନ-ମଦେନୈବ ମନ୍ଦଭାଗ୍ୟାଶ୍ଚ ଯେ ନରାଃ
ଗୁରୋଃ ସେବାଂ ନ କୁର୍ବନ୍ତି ସତ୍ୟଂ ସତ୍ୟଂ ବଦାମ୍ୟହମ୍ ॥୧୦୫॥**

***ଅନ୍ୱୟଃ :*** ଅହମ୍ ସତ୍ୟମ୍ ସତ୍ୟମ୍ ବଦାମି, ଯେ ନରାଃ ବିଦ୍ୟା ଧନମଦେନ ଏବ ଗୁରୋଃ ସେବାମ୍ ନ କୁର୍ବନ୍ତି (ତେ) ମନ୍ଦଭାଗ୍ୟାଃ ।

***ଅର୍ଥ :*** ବିଦ୍ୟା ଓ ଧନମଦରେ ମତ୍ତ ହୋଇ ଯେଉଁମାନେ ଏହି ପରମପୁରୁଷ ଶ୍ରୀଗୁରୁଦେବଙ୍କ ସେବା, ପୂଜା, ଧ୍ୟାନ, ସ୍ମରଣ, ମନନ ଓ ତାଙ୍କ ନାମ-ରୂପ-ଲୀଳାଦିର ଉପାସନା କରନ୍ତି ନାହିଁ, ସେମାନେ ନିଶ୍ଚିତ ଭାବରେ ବଡ଼ ହତଭାଗ୍ୟ ମାନବ । ସେମାନଙ୍କର ଇହକାଳ ଓ ପରକାଳ ଉଭୟତ୍ର ସୁଖଶାନ୍ତିର ଆଶା ବିଡ଼ମ୍ବନା ମାତ୍ର । ସେମାନଙ୍କର ସୁଖଶାନ୍ତି ଇହଜଗତରେ ନାହିଁ କି ପରକାଳରେ ମଧ୍ୟ ନାହିଁ ।

ଧନମଦରେ ମତ୍ତ ହୋଇ　　ଜଡ଼ବିଦ୍ୟାରେ ଅବଗାହୀ　　। ୧ ।
ଗରବ ବହନ୍ତି ଯେ ମନେ　　ନ ଦେଇ ଚିତ୍ତ ଗୁରୁଧ୍ୟାନେ　　। ୨ ।
ଗୁରୁଙ୍କ ସ୍ମରଣ-ମନନ　　ନ କରେ ଯେହୁ ମୂଢ଼ ଜନ　　। ୩ ।
ଗୁରୁଙ୍କ ନାମ-ରୂପ-ଲୀଳା　　କୀର୍ତ୍ତନେ କରେ ଅବହେଳା　　। ୪ ।
ତା'ପରି ହତଭାଗ୍ୟ କେହି　　ଜୀବ-ଜଗତେ ଆଉ ନାହିଁ　　। ୫ ।
ଇହ ଅଥବା ପରକାଳେ　　ନ ପାଏ ଶାନ୍ତି କେବେହେଲେ　　। ୬ ।
ଚିତ୍ତ ଯେ ଅସ୍ଥିର ଚଞ୍ଚଳ　　ସାଥୀ ତାହାର ଅମଙ୍ଗଳ　　। ୭ ।
ଘାଣ୍ଟି ହୁଅଇ ଦିନ ରାତି　　ଅନ୍ତିମେ ନ ପାଏ ସେ ମୁକ୍ତି　　। ୮ ।

**ଗୁରୋଃ ସେବା ପରଂ ତୀର୍ଥମନ୍ୟତ୍ତୀର୍ଥମନର୍ଥକମ୍ ।**
**ସର୍ବତୀର୍ଥାଶ୍ରୟଂ ଦେବି ! ସଦ୍‌ଗୁରୋଶ୍ଚରଣାମ୍ବୁଜମ୍ ॥ ୧୦୬ ॥**

***ଅନ୍ୱୟଃ :*** ଗୁରୋଃ ସେବା ପରମ୍ ତୀର୍ଥମ୍, ଅନ୍ୟତ୍ ତୀର୍ଥମ୍ ନିରର୍ଥକମ୍, (ହେ ଦେବି), ସଦ୍‌ଗୁରୋଃ ଚରଣାମ୍ବୁଜମ୍ ସର୍ବତୀର୍ଥାଶ୍ରୟମ୍ ।

***ଅର୍ଥ :*** ହେ ଦେବି ! ଶ୍ରୀଗୁରୁଦେବଙ୍କ ସେବାରେ ହିଁ ଶ୍ରେଷ୍ଠ ତୀର୍ଥ-ପର୍ଯ୍ୟଟନର ଫଳ ଲାଭ ହୋଇଥାଏ । ଅନ୍ୟ ତୀର୍ଥ ପର୍ଯ୍ୟଟନ ଗୁରୁସେବା ତୁଳନାରେ ନିରର୍ଥକ ଏବଂ ସେଥିରେ କେବଳ ଭ୍ରମଣ ମାତ୍ର ସାର ହୋଇଥାଏ । କାରଣ ସଦ୍‌ଗୁରୁଙ୍କ ଚରଣକମଳକୁ ଆଶ୍ରୟ କରି ସମସ୍ତ ତୀର୍ଥ ଅବସ୍ଥାନ କରନ୍ତି । ତେଣୁ ଶତ କୋଟି ତୀର୍ଥାବଗାହନରେ ଯେତେ ଫଳ ନ ମିଳେ, ଶ୍ରୀଗୁରୁଦେବଙ୍କ ପଦସେବାରେ ତତୋଽଧିକ ଫଳ ଲାଭ ହୋଇଥାଏ ।

ଗୁରୁଦେବଙ୍କ ଶ୍ରୀଚରଣ ସେବାରେ ଯେହୁ ଦିଏ ମନ । ୧ ।
ସକଳ ତୀର୍ଥ ପର୍ଯ୍ୟଟନ ଫଳ ଲଭଇ ସେହି ଜନ । ୨ ।
ଗୁରୁଙ୍କୁ ନ କରି ଭକତି ତୀର୍ଥଯାତ୍ରାରେ ଦେଲେ ମତି । ୩ ।
ଭ୍ରମଣ ମାତ୍ର ହୁଏ ସାର ନ ମିଳେ ତିଳେ ମାତ୍ର ଫଳ । ୪ ।
ଶ୍ରୀଗୁରୁ-ଚରଣ-କମଳ ସମସ୍ତ ତୀର୍ଥ କ୍ଷେତ୍ର ସ୍ଥଳ । ୫ ।
ସେହି ଚରଣେ କଲେ ଧ୍ୟାନ ତୀର୍ଥଯାତ୍ରାର ଫଳ ମାନ । ୬ ।
ଅଚିରେ ହୁଏ ହସ୍ତଗତ ଜୀବନ ହୁଅଇ କୃତାର୍ଥ । ୭ ।
କୋଟିଏ ତୀର୍ଥରେ ଭ୍ରମଣ କରିବା ତାର ଅକାରଣ । ୮ ।
ଯଦି ନ ଥାଏ ଗୁରୁଭକ୍ତି ନ ହେବ ତୀର୍ଥ-ଫଳ ପ୍ରାପ୍ତି । ୯ ।

**ଇଦଂ ରହସ୍ୟଂ ନୋ ବାଚ୍ୟଂ ତବାଗ୍ରେ କଥିତଂ ମୟା ।**
**ସୁଗୋପ୍ୟଞ୍ଚ ପ୍ରଯତ୍ନେନ ଯେନାତ୍ମାନଂ ପ୍ରଯାସ୍ୟସି ॥ ୧୦୭ ॥**

***ଅନ୍ୱୟଃ :*** ମୟା ତବ ଅଗ୍ରେ କଥିତମ୍ ଇଦମ୍ ରହସ୍ୟମ୍, ଯେନ ଆତ୍ମାନମ୍ ପ୍ରଯାସ୍ୟସି (ତତ୍) ନୋ (ନ) ବାଚ୍ୟମ୍, ପ୍ରଯତ୍ନେନ ସୁଗୋପ୍ୟମ୍ ଚ ।

***ଅର୍ଥ :*** ଶ୍ରୀଗୁରୁଦେବଙ୍କ ସମ୍ବନ୍ଧୀୟ ଯେଉଁ ରହସ୍ୟମୟ ତତ୍ତ୍ୱ ତୁମ ନିକଟରେ ବର୍ଣ୍ଣନା କଲି, ଏହା ଅତିଶୟ ଗୋପନୀୟ । ଏହି ତତ୍ତ୍ୱ ଚିନ୍ତନ ଓ ଅନୁଶୀଳନରେ ହିଁ ଆତ୍ମଜ୍ଞାନ ଅନାୟାସରେ ଲାଭ ହୋଇଥାଏ । ତେଣୁ ହେ ଦେବି ! ଏହାକୁ ଅପାତ୍ରରେ ବା ଅସ୍ଥାନରେ ପ୍ରକାଶ କଲେ, ଏହାର ମହିମା କ୍ଷୁଣ୍ଣ ହେବ । ସୁତରାଂ ଏହି ତତ୍ତ୍ୱ ବିଶେଷ ସାବଧାନତା ସହକାରେ ଗୋପନ ରଖିବ ।

ହେ ଦେବୀ ସତୀ ଶିରୋମଣି    ଗୁରୁଦେବଙ୍କ ତତ୍ତ୍ୱ ବାଣୀ    । ୧ ।
ଯାହା ମୁଁ କରିଲି ବର୍ଣ୍ଣନ    ରହସ୍ୟମୟ ରସଘନ    । ୨ ।
ଅଟଇ ଅତି ଗୋପନୀୟ    ଶ୍ରୀଗୁରୁଗୀତା ତତ୍ତ୍ୱଚୟ    । ୩ ।
ଏ ତତ୍ତ୍ୱ ଚିନ୍ତନ-ସ୍ମରଣେ    ଅଥବା ଜପ କଲେ ମନେ    । ୪ ।
ଲାଭ ହୁଅଇ ଆତ୍ମଜ୍ଞାନ    ଯେସନେ ଉଇଁଲେ ତପନ    । ୫ ।
ଅନ୍ଧାର ହୋଇ ଯାଏ ଦୂର    ତେସନେ ମନ-ଅନ୍ଧକାର    । ୬ ।
ଗୁରୁକରୁଣା ଲାଭ କଲେ    କ୍ଷଣ ମାତ୍ରକେ ଅପସରେ    । ୭ ।
ଜ୍ଞାନ-କମଳ ପ୍ରସ୍ଫୁଟିତ    ମାନସ କରେ ପୁଲକିତ    । ୮ ।
ହେ ଦେବି, ଏହି ତତ୍ତ୍ୱଜ୍ଞାନ    ଅପାତ୍ରେ କରିଲେ ପ୍ରଦାନ    । ୯ ।
ଅସ୍ଥାନେ ଅବା ବଖାଣିଲେ    ମହିମା କ୍ଷୁଣ୍ଣ ହୁଏ ହେଲେ    । ୧୦ ।
ତେଣୁ ହେ ଦେବି, ରଖ ମନେ    ଏ ତତ୍ତ୍ୱ ରଖିବ ଗୋପନେ    ।୧୧ ।

**ଷଡ଼ାନନ-ଗଣେଶାଦି-ବୈଷ୍ଣବାନାଂ ଚ ପାର୍ବତି !**
**ମନସାପି ନ ବକ୍ତବ୍ୟଂ ମମ ସାନ୍ନିଧ୍ୟକାରକମ୍ ॥୧୦୮॥**

***ଅନ୍ୱୟଃ :*** (ହେ) ପାର୍ବତି ! ଷଡ଼ାନନ-ଗଣେଶାଦି-ବୈଷ୍ଣବାନାମ୍ ଚ (ପ୍ରୀତିପାତ୍ରାଣାଂ ଭକ୍ତି ରହିତାନାଞ୍ଚେତ୍) ମମ ସାନ୍ନିଧ୍ୟକାରକମ୍ (ଇଦଂ) ମନସା ଅପି ନ ବକ୍ତବ୍ୟଂ ।

***ଅର୍ଥ :*** ହେ ପର୍ବତରାଜ କନ୍ୟା ! ନିଜ ପୁତ୍ର ଗଣେଶ ଓ କାର୍ତ୍ତିକେୟ ପ୍ରଭୃତି ଦେବତାମାନେ ଏପରି କି ବୈଷ୍ଣବମାନେ ଯଦି ଶ୍ରଦ୍ଧାହୀନ ହୋଇଥାନ୍ତି, ତେବେ ଯେଉଁ ଗୁରୁତତ୍ତ୍ୱ ଲାଭ କରି ମୋତେ ସାକ୍ଷାତ୍‌କାର କରିବା ଓ ମୋ ସମୀପରେ ବାସ କରିବା ସହଜସାଧ୍ୟ ହୁଏ, ସେହି ଦୁର୍ଲ୍ଲଭ ତତ୍ତ୍ୱ ସେମାନଙ୍କ ନିକଟରେ ପ୍ରକାଶ କରିବାର କଳ୍ପନାକୁ ମଧ୍ୟ ମନରେ କେବେ ସ୍ଥାନ ଦେବ ନାହିଁ । ଅର୍ଥାତ୍ ତୁମେ ପିତୃଗୁଣରେ ଅଚଳ ଅଟଳ ଭାବରେ ଏହି ତତ୍ତ୍ୱ ସର୍ବଥା ଗୋପନ ରଖିବ ।

ଶୁଣ ହେ ହିମାଦ୍ରି-ଦୁହିତା ଅବାଧ୍ୟ ହେଲେ ସୁତସୁତା ।୧।
ଗଣେଶ, କାର୍ତ୍ତିକ ନନ୍ଦନ ହୁଅନ୍ତି ଯଦି ଶ୍ରଦ୍ଧାହୀନ ।୨।
ସାଧକ ଯୋଗୀ ସିଦ୍ଧ ଋଷି ହୁଅନ୍ତୁ ଯେତେ ବା ତପସ୍ୱୀ ।୩।
ନ ଥିଲେ ଗୁରୁରେ ବିଶ୍ୱାସ ସେବାରେ ନ ହେଲେ ସେ ବଶ ।୪।
ଏ ତତ୍ତ୍ୱଜ୍ଞାନ ଦେବ ନାହିଁ କ୍ଷୁଦ୍ର କୂପର ବଳ କାହିଁ ।୫।
ସାଗର କରିବ ଧାରଣ, ଏମାନେ ଅଟନ୍ତି ତେସନ ।୬।
ଯେଣୁଟି ଦୁର୍ବଳ ଅକ୍ଷମ ନ ମିଳେ ମୋର ପାଶେ ସ୍ଥାନ ।୭।
ଏହିମାନଙ୍କୁ ଗୁରୁଗୀତା କହିବା ସିନା ଅଟେ ବୃଥା ।୮।
ତେଣୁ କହୁଛି ବାରଂବାର ରହିବ ସତତ ଅଟଳ ।୯।
ହେଉ ଯେ ଯେତେ ଆପଣାର ଗୁରୁରେ ଭକ୍ତି ନାହିଁ ଯାର ।୧୦।
ତାହାକୁ ନ କହିବ ଏହା କହିଲେ ହୋଇବ ଦୋରେହା ।୧୧।
ଅତି ଗୋପନ ଗୁରୁଗୀତା ମନରେ ରଖିବ ସର୍ବଥା ।୧୨।

**ଅତୀବଚିତ୍ତଶାନ୍ତେ ଚ ଶ୍ରଦ୍ଧାଭକ୍ତି -ସମନ୍ୱିତେ ।**
**ପ୍ରବକ୍ତବ୍ୟମିଦଂ ଦେବି ! ମମାତ୍ମାସି ସଦା ପ୍ରିୟେ ॥ ୧୦୯ ॥**

**ଅନ୍ୱୟଃ :** (ହେ) ସଦା ପ୍ରିୟେ ଦେବି ! (ତ୍ୱଂ) ମମ ଆତ୍ମା ଅସି । (ତସ୍ମାତ୍) ଇଦଂ (ମୟା ଉପଦିଷ୍ଟଂ ପରମଗୁହ୍ୟଂ ଗୁରୁତତ୍ତ୍ୱଂ) ଶ୍ରଦ୍ଧାଭକ୍ତିସମନ୍ୱିତେ ଚ (ଅପି ଚ) ଅତୀବଶାନ୍ତଚିତ୍ତେ (ମମ ଭକ୍ତାୟ ଏବ) ପ୍ରବକ୍ତବ୍ୟମ୍ ।

**ଅର୍ଥ :** ହେ ପ୍ରିୟେ ! ଯେଉଁମାନଙ୍କ ଚିତ୍ତ ଶାନ୍ତ ଓ ସଂଯତ, ଯେଉଁମାନେ ଶ୍ରଦ୍ଧାଭକ୍ତି ପରାୟଣ, କେବଳ ସେହି ଉପଯୁକ୍ତ ପାତ୍ରମାନଙ୍କ ନିକଟରେ ଏହି ସୁଦୁର୍ଲ୍ଲଭ ଗୁରୁତତ୍ତ୍ୱ ପ୍ରକାଶ କରିବ । ହେ ଦେବି ! ତୁମେ ମୋର ଆତ୍ମସ୍ୱରୂପା । ତେଣୁ ମୁଁ ତୁମ ନିକଟରେ ଏହି ଶ୍ରେଷ୍ଠତମ ତତ୍ତ୍ୱ ପ୍ରକାଶ କଲି ।

ଯେଉଁ ଜନଙ୍କ ଚିତ୍ତ ଶାନ୍ତ ଜିତ ଇନ୍ଦ୍ରିୟ ଯେ ସଂଯତ ॥ ୧ ॥
ଯେ ଶ୍ରଦ୍ଧା ଭକ୍ତି ପରାୟଣ ଗୁରୁପାଦରେ ଥାଏ ଧ୍ୟାନ ॥ ୨ ॥
ସେହିଟି ଜାଣ ଉପଯୁକ୍ତ ବୁଝିବା ପାଇଁ ଗୁରୁତତ୍ତ୍ୱ ॥ ୩ ॥
ତାହାଙ୍କ ପାଶେ ବଖାଣିବ ତା' ହେଲେ ମହତ୍ତ୍ୱ ବଢ଼ିବ ॥ ୪ ॥
ତୁମେ ମୋହର ଆତ୍ମା ରୂପୀ ରହିଛ ଏ ବ୍ରହ୍ମାଣ୍ଡ ବ୍ୟାପୀ ॥ ୫ ॥
ତେଣୁ ତୁମଙ୍କୁ ତତ୍ତ୍ୱ ସାର କହିବା ବିଧି ଅଟେ ମୋର ॥ ୬ ॥
ହେ ଦେବି ହେବ ସ୍ଥିର ମନ ଅପାତ୍ରେ ନ କରିବ ଦାନ ॥ ୭ ॥

**ଅଭକ୍ତେ ବଞ୍ଚକେ ଧୂର୍ତ୍ତେ ପାଷଣ୍ଡେ ନାସ୍ତିକେ ନରେ**
**ମନସାପି ନ ବକ୍ତବ୍ୟଂ ଗୁରୁଗୀତାଭିଧଂ ପ୍ରିୟେ ॥୧୧୦॥**

***ଅନ୍ୱୟଃ :*** (ହେ) ପ୍ରିୟେ, ଅଭକ୍ତେ ବଞ୍ଚକେ ଧୂର୍ତ୍ତେ ପାଷଣ୍ଡେ ନାସ୍ତିକେ ନରେ କଦାଚନ ଗୁରୁଗୀତା ମନସା ଅପି ନ ବକ୍ତବ୍ୟା ।

***ଅର୍ଥ :*** ହେ ପ୍ରିୟେ ! ଯେଉଁମାନେ ଭକ୍ତିହୀନ, ବଞ୍ଚକ ଅର୍ଥାତ୍ ଅନ୍ୟକୁ ଠକି ଯେଉଁମାନେ ନିଜର ସ୍ୱାର୍ଥସାଧନ କରନ୍ତି, ଯେଉଁମାନେ ଧୂର୍ତ୍ତ ଅର୍ଥାତ୍ କପଟ କୁଟୀଳ ବୁଦ୍ଧିସମ୍ପନ୍ନ, ପାଷଣ୍ଡ ଅର୍ଥାତ୍ ଯେଉଁମାନେ ଦୁଷ୍କର୍ମ-ଅନୁଷ୍ଠାନକାରୀ, ନାସ୍ତିକ ଅର୍ଥାତ୍ ଯେଉଁମାନେ ପରକାଳ-ଅବିଶ୍ୱାସୀ ଓ ଇହକାଳ-ସର୍ବସ୍ୱ, ସେଭଳି ବ୍ୟକ୍ତିମାନଙ୍କ ନିକଟରେ ଏହି ଗୁରୁଗୀତାରୂପ ଗୋପନୀୟ ତତ୍ତ୍ୱ ପ୍ରକାଶ କରିବା ତ ଦୂରର କଥା, ସେମାନଙ୍କୁ ଏହି ଦୁର୍ଲ୍ଲଭ ତତ୍ତ୍ୱୋପଦେଶ ମନେ ମନେ ମଧ୍ୟ ପ୍ରକାଶ କରିବା ଅନୁଚିତ । ଏଥିରେ ନିଜ ହୃଦୟ ମଳିନ ହେବା ସଙ୍ଗେ ସଙ୍ଗେ ବିବିଧ ଅନିଷ୍ଟ ସାଧିତ ହୋଇଥାଏ ।

ଅଟନ୍ତି ଯେହୁ ଭକ୍ତିହୀନ　　କୁଟୀଳ ବଞ୍ଚକ ଯେ ଜନ　　। ୧ ।
ପରଶ୍ରୀକାତର ହିଂସୁକ　　କାର୍ଯ୍ୟ ମନରେ ଯେହୁ ଠକ　　। ୨ ।
ପରକାଳରେ ଅବିଶ୍ୱାସୀ　　ଭଣ୍ଡାର ଭରେ ଆନେ ନାଶି　　। ୩ ।
ପର ଅନିଷ୍ଟ ସଦା ଚିନ୍ତା　　ବୋଲାଏ ନିଜେ ବଳବନ୍ତା　　। ୪ ।
ସ୍ୱାର୍ଥ ସାଧନେ ସଦା ରତ　　ଆନକୁ କରେ ହନ୍ତସନ୍ତ　　। ୫ ।
ଦୁଷ୍କର୍ମ ଅନୁଷ୍ଠାନକାରୀ　　ପାଷଣ୍ଡ ପରଧନ-ହାରୀ　　। ୬ ।
ଲୋକେ ସେ ହେଉ ଯେତେ ଖ୍ୟାତ　　ଥାଉ ବା ଯେତେ ବିଦ୍ୟା,ବିତ୍ତ　　। ୭ ।
ତାହା ସମାନ ନରାଧମ　　ନାହିଁ ଟେ ଆଉ ଧରାଧାମ　　। ୮ ।
ତା ଆଗେ ଏ ମହତ ବାଣୀ　　ଅପ୍ରକାଶ୍ୟ ଯେ ଥାଅ ଜାଣି　　। ୯ ।
ଏହି ଦୁର୍ଲ୍ଲଭ ତତ୍ତ୍ୱକଥା　　ବୁଝିବା ପାଇଁ ସମରଥା　　। ୧୦ ।
ନୁହଁନ୍ତି ସେହି ମୂଢ଼ ଜନେ　　ହେ ସତୀ, ରଖିଥିବ ମନେ　　। ୧୧ ।

| | | |
|---|---|---|
| ଗୁରୁଦ୍ରୋହୀରେ ଗଣ୍ୟ ସେହି | ତାହାରି ଗତି ମୁକ୍ତି ନାହିଁ | ।୧୨। |
| ସଂସାର-ବନ୍ଧନରେ ପଡ଼ି | କର୍ମ-ଜଞ୍ଜାଳେ ରହେ ବୁଡ଼ି | ।୧୩। |
| ଦୁଷ୍ଚିନ୍ତା ଅଶାନ୍ତି ସକଳ | କରନ୍ତି ହୃଦୟ ବିକଳ | ।୧୪। |
| ଶୋକରେ ଥାଏ ମୂହ୍ୟମାନ | ପାଇବ କାହୁଁ ଦିବ୍ୟ ଜ୍ଞାନ ? | ।୧୫। |
| ମିଥ୍ୟାକୁ ସତ ବୋଲି ଗଣେ | ମରୀଚିକାକୁ ପାଣି ମଣେ | ।୧୬। |
| ତା ପଛେ ତୃଷାତୁର ହୋଇ | ଜୀବନ ସାରା ଧାଉଁ ଥାଇ | ।୧୭। |
| ଶେଷକୁ ହୁଅଇ ନିରାଶ | ଅନ୍ଧାର ଦିଶେ ଦଶ ଦିଶ | ।୧୮। |
| ତୃଷା ତାହାର ବଢୁ ଥାଇ | ଅମୃତ ଭାବି ବିଷ ଖାଇ | ।୧୯। |
| ହେଉଥାଏ ସେ ଛଟପଟ | ଅକାଳେ ନଷ୍ଟ ହୁଏ ଘଟ | ।୨୦। |
| ଶତ ଜନମ ଗଲେ ବିତି | ପାଇବ କାହୁଁ ସେ ମୁକତି ? | ।୨୧। |
| କହନ୍ତି ଦେବ ମହେଶ୍ୱର | ଶ୍ରୀଗୁରୁଗୀତା ତତ୍ତ୍ୱ ସାର | ।୨୨। |
| ନ ଜାଣେ ଯେ ଗୁରୁ ମହିମା | ବୃଥା ଜନମ ତାର ସିନା | ।୨୩। |
| ଲିଭିଲା ପାଉଁଶେ ଯେସନ | ଘୃତ ଢ଼ାଳିବା ଅକାରଣ | ।୨୪। |
| ସେହିପରି ସେ ଅଭିମାନୀ | ବୋଲାଉଥାନ୍ତୁ ଯେତେ ଜ୍ଞାନୀ | ।୨୫। |
| ବେଦ-ବେଦାନ୍ତ ସାର ତତ୍ତ୍ୱ | ଶ୍ରୀଗୁରୁଗୀତା ମହାତତ୍ତ୍ୱ | ।୨୬। |
| ବୁଝିବେ କାହୁଁ ସେହି ମୂଢ଼ | ନୁହଁନ୍ତି ବିଶ୍ୱାସରେ ଦୃଢ଼ | ।୨୭। |
| କହିଲେ ତାଙ୍କ ଆଗେ ତତ୍ତ୍ୱ | ହିତେ ହୁଅଇ ବିପରୀତ | ।୨୮। |
| ଶ୍ରୋତା ବକତା ଦୁଇ ଜନ | ଅନ୍ତର ହୁଅଇ ମଳିନ | ।୨୯। |
| ହୁଅଇ ବିବିଧ ଅନିଷ୍ଟ | ମିଳଇ ଜୀବନରେ କଷ୍ଟ | ।୩୦। |
| ପବିତ୍ର ଏହି ଗୁରୁଗୀତା | ଦେବାଧିଦେବ ଯେ ବକତା | ।୩୧। |
| ଜଗତମାତା ଶ୍ରୋତା ଯାର | ଉପମା ଆଉ କାହିଁ ତାର | ।୩୨। |
| ଗୁରୁଙ୍କ ଅପାର ମହିମା | ପାଇବ କିଏ ତାର ସୀମା ? | ।୩୩। |

***ଆଗମୋ ନିଗମଶ୍ଚାପି ନିର୍ବାଣଶ୍ଚ ତ୍ରିଧାଗମଃ ।***
***ତସ୍ମାଦୁଦ୍ଧୃତ୍ୟ ଦେବେଶି ! ଗୁରୁଗୀତା ମୟୋଦିତା ॥୧୧୧॥***

***ଅନ୍ୱୟଃ :*** (ତନ୍ତ୍ର ଶାସ୍ତ୍ରାଣି) ଆଗମଃ ନିଗମଃ ନିର୍ବାଣଃ ଚ (ଇତି) ତ୍ରିଧା (ବିଭକ୍ତାଃ), (ହେ) ଦେବେଶି ! ମୟା ତସ୍ମାତ୍ ଉଦ୍ଧୃତ୍ୟ (ଇୟଂ) ଗୁରୁଗୀତା ଉଦିତା ।

***ଅର୍ଥ :*** ହେ ଦେବେଶି ! ଆଗମ, ନିଗମ ଓ ନିର୍ବାଣ ଭେଦରେ ତନ୍ତ୍ରଶାସ୍ତ୍ର ତ୍ରିବିଧ । ଉକ୍ତ ତ୍ରିବିଧ ତନ୍ତ୍ରଶାସ୍ତ୍ରରୁ ଉଦ୍ଧାର କରି ସାରବସ୍ତୁ ସ୍ୱରୂପ ଏହି 'ଗୁରୁଗୀତା' ତୁମ ନିକଟରେ ବ୍ୟାଖ୍ୟାନ କଲି ।

ଆଗମ, ନିଗମ, ନିର୍ବାଣ
ତ୍ରିଧା ବିଭକ୍ତ ତନ୍ତ୍ର ଜାଣ ॥ ୧ ॥

ହେ ଦେବି, ଏହି ତନ୍ତ୍ରସାର
ଦୁଗ୍ଧରେ ଲବଣୀ ପ୍ରକାର ॥ ୨ ॥

ଶ୍ରୀଗୁରୁଗୀତା ଉପାଖ୍ୟାନ
ସ୍ୱରୂପେ କରିଲି ବ୍ୟାଖ୍ୟାନ ॥ ୩ ॥

ସାଧୁସଜ୍ଜନ ସନ୍ଥ ପାଇଁ
ମୁକତି ପଥ ଅଟେ ଏହି ॥ ୪ ॥

**ଗୁରବୋ ବହବଃ ସନ୍ତି ଶିଷ୍ୟବିତ୍ତାପହାରକାଃ ।**
**ଦୁର୍ଲ୍ଲଭୋଽୟଂ ଗୁରୁର୍ଦେବି ଶିଷ୍ୟ-ସନ୍ତାପହାରକଃ ॥ ୧୧୨ ॥**

***ଅନ୍ୱୟଃ :*** (ହେ) ଦେବି ! ଶିଷ୍ୟବିତ୍ତାପହାରକାଃ ଗୁରବଃ ବହବଃ ସନ୍ତି । ଶିଷ୍ୟସନ୍ତାପହାରକଃ ଅୟମ୍ ଗୁରୁ ଦୁର୍ଲ୍ଲଭଃ ।

***ଅର୍ଥ :*** ହେ ଦେବି ! ଶିଷ୍ୟମାନଙ୍କର ବିତ୍ତାପହାରୀ ଗୁରୁ ଅର୍ଥାତ୍ ଶିଷ୍ୟମାନଙ୍କଠାରୁ କେବଳ ଧନ ସଂଗ୍ରହ କରୁଥିବା ବ୍ୟବସାୟୀ ଗୁରୁ ବହୁତ ଅଛନ୍ତି । କିନ୍ତୁ ଶିଷ୍ୟମାନଙ୍କୁ ଆତ୍ମଜ୍ଞାନ ପ୍ରଦାନ ପୂର୍ବକ ସେମାନଙ୍କର ତ୍ରିତାପ ଦୂର କରିବାକୁ ସମର୍ଥ, ଏତାଦୃଶ ସଦ୍‌ଗୁରୁ ଏକାନ୍ତ ଦୁର୍ଲ୍ଲଭ ।

ହେ ସତି ! ରଖିଥାଅ ମନେ
ବିତ୍ତାପହାରୀ ଗୁରୁଜନେ ॥ ୧ ॥

ଜଗତେ ଛନ୍ତି ଶତ ଶତ
ହରନ୍ତି ଶିଷ୍ୟଙ୍କର ବିତ୍ତ ॥ ୨ ॥

ଧନୀ ହୁଅନ୍ତି ଶିଷ୍ୟ ଧନେ
ଦରିଦ୍ର କିନ୍ତୁ ଗୁରୁଜ୍ଞାନେ ॥ ୩ ॥

ଆତ୍ମଜ୍ଞାନ ଯେ ଦାନ କରେ
ଶିଷ୍ୟର ତିନି ତାପ ହରେ ॥ ୪ ॥

ସଦ୍‌ଗୁରୁ ଏକା ଅଟେ ସେହି
କୋଟିକେ ଗୋଟିଏ ମିଳଇ ॥ ୫ ॥

ପୂର୍ବ ସୁକୃତି ଥିବ ଯାର
ପୂଜିବ ସଦ୍‌ଗୁରୁ-ପୟର ॥ ୬ ॥

**ସଂସାର-ସାଗର-ସମୁଦ୍ଧରଣୈକମନ୍ତ୍ରମ୍ ।
ବ୍ରହ୍ମାଦିଦେବମୁନି-ପୂଜିତ-ସିଦ୍ଧମନ୍ତ୍ରମ୍ ॥
ଦାରିଦ୍ର୍ୟଦୁଃଖଭୟଶୋକବିନାଶ-ମନ୍ତ୍ରମ୍ ।
ବନ୍ଦେ ମହାଭୟହରଂ ଗୁରୁରାଜମନ୍ତ୍ରମ୍ ॥ ୧୧୩ ॥**

***ଅନ୍ୱୟଃ :*** ସଂସାର-ସାଗର-ସମୁଦ୍ଧରଣୈକ-ମନ୍ତ୍ରମ୍ (ଅହଂ ବନ୍ଦେ), ବ୍ରହ୍ମାଦିଦେବ-ମୁନିପୂଜିତ-ସିଦ୍ଧମନ୍ତ୍ରମ୍ (ଅହଂ ବନ୍ଦେ), ଦାରିଦ୍ର୍ୟ-ଦୁଃଖ-ଭୟ-ଶୋକ-ବିନାଶ-ମନ୍ତ୍ରମ୍ (ଅହଂ ବନ୍ଦେ), ମହାଭୟହରମ୍ ଗୁରୁରାଜ-ମନ୍ତ୍ରମ୍ (ଅହଂ ବନ୍ଦେ) ।

***ଅର୍ଥ :*** ଏହି ଦୁସ୍ତର ସଂସାର-ସାଗରରୁ ସମ୍ୟକ୍ ଭାବରେ ଉଦ୍ଧାର ପାଇବା ନିମିତ୍ତ ଯାହା ଏକମାତ୍ର ମନ୍ତ୍ର ସ୍ୱରୂପ, ଯେଉଁ ସିଦ୍ଧମନ୍ତ୍ର ବ୍ରହ୍ମା ପ୍ରଭୃତି ଦେବତାମାନେ ଓ ସିଦ୍ଧ ମୁନିଋଷିମାନେ ପୂଜା କରନ୍ତି ଅର୍ଥାତ୍ ସ୍ମରଣ ମନନ ଓ ଜପାଦି କରିଥାନ୍ତି; ଯେଉଁ ମନ୍ତ୍ର ଜପ କଲେ ଦାରିଦ୍ର୍ୟଜନିତ ସମସ୍ତ ପ୍ରକାର ଦୁଃଖ, ଭୟ ଓ ଶୋକ ବିନାଶ ପ୍ରାପ୍ତ ହୁଏ, ସେହି ମହାଭୟହାରୀ ମନ୍ତ୍ର ହିଁ "ଗୁରୁ" - ସେହି ଶ୍ରେଷ୍ଠତମ ମନ୍ତ୍ରକୁ ମୁଁ ନିରନ୍ତର ବନ୍ଦନା କରୁଅଛି ।

| | | |
|---|---|---|
| ଦୁସ୍ତର ସଂସାରସାଗର | ପାର ହେବାକୁ ମନ ଯା'ର | । ୧ । |
| ଆରୋହୀ ଗୁରୁ-ମନ୍ତ୍ର-ନାବ | ଆଶ୍ରା କରିବ ଗୁରୁଦେବ | । ୨ । |
| ଗୁରୁ ହିଁ ଏକା କର୍ଣ୍ଣଧାର | ନାବଚାଳନେ ଦକ୍ଷକର | । ୩ । |
| ବିଧାତା ଶିବ ନାରାୟଣ | ଚିତ୍ତେ କରନ୍ତି ଯା'ର ଧ୍ୟାନ | । ୪ । |
| ସାଧକ ମୁନିଋଷି ତପୀ | ଅନ୍ତରେ ଯାର ନାମ ଜପି | । ୫ । |
| ଗୁଣ କରନ୍ତି ସଂକୀର୍ତ୍ତନ | ଭକ୍ତିରେ ଶିଷ୍ୟ ଭକ୍ତଜନ | । ୬ । |
| ଦିବସ ରାତ୍ର ଯା ପୟର | ଚିନ୍ତା କରନ୍ତି ନିରନ୍ତର | । ୭ । |
| ଯାହାଙ୍କ ଚରଣକମଳ | କରଇ ହୃଦୟ ନିର୍ମଳ | । ୮ । |
| କରଇ ସୁଖ ଶାନ୍ତି ଦାନ | ଜପୁଛି ସେହି ଗୁରୁ ନାମ | । ୯ । |
| ଗୁରୁ ହିଁ ମୋର ସର୍ବଶ୍ରେଷ୍ଠ | ଗୁରୁଟି ଏକା ମୋର ଇଷ୍ଟ | । ୧୦ । |
| ଗୁରୁ ହିଁ ବିଦ୍ୟାଜ୍ଞାନ ମୋର | ଜପେ ମୁଁ ତାଙ୍କୁ ନିରନ୍ତର | । ୧୧ । |

**ଜୟଗୁରୁ**

# ପରିଶେଷରେ

*ଶିରଃସ୍ଥିତସୁପଙ୍କଜେ ତରୁଣକୋଟିଚନ୍ଦ୍ରପ୍ରଭମ୍ ।*
*ବରାଭୟକରାମ୍ବୁଜଂ ସକଳଦେବତାରୂପିଣମ୍ ॥*
*ଭଜାମି ବରଦଂ ଗୁରୁଂ କିରଣଚାରୀଶୋଭୋଜ୍ଜ୍ୱଳମ୍ ।*
*ପ୍ରକାଶିତ ପଦଦ୍ୱୟାମ୍ବୁଜମଲକ୍ତଯୁକ୍ତଂ କୋଟିପ୍ରଭମ୍ ॥*

***ଅନ୍ୱୟଃ :*** ଯଃ (ଗୁରୁଃ) ଶିରସ୍ଥିତସୁପକଂଜେ ତାରୁଣ୍ୟଯୁକ୍ତ କୋଟିଚନ୍ଦ୍ର-ପ୍ରଭଂ ଚ ବରାଭୟଯୁକ୍ତକରାମ୍ବୁଜଂ (ତତ୍ହି) ସକଳଦେବତାରୂପିଣଂ ଶୋଭୋଜ୍ଜ୍ୱଳଂ କିରଣଚାରୀ-ପ୍ରକାଶିତ-କୋଟିପ୍ରଭଂ ଅଲକ୍ତଯୁକ୍ତଂ ପଦଦ୍ୱୟାମ୍ବୁଜଂ, ବରଦଂ (ଏବମ୍ଭୂତଂ) ଗୁରୁଂ ଭଜାମି ।

***ଅର୍ଥ :*** ଯେ ବ୍ରହ୍ମରନ୍ଧ୍ରସ୍ଥିତ ମନୋରମ ପଦ୍ମ ମଧ୍ୟରେ ନବୋଦିତ କୋଟି ଶଶାଙ୍କ ସଦୃଶ ପ୍ରଭାଯୁକ୍ତ, ଯେ ଅଖିଳ ଦେବତାରୂପୀ, ଅର୍ଥାତ୍ ଯାହାଙ୍କୁ ସମସ୍ତ ଦୈବୀଶକ୍ତି ଆଶ୍ରୟ କରି ତିଷ୍ଠି ରହିଛନ୍ତି, ଯାହାଙ୍କ ହସ୍ତପଦଦ୍ୱୟ ବରାଭୟଶୋଭିତ, ଯେ ନିଜ ଦୀପ୍ତିରେ ନିଜେ ଉଜ୍ଜ୍ୱଳ ଭାବରେ ଶୋଭା ପାଉଛନ୍ତି ଏବଂ ଯାହାଙ୍କର ଚରଣ-କମଳଯୁଗଳ ଅଲକ୍ତକ-ରାଗରଞ୍ଜିତ ସଦୃଶ ମନୋହର ରକ୍ତବର୍ଣ୍ଣ, ସେହି ସର୍ବବିଧ ଐଶ୍ୱର୍ଯ୍ୟ ମାଧୁର୍ଯ୍ୟର ସ୍ରଷ୍ଟା ଓ ଆଧାର ସ୍ୱରୂପ ଶ୍ରୀଗୁରୁଦେବଙ୍କୁ ମୁଁ ଭଜନ କରୁଅଛି ।

**ଜୟଗୁରୁ**